
ଆସିବ
'ଭାଗମ୍ ଭାଗ୍ ୨'
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-225 ◆TUESDAY ◆10 FEBRUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୨୫ ◆ମଙ୍ଗଳବାର ◆୧୦ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

## ଦିଲ୍ଲୀ ଏମ୍ସ ବିଶ୍ୱର ଷଷ୍ଠ ସର୍ବୋତ୍ତମ ମେଡିକାଲ

■ ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ଉପଲବ୍ଧି ହାସଲ କରିଛି। 'ବ୍ରାଣ୍ଡ ଫାଇନାନ୍ସ'ର ଗ୍ଲୋବାଲ ଟପ୍ ୨୫୦ ହସ୍ପିଟାଲ ର୍ୟାଙ୍କିଙ୍ଗ ୨୦୨୬ରେ ଦିଲ୍ଲୀ ଅଲ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ (ଏମ୍ସ) ବିଶ୍ୱର ଷଷ୍ଠ ସର୍ବୋତ୍ତମ ମେଡିକାଲ ଭାବେ ଘୋଷିତ ହୋଇଛି। ଏହି ସଫଳତା ସହିତ ଏମ୍ସ ଆମେରିକାର ଜନ୍ସ ହପକିନ୍ସ ମେଡିସିନ, ବ୍ରିଟେନର ଅକ୍ସଫର୍ଡ ୟୁନିଭର୍ସିଟି ହସ୍ପିଟାଲ ଓ ମାୟୋ କ୍ଲିନକ ଭଳି ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ରିପୋର୍ଟ ଅନୁଯାୟୀ ସେବା ମନୋଭାବ, ବ୍ରାଣ୍ଡ ଭାଲ୍ୟୁ, ବ୍ରାଣ୍ଡ ଶକ୍ତି ଓ ବିଶ୍ୱସ୍ତରୀୟ ପ୍ରତିଷ୍ଠା ଭଳି ମାପଦଣ୍ଡରେ ଉତ୍କୃଷ୍ଟ ପ୍ରଦର୍ଶନ ଆଧାରରେ ଏମ୍ସକୁ ଏହି ସ୍ଥାନ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏମ୍ସର 'କେୟାର ସ୍କୋର' ଶୀର୍ଷ ସ୍ଥାନରେ ଥିବା ହସ୍ପିଟାଲ ଗୁଡ଼ିକ ତୁଳନାରେ ମାତ୍ର ୧.୧ କମ୍ ଅଙ୍କ ରହିଛି, ଯାହା ସୀମିତ ସମ୍ବଳ ମଧ୍ୟରେ ଏହାର ଗୁଣବତ୍ତା ଓ ବିଶ୍ୱସନୀୟତାକୁ ଦର୍ଶାଉଛି। ବିଶେଷଜ୍ଞଙ୍କ ମତରେ, ଏକ ସରକାରୀ ଅନୁଷ୍ଠାନ ବିଶ୍ୱର ଶ୍ରେଷ୍ଠ-୧୦ ତାଲିକାରେ ସ୍ଥାନ ପାଇବା ଭାରତର ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମ୍ମାନକୁ ବିଶ୍ୱସ୍ତରରେ ଏକ ନୂତନ ଉଚ୍ଚତାକୁ ନେଇଯାଇଛି।

ସେହିପରି ମୁମ୍ବଇର ଟାଟା ମେମୋରିଆଲ ହସ୍ପିଟାଲ ଏହି ତାଲିକାର ତ୍ରୟୋଦଶ ସ୍ଥାନରେ ରହିଛି ଓ ଏହା ଭାରତର ସ୍ୱାସ୍ଥ୍ୟସେବାର ଦକ୍ଷତା ଓ ସାମର୍ଥ୍ୟକୁ ସୂଚାଉଛି। ଆମେରିକାର ଜନ୍ସ ହପକିନ୍ସ ମେଡିସିନ ଶୀର୍ଷରେ ରହିଥିବା ବେଳେ ବ୍ରିଟେନର ଅକ୍ସଫର୍ଡ ୟୁନିଭର୍ସିଟି ହସ୍ପିଟାଲ ଦ୍ୱିତୀୟ, ଆମେରିକାର ଷ୍ଟାନଫୋର୍ଡ ମେଡିକାଲ ସେଣ୍ଟର ତୃତୀୟ ସ୍ଥାନରେ ରହିଛି।


ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତକୁ ବଡ଼ ସଫଳତା

## ଚନ୍ଦ୍ରପୃଷ୍ଠରେ ସହର ଗଢ଼ିବେ ଏଲନ୍ ମସ୍କ

■ ୱାଶିଂଟନ୍, ୯।୨ (ଏଜେନ୍ସି): ସ୍ପେସ୍ଏକ୍ସ ପ୍ରତିଷ୍ଠାତା ଏଲନ୍ ମସ୍କ ଏବେ ଚନ୍ଦ୍ରରେ ଏକ ସହର ନିର୍ମାଣ କରିବେ। ସେ ବର୍ତ୍ତମାନ ମଙ୍ଗଳ ଗ୍ରହରୁ ଚନ୍ଦ୍ରକୁ ତାଙ୍କର ଧ୍ୟାନ କେନ୍ଦ୍ରିତ କରିଛନ୍ତି। କାରଣ ସେଠାରେ ମଣିଷ ପଠାଇବା ମଙ୍ଗଳ ଗ୍ରହକୁ ମଣିଷ ପଠାଇବା ଅପେକ୍ଷା ସହଜ। ମସ୍କ ଆଜି ଏ ସମ୍ପର୍କରେ ଘୋଷଣା କରିଛନ୍ତି। ମସ୍କ କହିଛନ୍ତି ଯେ ସ୍ପେସ୍ଏକ୍ସ ବର୍ତ୍ତମାନ ଚନ୍ଦ୍ରରେ ଏକ 'ସ୍ୱୟଂ-ବର୍ଦ୍ଧିଷ୍ଣୁ ସହର' ନିର୍ମାଣ କରିବାକୁ ତାର ଧ୍ୟାନ କେନ୍ଦ୍ରିତ କରିଛି। ଚନ୍ଦ୍ରରେ ପହଞ୍ଚିବାକୁ ୬ମାସ ସମୟ ଲାଗେ। ନାସା ୨୦୨୮ ସୁଦ୍ଧା ମହାକାଶଚାରୀଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇବା ପାଇଁ କାମ କରୁଛି। ୧୯୭୨ ରେ ଆପୋଲୋ କାର୍ଯ୍ୟକ୍ରମ ଶେଷ ହେବା ପରେ ଏହା ପ୍ରଥମ ଥର ହେବ, ଯେତେବେଳେ ମଣିଷ ଚନ୍ଦ୍ରରେ ପାଦ ରଖିବେ। ମସ୍କ ଅତୀତରେ ଏହି ପ୍ରୟାସଗୁଡ଼ିକୁ ସମାଲୋଚନା କରିଛନ୍ତି। ଗତ ବର୍ଷ ପ୍ରାରମ୍ଭରେ, ସେ ନାସାର ଚନ୍ଦ୍ର କାର୍ଯ୍ୟକ୍ରମ, ଆର୍ଟେମିସ୍‌କୁ "ବିଭ୍ରାନ୍ତି" ବୋଲି କହିଥିଲେ। ସେହି ସମୟରେ, ସେ ଲେଖିଥିଲେ, "ଆମେ ସିଧାସଳଖ ମଙ୍ଗଳ ଗ୍ରହକୁ ଯାଉଛୁ। ଚନ୍ଦ୍ର କେବଳ ଏକ ବିଭ୍ରାନ୍ତି। ନାସାର ମୁନ୍ ମିସନ୍‌ରେ ସ୍ପେସଏକ୍ସର ଲୁନର ଲ୍ୟାଣ୍ଡର ବ୍ୟବହାର କରାଯିବ। ଏହାକୁ ନିର୍ମାଣ କରିବା ପାଇଁ ନାସା ସ୍ପେସଏକ୍ସକୁ ୩ବିଲିୟନ ଡଲାର କିମ୍ବା ପ୍ରାୟ ୨୭,୦୦୦ କୋଟି ଟଙ୍କାର ଚୁକ୍ତିନାମା ଦେଇଛି। ଏହା ବର୍ତ୍ତମାନ ପରୀକ୍ଷଣ ପର୍ଯ୍ୟାୟରେ ଅଛି। କମ୍ପାନୀ ମାର୍ଚ୍ଚ ମାସରେ ଏକ ନୂତନ ପ୍ରୋଟୋଟାଇପ୍ ପରୀକ୍ଷା କରିବ ବୋଲି ଆଶା କରାଯାଉଛି। ଅରପେକ୍ଷ ସମାନ ଲ୍ୟାଣ୍ଡର୍ ନିର୍ମାଣ ଦୌଡ଼ରେ ଜେଫ୍ ବେଜୋସ୍‌ଙ୍କ ବ୍ଲୁ ଅରିଜିନ୍ ହେଉଛି ମସ୍କଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ।


ଲାଗିବ ୨୦ ବର୍ଷରୁ ଅଧିକ ସମୟ

### ଜିଦ୍‌ରେ ଅଟଳ ସରକାର-ବିରୋଧୀ

## ସାରାଦିନ ଲୋକସଭା ଅଚଳ

■ ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ସରକାର ଏବଂ ବିରୋଧୀ ଦଳ ନିଜ ନିଜ ଜିଦରେ ଅଟଳ ରହିଥିବାରୁ ଲୋକସଭାରେ ଅଚଳାବସ୍ଥା ଜାରି ରହିଛି। ଆଜି ମଧ୍ୟ ବିନା କୌଣସି କାର୍ଯ୍ୟରେ ଲୋକସଭା ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରହିଛି। ବଜେଟ ଆଲୋଚନା ପୂର୍ବରୁ ବିରୋଧୀଦଳର ନେତା ରାହୁଲ ଗାନ୍ଧୀଙ୍କୁ କିଛି ପ୍ରସଙ୍ଗରେ ମତାମତ ରଖିବାକୁ ଅନୁମତି ଦିଆଯାଉ ବୋଲି ବିରୋଧୀ ଦଳ ଜିଦ୍ ଧରିଥିବା ବେଳେ ସରକାର ଏଥିପାଇଁ ରାଜି ହେଉ ନାହାନ୍ତି। ଆଜି ସକାଳେ ଦୁଇ ଥର ମୁଲତବୀ ହେବାପରେ ଦିନ ୨ଟାରେ ଗୃହ କାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲା। କିନ୍ତୁ ପରିସ୍ଥିତିରେ କୌଣସି ପରିବର୍ତ୍ତନ ନହେବାରୁ ଏହାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ହୋଇଯାଇଛି।

ଆଜି ଦିନ ୧୧ଟାରେ ଲୋକସଭା ବୈଠକ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ରାହୁଲଙ୍କୁ କହିବାକୁ ଅନୁମତି ଦିଆଯାଉ ବୋଲି ଦାବି କରିଥିଲେ। କିନ୍ତୁ ବାଚସ୍ପତି ଓମ୍ ବିର୍ଲା ଏଥିପାଇଁ ଅନୁମତି ଦେଇନଥିଲେ। ବିଶୃଙ୍ଖଳ ଆଚରଣ ପାଇଁ ସେ ବିରୋଧୀଙ୍କୁ ଭର୍ତ୍ସନା କରି କହିଥିଲେ ଯେ ସେମାନେ ଗୃହ ଚଳାଇ ନଦେବାଲାଗି ଯୋଜନା କରିଛନ୍ତି। କିନ୍ତୁ ନିୟମ ବାହାରେ କୌଣସି କାମ ହେବାକୁ ଦେବେନାହିଁ ବୋଲି ସ୍ପଷ୍ଟ କରିଦେଇଥିଲେ। ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୨ଟା ପରେ ମଧ୍ୟ ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ୨ଟା ପରେ ଗୃହ ବୈଠକ ଆରମ୍ଭ ହୋଇଥିବା ବେଳେ ଅଧ୍ୟକ୍ଷତା କରୁଥିଲେ ସନ୍ଧ୍ୟା ରାୟ। ବଜେଟ ଆଲୋଚନା ପାଇଁ ସେ କଂଗ୍ରେସ ସାଂସଦ ଶଶୀ ଥରୁରଙ୍କୁ ଡାକିଥିଲେ। କିନ୍ତୁ ଥରୁର କହିଥିଲେ ଯେ ବଜେଟ ଆଲୋଚନା ପୂର୍ବରୁ ସ୍ପଷ୍ଟୀକରଣ ରଖିବା ଲାଗି ରାହୁଲଙ୍କୁ ପ୍ରଥମେ ସୁଯୋଗ ଦିଆଯାଉ। ବାଚସ୍ପତିଙ୍କ ସହିତ ବିରୋଧୀ ଦଳର ସଭ୍ୟଙ୍କ ବୈଠକରେ ଏଥିପାଇଁ ସହମତି ପ୍ରକାଶ ପାଇଛି। ମାତ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏଭଳି କିଛି ଆଲୋଚନା ଓ ସହମତି ହୋଇଥିବା କଥାକୁ ଖଣ୍ଡନ କରିଥିଲେ। ସେ କହିଥିଲେ ଯେ ରାହୁଲ ଯଦି ବାଚସ୍ପତିଙ୍କ ସଂପର୍କରେ କିଛି କହିବାକୁ ଚାହୁଁଛନ୍ତି, ତାହାହେଲେ ବାଚସ୍ପତି ବିର୍ଲାଙ୍କ ଉପସ୍ଥିତିରେ ଯାହା କହିବା କଥା କୁହନ୍ତୁ। କିନ୍ତୁ ବିରୋଧୀ ସାଂସଦ ସେମାନଙ୍କ ଜିଦର ▶ପୃଷ୍ଠା-୭


### ବାଚସ୍ପତିଙ୍କ ବିରୋଧରେ ଆସିବ ଅନାସ୍ଥା !

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କ୍ଷୋଭ ପ୍ରକାଶ କଲେ ନବୀନ

## ମଣ୍ଡି ପାଲଟିଛି ଚାଷୀ ନିର୍ଯାତନା କେନ୍ଦ୍ର

**ବ୍ୟବସ୍ଥାଗତ ଶୋଷଣ ଓ କଷଣର ସମ୍ମୁଖୀନ ରାଜ୍ୟର ଅନ୍ନଦାତା**

**କଟ୍‌ନୀଛଟ୍‌ନୀ ବନ୍ଦ ପାଇଁ ମଣ୍ଡିରେ ସ୍ପେଶାଲ ସ୍କ୍ୱାଡ୍ ନିଯୁକ୍ତି ଦିଆଯାଉ**

**୧୫୦ କ୍ୱିଣ୍ଟାଲ ସିଲିଂ ବ୍ୟବସ୍ଥା ତୁରନ୍ତ ପ୍ରତ୍ୟାହାର କରାଯାଉ**

■ ଭୁବନେଶ୍ୱର, ୯।୨ (ସମିସ): ରାଜ୍ୟବ୍ୟାପୀ ମଣ୍ଡିରେ ଅବ୍ୟବସ୍ଥା ଓ ଚାଷୀଙ୍କ ଉତ୍କଟ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତ୍ୱରିତ ହସ୍ତକ୍ଷେପ ଲୋଡ଼ିଛନ୍ତି ନବୀନ। ରାଜ୍ୟବ୍ୟାପୀ ହେଉଥିବା କଟନୀ ଛଟନୀ, ଇନପୁଟ ସବ୍‌ସିଡି ପ୍ରଦାନ ପାଇଁ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ବ୍ୟବସ୍ଥା, ମଣ୍ଡି ଗୁଡିକରେ ଚାଷୀ ଭୋଗୁଥିବା ଅବ୍ୟବସ୍ଥା ଏବଂ ଧାନର ଅଭାବୀ ବିକ୍ରି ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟରେ ମଣ୍ଡିଗୁଡ଼ିକ ଚାଷୀ ନିର୍ଯାତନାର କେନ୍ଦ୍ର ପାଲଟି ଯାଇଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ନଦାତା ସର୍ବଦା ସମ୍ମାନର ପାତ୍ର, ଓଡ଼ିଶାର ଚାଷୀ କାହାର ଦୟା ଚାହାନ୍ତି ନାହିଁ । ସେମାନେ ବିଜେପିର ନିର୍ବାଚନ ପ୍ରତିଶ୍ରୁତି ମୁତାବକ ସେମାନଙ୍କ ହକ୍ ଚାହାନ୍ତି। ତେଣୁ ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଥିନିମନ୍ତେ ପଦକ୍ଷେପ ତୁରନ୍ତ ନେବା ପାଇଁ ନବୀନ ଅନୁରୋଧ କରିଛନ୍ତି।

ଚିଠିରେ ନବୀନ ଲେଖିଛନ୍ତି ଯେ କୃଷି ହେଉଛି ଓଡ଼ିଶାର ଜୀବନ ରେଖା। ମାତ୍ର ପ୍ରଶାସନିକ ଉଦାସୀନତା ଓ ଲୋକଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଳନରେ ବିଫଳତା ଯୋଗୁ ଚଳିତ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆମ ଚାଷୀମାନଙ୍କ ପାଇଁ ଏକ ସଂଘର୍ଷମୟ ସ୍ଥିତି ସୃଷ୍ଟି କରିଛି। ୨୦୨୪ ନିର୍ବାଚନ ସମୟରେ ବିଜେପିର ନିର୍ବାଚନୀ ଇସ୍ତାହାରର ଦୁଇ ନମ୍ବର ପଏଣ୍ଟରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟନୀ-ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବା ସମ୍ପର୍କରେ ଆମର ଚାଷୀ ଭାଇ ଭଉଣୀ ମାନଙ୍କୁ ପ୍ରତିଶ୍ରୁତି ଦିଆ ଯାଇଥିଲା। କିନ୍ତୁ ବାସ୍ତବ ସ୍ଥିତି ହେଉଛି ଯେ ରାଜ୍ୟରେ ଥିବା ମଣ୍ଡି ଗୁଡିକ ଏବେ ନିର୍ଯାତନାର କେନ୍ଦ୍ର ପାଲଟି ଯାଇଛି। ଅନ୍ନଦାତାମାନଙ୍କଠାରୁ ବିନା କୌଣସି ଅସୁବିଧାରେ ଧାନ ସଂଗ୍ରହ କରିବାକୁ ଆପଣଙ୍କ ସରକାର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଆର୍ଦ୍ରତା ଓ ନିମ୍ନ ମାନର ଧାନ ଆଦି ଆଳରେ ସେମାନଙ୍କ ଠାରୁ କ୍ୱିଣ୍ଟାଲ ପିଛା ୫ ରୁ ୭ କେଜି ପର୍ଯ୍ୟନ୍ତ କଟନୀ-ଛଟନୀ କରାଯିବା ପରିତାପର ବିଷୟ। ଅନେକ ଜିଲ୍ଲାରେ ଏଭଳି ଶୋଷଣ ଚାଷୀମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ମିଲର ଓ ସ୍ଥାନୀୟ ଅଧିକାରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀମାନେ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପାଉନାହାନ୍ତି। ନିର୍ବାଚନ ସମୟରେ ବିଜେପି ଦେଇଥିବା ମିଥ୍ୟା ପ୍ରତିଶ୍ରୁତିର ଏହା ଏକ ଉଦାହରଣ ନୁହେଁ କି ? କେବେ ଏ କଟନୀ-ଛଟନୀ ବନ୍ଦ ହେବ ? ଆପଣଙ୍କ ସରକାର ନିର୍ବାଚନ ପ୍ରତିଶ୍ରୁତି କେବେ ପାଳନ କରିବ ? ନିର୍ବାଚନ ଇସ୍ତାହାର ମୁତାବକ ଚାଷୀ କେବେ ନ୍ୟାୟ ପାଇବ ବୋଲି ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି।

ଇନପୁଟ ସବ୍‌ସିଡି ପ୍ରଦାନ କ୍ଷେତ୍ରରେ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ ନିଷ୍ପତ୍ତିକୁ ନେଇ ମଧ୍ୟ କଡ଼ା ସମାଲୋଚନା କରିଛନ୍ତି ▶ପୃଷ୍ଠା-୭



### ଆମେରିକା ସହ ବାଣିଜ୍ୟ ଚୁକ୍ତିକୁ ବିରୋଧ

## ୧୨ରେ ଦେଶବ୍ୟାପୀ କୃଷକଙ୍କ ଧର୍ମଘଟ

■ ନୂଆଦିଲ୍ଲୀ, ୯।୨ (ଏଜେନ୍ସି): କୃଷକ ସଂଗଠନଗୁଡ଼ିକ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି। ଏହାକୁ ଆମେରିକା ନିକଟରେ 'ସମ୍ପୂର୍ଣ୍ଣ ଆତ୍ମସମର୍ପଣ' ବୋଲି ସଂଘ କହୁଛି। ଏହି ଚୁକ୍ତିକୁ ବିରୋଧ କରି ଫେବୃଆରୀ ୧୨ରେ କୃଷକମାନେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ନିକଟରେ ଦୁଇ ଦେଶ ପକ୍ଷରୁ ଜାରି ମିଳିତ ବିବୃତ୍ତିର ପରେ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଅଭିଯୋଗ କରିଛି ଯେ ଭାରତ ଏବଂ ଆମେରିକା ମଧ୍ୟରେ ପ୍ରସ୍ତାବିତ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମାର ଢାଞ୍ଚା ଭାରତୀୟ କୃଷିକୁ ସମ୍ପୂର୍ଣ୍ଣ ଭାବରେ ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ହସ୍ତାନ୍ତର କରିବା ସହିତ ସମାନ। ସଂଘ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ତୁରନ୍ତ ଇସ୍ତଫା ଦାବି କରିଛି। ବାଣିଜ୍ୟ ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ, ଭାରତ ସମସ୍ତ ଆମେରିକୀୟ ଶିଳ୍ପ ସାମଗ୍ରୀ ଏବଂ ଅନ୍ୟାନ୍ୟ ଖାଦ୍ୟ ଏବଂ କୃଷି ଉତ୍ପାଦ ଉପରେ ଶୁଳ୍କକୁ ସମାପ୍ତ କରିବ କିମ୍ବା ହ୍ରାସ କରିବ।

ସଂଯୁକ୍ତ ବିବୃତ୍ତିରେ କୁହାଯାଇଛି ଯେ ଆମେରିକା ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ, ଯେପରିକି ବୟନ ଏବଂ ପୋଷାକ, ଚମଡା ଏବଂ ପାଦୁକା, ପ୍ଲାଷ୍ଟିକ୍ ଏବଂ ରବର, ଜୈବ ▶ପୃଷ୍ଠା-୭

## ଅଭିଯୋଗ ଶୁଣାଣି ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି: ମୁଖ୍ୟମନ୍ତ୍ରୀ

**ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀଙ୍କ ସହ ୫ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ**




■ ଭୁବନେଶ୍ୱର, ୯।୨ (ସମିସ): ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ୫ ମନ୍ତ୍ରୀ ଓ ବହୁ ବରିଷ୍ଠ ଅଧିକାରୀ ଶୁଣିଛନ୍ତି ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ୧୭ତମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଶତାଧିକ ଲୋକ ନିଜନିଜର ସମସ୍ୟା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଜର ଅଭିଯୋଗ ବାଢ଼ିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେଉଛି ଆମ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଚଳିତ ବର୍ଷ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଦିଆଯାଇଥିବା ୧୫ ଦଫା ନିର୍ଦ୍ଦେଶାବଳୀ ମଧ୍ୟରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସଚିବାଳୟ ଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣି ତାର ସମାଧାନ ଦିଗରେ ଯତ୍ନବାନ ହେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରରେ ନିୟମିତ ଅଭିଯୋଗ ଶୁଣାଣି ହେଉଥିବାରୁ ଜିଲ୍ଲାସ୍ତରରେ ମଧ୍ୟ ଏହାର ସୁଫଳ ପରିଲକ୍ଷିତ ହେଉଛି। ଏବେ ଜିଲ୍ଲାପାଳ ଓ ଏସ.ପି ମାନେ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି। ଅଭିଯୋଗ ଶୁଣାଣି ▶ପୃଷ୍ଠା-୭

### ତ୍ରିକୋଣୀୟ ପ୍ରେମର କରୁଣ ପରିଣତି

## 'ପ୍ରପୋଜ୍ ଡେ'ରେ ପ୍ରେମିକକୁ ହତ୍ୟା

**ନୂଆ ପ୍ରେମିକର ଗଳା କାଟି ପୁରୁଣା ପ୍ରେମିକ ଫେରାର୍**

**ଗାର୍ଲଫ୍ରେଣ୍ଡ ଥାନାରେ ଅଟକ, ଇଷ୍ଟାଗ୍ରାମ୍ ରିଲ୍‌ରୁ ଷଡ଼ଯନ୍ତ୍ର**

■ ଭୁବନେଶ୍ୱର, ୯।୨ (ସମିସ): ରାଜଧାନୀରେ ତ୍ରିକୋଣୀୟ ପ୍ରେମର କରୁଣ ପରିଣତି ଦେଖିବାକୁ ମିଳିଛି। ପ୍ରତିଶୋଧପରାୟଣ ହୋଇ ନୂଆ ପ୍ରେମିକର ଗଳା କାଟିଲା ପୁରୁଣା ପ୍ରେମିକ। ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ଛଟପଟ ହୋଇ ନୂଆ ପ୍ରେମିକର ଜୀବନ ଚାଲିଗଲା। ହତ୍ୟା ପରେ ଗାର୍ଲଫ୍ରେଣ୍ଡଙ୍କ ସମେତ ଅନ୍ୟ ଜଣେ ଡ୍ରାଇଭର ଥାନାରେ ଅଟକ ରହିଛନ୍ତି। ପୁରୁଣା ପ୍ରେମିକ ଫେରାର୍ ଥିବାରୁ ପୁଲିସ ତାକୁ ଧରିବାକୁ ବିଭିନ୍ନ ସ୍ଥାନରେ ରେଡ୍ କରୁଛି। ପୁଲିସ ହତ୍ୟା ମାମଲା ରୁଜୁ କରି ଏହାର ତଦନ୍ତ ଚଳାଇଛି। ▶ପୃଷ୍ଠା-୭

SIKSHA 'O' ANUSANDHAN

SAAT-2026

Empowering students for a brighter future

M.TECH PROGRAMMES
- Structural Engineering
- Electric Vehicle Technology
- Machine Design and Robotics
- Embedded System and VLSI Design
- Computer Science and Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category


INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

A monthly stipend will be provided to M.Tech students for a maximum period of two academic years

To apply for admission through SAAT, Please visit: www.soa.ac.in

## ପଶ୍ଚିମୀ ରାଷ୍ଟ୍ରରେ 'ଏପ୍‌ଷ୍ଟିନ୍' ଝଡ଼

**୧୦ଟି ଦେଶରେ ଇସ୍ତଫା ସୁଅ, ପଦ ଛାଡ଼ିପାରନ୍ତି ବ୍ରିଟେନ୍ ପ୍ରଧାନମନ୍ତ୍ରୀ**



■ ନ୍ୟୁୟର୍କ/ନୂଆଦିଲ୍ଲୀ, ୯।୨(ଏଜେନ୍ସି): ଆମେରିକାର ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ ସହ ଜଡ଼ିତ ଗୁପ୍ତ ଦଲିଲ ସାମ୍ନାକୁ ଆସିବା ପରେ ସାରା ବିଶ୍ୱରେ ଚାଞ୍ଚଲ୍ୟ ଖେଳିଯାଇଛି। ଆମେରିକା ନ୍ୟାୟ ବିଭାଗ ୨୦୨୬ ଜାନୁଆରୀ ୩୦ରେ ପ୍ରାୟ ୩୦ ଲକ୍ଷ ପୃଷ୍ଠାର ଦଲିଲ ଜାରି କରିଛି। ଏହି ଫାଇଲ ବା ଦଲିଲ ସହିତ ଜଡ଼ିତ ୧୦ଟି ଦେଶର ୧୫ଟିରୁ ଅଧିକ ବଡ଼ ଅଧିକାରୀଙ୍କୁ ପଦ ଛାଡ଼ିବାକୁ ପଡ଼ିଛି ଓ ୮୦ରୁ ଅଧିକ ଶକ୍ତିଶାଳୀ ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଚାଲିଛି। ଏହି ଫାଇଲଗୁଡ଼ିକରେ ରାଜନେତା, ରାଷ୍ଟ୍ରଦୂତ, କୋଟିପତି ଓ ରାଜ ପରିବାରର ନାମ ସାମିଲ ରହିଛି। ଇମେଲ୍, ଫ୍ଲାଇଟ୍ ଲଗ୍ ଓ ସମ୍ପର୍କ ରେକର୍ଡରେ ୭୦୦ରୁ ୧୦୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ଉଲ୍ଲେଖ ରହିଛି।

### ବିଶ୍ୱର ୮୦ ପ୍ରଭାବଶାଳୀଙ୍କ ବିରୋଧରେ ତଦନ୍ତ

ଅନେକ ମାମଲାରେ ନାବାଳିକାଙ୍କ ଯୌନ ଶୋଷଣ ଅଭିଯୋଗ ମଧ୍ୟ ରହିଛି।

ଏହି ଖୁଲାସା ପରେ ୟୁରୋପରେ ଏପ୍‌ଷ୍ଟିନ ସୁନାମି ଦେଖିବାକୁ ମିଳିଛି। ପ୍ରାୟ ୧୦ଟି ଦେଶରେ ଇସ୍ତଫାର ପ୍ରକ୍ରିୟା ଆରମ୍ଭ ହୋଇଛି। ବ୍ରିଟେନରେ ସବୁଠାରୁ ଅଧିକ ୩ ଅଧିକାରୀ ପଦ ଛାଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ପୂର୍ବତନ ରାଷ୍ଟ୍ରଦୂତ ପିଟର ମେଣ୍ଡେଲସନ, ପରାମର୍ଶଦାତା ଆଡମ ପେରି, ପ୍ରଧାନମନ୍ତ୍ରୀ କିର ଷ୍ଟାରମରଙ୍କ ଚିଫ୍ ଅଫ୍ ଷ୍ଟାଫ୍ ମୋର୍ଗାନ ମ୍ୟାକସୁଇନି ଇସ୍ତଫା ଦେଇଛନ୍ତି। ସେହିପରି ସ୍ଲୋଭାକିଆ, ସ୍ୱିଡେନ, ନରୱେର ମଧ୍ୟ ବହୁ ଅଧିକାରୀ ପଦ ଛାଡ଼ିଛନ୍ତି। ଏହି ଫାଇଲଗୁଡ଼ିକ ଏବେ ଅନେକ ଦେଶ ପାଇଁ କୂଟନୈତିକ ଓ ରାଜନୈତିକ ଅପମାନର କାରଣ ସାଜିଛି। ବ୍ରିଟେନ ପୁଲିସ ରାଜକୁମାର ଆଣ୍ଡ୍ର୍ୟୁଙ୍କ ବିରୋଧରେ ପୁଣି 'ପ୍ରେସ ରିଭ୍ୟୁ' ▶ପୃଷ୍ଠା-୭

ଦେଶ ବିଦେଶ
ସକାଳ THE SAKALA
www.sakalaepaper.com

## ହସ୍ପିଟାଲରେ ଶରଦ ପାୱାର
### ଗଳାରେ ସଂକ୍ରମଣ, ଜ୍ୱର

ପୁନେ, ୯ ।୨(ଏଜେନ୍ସି): ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା କାରଣରୁ ସୋମବାର ତାଙ୍କୁ ବାରାମତୀରୁ ପୁନେର ରୁବି ହଲ କ୍ଲିନିକକୁ ଅଣାଯାଇଛି। ଶରଦଙ୍କ କାର୍ଯ୍ୟାଳୟ ତରଫରୁ ଏହି ସୂଚନା ଦିଆଯାଇଛି। ସକାଳୁ ୮୫ ବର୍ଷୀୟ ଶରଦଙ୍କର କ୍ରମାଗତ ଭାବେ କାଶ ହୋଇଥିଲା ଓ ସେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ଫଳରେ ପରିବାର ଲୋକ ବ୍ୟସ୍ତ ହୋଇପଡ଼ିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବାରାମତୀରୁ ପୁନେ ସ୍ଥାନାନ୍ତର କରାଯାଇଥିଲା। ବିଶେଷଜ୍ଞ ପରାମର୍ଶ ଓ ସବିଶେଷ ଯାଞ୍ଚ ପାଇଁ ତାଙ୍କୁ ରୁବି ହଲ୍ କ୍ଲିନିକରେ ଭର୍ତ୍ତି କରାଯାଇଛି। ଡାକ୍ତରମାନେ ତାଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରିବେ ଓ ଆବଶ୍ୟକୀୟ ଟେଷ୍ଟ ପରେ ହିଁ ଅସୁସ୍ଥତାର କାରଣ ଜଣାପଡ଼ିବ ବୋଲି ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି।

## ପୂର୍ବତନ ସେନାମୁଖ୍ୟ ନର୍ବାଣେଙ୍କ ପୁସ୍ତକର ବିତରଣକୁ ନେଇ ଏତଲା

ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ପୂର୍ବତନ ସ୍ଥଳସେନାମୁଖ୍ୟ ଜେନେରାଲ ଏମଏମ ନର୍ବାଣେଙ୍କ ପ୍ରକାଶିତ ହୋଇ ନ ଥିବା ପୁସ୍ତକ 'ଫୋର ଷ୍ଟାର ଅଫ ଡେଷ୍ଟିନି'କୁ ନେଇ ସଂସଦରେ ହଙ୍ଗାମା ଜାରି ରହିଛି। ଏପରି ସମୟରେ ଦିଲ୍ଲୀ ପୁଲିସ ଏହି ପୁସ୍ତକର ବିତରଣକୁ ନେଇ ଏତଲା ରୁଜୁ କରିଛି। ଅଲଗା ଅଲଗା ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏବଂ ଅନଲାଇନ ନ୍ୟୁଜ ଫୋରମରେ ଆସୁଥିବା ଖବରର ଅବଧାରଣା ନେଇ ପୁଲିସ ଏହି ପଦକ୍ଷେପ ନେଇଛି। ପ୍ରକାଶନ ହେବା ପୂର୍ବରୁ ଏହି ପୁସ୍ତକର ପ୍ରିଣ୍ଟ ଉପଲବ୍ଧ ହେଉଛି ବୋଲି ଏଥିରେ ଦାବି କରାଯାଇଥିଲା। ପୁଲିସ ସୂଚନା ଅନୁଯାୟୀ, ଏହି ପ୍ରକାଶନ ପାଇଁ ସମ୍ବନ୍ଧିତ ଅଧିକାରୀଙ୍କଠାରୁ ଏ ପର୍ଯ୍ୟନ୍ତ ଆବଶ୍ୟକୀୟ ମଞ୍ଜୁରି ମିଳି ନାହିଁ। କିଛି ୱେବସାଇଟରେ ପୁସ୍ତକର ପିଡିଏଫ ଥିବା ତଦନ୍ତରୁ ଜଣାପଡ଼ିଛି। ପେଙ୍ଗୁଇନ ର୍ୟାଣ୍ଡମ ହାଉସ ପ୍ରାଇଭେଟ ଲିମିଟେଡ ଯେଉଁ କପି ପ୍ରସ୍ତୁତ କରିଥିଲା ଏହା ତାହା ହୋଇପାରେ ବୋଲି କୁହାଯାଉଛି। କିଛି ଅନ୍‌ଲାଇନ ମାର୍କେଟିଂ ପ୍ଲାଟଫର୍ମରେ ମଧ୍ୟ ପୁସ୍ତକର ପ୍ରଚ୍ଛଦପଟକୁ ଏଭଳି ଦେଖାଯାଇଛି। ଏହି ସମ୍ପୂର୍ଣ୍ଣ ମାମଲାର ଯାଞ୍ଚ ପାଇଁ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ମାମଲା ରୁଜୁ କରିଛି। ପ୍ରକାଶନ ହୋଇ ନ ଥିବା ପୁସ୍ତକ କେମିତି ସାର୍ବଜନୀନ ହେଲା ଏବଂ ଏହା ପଛରେ କିଏ କିଏ ଅଛନ୍ତି ତାହା ପୁଲିସ ଜାଣିବାକୁ ପ୍ରୟାସ କରୁଛି।ଗତ ୪ ତାରିଖରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଂସଦରେ ଏହି ପୁସ୍ତକ ଦେଖାଇ ସରକାରଙ୍କୁ ଘେରିଥିବାବେଳେ ପୁଲିସ ଏତଲା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୃହକୁ ଆସିବେ ତେବେ ତାଙ୍କୁ ଏହି ପୁସ୍ତକ ଦେବି ବୋଲି ରାହୁଲ କହିଥିଲେ। ଏହାକୁ ନେଇ ଶାସକ ଦଳ ରାହୁଲଙ୍କୁ ନିଜ ଅଭିଭାଷଣ ରଖିବାକୁ ଦେଇ ନ ଥିଲା। ଶାସକ ଦଳର ଅନେକ ସଦସ୍ୟ ପ୍ରକାଶନ ହୋଇ ନ ଥିବା ପୁସ୍ତକକୁ ଉଦାହରଣ ଭାବେ ନେବା ନିୟମ ବିରୋଧୀ ବୋଲି କହିଥିଲେ।

## ଜେଲ୍‌ରେ ଆତଙ୍କବାଦୀ ଅବଦୁଲକୁ ହତ୍ୟା

ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ହରିୟାଣା ଫରିଦାବାଦ ଜେଲ୍‌ରେ ବନ୍ଦୀ ଆତଙ୍କବାଦୀ ଅବଦୁଲ ରହମାନକୁ ହତ୍ୟା କରାଯାଇଛି। ରବିବାର ବିଳମ୍ବିତ ରାତିରେ ହତ୍ୟା ମାମଲାରେ ଜେଲ୍ ଦଣ୍ଡ ଭୋଗୁଥିବା ଅରୁଣ ଚୌଧୁରୀ ଓରଫ ଅଙ୍କୁ ଜାଟ ତାକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ଉଭୟେ ଏକ ଉଚ୍ଚ ସୁରକ୍ଷା ବିଶିଷ୍ଟ ବାରାକରେ ଏକାଠି ରହୁଥିଲେ। ଏହାର ସୂଚନା ମିଳିବା ପରେ ଜେଲ୍ ଅଧିକାରୀ ବାରାକରେ ପହଞ୍ଚି ଥିଲେ। ପରେ ରହମାନର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିଲା। ସୂଚନା ଅନୁଯାୟୀ, ୨୦ ବର୍ଷୀୟ ଅବଦୁଲକୁ ଗତ ବର୍ଷ ମାର୍ଚ୍ଚରେ ଗୁଜୁରାଟ ଏଟିଏସ ଧରିଥିଲା। ସେ ଅଲକାଏଦା ଇନ ଇଣ୍ଡିଆନ ସବ୍-କଣ୍ଟିନେଣ୍ଟ (ଏକ୍ୟୁଆଇଏସ)ର ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଅବୁ ସୁଫିୟାନ ସହ ଯୋଗାଯୋଗରେ ଥିଲା। ଅନ୍ୟପଟେ ତାକୁ ମାରିଥିବା କଏଦୀ ଅରୁଣର ନାମ ସାମ୍ବାର ଅକ୍ଷୟ ଶର୍ମା ହତ୍ୟାକାଣ୍ଡରେ ଆସିଥିଲା।

## ମନ୍ଦିର ଛାତ ଭୁଶୁଡ଼ି ୩ ବାଳିକା ମୃତ

ଭୋପାଳ, ୯।୨ (ଏଜେନ୍ସି): ମଧ୍ୟପ୍ରଦେଶ ମୋରେନ ଜିଲ୍ଲା ଅହରୌଲି ଗ୍ରାମର ମାତା ମନ୍ଦିରର ଛାତ ସୋମବାର ଦ୍ୱିପହରେ ଭୁଶୁଡ଼ି ପଡ଼ିଛି। ଏହି ଅବଶେଷ ତଳେ ଫସିଯିବାରୁ ୩ ବାଳିକା ପ୍ରାଣ ହରାଇଛନ୍ତି। ଏମାନଙ୍କ ବୟସ ୧୧, ୭ ଏବଂ ୯ ବର୍ଷ ଥିଲା। ସେହିପରି ୬ ଜଣ ମଧ୍ୟ ଆହତ ହୋଇଛନ୍ତି। ଏକ ଗମ୍ବୁଜ ନିର୍ମାଣ ପାଇଁ ମନ୍ଦିରର ଛାତ ଭଙ୍ଗା ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପୁଲିସ ସୂଚନା ଅନୁଯାୟୀ, ଛାତ ଭଙ୍ଗା ଯାଉଥିବାବେଳେ ସତୀଶ ଗୌଡ଼ ଏବଂ ତାଙ୍କ ସ୍ତ୍ରୀ ମନ୍ଦିର ଆସି ପ୍ରସାଦ ବାଣ୍ଟୁ ଥିଲେ। ଏହି ସମୟରେ ପିଲମାନେ ପ୍ରସାଦ ନେବାକୁ ଭିଡ଼ ଜମାଇ ଥିବାବେଳେ ଛାତ ଭୁଶୁଡ଼ି ପଡ଼ିଥିଲା।

## ଗାଳି ସହି ନ ପାରି ୪ ନାବାଳିକାଙ୍କ ଆତ୍ମହତ୍ୟା

ଔରଙ୍ଗାବାଦ୍, ୯ ।୨(ଏଜେନ୍ସି): ବିହାରର ଔରଙ୍ଗାବାଦ ଜିଲ୍ଲାରେ ପରିବାର ଲୋକଙ୍କ ଗାଳି ସହି ନପାରି ୪ ଜଣ ନାବାଳିକା ଏକାସଙ୍ଗେ ବିଷ ପାନ କରି ଆତ୍ମହତ୍ୟା କରିଛନ୍ତି। ଜାନୁଆରୀ ୨୯ରେ ହସପୁରା ଥାନା ଅନ୍ତର୍ଗତ ଏକ ଦଳିତ ବସ୍ତିରେ ଏହି ଘଟଣା ଘଟିଥିଲାବେଳେ ଏବେ ଏହା ସାମ୍ନାକୁ ଆସିଛି। ୧୦ରୁ ୧୪ ବର୍ଷ ମଧ୍ୟରେ ୫ ଜଣ ନାବାଳିକା ଏକାଠି ବିଷ ପାନ କରିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଜୀବିତ ଅଛନ୍ତି। ସେ କହିଛନ୍ତି ଯେ, କିଛି ପୁଅମାନଙ୍କ ସହ ମିଳାମିଶା କରୁଥିବାରୁ ପରିବାର ଲୋକେ ସେମାନଙ୍କୁ ଗାଳି କରିଥିଲେ। ଏଥିରେ ଅପମାନିତ ବୋଧ କରି ସମସ୍ତେ ମିଶି ଏକାଠି ବିଷ ପାନ କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଔରଙ୍ଗାବାଦ ଏସ୍ପି ଅମ୍ବ୍ରିଶ ରାହୁଲ କହିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ଶବବ୍ୟବଚ୍ଛେଦ ନକରି ଜାନୁଆରୀ ୨୯ରେ ୪ ଜଣଙ୍କ ଶବ ସଂସ୍କାର କରାଯାଇଥିଲା।

## କ୍ଲାସ୍‌ରୁମ୍‌ରେ ଛାତ୍ରୀଙ୍କୁ ହତ୍ୟା କରି ନିଜକୁ ଗୁଳି କଲା ଛାତ୍ର

ତରନ ତାରନ ସାହିବ, ୯ ।୨(ଏଜେନ୍ସି): ପଞ୍ଜାବର ତରନ ତାରନ ସାହିବ ଜିଲ୍ଲାରେ ଚକିତ କଲା ଭଳି ଏକ ଅଜବ କାଣ୍ଡ ଘଟିଛି। ଏକ ଆଇନ ମହାବିଦ୍ୟାଳୟରେ ସୋମବାର ସକାଳେ ଜଣେ ପ୍ରଥମବର୍ଷର ଆଇନ ଛାତ୍ର ନିଜ ସହପାଠିନୀଙ୍କୁ ହତ୍ୟା କରିବା ପରେ ସେହି ବନ୍ଧୁକରେ ନିଜକୁ ଗୁଳି କରିଛନ୍ତି। ଘଟଣାସ୍ଥଳରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅଭିଯୁକ୍ତ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ସମ୍ପୂର୍ଣ୍ଣ ଘଟଣା ସିସିଟିଭରେ ରେକର୍ଡ ହୋଇଛି। ଉଭୟ ଉସ୍‌ମା ଗ୍ରାମରେ ଥିବା ଏକ ଆଇନ କଲେଜର ପ୍ରଥମ ବର୍ଷର ଛାତ୍ରଛାତ୍ରୀ ଥିଲେ। ମୃତ ଛାତ୍ରୀଜଣକ ହେଲେ ନୌଶେହରା ପନ୍ନୁଆଁ ବାସିନ୍ଦା ସନ୍ଦୀପ କୌର ଓ ଅଭିଯୁକ୍ତ ଛାତ୍ର ଜଳନ୍ଧର ଜିଲ୍ଲା ମିଲ୍ଲିଆନ ଗ୍ରାମର ବାସିନ୍ଦା ପ୍ରିନ୍ସ ରାଜ । ଫୁଟେଜ ଅନୁଯାୟୀ, ପ୍ରିନ୍ସ ଶ୍ରେଣୀ ଗୃହରେ ପ୍ରବେଶ କରି ସନ୍ଦୀପ କୌର ପାଖ ଦେଇ ଚାଲିଯାଇଥିଲେ। ସନ୍ଦୀପ କିଛି କହିଥିଲେ ମଧ୍ୟ ପ୍ରିନ୍ସ କିଛି ପ୍ରତିକ୍ରିୟା ଦେଇ ନ ଥିଲେ। ଏହାପରେ ସନ୍ଦୀପ ବାହରକୁ ଚାଲିଯାଇଥିଲେ। ପ୍ରିନ୍ସ ମଧ୍ୟ ପଛେ ପଛେ ଯାଇଥିଲେ। ଅନ୍ୟଜଣେ ସହପାଠୀ ସେମାନଙ୍କ ମଧ୍ୟରେ ବୁଝାମଣା କରିବାକୁ ଚେଷ୍ଟା କରିଥିଲେ। ଭିଡ଼ିଓରେ ଦେଖିବାକୁ ମିଳିଛି ଯେ, ଦୁଇ ଛାତ୍ରୀ ବେଞ୍ଚ୍‌ରେ ବସିଥିବା ବେଳେ ପ୍ରିନ୍ସ ସେମାନଙ୍କ ସାମ୍ନାରେ ବସିଥିଲା। ସନ୍ଦୀପ ଛିଡ଼ା ହୋଇଥିବା ସମୟରେ ପ୍ରିନ୍ସ ନିଜ ବ୍ୟାଗରୁ ପିସ୍ତଲ ବାହର କରି ପଛକୁ ବୁଲି ସନ୍ଦୀପଙ୍କ ମୁଣ୍ଡକୁ ଗୁଳି ମାରିଥିଲା। ଏହାପରେ ମାତ୍ର ୩ ପାଦ ଆଗକୁ ଯିବା ପରେ ପ୍ରିନ୍ସ ନିଜ ମୁଣ୍ଡକୁ ଗୁଳିମାରି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲା। ଏହି ଦୃଶ୍ୟ ଦେଖି ସହପାଠିନୀଜଣକ ସ୍ତବ୍ଧ ହୋଇଯାଇଥିଲେ। ସେ କିଛି ସମୟ ବାହାରକୁ ଯାଇ ପୁଣି ସନ୍ଦୀପକୁ ଦେଖିବାକୁ ଫେରିଥିଲେ ଓ ଅନ୍ୟମାନଙ୍କ ସହ କ୍ଲାସରୁମ୍‌ରୁ ଦୌଡ଼ି ପଳାଇଥିଲେ। ପୁଲିସ ସୂଚନା ଅନୁଯାୟୀ, ପ୍ରିନ୍ସ ଗତ ୮ ତାରିଖରେ ସନ୍ଦୀପକୁ ପ୍ରେମ ନିବେଦନ କରିଥିଲେ। କିନ୍ତୁ ଏହି ପ୍ରସ୍ତାବକୁ ସନ୍ଦୀପ ସ୍ୱୀକାର କରି ନ ଥିଲେ। ଏଥିରେ ପ୍ରିନ୍ସ ଉତ୍‌କ୍ଷିପ୍ତ ହୋଇ ଯାଇଥିଲେ। ତେଣୁ ହତ୍ୟା କରିଥିଲେ ବୋଲି ଆଶଙ୍କା କରାଯାଉଛି।

### ଆମେରିକା ସହ ବାଣିଜ୍ୟ ଚୁକ୍ତିକୁ ବିରୋଧ
## ୧୨ରେ ଦେଶବ୍ୟାପୀ କୃଷକଙ୍କ ଧର୍ମଘଟ

ନୂଆଦିଲ୍ଲୀ, ୯।୨ (ଏଜେନ୍ସି): କୃଷକ ସଂଗଠନଗୁଡ଼ିକ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି। ଏହାକୁ ଆମେରିକା ନିକଟରେ 'ସମ୍ପୂର୍ଣ୍ଣ ଆତ୍ମସମର୍ପଣ' ବୋଲି ସଂଘ କହୁଛି। ଏହି ଚୁକ୍ତିକୁ ବିରୋଧ କରି ଫେବୃଆରୀ ୧୨ରେ କୃଷକମାନେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ନିକଟରେ ଦୁଇ ଦେଶ ପକ୍ଷରୁ ଜାରି ମିଳିତ ବିବୃତି ପରେ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଅଭିଯୋଗ କରିଛି ଯେ ଭାରତ ଏବଂ ଆମେରିକା ମଧ୍ୟରେ ପ୍ରସ୍ତାବିତ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମାର ଢାଞ୍ଚା ଭାରତୀୟ କୃଷିକୁ ସମ୍ପୂର୍ଣ୍ଣ ଭାବରେ ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ହସ୍ତାନ୍ତର କରିବା ସହିତ ସମାନ। ସଂଘ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ତୁରନ୍ତ ଇସ୍ତଫା ଦାବି କରିଛି। ବାଣିଜ୍ୟ ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ, ଭାରତ ସମସ୍ତ ଆମେରିକୀୟ ଶିଳ୍ପ ସାମଗ୍ରୀ ଏବଂ ଅନ୍ୟାନ୍ୟ ଖାଦ୍ୟ ଏବଂ କୃଷି ଉତ୍ପାଦ ଉପରେ ଶୁଳ୍କକୁ ସମାପ୍ତ କରିବ କିମ୍ବା ହ୍ରାସ କରିବ।

ମିଳିତ ବିବୃତିରେ କୁହାଯାଇଛି ଯେ ଆମେରିକା ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ, ଯେପରିକି ବୟନ ଏବଂ ପୋଷାକ, ଚମଡା ଏବଂ ପାଦୁକା, ପ୍ଲାଷ୍ଟିକ୍ ଏବଂ ରବର, ଜୈବ ରାସାୟନିକ ପଦାର୍ଥ ଏବଂ କିଛି ଯନ୍ତ୍ରପାତି ଉପରେ ୧୮ ପ୍ରତିଶତ ପାରସ୍ପରିକ ଶୁଳ୍କ ହାର ଲାଗୁ କରିବ। ବାଣିଜ୍ୟ ଚୁକ୍ତି ଘୋଷଣା ପରେ ଏହି ସର୍ତ୍ତାବଳୀ ଜାରି କରାଯାଇଥିଲା, ଯେଉଁଥିରେ ଭାରତ ରୁଷରୁ ତୈଳ କ୍ରୟ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିବା କହିଛି। ଏକ ସାମ୍ବାଦିକ ସମ୍ମିଳନୀରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତାମାନେ କହିଛନ୍ତି ଯେ ଦେଶର ବିଭିନ୍ନ ଗାଁରେ ପ୍ରତିବାଦ କରାଯିବ ଏବଂ ସେମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରିବେ। ଅଖିଳ ଭାରତ କିଷାନ ସଭାର ନେତା କୃଷ୍ଣ ପ୍ରସାଦ କହିଛନ୍ତି ଯେ ବାଣିଜ୍ୟ ଚୁକ୍ତି କୃଷି କ୍ଷେତ୍ର ଉପରେ ଗଭୀର ପ୍ରଭାବ ପକାଇବ କାରଣ ଏହା ଶୁଖିଲା ଶସ୍ୟ, ପଶୁ ଖାଦ୍ୟ ଏବଂ ସୋୟାବିନ୍ ତେଲ ଭଳି ସାମଗ୍ରୀ ପାଇଁ ବଜାର ଖୋଲିବ।

# ପଶ୍ଚିମବଙ୍ଗରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି ସମୟସୀମା ସପ୍ତାହେ ବୃଦ୍ଧି



- ଏସ୍‌ଆଇଆର୍ ପ୍ରକ୍ରିୟାରେ ପ୍ରତିବନ୍ଧକ ଗ୍ରହଣୀୟ ନୁହେଁ
- ରାଜ୍ୟ ଡିଜିପିଙ୍କୁ ମାଗିଲେ ଜବାବ

ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟ ସୋମବାର ରାଜ୍ୟଗୁଡ଼ିକୁ ଚେତାବନୀ ଦେଇଛନ୍ତି। ଏସଆଇଆର ପ୍ରକ୍ରିୟାରେ କୌଣସି ପ୍ରକାରର ପ୍ରତିବନ୍ଧକକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି। ଏହା ସବୁ ରାଜ୍ୟ ବୁଝିବା ଦରକାର ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଆବଶ୍ୟକ ପଡ଼ିଲେ ଏ ନିର୍ଦ୍ଦେଶ କିମ୍ବା ସ୍ପଷ୍ଟୀକରଣ ଜାରି କରାଯିବ। ଏହା ସହିତ ପଶ୍ଚିମବଙ୍ଗରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି ପାଇଁ ଧାର୍ଯ୍ୟ ସମୟସୀମାକୁ ସର୍ବୋଚ୍ଚ ନ୍ୟାୟାଳୟ ସପ୍ତାହେ ବଢ଼ାଇ ଦେଇଛନ୍ତି। ଏବେ ଫେବୃଆରୀ ୧୪ ପରିବର୍ତ୍ତେ ୨୧ରେ ଏହି ତାଲିକା ଜାରି ହେବ। ଏସ୍‌ଆଇଆର ପ୍ରକ୍ରିୟାକୁ ବିରୋଧ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆବେଦନ ଦାଏର କରିଥିଲେ। ଏହା ଉପରେ ନିର୍ବାଚନ କମିଶନ ଦେଇଥିବା ପ୍ରତିକ୍ରିୟାର ଶୁଣାଣି ସମୟରେ କୋର୍ଟ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଇସିଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ କିଛି ଅପରାଧି ପଶ୍ଚିମବଙ୍ଗ ଏସଆଇଆର ସମ୍ବନ୍ଧିତ ନୋଟିସକୁ ଜଳାଇ ଦେଇଛନ୍ତି। ମାତ୍ର ଏହାକୁ ନେଇ ଏ ପର୍ଯ୍ୟନ୍ତ କୌଣସି ଏତଲା ହୋଇ ନାହିଁ। ଏହା ଉପରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ଡିଜିପିଙ୍କୁ ଜବାବ ମାଗିଛନ୍ତି। ଆଇନ ବ୍ୟବସ୍ଥା ବଜାୟ ରଖିବା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ କି ପଦକ୍ଷେପ ନିଆଯାଇଛି ତାହାର ସୂଚନା ମାଗିଛନ୍ତି। ସେହିପରି ରାଜ୍ୟ ସରକାରଙ୍କୁ ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା ଗ୍ରୁପ-ବିର ୮, ୫୦୫ ଅଧିକାରୀଙ୍କ ତାଲିକା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାରଣ ଏ ପର୍ଯ୍ୟନ୍ତ ଅଧିକାରୀଙ୍କ ନିଯୁକ୍ତି ନେଇ କୌଣସି ସୂଚନା ରାଜ୍ୟ ପକ୍ଷରୁ ଦିଆଯାଇ ନ ଥିବା କହିଥିଲେ। ପୂର୍ବରୁ ଏସଆଇଆର ପ୍ରକ୍ରିୟାରେ ଏମାନଙ୍କୁ ନିଯୁକ୍ତି କରିବାକୁ ରାଜ୍ୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଇଆରଓଏସ ଏବଂ ଏଇଆରଓଏସଙ୍କୁ ବଦଳାଇବାକୁ ଏବଂ ଆବଶ୍ୟକ ପଡ଼ିଲେ ଏହି ଅଧିକାରୀଙ୍କ ସେବା ନେବାକୁ ନିର୍ବାଚନ କମିଶନଙ୍କୁ ଅଧିକାର ଦେଇଛନ୍ତି। ଅନ୍ୟ ଅଧିକାରୀଙ୍କ ବାୟୋଡାଟା ଯାଞ୍ଚ କରିବା ପରେ ପୂର୍ବରୁ ନିୟୋଜିତ ମାଇକ୍ରୋ ଅବଜରଭରଙ୍କ ସଂଖ୍ୟା ସମାନ ଲୋକଙ୍କୁ ବାଛି ପାରିବେ। ଇଆରଓଏସ, ଏଇଆରଓଏସ ଏବଂ ମାଇକ୍ରୋ ଅବଜରଭରଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦିଆଯାଇପାରେ। ଏହି ଅଧିକାରୀ କେବଳ ପ୍ରକ୍ରିୟାରେ ସହାୟତା କରିବେ ଏବଂ ଇଆରଓଏସ ଶେଷ ନିଷ୍ପତ୍ତି ନେବେ। ଏହା ପୂର୍ବରୁ ଗତ ଚାରି ତାରିଖରେ ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ମମତା ସୁପ୍ରିମକୋର୍ଟରେ ହାଜର ହୋଇ ଏସଆଇଆର ବିରୋଧରେ ଯୁକ୍ତି ରଖିଥିଲେ।

## ଭୟରେ ରୁଷ୍ ପଳାଇଲେ ଇରାନର ସର୍ବୋଚ୍ଚ ଶାସକ ଖାମନେଇ

ତେହରାନ, ୯।୨ (ଏଜେନ୍ସି): ସରକାରୀ ବିରୋଧୀ ବିକ୍ଷୋଭ ପ୍ରଦର୍ଶନକୁ ଭଡ଼ାଟିଆ ସେନା ଲଗାଇ ଦମନ କରିଥିବା ଇରାନର ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ଭୟଭୀତ ହୋଇ ଯାଇଛନ୍ତି। ଆମେରିକା ଆକ୍ରମଣ ପାଇଁ ଅପେକ୍ଷା କରି ରହିଥିବାବେଳେ ଖାମନେଇ ଇରାନରେ ନ ଥିବା ଜଣାପଡ଼ିଛି।ସେ ଆମେରିକା କାର୍ଯ୍ୟାନୁଷ୍ଠାନ ଆଶଙ୍କାରେ ଦେଶ ଛାଡ଼ି ରୁଷରେ ଶରଣ ନେଇଛନ୍ତି। ସେହିପରି ଖାମନେଇଙ୍କ ଦ୍ୱିତୀୟ ପୁତ୍ର ମଧ୍ୟ ଏଭଳି ଯୋଜନାରେ ଅଛନ୍ତି। ସେ ସାଉଦି ଆରବ ଭିସା ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ସେଠାରେ ସେ ନିଜର ଗୁପ୍ତ ସାମ୍ରାଜ୍ୟ ମଧ୍ୟ ପ୍ରତିଷ୍ଠା କରିଛନ୍ତି। ସାଉଦିରେ ମୋଜତବା ଖାମନେଇଙ୍କ ୧.୨ ବିଲିୟନ ଡଲାରର ନିବେଶ ଥିବା ମଧ୍ୟ କୁହାଯାଉଛି। ସୂଚନା ଅନୁଯାୟୀ, ଇରାନର ବାର୍ଷିକ କାର୍ଯ୍ୟକ୍ରମରେ ଖାମନେଇଙ୍କ ଅନୁପସ୍ଥିତି ଯୋଗୁଁ ସେ ରୁଷ ପଳାଇ ଥିବା କୁହାଯାଉଛି। କାରଣ ଦୀର୍ଘ ୩୭ ବର୍ଷର ଇତିହାସରେ କେବେ ବି ଫେବୃଆରୀ ୮ରେ ପଡୁଥିବା ବାର୍ଷିକ କାର୍ଯ୍ୟକ୍ରମରେ ଖାମନେଇ ଅନୁପସ୍ଥିତ ରହୁ ନ ଥିଲେ। ଏପରି କରି ସେ କ୍ଷମତା କେନ୍ଦ୍ରକୁ ଶାନ୍ତିପୂର୍ଣ୍ଣ ଭାବେ ଭାଙ୍ଗି ଚର୍ଚ୍ଚାକୁ ଖୋରାକ ଯୋଗାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଇରାନର ବାୟୁସେନା କମାଣ୍ଡରମାନେ ପାରମ୍ପରିକ ଭାବରେ ଆନୁଗତ୍ୟ ପ୍ରତିଜ୍ଞା କରିଥାନ୍ତି। ସର୍ବୋଚ୍ଚ ନେତାଙ୍କ ସମ୍ମୁଖରେ ଠିଆ ହେବା ପରିବର୍ତ୍ତେ, କମାଣ୍ଡରମାନଙ୍କୁ ଇସଲାମିକ୍ ଗଣରାଜ୍ୟର ପ୍ରତିଷ୍ଠାତାଙ୍କ ନାତି ହାସନ ଖୋମେନି ସ୍ୱାଗତ କରିଥିଲେ। ଏହା ବ୍ୟବସ୍ଥାରେ ପ୍ରତୀକାତ୍ମକ ପରିବର୍ତ୍ତନକୁ ଦର୍ଶାଉଛି। ଏହା ମାଧ୍ୟମରେ ଦେଶବାସୀଙ୍କୁ ବାର୍ତ୍ତା ଦିଆଯାଇଥାଏ। ଖାମନେଇ ୧୯୮୯ରେ ନେତୃତ୍ୱ ଗ୍ରହଣ କରିବା ପରଠାରୁ ପ୍ରତିବର୍ଷ ଏହି ପରମ୍ପରାକୁ ବଜାୟ ରଖିଥିଲେ। ଏପରିକି ଯୁଦ୍ଧ, ଅଶାନ୍ତି ଏବଂ କରୋନା ମହାମାରୀ ସମୟରେ ମଧ୍ୟ ଏହା ଜାରି ରହିଥିଲା। ଏହି ବର୍ଷ ତାଙ୍କର ଅନୁପସ୍ଥିତିରେ ସଶସ୍ତ୍ର ବାହିନୀ ମୁଖ୍ୟ ମେଜର ଜେନେରାଲ ଅବଦୋଲରାହିମ ମୁସାଭିଙ୍କ ଅଭିବାଦନ ଗ୍ରହଣ କରିଥିଲେ। ଇରାନ ନିକଟରେ ବୃଦ୍ଧି ପାଉଥିବା ଆଞ୍ଚଳିକ ଉତ୍ତେଜନା ଏବଂ ଆମେରିକାର ସାମରିକ ଉପସ୍ଥିତି ସମୟରେ ଏଭଳି ପଦକ୍ଷେପ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ତେହେରାନ ବାହ୍ୟ ଚାପର ସମ୍ମୁଖୀନ ହେଉଥିବାରୁ, ପରମ୍ପରାରେ ଭଙ୍ଗ କେଉଁ ବାର୍ତ୍ତା ପଠାଯାଉଛି ଏବଂ ଏହା କଣ ଦର୍ଶାଉଛି ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ଚନ୍ଦ୍ରଯାନ-୪ ପାଇଁ ଲ୍ୟାଣ୍ଡିଂ ସାଇଟ୍ ଖୋଜୁଛି ଇସ୍ରୋ

**ଚନ୍ଦ୍ରର ଦକ୍ଷିଣ ମେରୁର 'ମନ୍ସ ମାଉଣ୍ଟନ' ପାହାଡ଼ରେ ଓହ୍ଲାଇବ, ମାଟି ଓ ପଥର ଖଣ୍ଡ ଅଣାଯିବ**

ନୂଆଦିଲ୍ଲୀ, ୯ ।୨(ଏଜେନ୍ସି): ଭାରତ ୨୦୨୩ ଜୁଲାଇ ୧୪ରେ ଶ୍ରୀହରିକୋଟାରୁ ଚନ୍ଦ୍ରଯାନ-୩ ଲଞ୍ଚ୍ କରିଥିଲା। ସେହିବର୍ଷ ଅଗଷ୍ଟ ୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳତାର ସହ ଓହ୍ଲାଇଥିଲା। ଏବେ ଇସ୍ରୋ (ଇଣ୍ଡିଆନ ସ୍ପେଶ ରିସର୍ଚ୍ଚ ଅର୍ଗାନାଇଜେସନ) ନିଜର ପରବର୍ତ୍ତୀ ମିଶନ ଚନ୍ଦ୍ରଯାନ-୪ ପାଇଁ ଲ୍ୟାଣ୍ଡିଂ ସାଇଟ୍ ଖୋଜି ବାହାର କରିଛି। ଚନ୍ଦ୍ରଯାନ-୨ ଅର୍ବିଟରରୁ ମିଳିଥିବା ଫଟୋ ଆଧାରରେ ବୈଜ୍ଞାନିକମାନେ 'ମନ୍ସ ମାଉଣ୍ଟନ' (ଏମ୍‌ଏନ୍-୪) ଅଞ୍ଚଳକୁ ଲ୍ୟାଣ୍ଡିଂ ପାଇଁ ସବୁଠାରୁ ଉପଯୁକ୍ତ ବୋଲି କହିଛନ୍ତି। ମନ୍ସ ମାଉଣ୍ଟନ ଚନ୍ଦ୍ରର ମେରୁ ନିକଟରେ ଅବସ୍ଥିତ ପ୍ରାୟ ୬, ୦୦୦ ମିଟର ଉଚ୍ଚର ଏକ ପାହାଡ଼। କିନ୍ତୁ ଏହାର ଶିଖର ଅଂଶ ବହୁତ ପରିମାଣରେ ସମତଳ, ଯାହା ଲ୍ୟାଣ୍ଡିଂ ପାଇଁ ଅନୁକୂଳ। ପୂର୍ବରୁ ଏହାକୁ 'ଲିବନିଜ ବିଟା' କୁହାଯାଉଥିଲା। ପରବର୍ତ୍ତୀ ସମୟରେ ନାସାର ଗଣିତଜ୍ଞ ତଥା କମ୍ପ୍ୟୁଟର ପ୍ରୋଗ୍ରାମର ମେଲବା ରୟ ମାଉଣ୍ଟନଙ୍କ ନାମ ଅନୁସାରେ ଏହାର ନାମ 'ମନ୍ସ ମାଉଣ୍ଟନ' ରଖାଯାଇଥିଲା। ଏହାର ବିଶେଷତ୍ୱ ହେଉଛି, ଏଠାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସୂର୍ଯ୍ୟକିରଣ ରହେ ଓ ଏହି ଅଞ୍ଚଳରେ ଜଳୀୟ ବାଷ୍ପ ବା ବରଫ ଥିବା ସମ୍ଭାବନା ରହିଛି। ଅଧ୍ୟୟନ ଅନୁଯାୟୀ, ମନ୍ସ ମାଉଣ୍ଟନ ଅଞ୍ଚଳରେ ଏମ୍‌ଏମ-୪କୁ ସବୁଠାରୁ ନିରାପଦ ମନେ କରାଯାଉଛି। ଏହାର ହାରହାରି ଢାଲୁ ୫ ଡିଗ୍ରୀ ରହିଛି। ଯେତେବେଳେ କି, ଲ୍ୟାଣ୍ଡର ୧୦ ଡିଗ୍ରୀ ଢାଲୁରେ ଓହ୍ଲାଇପାରିବ। ଏହି ସ୍ଥାନରେ ୧୧ରୁ ୧୨ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟକିରଣ ମିଳିବା ସମ୍ଭାବନା ରହିଛି। ପୃଥିବୀ ସହ ରେଡିଓ ଯୋଗାଯୋଗ ପାଇଁ ମଧ୍ୟ ଏହି ସ୍ଥାନ ଅନୁକୂଳ। ୨, ୧୦୪ କୋଟି ଟଙ୍କାର ଏହି ମିଶନର ମୁଖ୍ୟ ଲକ୍ଷ୍ୟ ହେଉଛି ଚନ୍ଦ୍ରର ପଥର ଓ ମାଟି ସଂଗ୍ରହ କରି ପୃଥିବୀକୁ ଫେରିବା। ଏହି ମିଶନରେ ଦୁଇଟି ଅଲଗା ରକେଟ୍ (ଏଲଭିଏମ୍-୩ ଓ ପିଏସ୍‌ଏଲଭି) ବ୍ୟବହାର କରାଯିବ। ଚନ୍ଦ୍ରଯାନ-୪ ଇସ୍ରୋର ଏପର୍ଯ୍ୟନ୍ତ ସବୁଠାରୁ କଷ୍ଟକର ମିଶନ ବୋଲି କୁହାଯାଉଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବୈଜ୍ଞାନିକମାନେ ଏହି ଅଧ୍ୟୟନକୁ 'ଲୁନାର ଆଣ୍ଡ ପ୍ଲାନେଟେରୀ ସାଇନ୍ସ କନଫରେନ୍ସ' (ଏଲ୍‌ପିଏସ୍‌ସି ୨୦୨୬) ରେ ଉପସ୍ଥାପନ କରିଛନ୍ତି।

### ଗୁଟ୍‌ଖା ବ୍ୟବସାୟୀଙ୍କ ନିଶାସକ୍ତ ପୁଅର ଉନ୍ମତ୍ତକାଣ୍ଡ
## ୧୦ ଗାଡ଼ି, ପଥଚାରୀଙ୍କ ଉପରେ ମଡ଼ାଇଦେଲା ଲାମ୍ବୋର୍ଘିନି

କାନପୁର, ୯।୨ (ଏଜେନ୍ସି): ଦୁର୍ବଳ ଆଇନ ବ୍ୟବସ୍ଥା ପାଇଁ ହିଟ୍ ଆଣ୍ଡ ରନ୍ ମାମଲାର ପୁନରାବୃତ୍ତି ହୋଇଛି। ପୁଣି ଜଣେ ଧନୀ ବାପାର ମଦୁଆ ପୁଅ ଇନ୍ଦ୍ରଚନ୍ଦ୍ର ନ ମାନି ମହଙ୍ଗା ଗାଡ଼ିରେ ଦ୍ରୁତଗତିରେ ଆସି ଅନେକ ଲୋକଙ୍କ ସ୍ୱପ୍ନକୁ ଚାପି ଦେଇଛି। ଗୋଟିଏ କି ଦୁଇଟି ନୁହେଁ; ୧୦ଟି ଗାଡ଼ିକୁ ଧକ୍କା ଦେଇ ପଥଚାରୀଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଛି। ଏଥିରେ ୬ ଜଣ ଆହତ ହୋଇଛନ୍ତି। କିଛି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା କୁହାଯାଉଛି। ଉତ୍ତର ପ୍ରଦେଶ କାନପୁରର ଭିଆଇପି ରୋଡରେ ପ୍ରସିଦ୍ଧ ଗୁଟ୍‌ଖା ବ୍ୟବସାୟୀ କେକେ ମିଶ୍ରଙ୍କ ପୁଅ ଶିବମ ମିଶ୍ର ମଦ ପିଇ ଗାଡ଼ି ଚଳାଇ ଏଭଳି କାଣ୍ଡ ଘଟାଇଛି। ରବିବାର ଅପରାହ୍ନ ୩ଟା ୧୫ରେ ରେଭ-୩ ମଲ୍ ନିକଟରେ ଏହି ଘଟଣା ଘଟିଥିଲା। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିଲା। ଏବେ ପୁଲିସ ଶିବମଙ୍କ ୧୦ କୋଟି ଟଙ୍କାର ରିଭେଲଟୋ ଗାଡ଼ିକୁ ଜବତ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ପ୍ରଥମେ କାର୍ ଏକ ଅଟୋରିକ୍ସା ଧକ୍କା ଦେଇ ପାର୍କ ହୋଇଥିବା ରୟାଲ ଏନଫିଲ୍ଡ ସହ ମାଡ଼ ହୋଇଥିଲା। ଏଥିଯୋଗୁଁ ଏନଫିଲ୍ଡରେ ବସିଥିବା ବ୍ୟକ୍ତି ୧୦ ଫୁଟ ଦୂରକୁ ଛିଟିକି ପଡ଼ି ଥିଲେ। ପରେ ଲାମ୍ବୋର୍ଘିନି ଅନ୍ୟ ଗାଡ଼ିଗୁଡ଼ିକ ସହ ରାସ୍ତାରେ ଚାଲି ଯାଉଥିବା ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା।

## ଡିଜିଟାଲ ଆରେଷ୍ଟ ଠକେଇ ନୁହେଁ; ଡକାୟତି: ସୁପ୍ରିମକୋର୍ଟ

**୫୪ ହଜାର କୋଟି ଲୁଟିନେଲେଣି**

ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ଡିଜିଟାଲ ଆରେଷ୍ଟ ମାମଲାକୁ ନେଇ ସୁପ୍ରିମକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଡିଜିଟାଲ ଆରେଷ୍ଟ କରି ଠକ ଲୋକଙ୍କଠାରୁ ୫୪ ହଜାର କୋଟିରୁ ଅଧିକ ଟଙ୍କା ଠକି ନେଲେଣି। ଏହା ଠକେଇ ତଥା ଡକାୟତିଠାରୁ କୌଣସି ଗୁଣରେ କମ୍ ନୁହେଁ। ଏହି ଠକେଇ ରାଶି ଅନେକ କ୍ଷୁଦ୍ର ରାଜ୍ୟର ବଜେଟଠାରୁ ଅଧିକ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଏଭଳି ମାମଲାର ମୁକାବିଲା ପାଇଁ ମାର୍ଗଦର୍ଶିକା ଆଣିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ସଂଗଠିତ ଭାବେ କିମ୍ବା ବ୍ୟାଙ୍କ ଅଧିକାରୀଙ୍କ ଅବହେଳାରୁ ଏଭଳି ଅପରାଧ ହେଉଛି। ଏଥିପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଆରବିଆଇ ଏବଂ ବ୍ୟାଙ୍କଗୁଡ଼ିକ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ପୂର୍ବରୁ ଆରବିଆଇ ଏ ନେଇ ଏସଓପି ଜାରି କରିସାରିଛି। ଏଥିରେ ସାଇବର ଠକେଇରୁ ବର୍ତ୍ତିବା ଲାଗି ସାମୟିକ ସମୟ ପାଇଁ ଡେବିଟ କାର୍ଡ ବ୍ଲକ କରିବାର ନିୟମ ରହିଛି। ଏହି ଏସଓପିର ଯାଞ୍ଚ ଏବଂ ସମୀକ୍ଷା ସହିତ ଟେଲିକମ ବିଭାଗର ପ୍ରୋଟକଲ ଅନୁଯାୟୀ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଅପରାଧକୁ ପ୍ରଭାବୀ ଢଙ୍ଗରେ ମୁକାବିଲା ପାଇଁ ୪ ସପ୍ତାହ ମଧ୍ୟରେ ଏସଓପି ଆଣିବାକୁ କହିଛନ୍ତି। ଡିଜିଟାଲ ଆରେଷ୍ଟ ମାମଲାକୁ ଅଲଗା କରିବା ପାଇଁ ସୁପ୍ରିମକୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

# ଜାପାନରେ 'ଆଇରନ ଲେଡି'ଙ୍କ ବାଜିମାତ



ଟୋକିଓ, ୯ ।୨(ଏଜେନ୍ସି): ଜାପାନରେ ରବିବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଆଇରନ ଲେଡି' ତଥା ପ୍ରଧାନମନ୍ତ୍ରୀ ସାନେ ତକାଇଚିଙ୍କ ଲିବେରାଲ ଡେମୋକ୍ରାଟିକ ପାର୍ଟି (ଏଲ୍‌ଡିପି) ବଡ଼ ବିଜୟ ହାସଲ କରିଛି। ଏଲ୍‌ଡିପି ମେଣ୍ଟକୁ ୪୬୫ରୁ ୩୫୨ ଆସନ ମିଳିଛି। ଏଲ୍‌ଡିପି ଏକାକୀ ୩୧୬ ଆସନ୍ ଜିତିଛି, ଯାହା ବହୁମତ ପାଇଁ ଆବଶ୍ୟକ ୨୩୩ଠାରୁ ଯଥେଷ୍ଟ ଅଧିକ। ଏହା ଦଳର ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବିଜୟ ମଧ୍ୟରୁ ଅନ୍ୟତମ। ଏହାପୂର୍ବରୁ ୧୯୮୬ରେ ଦଳ ୩୦୦ଟି ଆସନ ଜିତିଥିଲା। ନିର୍ବାଚନ ଜିତିବା ପରେ ତକାଇଚି କହିଛନ୍ତି ଯେ, ସେ ଜାପାନକୁ ଆହୁରି ଶକ୍ତିଶାଳୀ ଓ ସମୃଦ୍ଧ କରିବା ପାଇଁ କାର୍ଯ୍ୟ ଜାରି ରଖିବେ। ଯଦି ଆବଶ୍ୟକ ପଡେ ବିରୋଧୀଙ୍କ ସହ ମିଶି ମଧ୍ୟ ସେ କାମ କରିବାକୁ ପଛାଇବେ ନାହିଁ ବୋଲି କହିଛନ୍ତି। ଏହି ବିଜୟ ପରେ ଉପର ସଦନ ବିରୋଧୀଙ୍କ ନିୟନ୍ତ୍ରଣରେ ଥିଲେ ମଧ୍ୟ ତକାଇଚିଙ୍କୁ ଆଇନ୍ ପାସ୍ କରିବା ପାଇଁ ଶକ୍ତି ମିଳିଯାଇଛି। ଏହି ଐତିହାସିକ ବିଜୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଏକ୍ସ (ଟୁଇଟର)ରେ ପୋଷ୍ଟରେ ଲେଖିଛନ୍ତି, ମୋର ବିଶ୍ୱାସ ଆପଣଙ୍କ କୁଶଳ ନେତୃତ୍ୱରେ ଆମେ ଭାରତ- ଜାପାନ ବନ୍ଧୁତାକୁ ନୂତନ ଉଚ୍ଚତାକୁ ନେଇଯିବା।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ତକାଇଚିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ, ତକାଇଚି ନିଜର ଶକ୍ତିଶାଳୀ ଓ କଞ୍ଜରଭେଟିଭ ଏଜେଣ୍ଡାରେ ସଫଳ ହୁଅନ୍ତୁ। ପୂର୍ବରୁ ଟ୍ରମ୍ପ ତକାଇଚିଙ୍କୁ ଜଣେ ଶକ୍ତିଶାଳୀ ଓ ବୃଦ୍ଧିମାନ ନେତା ବୋଲି କହିଥିଲେ। ଏହି ବିଜୟ ପରେ ସାମାଜିକ ଗଣମାଧ୍ୟମରେ ତକାଇଚିଙ୍କ କ୍ରେଜ୍‌ରେ ଜବରଦସ୍ତ ବୃଦ୍ଧି ଘଟିଛି। ସାମାଜିକ ଗଣମାଧ୍ୟମରେ 'ସାନାକାସ୍ତୁ' ନାମକ ଏକ ଟ୍ରେଣ୍ଡ ମଧ୍ୟ ଚର୍ଚ୍ଚାରେ ରହିଛି। ଏଥିରେ ତାଙ୍କ ଦ୍ୱାରା ବ୍ୟବହୃତ ଜିନିଷ ଯେପରିକି ହ୍ୟାଣ୍ଡବ୍ୟାଗ୍ ଓ ସଂସଦରେ ବ୍ୟବହାର କରାଯାଉଥିବା ଗୋଲପୀ ପେନ୍ ଯୁବପିଢ଼ି ମଧ୍ୟରେ ଲୋକପ୍ରିୟ ହୋଇଛି। ନିକଟରେ ହୋଇଥିବା ଏକ ସର୍ଭେ ଅନୁଯାୟୀ, ୩୦ ବର୍ଷରୁ କମ୍ ବୟସର ୯୦ ପ୍ରତିଶତରୁ ଅଧିକ ଭୋଟର ତକାଇଚି ସପକ୍ଷରେ ଭୋଟ୍ ଦେଇଛନ୍ତି। ପ୍ରବଳ ତୁଷାରପାତ ସତ୍ତ୍ୱେ ଲୋକ ଭୋଟ ଦେବାକୁ ଘରୁ ବାହାରିଥିଲେ। ସଂସଦ ଭଙ୍ଗ କରି ତକାଇଚି ନିର୍ବାଚନ ଘୋଷଣା କରିଥିଲେ। ସେତେବେଳେ ତାଙ୍କ ଲୋକପ୍ରିୟତା ୭୦ ପ୍ରତିଶତରୁ ଅଧିକ ଥିଲା। ତକାଇଚି ୧୮ ଘଣ୍ଟା କାମ କରିବା ନେଇ ଜଣାଶୁଣା। ଚୀନ୍ ବିରୋଧୀ କଠୋର ଆଭିମୁଖ୍ୟ ପାଇଁ ତକାଇଚି ବେଶ୍ ପରିଚିତ। ସେ ଚୀନ୍‌କୁ ଦୃଷ୍ଟିରେ ରଖି ସାମରିକ ଖର୍ଚ୍ଚ ବୃଦ୍ଧି କରିଛନ୍ତି। ଅର୍ଥନୈତିକ ପ୍ୟାକେଜ ଓ ଟିକଟ କାଟ ମଧ୍ୟ ଘୋଷଣା କରିଛନ୍ତି। ବିପକ୍ଷ ଦରଦାମ ବୃଦ୍ଧିକୁ ପ୍ରସଙ୍ଗ କରିଥିବା ବେଳେ ତାକାଇଚି ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ।

**ରଖେ ହରି ତ ମାରେ କିଏ!**

## ମଲା କୁକୁର ବଞ୍ଚାଇଲା ଛାତ୍ରୀଙ୍କ ଜୀବନ

ପାରଳାଖେମୁଣ୍ଡି, ୯ ।୨(ସମିସ): କଥାରେ ଅଛି, ରଖେ ହରି ମାରେ କିଏ। ଆଜି ଏହାର ଏକ ଉଦାହରଣ ଗଞ୍ଜାମ ଜିଲ୍ଲା ପାରଳାଖେମୁଣ୍ଡି ସହରରେ ଦେଖିବାକୁ ମିଳିଛି। ଜୀବନ ହାରିବାକୁ ନଦୀକୁ ଡେଇଁ ପଡ଼ିଥିବା ଜଣେ ଛାତ୍ରୀ ନିଶ୍ଚିତ ମୃତ୍ୟୁମୁଖରୁ ଆକସ୍ମିକ ଭାବେ ବର୍ତ୍ତିଯାଇଛନ୍ତି। ଶୁଖିଲା ନଦୀଗର୍ଭରେ ପଡ଼ିଥିବା ଏକ ମଲା



କୁକୁରବନ୍ଧା ବସ୍ତା ଉପରେ ସେ ପଡ଼ିଯିବାରୁ ତାଙ୍କ ଜୀବନ ବଞ୍ଚିଯାଇଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି।

ସୂଚନାନୁଯାୟୀ, ପାରଳାଖେମୁଣ୍ଡି ସହରର ମହେନ୍ଦ୍ରତନୟା ନଦୀ ବ୍ରିଜ୍ ଉପରୁ ଜଣେ ନବମ ଛାତ୍ରୀ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରରେ ନବମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ସ୍କୁଲ ପୋଷାକ ପିନ୍ଧି ନିଜ ସାଇକଲ ଯୋଗେ ବ୍ରିଜ୍ ଉପରକୁ ଯାଇଥିଲେ। ସାଇକେଲକୁ ବ୍ରିଜ୍ ଉପରେ ରଖି ନଦୀଗର୍ଭକୁ ଡେଇଁଥିଲେ। ଏହା ଦେଖି ବ୍ରିଜକୁ ଲାଗିଥିବା ଆନ୍ଧ୍ର ପୁରୁଣାପାଟଣାର କିଛି ପଥଚାରୀ ତୁରନ୍ତ ଛାତ୍ରୀଙ୍କୁ ବଞ୍ଚାଇବାକୁ ଯାଇଥିଲେ। ନଦୀର ପାଣିକୁ ଜନସ୍ୱାସ୍ଥ୍ୟ ବିଭାଗ ଅଟକାଇ ରଖିଥିବାରୁ ନଦୀଗର୍ଭ ଶୁଖିଲା ରହିଥିଲା। ଛାତ୍ରୀଜଣଙ୍କ ଏକ ବସ୍ତା ଉପରେ ପଡ଼ି ଯାଇଥିଲେ। ଫଳରେ ଗୁରୁତର ଆହତ ହୋଇଥିଲେ। ଛାତ୍ରୀଙ୍କୁ ପଥଚାରୀଙ୍କ ସମେତ ନିକଟରେ ଥିବା ଆନ୍ଧ୍ର ପୁଲିସ କର୍ମଚାରୀ ଏକ ଅଟୋ ଯୋଗେ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଛାତ୍ରୀଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବେଳେ ତାଙ୍କ ଗୋଡ଼ ଭାଙ୍ଗିଯାଇଛି। ଖବର ପାଇ ଛାତ୍ରୀଙ୍କ ମା, ବାପା ଓ ସ୍କୁଲ କର୍ତ୍ତୃପକ୍ଷ ପହଞ୍ଚିଛନ୍ତି। ତେବେ, କେଉଁ କାରଣରୁ ଛାତ୍ରୀଜଣଙ୍କ ଏପରି ଚରମ ପଦକ୍ଷେପ ନେଇଥିଲେ, ତାହା ସ୍ପଷ୍ଟ ହୋଇନାହିଁ। ନାବାଳିକାଜଣଙ୍କ ଯେଉଁ ସ୍ଥାନରେ ପଡ଼ିଥିଲେ, ସେହି ସ୍ଥାନ ସିମେଣ୍ଟ ଚଟାଣ ରହିଥିବା ବେଳେ ଜଳସ୍ରୋତ ନଥିଲା। ଏହାସହ, ସେଠାରେ କେହି ଏକ ମଲାକୁକୁରକୁ ବସ୍ତାରେ ବାନ୍ଧି ପକାଇ ଦେଇଥିଲା। ଉକ୍ତ ବସ୍ତା ଉପରେ ନାବାଳିକାଜଣଙ୍କ ପଡ଼ିଯିବାରୁ ସେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିବା କୁହାଯାଉଛି।


## ଘୁଞ୍ଚିଘୁଞ୍ଚି ଯାଉଛି ଉପକୂଳ ରାଜପଥ

**ଟେଣ୍ଡର ଖୋଲିବା ପ୍ରକ୍ରିୟା ୩ ମାସ ହେଲା ଘୁଞ୍ଚି ଚାଲିଛି**

**ଦୁଇଟି ପ୍ୟାକେଜ୍‌ରେ ୧୬୦ କିମି ରାସ୍ତା ନିର୍ମାଣ ଲକ୍ଷ୍ୟ**

ଭୁବନେଶ୍ୱର, ୯।୨ (ସମିସ): ଓଡ଼ିଶା ୩ ଟି ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପର କାମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। କ୍ୟାପିଟାଲ୍ ରିଜିଅନ୍ ରିଂ ରୋଡ୍ ସହ ସମ୍ବଲପୁର ରିଂ ରୋଡ୍ ଓ ଟାଙ୍ଗୀ-କନ୍ଦରପୁର ଜାତୀୟ ରାଜପଥ ପ୍ରକଳ୍ପର ଆନୁସଙ୍ଗିକ ଅଗ୍ରଗତି ଜୋର୍‌ଦାର ଜାରି ରହିଛି। ମାତ୍ର ଓଡ଼ିଶାର ସବୁଠୁ ପ୍ରମୁଖ ଓ ବହୁ ପ୍ରତୀକ୍ଷିତ କୋଷ୍ଟାଲ ହାଇୱେ (ଉପକୂଳ ରାଜପଥ) ପ୍ରକଳ୍ପ ପଦ୍ମ ଘୁଞ୍ଚି ଘୁଞ୍ଚି ଚାଲିଛି। ରାଜ୍ୟର ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ପାଇଁ ଗତ ନଭେମ୍ବର ମାସରେ ଟେଣ୍ଡର ଆହ୍ୱାନ ହୋଇଥିଲା। ଜାନୁଆରୀ ୧୪ ପର୍ଯ୍ୟନ୍ତ ଏଥିରେ ବିଡ୍ ଦାଖଲ ଓ ୧୫ରେ ବିଡ୍ ଖୋଲିବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ ଘୋଷଣା ହୋଇଥିଲା। ମାତ୍ର ଧାର୍ଯ୍ୟ ତାରିଖକୁ ଗୋଟିଏ ମାସ ବିତିଯାଇଥିଲେ ମଧ୍ୟ ଏହି ପ୍ରକଳ୍ପ ଟେଣ୍ଡର ଖୋଲା ହୋଇପାରି ନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ପାଇଁ ଚୂଡ଼ାନ୍ତ କ୍ୟାବିନେଟ୍ ଅନୁମୋଦନ ମିଳିନାହିଁ। ଏହାସହିତ ୨ ଟି ଯାକ ପ୍ୟାକେଜରେ ନିର୍ମାଣ ହେବାକୁ ଥିବା ରାସ୍ତା ପାଇଁ ଏବେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇନି। ଅନୁରୂପ ଭାବରେ ପ୍ରକଳ୍ପ ପାଇଁ ଜଙ୍ଗଲ ଅନୁମତି ମିଳି ନ ଥିବା ବେଳେ ଏହି ଅନୁମତି ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ଆବେଦନ ମଧ୍ୟ କରାଯାଇ ନାହିଁ। ତେବେ ଟେଣ୍ଡର ବିଳମ୍ବ ନିମନ୍ତେ ପ୍ରମୁଖ ୩ ଟି କାରଣକୁ ଦାୟୀ କରାଯାଉଛି।

ସାଧାରଣତଃ କୌଣସି ଏକ ବଡ଼ ଜାତୀୟ ରାଜପଥ ପ୍ରକଳ୍ପକୁ 'ପିପିପିଏସି' ଅନୁମୋଦନ ମିଳିଯିବା ପରେ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଥାଏ। ଟେଣ୍ଡର ପ୍ରକ୍ରିୟା ଶେଷ ସୁଦ୍ଧା କ୍ୟାବିନେଟ ଅନୁମୋଦନ ମିଳିଯାଇଥାଏ। ରାଜ୍ୟର ଉପରୋକ୍ତ ୩ ପ୍ରକଳ୍ପ ପାଇଁ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା। ମାତ୍ର ଉପକୂଳ ରାଜପଥ ପ୍ରକଳ୍ପ ପାଇଁ 'ପିପିପିଏସି' ଅନୁମୋଦନ ମିଳିଥିଲେ ମଧ୍ୟ ଆବଶ୍ୟକୀୟ ଅନ୍ୟାନ୍ୟ କାର୍ଯ୍ୟରେ ବିଳମ୍ବ ହେତୁ ଏହାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇପାରୁ ନ ଥିବା ଜଣାପଡ଼ିଛି। ଯଦିଓ ଏହି ଟେଣ୍ଡର ଖୋଲିବା ପ୍ରକ୍ରିୟା ଘୁଞ୍ଚାଯାଇ ଫେବୃଆରୀ ୧୦କୁ ଧାର୍ଯ୍ୟ କରାଯାଇଛି, ହେଲେ ଏଥର ମଧ୍ୟ ପୁଣି ଏହାକୁ ଘୁଞ୍ଚାଇ ଦିଆଯିବା ନେଇ ଏକ ପ୍ରକାର ନିଶ୍ଚିତ ହୋଇଛି। କାହିଁକି ଏହି ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବିତ ହେଉଛି ତାହା କାହାକୁ ଜଣା ନ ଥିବା ବେଳେ ଏଥି ପାଇଁ ସ୍ଥାନୀୟ ରାଜନୈତିକ ଉଦାସୀନତାକୁ ମଧ୍ୟ




ପରୋକ୍ଷରେ ଦାୟୀ କରାଯାଉଛି। ଉପରୋକ୍ତ ୩ ଟି ପ୍ରକଳ୍ପର ଅଗ୍ରଗତି ପାଇଁ ସ୍ଥାନୀୟ ସାଂସଦମାନେ ବିଭିନ୍ନ ସମୟରେ ଦାବି କରିଥିଲେ। ମାତ୍ର ଉପକୂଳ ରାଜପଥର ସିଂହ ଭାଗ ଅଂଶ ରହୁଥିବା ପୁରୀ ଓ ଜଗତସିଂହପୁର ସାଂସଦ ଏହି ପ୍ରକଳ୍ପକୁ ନେଇ ଥରୁଟିଏ ମଧ୍ୟ ଦିଲ୍ଲୀରେ ମୁହଁ ଖୋଲି ନାହାନ୍ତି। ଯାହାକୁ ନେଇ ବିଶେଷଜ୍ଞମାନେ ପରୋକ୍ଷରେ ଡବଲ ଇଂଜିନର ସାଂସଦଙ୍କ ଚୁପ୍ ରହିବାକୁ ଏହି ପ୍ରକଳ୍ପ ବିଳମ୍ବର ଅନ୍ୟତମ କାରଣ ଭାବେ ଦାୟୀ କରୁଛନ୍ତି।

ଉପକୂଳ ରାଜପଥ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧାର ବଡ଼ପୋଖରିଆ ଠାରୁ କେନ୍ଦ୍ରାପଡ଼ାର ମସାକଣି ପର୍ଯ୍ୟନ୍ତ ୧୬୦.୧୮୦ କିମି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଛି। ଗୋଟିଏ ପ୍ୟାକେଜ୍‌ରେ ଖୋର୍ଦ୍ଧାର ବଡ଼ପୋଖରିଆଠାରୁ ପୁରୀର କୋଣାର୍କ ପର୍ଯ୍ୟନ୍ତ ୭୯.୪ କିମି ୪ ଥାକିଆ ଆକ୍ସେସ କଣ୍ଟ୍ରୋଲଡ୍ ରାସ୍ତା ନିର୍ମାଣ କରାଯିବା। ଏହି ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ପ୍ୟାକେଜ-୧ ରେ ୩୬୪୫ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟର ଟେଣ୍ଡର ଆହ୍ୱାନ କରାଯାଇଅଛି। ସେହିପରି ଅନ୍ୟ ପ୍ୟାକେଜ୍‌ରେ ପୁରୀର କୋଣାର୍କଠାରୁ କେନ୍ଦ୍ରାପଡ଼ାର ମସାକଣି ପର୍ଯ୍ୟନ୍ତ ୮୦ କିମି ୨ ଥାକିଆ ପେଭଡ୍ ଶୋଲଡର ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ପ୍ୟାକେଜ-୨ ରେ ୧୮୫୫ କୋଟି ପ୍ରକଳ୍ପ ମୂଲ୍ୟର ଟେଣ୍ଡର ଆହ୍ୱାନ କରାଯାଇଛି। ବଡ଼ପୋଖରିଆରୁ ମସାକଣି ଉପକୂଳ ରାଜପଥଟି ଏନଏଚ ୧୬, ଏନଏଚ ୫୩ ଏବଂ ଏନଏଚ ୩୧୬ ର ବିକଳ୍ପ ଜାତୀୟ ରାଜପଥ ଭାବେ କାର୍ଯ୍ୟ କରିବ। ଏହି ଜାତୀୟ ରାଜପଥଟି ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଅର୍ଥନୈତିକ ହବ୍ ଯଥା ପୁରୀ, କୋଣାର୍କ ଏବଂ ପାରାଦୀପକୁ ଯୋଡ଼ିବା ସହ ମାଲ ପରିବହନ ଏବଂ ଗମନାଗମନର ଉନ୍ନତି କରିବ ବୋଲି ଆଶା ରହିଛି।

**+୨ ପରୀକ୍ଷା ପ୍ରସ୍ତୁତି**

## ସିସିଟିଭି ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ଆଶଙ୍କା

ଭୁବନେଶ୍ୱର, ୯ ।୨(ସମିସ): ଯୁକ୍ତ ୨ ପରୀକ୍ଷା ସମୟରେ ପ୍ରଶ୍ନପତ୍ର ସୁରକ୍ଷା ସହ କପି ରୋକିବା ପାଇଁ ସିସିଟିଭି କ୍ୟାମେରା ଲଗାଯାଇଛି। ହବ୍‌ରେ ଏଆଇ ପରିଚାଳିତ ସିସିଟିଭି ଲାଗିଛି। ମାତ୍ର ଏହି ସିସିଟିଭି ମାଧ୍ୟମରେ ହିଁ ପ୍ରଶ୍ନପତ୍ର ଭାଇରାଲ୍ ହେବାର ଆଶଙ୍କା ପ୍ରକାଶ ପାଇଛି। ପରୀକ୍ଷା ହଲ୍‌ରେ ଲାଗିଥିବା ସିସିଟିଭି ଦ୍ୱାରା ପ୍ରଶ୍ନପତ୍ର ଉତ୍ତୋଳିତ ହେବ ଏବଂ କଣ୍ଟ୍ରୋଲ ରୁମ୍‌ରୁ ଭାଇରାଲ୍ ହେବା ନେଇ ଖୋଦ୍ ହବ୍‌ର ସୁପରିଟେଣ୍ଡେଣ୍ଟ ଆଶଙ୍କା ପ୍ରକାଶ କରିବା ପରେ ପ୍ରଶ୍ନପତ୍ର ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପରୀକ୍ଷା ହଲ୍‌ରେ ଲାଗିଥିବା ସିସିଟିଭି ହାଇ-ରିଜୋଲ୍ୟୁସନ୍‌ର ହୋଇଥିଲେ ବା ଛୋଟ କୋଠରିରେ ପରୀକ୍ଷା ହେଉଥିଲେ, ପ୍ରଶ୍ନପତ୍ର ସିସିଟିଭି କ୍ୟାମେରାରେ କଏଦ୍ ହେବ। ସିସିଟିଭି କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଥିବା ବ୍ୟକ୍ତି ଚାହିଁଲେ, ପ୍ରଶ୍ନପତ୍ରକୁ ସେଠାରୁ କପି କରି ପରୀକ୍ଷା ସମୟରେ ହିଁ ଜାଣିପାରିବେ। ପ୍ରଶ୍ନର ଉତ୍ତର ବାହାର କରି ପିଲାଙ୍କୁ ଦେଇପାରିବେ। ଅସାଧୁ ଅଧ୍ୟାପକ ଓ କର୍ମଚାରୀମାନେ ଏପରି କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ବୋଲି ବିଜେବି ଜୁନିଅର କଲେଜ ଅଧ୍ୟକ୍ଷ ଡକ୍ଟର ରଂଜନ ବଳ କହିଛନ୍ତି। ପ୍ରଶ୍ନପତ୍ର ଜଗିବାକୁ ବ୍ୟାପକ ପଦକ୍ଷେପ ନିଆଯାଉଥିବାବେଳେ ଏହି ଗଳାବାଟକୁ ଜଗିବାକୁ କୌଣସି ବ୍ୟବସ୍ଥା ନାହିଁ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି।

ଅପରପକ୍ଷରେ, ଏହି ପ୍ରକ୍ରିୟାରେ ପ୍ରଶ୍ନପତ୍ର ଭାଇରାଲ୍ ହେଲେ ହବ୍ ବା ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଅଧ୍ୟାପକମାନେ ହରଡ଼ଘଣାରେ ପଡ଼ିବେ। ଏଣୁ, ସିସିଟିଭି କଣ୍ଟ୍ରୋଲ୍ ରୁମ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ଗାଇଡ଼ଲାଇନ୍ ସହ ସିସିଟିଭି ମାଧ୍ୟମରେ ପ୍ରଶ୍ନପତ୍ର ଯେପରି ପ୍ରଘଟ ନ ହେବ, ସେଥିପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଡ. ବଳ ଦାବି କରିଛନ୍ତି। ଏ ସମ୍ପର୍କରେ ଉଚ୍ଚ ମାଧ୍ୟମିକ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ଯେ ପରୀକ୍ଷା ହଲ୍‌ରେ ଲାଗିଥିବା ସିସିଟିଭିକୁ ଜୁମ୍ କରାଯାଇପାରିବ ନାହିଁ। ସେହିପରି ପରୀକ୍ଷା ସମୟରେ ସିସିଟିଭି କେବଳ ସୁପରିଟେଣ୍ଡେଣ୍ଟଙ୍କ ତତ୍ତ୍ୱାବଧାନରେ ରହୁଥିବାରୁ ପ୍ରଶ୍ନପତ୍ର ବାହାରକୁ ଆସିବାର କୌଣସି ସମ୍ଭାବନା ନାହିଁ।

## ବିଳମ୍ବରେ ପହଞ୍ଚିବ ପ୍ରଶ୍ନପତ୍ର

ଭୁବନେଶ୍ୱର, ୯ ।୨(ସମିସ): ଯୁକ୍ତ ୨ ପରୀକ୍ଷା ପାଇଁ ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚିବାରେ ବିଳମ୍ବ ହେବ। ଆସନ୍ତା ୧୨ ତାରିଖରେ ୧୦ ଟି ଶ୍ରମିକ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡ଼ାକରା ଦେଇଥିବା ଦୃଷ୍ଟିରୁ ପ୍ରଶ୍ନପତ୍ର ଦିନେ ବିଳମ୍ବରେ ବାହାରିବ। ଫଳରେ ସାମାନ୍ୟ ବିଳମ୍ବ ହେବ। ମାତ୍ର ଏହା ପରୀକ୍ଷା ପ୍ରକ୍ରିୟାକୁ କୌଣସି ପ୍ରକାରେ ପ୍ରଭାବିତ କରିବ ନାହିଁ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ପରୀକ୍ଷା ପାଇଁ ହବ୍‌କୁ ଦୁଇଟି ପର୍ଯ୍ୟାୟରେ ପ୍ରଶ୍ନପତ୍ର ପହଞ୍ଚାଇବାକୁ ଯୋଜନା ହୋଇଛି। ମୋଟ୍ ୨୧୧ ଟି ପରୀକ୍ଷା ପରିଚାଳନା ହବ୍ (ଇଏମ୍‌ଏଚ୍‌ଏସ୍) ହୋଇଥିବାବେଳେ ଆସନ୍ତା ୧୨ ବଦଳରେ ୧୩ ତାରିଖରୁ ପ୍ରଥମ ପର୍ଯ୍ୟାୟ ପ୍ରଶ୍ନପତ୍ର ପ୍ରେରଣ କରାଯିବ। ସେହିପରି ମାର୍ଚ୍ଚ ୪ ରୁ ୬ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶ୍ନପତ୍ର ହବ୍‌କୁ ପ୍ରେରଣ କରାଯାଇଥିବା ପରଶ୍ନପତ୍ର ୭ ତାରିଖ ସୁଦ୍ଧା ପହଞ୍ଚିବ।

## ଫେବୃଆରୀ ୧୯ରୁ ମାଟ୍ରିକ ପରୀକ୍ଷା

**ପରୀକ୍ଷା ଦେବେ ୫.୬୧ ଲକ୍ଷ ଛାତ୍ରଛାତ୍ରୀ**

କଟକ, ୯।୨ (ସମିସ): ଆସନ୍ତା ଫେବୃଆରୀ ୧୯ ତାରିଖରୁ ରାଜ୍ୟରେ ମାଟ୍ରିକ ପରୀକ୍ଷା ସହ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ମୋଟ ୫ଲକ୍ଷ ୬୧ହଜାର ୯୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ସାରା ରାଜ୍ୟରେ ୩୦୮୨ଟି ପରୀକ୍ଷା କେନ୍ଦ୍ର ସହ ୩୨୨ଟି ନୋଡାଲ ସେଣ୍ଟର ସ୍ଥାପନ କରାଯାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ପରୀକ୍ଷାର୍ଥୀଙ୍କ ସଂଖ୍ୟା ପ୍ରାୟ ୫୦ ହଜାର ବୃଦ୍ଧି ପାଇଥିବାରୁ ବୋର୍ଡ ପକ୍ଷରୁ ଅଧିକ ୫୦ଟି ନୂତନ ପରୀକ୍ଷା କେନ୍ଦ୍ର ବୃଦ୍ଧି କରାଯାଇଛି। ପରୀକ୍ଷା ପ୍ରତିଦିନ ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ।

- ୩୨୨ଟି ନୋଡାଲ ସେଣ୍ଟରରେ ରହିବ ପ୍ରଶ୍ନପତ୍ର
- ମାଓ ଅଞ୍ଚଳରେ କରାଯିବ ସଶସ୍ତ୍ର ପୁଲିସ ମୁତୟନ
- ଜିପିଏସ୍ ଦ୍ୱାରା ପ୍ରଶ୍ନପତ୍ର ଗାଡ଼ି ଉପରେ ନଜର

ପରୀକ୍ଷା ପରିଚାଳନା ପାଇଁ ପ୍ରଶ୍ନପତ୍ର ପଠାଇବା ପ୍ରକ୍ରିୟା ଫେବୃଆରୀ ୧୦ତାରିଖରୁ ଆରମ୍ଭ ହୋଇ ୧୭ତାରିଖ ପର୍ଯ୍ୟନ୍ତ ଜାରି ରହିବ। ପ୍ରଥମ ପର୍ଯ୍ୟାୟରେ ୪ଟି ଜିଲ୍ଲାକୁ ପ୍ରଶ୍ନପତ୍ର ପଠାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ପ୍ରଶ୍ନପତ୍ର ଓ ଅନ୍ୟାନ୍ୟ ଗୋପନୀୟ ସାମଗ୍ରୀ ନେଇ ଯାଉଥିବା ଗାଡ଼ିଗୁଡ଼ିକରେ ଜିପିଏସ୍ ବ୍ୟବସ୍ଥା କରାଯାଇଛି, ଯାହାଦ୍ୱାରା ବୋର୍ଡ କାର୍ଯ୍ୟାଳୟରୁ ସେଗୁଡ଼ିକର ଗତିବିଧି ଉପରେ ନଜର ରଖାଯାଇପାରିବ। ଏହି ଡେସପ୍ୟାଚ୍ ଟିମ୍ ସହ ସଶସ୍ତ୍ର ପୁଲିସ ବଳ ମଧ୍ୟ ମୁତୟନ ରହିବେ। ନୋଡାଲ ସେଣ୍ଟରଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚିବା ପରେ ସେଠାରେ ଏଆଇ ସିସି କ୍ୟାମେରା ଜରିଆରେ କଡ଼ା ନଜର ରଖାଯିବ।

ରାଜ୍ୟର ମାଓ ଅଧ୍ୟୁଷିତ ଅଞ୍ଚଳରେ ଥିବା ୧୭ଟି ପରୀକ୍ଷା କେନ୍ଦ୍ର ପାଇଁ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି। ଏଥି ମଧ୍ୟରୁ କନ୍ଧମାଳରେ ୧୦ଟି ଏବଂ ମାଲକାନଗିରିରେ ୭ଟି କେନ୍ଦ୍ର ରହିଛି। ଏହି କେନ୍ଦ୍ରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସମ୍ପୃକ୍ତ ଜିଲ୍ଲାର ଏସପିଙ୍କ ସହ ଆଲୋଚନା କରିଛନ୍ତି। ସମ୍ବେଦନଶୀଳ କେନ୍ଦ୍ରଗୁଡ଼ିକର ୧୦୦ମିଟର ପରିଧି ମଧ୍ୟରେ ଅଯଥା ଭିଡ଼ ରୋକିବାକୁ କଟକଣା ଜାରି ହେବ। ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ତଦାରଖ କରାଯିବ।

ପରୀକ୍ଷାକୁ ସ୍ୱଚ୍ଛ କରିବା ସହ ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ବୋର୍ଡ ପକ୍ଷରୁ ଅଭିନବ ପଦକ୍ଷେପ ନିଆଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ହାଇ-ଡେଫିନେସନ୍ ସିସି କ୍ୟାମେରା ଲଗାଯିବା ସହ ପ୍ରଶ୍ନପତ୍ରରେ ସ୍ୱତନ୍ତ୍ର ୱାଟର୍‌ମାର୍କ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସମୟରେ କୌଣସି ଶିକ୍ଷକ କିମ୍ବା ପରୀକ୍ଷାର୍ଥୀ କେନ୍ଦ୍ର ମଧ୍ୟକୁ ମୋବାଇଲ୍ ଫୋନ୍ ନେଇପାରିବେ ନାହିଁ। ଯଦି କୌଣସି ପରୀକ୍ଷାର୍ଥୀ ଜରୁରୀ ପରିସ୍ଥିତିରେ ୫ମିନିଟ୍ ବିଳମ୍ବରେ ପହଞ୍ଚନ୍ତି, ତଥାପି ସେମାନଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ। ବର୍ତ୍ତମାନ ବୋର୍ଡର ଷ୍ଟ୍ରଙ୍ଗ୍ ରୁମ୍‌ରେ ପ୍ରଶ୍ନପତ୍ର ଚାରିସ୍ତରୀୟ ସୁରକ୍ଷା ମଧ୍ୟରେ ସିଲ୍ ହୋଇ ରହିଛି।

## ୩୫ ଡିଗ୍ରୀ ଛୁଇଁଲା ତାତି

ଭୁବନେଶ୍ୱର, ୯।୨(ସମିସ): ରାଜ୍ୟରେ ଦିନର ତାପମାତ୍ରା ବଢ଼ିବାରେ ଲାଗିଛି। ସୋମବାର ତାଳଚେରରେ ତାପମାତ୍ରା ୩୫ ଡିଗ୍ରୀ ଛୁଇଁଛି। ଏହାସହିତ ପାରଳାଖେମୁଣ୍ଡିରେ ତାପମାତ୍ରା ୩୩.୨ ଡିଗ୍ରୀ ରେକର୍ଡ ହେବା ସଙ୍ଗେ ସଙ୍ଗେ ଢେଙ୍କାନାଳରେ ୩୨.୪ ଓ ଝାରସୁଗୁଡ଼ାରେ ତାପମାତ୍ରା ୩୨.୬ ଡିଗ୍ରୀ ରେକର୍ଡ ହୋଇଛି। କ୍ରମାଗତ ଭାବେ ସୂର୍ଯ୍ୟଙ୍କ କିରଣ ପ୍ରଖର ହେବା ସହିତ ଏବେ ବାୟୁମଣ୍ଡଳରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରଭାବ କମୁଛି। ତେଣୁ ଧୀରେ ଧୀରେ ଶୁଷ୍କ ବାୟୁ ସାଙ୍ଗକୁ ସୂର୍ଯ୍ୟ କିରଣ ଯୋଗୁଁ ତାପମାତ୍ରା ବଢ଼ିବାରେ ଲାଗିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଭୁବନେଶ୍ୱର ସମେତ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ବଢ଼ିବା ସହ କିଛି ସ୍ଥାନରେ ତାତି ୩୭ ଡିଗ୍ରୀ ଛୁଇଁବାର ଆକଳନ କରାଯାଉଛି। ଅନ୍ୟପଟେ ଦିନ ଭଳି ଏଣିକି ରାତିର ତାପମାତ୍ରାରେ ମଧ୍ୟ ବୃଦ୍ଧି ଘଟିବ। ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ରାତିର ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବାକୁ ଥିବାରୁ ଥଣ୍ଡାର ପ୍ରଭାବ ହ୍ରାସ ପାଇବ। ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ ମଙ୍ଗଳବାର ରାତିରେ ପୁରୀରେ ତାପମାତ୍ରା ୧୯ ଡିଗ୍ରୀ, ଭଦ୍ରକ, ଛତ୍ରପୁର ଓ ଗୋପାଳପୁରରେ ୧୭ ଡିଗ୍ରୀ ସେଲସିୟସ ରହିପାରେ।

**ହାତୀଦାନ୍ତ ଚାଲାଣ**

## ୪ ମାଫିଆଙ୍କୁ ଜେଲ୍

ବାରିପଦା, ୯ ।୨(ସମିସ): ଏକ ହାତୀଦାନ୍ତ ଚାଲାଣ ମାମଲାର ବିଚାର କରି ଜିଲ୍ଲା ଦୌରାଜଜ୍ କୋର୍ଟ ୪ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଜେଲ୍ ଓ ୨୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୯ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେମାନେ ହେଲେ, ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂହଭୂମ ଜିଲ୍ଲା ଅନ୍ତର୍ଗତ ଗଣ୍ଡାନେଟା ଅଞ୍ଚଳର ମଙ୍ଗଳ ସୋରେନ, ଚାକୁଳିଆ ଅଧୀନ କାଣିମହୁଲି ଗ୍ରାମର ବିଜୟ ହାଁସଦା, ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଡାହିସାହି ଅଞ୍ଚଳର ବିର୍ସା ମୁର୍ମୁ ଓ ପାଟଗଡ଼ିଆ ଅଞ୍ଚଳର ଯୋଗେଶ୍ୱର ନାଏକ। ସୂଚନା ମୁତାବକ, ୨୦୨୫ ଜାନୁଆରୀ ୨୨ରେ ବନ ବିଭାଗ ଏମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଦେଉଳି ବନାଞ୍ଚଳର ୪୯ନଂ ଜାତୀୟ ରାଜପଥର ଭୁରୁଷାଣି ଛକରେ ହାତୀଦାନ୍ତ ବିକ୍ରି ପାଇଁ ଉଦ୍ୟମ କରୁଥିବା ବେଳେ ବନବିଭାଗ ସେଠାରେ ଚଢ଼ଉ କରି ଦୁଇଟି ହାତୀଦାନ୍ତ ଓ ବାଇକ୍ ଜବତ କରିଥିଲା। ଏନେଇ ଦେଉଳି ରେଞ୍ଜ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ଅତିରିକ୍ତ ପିପି ବଜେନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

**ସର୍ଭିସ୍ ବନ୍ଧୁକରୁ ନିଜକୁ ଗୁଳି**



## ସିଆର୍‌ପିଏଫ୍ ହାବିଲଦାରଙ୍କ ଆତ୍ମହତ୍ୟା

ରାଉରକେଲା, ୯।୨(ସମିସ): ରାଉରକେଲା ପୁଲିସ ଜିଲ୍ଲା ଲାଠିକଟା ଥାନା ମତକମଝରନ୍ ସିଆରପିଏଫ୍ କ୍ୟାମ୍ପରେ ଆଜି ସକାଳେ ଜଣେ ସିଆରପିଏଫ୍ ହାବିଲଦାର ନିଜ ସର୍ଭିସ୍ ବନ୍ଧୁକରୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ମୃତ ସିଆର୍‌ପିଏଫ୍ ହାବିଲଦାରଜଣଙ୍କ ହେଲେ, ଉତ୍ତରପ୍ରଦେଶର ସୁଭାଷ ପ୍ରସାଦ (୫୬)। କେଉଁ କାରଣରୁ ସେ ଆତ୍ମହତ୍ୟା କଲେ, ତାହା ଅସ୍ପଷ୍ଟ ରହିଥିବା ବେଳେ ପାରିବାରିକ କାରଣରୁ ଏପରି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଲାଠିକଟା ଥାନା ଅଧିକାରୀ ବିକ୍ରମ କେଶରୀ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଶବ ବ୍ୟବଚ୍ଛେଦ କରାଯାଇ ସୋମବାର ସନ୍ଧ୍ୟାରେ ସିଆରପିଏଫ ବିଭାଗକୁ ଶବ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଗତ ଅକ୍ଟୋବରରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଗତିବିଧି ବୃଦ୍ଧି ପାଇଥିବାରୁ ତାହାକୁ ପ୍ରତିହତ କରିବାକୁ ଏହି କ୍ୟାମ୍ପ ପ୍ରତିଷ୍ଠା କରାଯାଇଥିଲା। କ୍ୟାମ୍ପକୁ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଉଦ୍‌ଘାଟନ କରିଥିବା ବେଳେ ରାଉରକେଲା ଏସ୍‌ପି ନୀତେଶ ୱାଧୱାନି ମଧ୍ୟ ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ସେତେବେଳେ ସେଠାରେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ସ୍କୁଲ ପିଲାଙ୍କୁ ପାଠ୍ୟପୁସ୍ତକ ମଧ୍ୟ ବଣ୍ଟନ କରାଯାଇଥିଲା।

## ବ୍ୟାଙ୍କର ଅସହଯୋଗ; 'ସୂର୍ଯ୍ୟଘର' ଅନ୍ଧାର

ଭୁବନେଶ୍ୱର, ୯।୨ (ସମିସ): ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଛାତ ଉପରେ ବିଜୁଳି ଉତ୍ପାଦନ ପାଇଁ କେନ୍ଦ୍ରଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ବ୍ୟାପକ ସବସିଡି ପ୍ରଦାନ କରୁଛନ୍ତି। ଏହାସତ୍ତ୍ୱେ ଓଡ଼ିଶାରେ ଏହି ଯୋଜନା ସେମିତି ଆଖିଦୃଶିଆ ଅଗ୍ରଗତି ହାସଲ କରିପାରୁ ନାହିଁ। ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଓଡ଼ିଶାରେ ୧.୫ ଲକ୍ଷ ଏବଂ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟରେ ୩ ଲକ୍ଷ ରୁଫଟପ୍ ସୋଲାର ପ୍ୟାନେଲ ଲଗାଇବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ଟାର୍ଗେଟ ଦେଇଛନ୍ତି। ମାତ୍ର ଡିସେମ୍ବର ଶେଷ ସୁଦ୍ଧା ଓଡ଼ିଶାରେ ୨୭୬୧୪ଟି ପ୍ୟାନେଲ ଲାଗିପାରିଛି। ସୂର୍ଯ୍ୟଘର ଯୋଜନାର ଏପରି ବିଫଳତା ପଛରେ ବ୍ୟାଙ୍କଗୁଡ଼ିକର ଅସହଯୋଗ ପ୍ରମୁଖ କାରଣ ବୋଲି କୁହାଯାଉଛି।

ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଅଭିଯୋଗ ଅନୁଯାୟୀ ସୂର୍ଯ୍ୟଘର ଯୋଜନାରେ ବ୍ୟାଙ୍କରୁ ଋଣ ଆଣିବାକୁ କୌଣସି ହିତାଧିକାରୀ ଆବେଦନ କଲେ ବ୍ୟାଙ୍କ କର୍ତ୍ତୃପକ୍ଷ ସହଯୋଗ କରୁନାହାନ୍ତି। ଘରୋଇ ବ୍ୟାଙ୍କଗୁଡ଼ିକ ଆଦୌ ଏହି ବ୍ୟବସ୍ଥା ମଧ୍ୟରେ ପ୍ରବେଶ କରିବାକୁ ନାରାଜ। ଏପଟେ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକ ପୂର୍ବରୁ ଥିବା ଋଣ ଖିଲାପ ରେକର୍ଡ, କାଗଜପତ୍ରରେ ନାନାଦି ସମସ୍ୟାର ଆଳ ଦେଖାଇ ବ୍ୟାଙ୍କ ପକ୍ଷରୁ ହିତାଧିକାରୀଙ୍କୁ ଋଣ ଦେବାକୁ ସିଧାସିଧା ମନା କରାଯାଉଛି। ହିତାଧିକାରୀଙ୍କ ମତ ଅନୁଯାୟୀ ରୁଫଟପ୍ ସୋଲାର ପ୍ୟାନେଲରେ ୧ କିଲୋୱାଟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୫ ହଜାର ଟଙ୍କାର ସବସିଡି ପ୍ରଦାନ କରୁଛନ୍ତି।



**ବିଭିନ୍ନ ଆଳ ଦେଖାଇ ଋଣ ଦେବାକୁ ମନା କରୁଛନ୍ତି**

**ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ଲାଗିଛି ମାତ୍ର ୨୭୬୧୪ଟି ପ୍ୟାନେଲ**

ସେହିପରି ୨ କିଲୋୱାଟ ପାଇଁ ୧.୧୦ ଲକ୍ଷ ଏବଂ ୩ କିଲୋୱାଟ ପାଇଁ ୧.୩୮ ଲକ୍ଷ ଟଙ୍କା ସବସିଡି ପ୍ରଦାନ କରୁଛନ୍ତି। ତେବେ ଏହି ସବସିଡି ଅର୍ଥ ପ୍ୟାନେଲ ଲଗାଯିବା ପରେ ହିତାଧିକାରୀଙ୍କ ଖାତାକୁ ଆସୁଛି। ଯାହାକୁ ହିତାଧିକାରୀ ଶୁଝିଦେବା ପରେ ହିତାଧିକାରୀଙ୍କୁ ବ୍ୟାଙ୍କକୁ ଋଣ ବାବଦରେ ସୁଝିବାକୁ ମାତ୍ର ଅଳ୍ପ କିଛି ଅର୍ଥ ବଳକା ଭାବେ ରହିଯାଉଛି। ତେଣୁ ହିତାଧିକାରୀଙ୍କ ନିକଟରୁ ସୁଧ ବାବାଦରେ ବ୍ୟାଙ୍କକୁ ସେପରି କିଛି ଲାଭ ମିଳୁନଥିବା ହେତୁ ବ୍ୟାଙ୍କମାନେ ଏଥିରୁ ପଛଘୁଞ୍ଚା ଦେଉଥିବା ମତପ୍ରକାଶ ପାଇଛି। ଫଳସ୍ୱରୂପ ରାଜ୍ୟରେ ଏହି ଯୋଜନା ବିଶେଷ ଭାବେ ଆଗେଇ ପାରୁନଥିବା ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ସର୍ବଭାରତୀୟସ୍ତରରେ ଓଡ଼ିଶା ସୋଲାର ପ୍ୟାନେଲ ଲଗାଇବାରେ ୧୨ତମ ସ୍ଥାନରେ ରହିଥିବା ବେଳେ ଅନେକ ଛୋଟ ରାଜ୍ୟ ଓଡ଼ିଶା ଉପରେ ରହିଛନ୍ତି। କେରଳ, ଆସାମ ଓ ଉତ୍ତରାଖଣ୍ଡର ସଫଳତା ହାର ଓଡ଼ିଶାଠାରୁ ଅଧିକ। କେରଳରେ ଗତ ଡିସେମ୍ବର ଶେଷ ସୁଦ୍ଧା ୧ ଲକ୍ଷ ୭୭ ହଜାର ୩୯୨ଟି ରୁଫଟପ୍ ସୋଲାର ପ୍ୟାନେଲ ଲାଗିସାରିଛି। ସେହିପରି ଆସାମରେ ୭୧୮୯୮, ଉତ୍ତରାଖଣ୍ଡରେ ୫୮୫୬୨ଟି ପ୍ୟାନେଲ ଲାଗି ସାରିଛି। ଆୟତନ, ଆର୍ଥିକ ସମ୍ବଳ ଦୃଷ୍ଟିରୁ ଉପରୋକ୍ତ ରାଜ୍ୟଗୁଡ଼ିକ ଓଡ଼ିଶାଠାରୁ ବେଶ୍ ପଛରେ ଥିବାବେଳେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଅପେକ୍ଷା ବେଶ୍ ସଚେତନ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ସମାନ ସମୟରେ ଓଡ଼ିଶାରେ ଏନେଇ ନିରାଶାଜନକ ପ୍ରଦର୍ଶନ ରାଜ୍ୟ ଶକ୍ତି ବିଭାଗ ଏବଂ ବିତରକ କମ୍ପାନୀର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକୃତରେ ଯଦି ରାଜ୍ୟ ସରକାର ଏବଂ ଶକ୍ତି ବିଭାଗ ଏହି ଯୋଜନା ଯେପରି ଅଧିକ ଆଦୃତ ହୋଇପାରିବ, ସେନେଇ ଚାହାନ୍ତି ତାହେଲେ ବ୍ୟାଙ୍କ ଗୁଡ଼ିକ ଉପରେ ଲଗାମ କଷନ୍ତୁ। ଯେପରି ବିନା ଦ୍ୱିଧାରେ ହିତାଧିକାରୀ ବ୍ୟାଙ୍କରୁ ଋଣ ହାସଲ କରିପାରିବେ ସେନେଇ ରାଜ୍ୟ ସରକାର ତ୍ୱରିତ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।




## ଜଳସେଚନ ବିଭାଗ କାର୍ଯ୍ୟାବଳୀର ମାସିକ ସମୀକ୍ଷା

# ସମୟସୀମା ମଧ୍ୟରେ କାମ ସାରିବାକୁ ନିର୍ଦ୍ଦେଶ

ନୂଆପଡ଼ା, ୯ ।୨(ସମିସ)

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଜଳସେଚନ ବିଭାଗ (ମଧ୍ୟମ ଜଳସେଚନ ପ୍ରକଳ୍ପ) ର କାର୍ଯ୍ୟାବଳୀର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ରୋହିତ ଅଗ୍ରୱାଲ କାର୍ଯ୍ୟ ଖସଡ଼ା ଓ ସଫଳତାର ବିବରଣୀ ଉପସ୍ଥାପନା କରିଥିଲେ। ସର୍ବ ପ୍ରଥମେ, ନୂଆପଡ଼ା ଜିଲ୍ଲାର ସଫଳ ରବି ଜଳସେଚନ ବିଷୟରେ ସମ୍ୟକ ଭାବେ ଆଲୋଚନା କରାଯାଇଥିଲା। ବିଭାଗ ଦ୍ୱାରା ଖରିଫ ଋତୁରେ ୨୨୬୨୫ ଏବଂ ରବି ଋତୁରେ ୬୯୭୪ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଛି। ଏହାଦ୍ୱାରା ୧୧୮ ଟି ଗ୍ରାମର ଚାଷୀ ୫୨ ଟି ପାଣି ପଞ୍ଚାୟତ ଦ୍ୱାରା ଉପକୃତ ହେଉଛନ୍ତି।



ଜିଲ୍ଲାପାଳଙ୍କ ପୂର୍ବ ସମୀକ୍ଷା ବୈଠକରେ ୩ଟି ସର୍ଭିସ ରୋଡ଼, ୫ ଗୋଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟ, ସାଇପଲା ନଦୀବନ୍ଧର ଉନ୍ନତୀକରଣ, ୬ ଗୋଟି ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ଲାଇନିଙ୍ଗ, ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଗୁଣବତ୍ତାକୁ ବଜାୟରଖି ସମୟସୀମା ମଧ୍ୟରେ ସମ୍ପାଦନ କରିବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେଥିମଧ୍ୟରୁ ୧ଟି ସର୍ଭିସ ରୋଡ କାମ ସମାପ୍ତ ହୋଇ ସାରିଛି। ଅନ୍ୟଦୁଇ ଗୋଇଟି ସର୍ଭିସ ରୋଡ ୭୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। କେନାଲ ଲାଇନିଙ୍ଗ, ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ୯୦ ପ୍ରତିଶତ ହୋଇ ସାରିଛି। ବଳକା କାର୍ଯ୍ୟଗୁଡ଼ିକୁ ମଧ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୪ଟି କାର୍ଯ୍ୟର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବର୍ତ୍ତମାନ, ଏହି କାର୍ଯ୍ୟର ଡିପିଆର ଓ ଖର୍ଚ୍ଚ ଆକଳନ ପାଇଁ ଉକ୍ତ ସ୍ଥାନଗୁଡିକର ସର୍ଭେ କାର୍ଯ୍ୟ ଜାରି ରହିଛି। ଏହା ସରିଲା ପରେ ଉକ୍ତ ପ୍ରକଳ୍ପଗୁଡ଼ିକ ପ୍ରାୟତଃ ଜୁନ୍ ମାସରେ ଆରମ୍ଭ ହେବାର ସମ୍ଭାବନା ଅଛି। ଏହି ବୈଠକରେ ନୂଆପଡ଼ା ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟ ରଞ୍ଜନ ନାୟକ, ସହକାରୀ ଯନ୍ତ୍ରୀ ଜ୍ୟୋତିର୍ମୟୀ ଦାସ, ବିଘ୍ନେଶ୍ୱର ପ୍ରଧାନ, ସୁଶାନ୍ତ କିସାନ୍, ସୌରଭ ରଞ୍ଜନ ପ୍ରଧାନ, ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା

# ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାପାଙ୍କ ଗୁହାରୀ

**କୋମନା, ୯ ।୨ (ସମିସ):** ବାଇକ୍ ଆରୋହୀଙ୍କ ବେପରୁଆ ଗାଡ଼ି ଚାଳନା ଆଜି ଏକ ହସଖୁସିର ପରିବାରକୁ ଛାରଖାର କରିଦେଇଛି। ଦୁର୍ଘଟଣାରେ ପୁଅକୁ ହରାଇବା ପରେ ଏବେ ବୃଦ୍ଧ ବାପା ନିଜର ଗୁଜରାଣ ମେଣ୍ଟାଇବା ପାଇଁ ସଂଘର୍ଷ କରୁଛନ୍ତି। ଏଭଳି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ସ୍ଥିତ ଅଡାର ଗ୍ରାମରେ। ଅଡାର ଗ୍ରାମର କେଡା ମାଝୀଙ୍କ ପୁଅ ଗୋବର୍ଦ୍ଧନ ମାଝୀ, ୨୦୨୫ ନଭେମ୍ବର ୩୦ରେ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା କୁରଲୁମାଲ ସ୍ଥିତ ନିଜ ବଡ଼ ଭାଇଙ୍କ ଶଶୁର ଘରକୁ ଯାଇଥିଲେ। ସେଠାରେ ଏକ ଅଜଣା ବାଇକ ତାଙ୍କୁ ଜୋରରେ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଗୋବର୍ଦ୍ଧନ ଗୁରୁତର ଆହତ ହେବା ପରେ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପ୍ରଥମେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ପରେ ପଡ଼ୋଶୀ ରାଜ୍ୟର ମହାସମୁନ୍ଦକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଦୁର୍ଭାଗ୍ୟବଶତଃ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୋବର୍ଦ୍ଧନଙ୍କ ମୃତ୍ୟୁ ଘଟିଥିଲା। ଅପରପଟରେ ଘରର ରୋଜଗାରିଆ ପୁଅକୁ ହରାଇବା ପରେ ବାପା କେଡା ମାଝୀ ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଆର୍ଥିକ ଅବସ୍ଥା ଅତି ଦୟନୀୟ ଥିବାରୁ ଶବ ସତ୍କାର ଠାରୁ ଆରମ୍ଭ କରି ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ମୋ ପୁଅ ଚାଲିଗଲା, ଏବେ ମୁଁ କେମିତି ବଞ୍ଚିବି? ସରକାର କିଛି ସାହାଯ୍ୟ କଲେ ମୋ ଭଳି ଗରିବ ଲୋକଟିଏ ଉପକୃତ ହୁଅନ୍ତା, ବୋଲି କୋହଭରା କଣ୍ଠରେ କହିଛନ୍ତି କେଡା ମାଝୀ। ଏହି ପରିପ୍ରେକ୍ଷୀରେ, ସେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।



# ଫଟୋ ଷ୍ଟୁଡିଓରୁ ଚୋରି

**ଗୋଲାମୁଣ୍ଡା, ୯ ।୨(ସମିସ):** କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଅଧୀନ ମହାଲିଙ୍ଗ ଠାରେ ଥିବା ଆଦି ଫଟୋ ଷ୍ଟୁଡିଓରୁ କାଲିରାତିରେ ଚୋରି ହୋଇଥିବା ନେଇ ଦୋକାନୀ ଥାନାରେ ଏତଲା ଦେଇଛି। ମକ୍ରାଗୁଡା ଗ୍ରାମର ଆଦିତ୍ୟ ବାଗ ପ୍ରତ୍ୟେକ ଦିନ ଭଳି ଫଟୋ ଷ୍ଟୁଡିଓକୁ ରାତ୍ରି ୧୦ଟା୩୦ ରେ ବନ୍ଦ କରି ନିଜ ଘରକୁ ଫେରି ଆସିଲେ। ସକାଳ ୮ ଘଣ୍ଟା ରେ ଦେଖିବାକୁ ପାଇଲେ ଯେ ଦୋକାନରୁ ୪ ଲକ୍ଷ ଦାମ ର କ୍ୟାମେରା ଓ ଡ୍ରୋନ କେମେରା ଏବଂ ନଗଦ ୬୫ ହଜାର ଟଙ୍କା ଚୋରି ହୋଇଯାଇଛି। ଏନେଇ ସେ କେଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ପୁଲିସ ମାମଲା ରୁଜୁ କରି ଛାନଭିନ କରୁଥିବା ଜଣାପଡ଼ିଛି।

# ଜଗନ୍ନାଥ ମନ୍ଦିର ବାର୍ଷିକ ଉତ୍ସବ ପ୍ରସ୍ତୁତି

**ସିନାପାଲି, ୯ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲିସ୍ଥିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ତଥା ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାର୍ଷିକ ଉତ୍ସବ ନେଇ ଆଲୋଚନା ହୋଇଥିଲା। ନାମଯଜ୍ଞରେ ଅଂଶଗ୍ରହଣ ନିମିତ୍ତ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର, ବରଗଡ଼ ସମେତ ଛତିଶଗଡ଼ ଅଞ୍ଚଳରୁ ପ୍ରାୟ ଚଉଦଟି ନାମକରା ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ଯୋଗଦାନ କରିବେ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

# ସିନାପାଲି ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ସିନାପାଲି, ୯ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଦ୍ୱାରିକା ନାଥ ଶତପଥୀ, ବ୍ଲକ ଉପାଧକ୍ଷା ମୀନା ଘିବେଲା, ବିଡିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀ, ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ନୂଆପଡ଼ାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ସିନାପାଲି ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ ତଥା ଗ୍ରାମ ଗୁଡିକରୁ ୬୩ ଟି ବ୍ୟକ୍ତିଗତ ଓ ୧୦ ଟି ସାମୂହିକ ମୋଟ ୭୩ଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା। ଶିବିରରେ ହାତିବନ୍ଧା ଗ୍ରାମର ଅସହାୟ ମହିଳା ହେମକାନ୍ତା ମେହେରଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ଦଶ ହଜାର ଟଙ୍କା ତତ୍କାଳୀନ ସହାୟତା ଯୋଗାଇ ଦିଆଯାଇ ଥିଲା। ଶୁଣାଣି ଶିବିର ଉପଲକ୍ଷେ ଘୁଚାଗୁଡ଼ା ପଞ୍ଚାୟତରେ ଏକ ରକ୍ତଦାନ ଶିବିର ଓ ଝାରବନ୍ଧ ଗ୍ରାମପଞ୍ଚାୟତରେ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଓ ପ୍ରବାସୀ ଶ୍ରମିକ ନିରାକରଣ ନିମିତ୍ତ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ପାଇଁ ଏକ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।




# ଅବସରପ୍ରାପ୍ତ ନ୍ୟାୟିକ କର୍ମଚାରୀ ମହାସଂଘ ଗଠିତ

**ଭବାନୀପାଟଣା, ୯ ।୨(ସମିସ):** ନିକଟସ୍ଥ ଡାକବାହଲି ଗ୍ରାମ ନିକଟରେ ଏକ ସୌଜନ୍ୟମୂଳକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଆଲୋଚନା ସଭାର ଆୟୋଜନ ହୋଇ ଅବସରପ୍ରାପ୍ତ ନ୍ୟାୟିକ କର୍ମଚାରୀ ତଥା ସମାଜର ଉନ୍ନତି କରିବା ଦିଗରେ ପ୍ରୟାସ କରାଯାଇଥିଲା। ଏଥି ପୂର୍ବରୁ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ ନ୍ୟାୟିକ କର୍ମଚାରୀ ମହାସଂଘ ଗଠନ କରାଯାଇ କର୍ମକର୍ତ୍ତା ଚୟନ ହୋଇଥିଲା। ଅକ୍ଷୟ କୁମାର ଦାସ ଅଧ୍ୟକ୍ଷ, ବଂଶୀଧର ମହାନ୍ତି, ଉପାଧ୍ୟକ୍ଷ ଦିଲୀପ କୁମାର ମହାନ୍ତି କାର୍ଯ୍ୟକାରୀ ସଭାପତି, ପ୍ରଶନ୍ନ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ, ମାନସ ରଞ୍ଜନ ସାହୁ, ମୁଖ୍ୟ ଉପଦେଷ୍ଟା ଏବଂ ଗଦାଧର ପାତ୍ର କୋଷାଧ୍ୟକ୍ଷରେ ଚୟନ କରାଯାଇଥିଲା। ବୟୋଜ୍ୟେଷ୍ଠ ପ୍ରମୋଦ କୁମାର ମିଶ୍ର, ଅକ୍ଷୟ କୁମାର ଦାସ, ବଂଶୀଧର ମହାନ୍ତି, ଜି.କେ. ରାଓ ଓ ଘନଶ୍ୟାମ ଲହଜାଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା।

# ସୌର ପ୍ରକଳ୍ପ ଅଚଳ; ପାଣି ପାଇଁ ଲୋକେ ହନ୍ତସନ୍ତ

**କୋକସରା, ୯ ।୨(ସମିସ):** କୋକସରା ବ୍ଲକ ପୋଡ଼ାଗୁଡ଼ା ଆଁୟତର ରାଜୀବ କଲୋନୀଠାରେ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ୧ ବର୍ଷ ପାଖାପାଖି ହେବ କାମରେ ଆସୁନାହିଁ। ଯାହା ଫଳରେ କଲୋନୀବାସୀ ବିଶୁଦ୍ଧ ପାନୀୟ ଜଳ ଟିକକ ପାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏହି କଲୋନୀରେ ପ୍ରାୟ ୧୫୦ ପରିବାର ରହୁଛନ୍ତି। ସେମାନଙ୍କ ପାନୀୟ ଜଳ ନିମନ୍ତେ ଗୋଟିଏ ନଳକୂପରେ ସୋଲାର ସିଷ୍ଟମ ସାହାଯ୍ୟ ପାଣି ପାଇ ବ୍ୟବସ୍ଥା କରାଯାଇଛି। ହେଲେ ସେଥିରେ ସଂଯୋଗ ରହିଥିବା ସୋଲାର ସିଷ୍ଟମ ଅଚଳ ରହିଥିବା ବେଳେ ନଳକୂପରେ ମଧ୍ୟ ଲୋକଙ୍କ ଆବଶ୍ୟକ ପରିମାଣରେ ପାଣି ନିଅଣ୍ଟ ହେଉଛି। ଆଗକୁ ଗ୍ରୀଷ୍ମ ଋତୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ଉକ୍ତ ଅଚଳ ଥିବା ସୋଲାର ସିଷ୍ଟମକୁ କାର୍ଯ୍ୟକ୍ଷମ କରିବା ନେଇ ରାଜୀବ କଲୋନୀବାସୀନ୍ଦା ଦାବି କରିଛନ୍ତି। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।



# ଯୁଗଯାତ୍ରୀ ସାହିତ୍ୟ ସଂସଦର ଏକକ ସମ୍ପର୍କ ଅଭିଯାନ

**ମ.ରାମପୁର, ୯ ।୨(ସମିସ):** ଯୁଗଯାତ୍ରୀ ସାହିତ୍ୟ ସଂସଦର ଓଡ଼ିଶାର ସାହିତ୍ୟ ଅନୁଷ୍ଠାନମାନଙ୍କୁ ଯୋଡିବା ପାଇଁ ଏକକ ସମ୍ପର୍କ ଅଭିଯାନ ଆସନ୍ତା ୧୬ ଠାରୁ ଆରମ୍ଭ ହେବ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁଗ ଯାତ୍ରୀ ସାହିତ୍ୟ ସଂସଦର ସଭାପତି ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସାହିତ୍ୟ ସଂସଦର ସମ୍ପାଦକ ହେମନ୍ତ ସାହୁ ଉପସ୍ଥିତ ଥିଲେ। 'ଓଡ଼ିଶାର ସାହିତ୍ୟ ଅନୁଷ୍ଠାନ: ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିକୁ ଅବଦାନ' ଶୀର୍ଷକ ରେ ଏକ ପୁସ୍ତକ ପ୍ରକାଶ କରିବାର ଯୋଜନା ରହିଥିବା ପ ସୂଚନା ଦେଇଥିଲେ। ଏହି ଅଭିଯାନ କନ୍ଧମାଳ ଜିଲ୍ଲାରୁ ଆରମ୍ଭ ହୋଇ ପ୍ରତିଦିନ ଗୋଟିଏ ଜିଲ୍ଲା ପରିଭ୍ରମଣ କରି କଳାହାଣ୍ଡିରେ ମାର୍ଚ୍ଚ ମାସ ୧୮ ତାରିଖ ରେ ଶେଷ ହେବାର ଯୋଜନା ରହିଥିବା କହିଥିଲେ।




## ଖରିଆରରୋଡ଼ରେ ଜାତୀୟ କରାଟେ ପରୀକ୍ଷା

# ୨ଜଣଙ୍କୁ ବ୍ଲାକ୍, ୭ଜଣଙ୍କୁ ବ୍ରାଉନ ବେଲ୍ଟ




**ନୂଆପଡ଼ା, ୯ ।୨ (ସମିସ):** ସ୍ଥାନୀୟ ଖରିଆରରୋଡ଼ର ଗଣପତି ପ୍ୟାଲେସରେ ଅନ୍ତର୍ଜାତୀୟ କରାଟେ ଫାଉଣ୍ଡେସନର ସ୍ୱୀକୃତିପ୍ରାପ୍ତ ଏକ ଜାତୀୟସ୍ତରୀୟ ଅନୁଷ୍ଠାନ ଦ୍ୱାରା ଜାତୀୟସ୍ତରୀୟ ବେଲ୍ଟ ପରୀକ୍ଷା ସହ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ରେନସି କାବୁଲି ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟ ଅତିଥି, ଡା.ଅନୀଲ ନାଏକ ମୁଖ୍ୟବକ୍ତା, ଜିଲ୍ଲାପରିଷଦ ସଭ୍ୟା ଉମା ଠାକୁର, ନୂଆପଡ଼ା ବ୍ଲକ ସମିତି ସଂଘ ସଭାପତି ନୀଲକମଳ ଚନ୍ଦ୍ରକାର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୬୦ଜଣ ଛାତ୍ରଛାତ୍ରୀମାନଙ୍କର ବେଲ୍ଟ ପରୀକ୍ଷା ହୋଇଥିଲା। ଏଥିରେ ଖରିଆରରୋଡର ହରିଓମ ନାଏକ ଏବଂ ବେଲଟୁକୁରୀର ରିଷଭ ଚନ୍ଦ୍ରକାରଙ୍କୁ ବ୍ଲାକ ବେଲଟ ପ୍ରଦାନ କରାଯାଇଥିବାବେଳେ ୭ଜଣଙ୍କୁ ବ୍ରାଉନ ବେଲଟ୍ ଦିଆଯାଇଥିବାବେଳେ ୨ଜଣଙ୍କୁ ବାଇଗଣି ବେଲ୍ଟ ପ୍ରଦାନ କରାଯାଇଥିଲା। ବାକି ଖେଳାଳିମାନଙ୍କୁ ୟେଲୋ ବେଲ୍ଟ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ର ବନ୍ଧୁ ବୁଦ୍ଧିଜୀବି, କ୍ରିଡାପ୍ରେମୀ ଯୋଗ ଦେଇଥିଲେ।

## ଟିପିଡବ୍ଲୁଓଡିଏଲର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଚାହାରବାହାଲ ଗ୍ରୀଡ୍ ଚାମ୍ପିଅନ୍

**କୋକସରା, ୯ ।୨(ସମିସ) :** ଟିପିଡବ୍ଲୁଓଡିଏଲ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡ ଅଧୀନରେ ଥିବା ବିଭିନ୍ନ ଇଲେକ୍ଟ୍ରି ଗ୍ରୀଡ୍ ଓ ସବଷ୍ଟେସନକୁ ନେଇ ଉପଖଣ୍ଡସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। କଳାହାଣ୍ଡି ଡିଭିଜନଙ୍କ ଅଧ୍ୟକ୍ଷତାରେ ଚାରବାହାଲ ଉପଖଣ୍ଡସ୍ତରୀୟ ବିଦ୍ୟୁତ ବିଭାଗର ନିର୍ବାହୀ ଅଧିକାରୀ ଦୀପକ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କୋକସରା ବ୍ଲକ ଡଙ୍ଗରିଗୁଡା ଖେଳ ପଡ଼ିଆ ଓ କୁସୁମଖୁଣ୍ଟି ମିନି ଷ୍ଟାଡିୟମଠାରେ ପର୍ଯ୍ୟାୟକ୍ରମେ ୮ ଟି ଦଳକୁ ନେଇ ଖେଳ ପରିଚାଳିତ ହୋଇଥିଲା। ଖେଳରେ ଚାରବାହାଲ, ବଡକୁଟ୍ରୁ, କୋକସରା, ଜୟପାଟଣା, ଧର୍ମଗଡ଼-୧, କଲମପୁର, ଧର୍ମଗଡ଼-୨ ଓ ଜୁନାଗଡ଼ ଭାଗ ନେଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଚାହାରବାହାଲ ଗ୍ରୀଡ ଓ କୋକସରା ଗ୍ରୀଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋକସରା ଗ୍ରୀଡ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫୪ ରନ୍ ର ଟାର୍ଗେଟ ଦେଇଥିଲା। ଜବାବରେ ନିର୍ଦ୍ଧାରିତ ଓଭର ପୂର୍ବରୁ ଚାରବାହାଲ ଟିମ୍ ୫୫ ରନ୍ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ କର୍ମଚାରୀଙ୍କ ମଧ୍ୟରେ ଏକାଗ୍ରତା ଓ ବ୍ୟସ୍ତ ବହୁଳ ଜୀବନରେ ଭାରାକ୍ରାନ୍ତ ବୋଝ ହାଲୁକା କରିବାରେ ଓ କାର୍ଯ୍ୟ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଲୋକନାଥ ଦାସ ଓ ନିର୍ବାହୀଯନ୍ତ୍ରୀ ଆର୍ଯ୍ୟ ପ୍ରାଣ ଶିଳାଦିତ୍ୟ କହିଥିଲେ। ଟୁର୍ଣ୍ଣାମେଣ୍ଟରେ ଧର୍ମଗଡ଼ ବିଦ୍ୟୁତ୍ ବିଭାଗ ନିର୍ବାହୀ ଅଧିକାରୀ ବାଲ୍‌ମୁକୁନ୍ଦ ବିଶ୍ୱାଳ, ଦେବଦତ୍ତ ତ୍ରିପାଠୀ, ବସନ୍ତ କାଣ୍ଡ, ଜିତେନ୍ଦ୍ର ବାଗ, ଜଳଧର ଗହୀର, ଶ୍ରୀକାନ୍ତ ପଟ୍ଟଯୋଶୀ, ରଘୁନାଥ ଦାସ ଯୋଗଦେଇ ଥିଲେ।



# ରକ୍ତଦାନ ଶିବିର; ୧୦ ୟୁନିଟ ସଂଗ୍ରହ




**ସିନାପାଲି, ୯ । ୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଘୁଚାଗୁଡା ପଞ୍ଚାୟତ କାର୍ଯ୍ୟାଳରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଘୁଚାଗୁଡ଼ା ସରପଞ୍ଚ ଲକ୍ଷ୍ମୀ ସାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ୧୦ରୁ ଅଧିକ ଲୋକ ରକ୍ତଦାନ କରିଥିଲେ। ଏହି ଶିବିରରେ ନୂଆପଡ଼ା ଜିଲ୍ଲା ତଥା ବ୍ଲକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର କର୍ମଚାରୀ ଯୋଗଦାନ କରି ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ଘୁଚାଗୁଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ସଙ୍ଗୀତା ଜଗତ, ଯୋଗାଣ ସହାୟକ ରାଜେଶ ଠାକୁର, ସମାଜସେବୀ ପାଲେ ସାଙ୍କ ସମେତ ଅନେକ ଲୋକେ ଉପସ୍ଥିତ ଥିଲେ।

# ସିଟିଜନ୍ ଫୋରମର ବାର୍ଷିକ ଉତ୍ସବ




**କେସିଙ୍ଗା, ୯ ।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଥିବା ସିଟିଜନ ଫୋରମ୍ ସଂଗଠନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫୋରମ୍ ସଭାପତି ଡାକ୍ତର ହେମସାଗର ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ ପାୱାର ସଚିବ ପ୍ରକାଶ ଓ ପଦ୍ମ ପଟାଏତ ସାହୁ ଉପସ୍ଥିତ ଥିଲେ। ଏଠାରେ ପ୍ରକାଶ ଥାଇକି ୨୦୧୨ ମସିହାରୁ ଆଜି ପର୍ଯ୍ୟନ୍ତ କେସିଙ୍ଗା ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ପ୍ରକାରର ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ କରିବାରେ ମୁଖ୍ୟ ମାଧ୍ୟମ ସାଜି ଅଞ୍ଚଳବାସୀଙ୍କ ପ୍ରୀୟଭାଜନ ହୋଇ ପାରିଛି। ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ତିଆରି ହୋଇଥିବା ଉକ୍ତ ସଂଗଠନ ଅଞ୍ଚଳର ଗମନାଗମନ ଓ ଶିକ୍ଷା କ୍ଷେତ୍ର ରେ ନିଜକୁ ସାମିଲ କରି ଅଞ୍ଚଳ ର ବିକାଶ ରେ ନିଜକୁ ଅବସ୍ଥାପିତ କରିଛି। ଏହି ବାର୍ଷିକ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଫୋରମ୍ ସମ୍ପାଦକ ବି ଚନ୍ଦ୍ରଶେଖର ଆଚାରୀଙ୍କ ସମେତ ଫୋରମ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଉପ-ମୁଖ୍ୟମନ୍ତ୍ରୀଙ୍କ କେସିଙ୍ଗା ଗସ୍ତ

# ବଦଳିବ ଯୋଗମାୟା ପୀଠର ରୂପରେଖ

କେସିଙ୍ଗା, ୯ ।୨(ସମିସ)

ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର କଳାହାଣ୍ଡି ଜିଲ୍ଲା କେସିଙ୍ଗାକୁ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏବାସହ ଅନେକ ନବନିର୍ମିତ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱରରୁ ବିମାନ ଯୋଗେ ଉତ୍କେଲା ବିମାନ ବନ୍ଦର ପହଞ୍ଚିବା ପରେ କାର୍ଯ୍ୟସୂଚୀ ଅନୁଯାୟୀ ଗୁର୍ଯିମୁଣ୍ଡା ସ୍ଥିତ ପ୍ରସିଦ୍ଧ ଯୋଗମାୟା ପୀଠରେ ପହଞ୍ଚିଥିଲେ। ମା'ଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଅନତିଦୂରରେ ଥିବା ଦେବଗୁମ୍ଫାକୁ ପରିଦର୍ଶନ କରି ମନ୍ତ୍ରମୁଗ୍ଧ ହୋଇଥିଲେ। ଏହି ଅବସରରେ ଗୁର୍ଜିମୁଣ୍ଡା ଯୋଗମାୟା ପୀଠକୁ ଯଥାଶୀଘ୍ର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିବା ସହିତ ପୀଠର ଭିତ୍ତିଭୂମିର ବିକାଶ ପାଇଁ ୧୨ କୋଟିର ପ୍ରୋଜେକ୍ଟ ତିଆରି କରି ଯଥାଶୀଘ୍ର ସରକାରଙ୍କୁ ପଠାଇବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଉପ ମୁଖ୍ୟମନ୍ତ୍ରୀ କେସିଙ୍ଗା ପହଞ୍ଚି ସିଟିଜୋନ ଫୋରମ୍‌ର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ଏକ ନବନିର୍ମିତ ହଷ୍ଟେଲକୁ ଉଦ୍‌ଘାଟନ କରିଥିଲେ। ପରେ କେସିଙ୍ଗା ବ୍ଲକ କାର୍ଯ୍ୟାଳୟରେ ବିଭାଗୀୟ ରିଭ୍ୟୁ ମିଟିଂରେ ଯୋଗଦାନ କରି କେସିଙ୍ଗାର ବିକାଶରେ ସରକାର ସମସ୍ତ ପ୍ରକାରର ସହଯୋଗ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଯୋଗମାୟା ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ଘୋଷଣା କରିବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।



# ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ପରିବହନ ଶ୍ରମିକଙ୍କ ସଭା



**ରାଉରକେଲା, ୯।୨(ସମିସ):** କେନ୍ଦ୍ର ସରକାରଙ୍କ ଶ୍ରମ ବିରୋଧୀ ଶ୍ରମ କୋଡ୍ ପ୍ରତ୍ୟାହାର ଦାବି ସହ ପରିବହନ ଶ୍ରମିକ ବିରୋଧୀ ନୂତନ ପରିବହନ ସଂଶୋଧନ ଆଇନ ପ୍ରତ୍ୟାହାର, ମନେରଗା ଆଇନର ପରିବର୍ତ୍ତନ ବିରୁଦ୍ଧରେ ଆଗାମୀ ୧୨ ତାରିଖରେ ଦେଶବ୍ୟାପୀ ୨୪ ଘଣ୍ଟିଆ ଧର୍ମଘଟ ଓ ହରତାଳକୁ ସୁନ୍ଦରଗଡ଼ ଜିଲ୍ଲା ଓ ରାଉରକେଲାରେ ସଫଳ କରିବା ପାଇଁ ସୋମବାର ସୁନ୍ଦରଗଡ଼ ମଟର କର୍ମଚାରୀ ସଂଘ ଓ ରାଉରକେଲା ମିନିବସ ଆସୋସିଏସନ୍ ପକ୍ଷରୁ ପରିବହନ ଶ୍ରମିକମାନଙ୍କ ସଭା ରାଉରକେଲା ନୂଆ ବସଷ୍ଟାଣ୍ଡଠାରେ ଅନୁଷ୍ଠିତ ହୋଇଛି। ୟୁନିୟନର ଉପସଭାପତି ତଥା ଆଇନଜୀବୀ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉଭୟ ୟୁନିୟନର ସାଧାରଣ ସମ୍ପାଦକ ତଥା ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି ଯୋଗଦେଇ ସରକାରଙ୍କ ଜନ ବିରୋଧି ନୀତି ବିରୁଦ୍ଧରେ ଜନସାଧାରଣ ଏହି ଧର୍ମଘଟରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ସଭାକୁ ପରିବହନ ଶ୍ରମିକ ନେତା ଅକ୍ଷୟ ମହାନ୍ତ, ଅରୁଣ ମହାରଣା, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଜବରଦଖଲ ଉଚ୍ଛେଦକୁ ବିଧାୟକଙ୍କ ବିରୋଧ

ରାଉରକେଲା, ୯।୨(ସମିସ)





## ଉଚ୍ଛେଦ କରି ନ ପାରି ଫେରିଲେ ପ୍ରଶାସନିକ ଅଧିକାରୀ

ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରାଉରକେଲା ରେଳ ଷ୍ଟେସନ ନିକଟସ୍ଥ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ବେଳେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ବିରୋଧ ପ୍ରଦର୍ଶନ କରିବାରୁ ପ୍ରଶାସନିକ ଅଧିକାରୀଙ୍କୁ ନିରାଶରେ ଫେରିବାକୁ ପଡ଼ିଛି। ଯାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାନୁଯାୟୀ, ରାଉରକେଲା ରେଳଷ୍ଟେସନ ସ୍ଥିତ ଗୁରୁଦ୍ୱାର ରୋଡ ନିକଟରେ ଦୀର୍ଘ ବର୍ଷ ଧରି ସରକାରୀ ଜମିରେ ଶିଳ୍ପପତି ପ୍ରବୀଣ ଗର୍ଗ ଏକ ହୋଟେଲ ନିର୍ମାଣ କରି ବ୍ୟବସାୟ କରି ଆସୁଥିଲେ। ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କ ନିକଟରେ ଏନେଇ ଅଭିଯୋଗ ପରେ ସେ ଏହି ଜବରଦଖଲ ହୋଟେଲକୁ ଉଚ୍ଛେଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ତେବେ ପ୍ରବୀଣ ଗର୍ଗ ଏନେଇ ଅଦାଲତର ଦ୍ୱାରସ୍ଥ ହୋଇ ରହିତାଦେଶ ଆଣିଥିଲେ। ପରେ ହାଇକୋର୍ଟ ଏହାକୁ ଖାରଜ କରିବା ପରେ ହାଇକୋର୍ଟ ନିର୍ଦ୍ଦେଶ ବଳରେ ଆଜି ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ତହସିଲଦାର ସଲମା ମାଝୀ ପ୍ରମୁଖଙ୍କ ସହ ଆରଏମସିର ଉଚ୍ଛେଦ ଟିମ, ପ୍ଲାଣ୍ଟସାଇଟ୍ ଥାନା ପୁଲିସ ସଦଳବଳେ ଉଚ୍ଛେଦ କରିବାକୁ ଯାଇଥିଲେ। ହେଲେ ସମସ୍ତ ଜବରଦଖଲ ଘରକୁ ନ ଭାଙ୍ଗି କେବଳ ଗୋଟିଏ ଘରକୁ ଟାର୍ଗେଟ କରାଗଲା ବୋଲି କହି ସ୍ଥାନୀୟ ଲୋକେ ବିରୋଧ ଓ ପ୍ରତିବାଦ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଘଟଣା ସ୍ଥଳରେ ପହଞ୍ଚି ପ୍ରଶାସନର ଏହି ଏକ ତରଫା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି କେବଳ ବିଜେଡି ନେତାଙ୍କୁ କାହିଁକି ଟାର୍ଗେଟ କରାଯାଉଛି ବୋଲି କହିଥିଲେ। ସହରରେ ଅନେକ ବିଜେପି ନେତା ସରକାରୀ ଜମି ଜବରଦଖଲ କରିଥିଲେ ମଧ୍ୟ ପ୍ରଶାସନ ଆଖି ବୁଜି ଦେଉଥିବା ବେଳେ ବିଜେଡି ନେତାମାନଙ୍କୁ ଆକ୍ରୋଶମୂଳକ ଭାବେ ଟାର୍ଗେଟ କରାଯାଉଛି ବୋଲି ବିଧାୟକ ଅଭିଯୋଗ କରି ପ୍ରଶାସନ ପକ୍ଷରୁ ହେଉଥିବା ଉଚ୍ଛେଦକୁ ତୀବ୍ର ବିରୋଧ କରିଥିଲେ। ଏପରିକି ବିଧାୟକ ଜେସିବି ଉପରେ ଚଢ଼ି ତାକୁ ଅଟକାଇ ଉଚ୍ଛେଦ ପ୍ରକ୍ରିୟାକୁ ପ୍ରବଳ ବିରୋଧ କରିଥିଲେ। ପରେ ହୋଟେଲ ସମ୍ମୁଖରେ ବସି ଉଚ୍ଛେଦ ନ କରିବାକୁ ଜିଦ ଧରିଥିଲେ। ପରେ ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ବିଧାୟକ ସାରଦା ପ୍ରସାଦ ନାୟକଙ୍କ ବିରୋଧ ଯୋଗୁଁ ଆଜି ଏହି ଉଚ୍ଛେଦ ପ୍ରକ୍ରିୟା ହୋଇପାରି ନଥିଲା। ଫଳରେ ଜବରଦଖଲ ଉଚ୍ଛେଦ ପାଇଁ ଆସିଥିବା ସମସ୍ତ ପ୍ରଶାସନିକ ଅଧିକାରୀମାନେ ଉଚ୍ଛେଦ କରି ନ ପାରି ଶେଷରେ ନିରାଶ ହୋଇ ଫେରିଥିବା ସୂଚନା ମିଳିଛି।

# ସିଣ୍ଟର ପ୍ଲାଣ୍ଟ-୩ରେ ସୁରକ୍ଷା ଓ କାର୍ଯ୍ୟକ୍ଷମ ଉତ୍କର୍ଷରେ ଉନ୍ନତି



**ରାଉରକେଲା, ୯।୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ସିଣ୍ଟର ପ୍ଲାଣ୍ଟ-୩ (ଏସପି-୩) ବିଭାଗରେ ବୁଷ୍ଟର ପମ୍ପ ଟ୍ୟାଙ୍କ ଜଳସ୍ତରର ବାସ୍ତବ-ସମୟ ନିରୀକ୍ଷଣ ପାଇଁ ନିଜସ୍ୱ ସମ୍ବଳରେ ବିକଶିତ ଏକ ଅଭିନବ ସମାଧାନ ସଫଳତାର ସହିତ କାର୍ଯ୍ୟକାରୀ କରାଯାଇଛି। ଯାହା କାର୍ଯ୍ୟକ୍ଷମ ସୁରକ୍ଷା ଏବଂ ନିର୍ଭରଯୋଗ୍ୟତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ଉଲ୍ଲେଖଯୋଗ୍ୟ ଯେ, ବୁଷ୍ଟର ପମ୍ପ ଜଳ ସିଣ୍ଟରିଂ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କାରଖାନାର ସ୍ଥାପନ ହେବା ପରଠାରୁ, ପ୍ରତ୍ୟେକ ସିଫ୍ଟ ସମୟରେ ବୁଷ୍ଟର ପମ୍ପ ଟ୍ୟାଙ୍କ ଜଳସ୍ତରର ମାନବୀୟ ପର୍ଯ୍ୟବେକ୍ଷଣ କରାଯିବା ସହ ଲଗ୍ ବୁକରେ ରେକର୍ଡ କରାଯାଉଥିଲା। ତଥାପି, ଅନିବାର୍ଯ୍ୟ ମାନବୀୟ କାର୍ଯ୍ୟ ଯୋଗୁଁ ଟ୍ୟାଙ୍କ ସ୍ତରରେ ତଦାରଖର ଆବଶ୍ୟକତା ଦେଖାଦେଇଥିଲା। ଯାହା ସମ୍ଭାବ୍ୟ କାର୍ଯ୍ୟକ୍ଷମ ବିପଦ ସୃଷ୍ଟି କରୁଥିଲା। ଏଥିପାଇଁ ଅପରେସନ୍, ମେକାନିକାଲ୍, ଇଲେକ୍ଟ୍ରିକାଲ୍ ବିଭାଗରୁ ଏକ ମିଳିତ ଦଳ ଏକ ଫ୍ଲୋଟ୍, ପ୍ରୋକ୍ସିମିଟି ସେନ୍ସର ଏବଂ ଘରୋଇ ସଫ୍ଟୱେର୍ ବ୍ୟବହାର କରି କମ ଖର୍ଚ୍ଚରେ ନିଜସ୍ୱ ସମ୍ବଳ ବିନିଯୋଗରେ ଏକ ଅଭିନବ ସମାଧାନ ବିକଶିତ କରିଥିଲେ, ଯାହାକୁ ଡିଷ୍ଟ୍ରିବ୍ୟୁଟେଡ୍ କଣ୍ଟ୍ରୋଲ୍ ସିଷ୍ଟମ୍ (ଡିସିଏସ) ସହିତ ସଂଯୁକ୍ତ କରାଯାଇଥିଲା। ଏହା ମୁଖ୍ୟ ନିୟନ୍ତ୍ରଣ କକ୍ଷରେ ବାସ୍ତବ-ସମୟସ୍ତର ମନିଟରିଂ ସକ୍ଷମ କରିବା ସହ ମାନବୀୟ ପର୍ଯ୍ୟବେକ୍ଷଣର ଅସୁବିଧା ଦୂର କରିଥିଲା। ସମ୍ପୂର୍ଣ୍ଣ ବ୍ୟବସ୍ଥାଟି ସର୍ବାଧିକ ଆଭ୍ୟନ୍ତରୀଣ ସମ୍ବଳ ବ୍ୟବହାର କରି ଏହାର ମଡେଲ, ତିଆରି ଏବଂ ସ୍ଥାପିତ ହୋଇଥିଲା। ଯାହା ଆଭ୍ୟନ୍ତରୀଣ ବିଶେଷଜ୍ଞତା ଏବଂ ସାମଗ୍ରୀର ପ୍ରଭାବଶାଳୀ ବ୍ୟବହାର ପ୍ରଦର୍ଶନ କରିଥିଲା। ଉଚ୍ଚ ଏବଂ ନିମ୍ନ ସ୍ତରର ଜଳ ସୂଚକଗୁଡ଼ିକୁ ଡିସିଏସରେ ସଫଳତାର ସହିତ ସଂଯୁକ୍ତ କରାଯାଇଥିଲା। ଯାହା ଅପରେଟରମାନଙ୍କୁ ଟ୍ୟାଙ୍କସ୍ତର ନିରନ୍ତର ତଦାରଖ କରିବା ସହିତ ସମୟୋଚିତ ସଂଶୋଧନମୂଳକ ପଦକ୍ଷେପ ନେବାକୁ ସହଜ କରିଥିଲା। ଏହି ପଦକ୍ଷେପର ଫଳସ୍ୱରୂପ କାର୍ଯ୍ୟକ୍ଷମ ସୁରକ୍ଷା ବୃଦ୍ଧି ପାଇଥିବାବେଳେ ମାନବୀୟ ପର୍ଯ୍ୟବେକ୍ଷଣ କାର୍ଯ୍ୟ ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସହ ସାମଗ୍ରିକ ବ୍ୟବସ୍ଥା ନିର୍ଭରଯୋଗ୍ୟତା ଉନ୍ନତ ହୋଇଛି। ଏହି ପ୍ରକଳ୍ପକୁ ସିଣ୍ଟର ବିଭାଗର ସିଜିଏମ୍ ଶେଖର ନାରାୟଣ, ସିଣ୍ଟର ପ୍ଲାଣ୍ଟ -୩ର ଜିଏମ ଇନ୍‌ଚାର୍ଜ କଲ୍ୟାଣ ସମଜଦାର, ମେକାନିକାଲ ବିଭାଗର ଏଚଓଏସ ଅନୁଗ୍ରହ ଏକ୍କା, ଇଲେକ୍ଟ୍ରିକାଲ ବିଭାଗର ଏଚଓଏସ କାମେଶ୍ୱର ସିଂହ ଏବଂ ଅପରେସନ୍ସ ବିଭାଗର ଏଚଓଏସ ସୌଭାଗ୍ୟ କୁମାର ମହାନ୍ତିଙ୍କ ଅନୁମୋଦନ ଏବଂ ମାର୍ଗଦର୍ଶନରେ କାର୍ଯ୍ୟକାରୀ କରାଯାଇଥିଲା। ବିଭାଗର କର୍ମଚାରୀ ବସନ୍ତ କୁମାର ଦାସ, ଦାସ ଅଧିକାରୀ, ବିକ୍ରମ କିସ୍ପୋଟା, ସଞ୍ଜୟ ପରିଡ଼ା, ଡି. ଟପ୍ପୋ, ତ୍ରୈଲୋକ୍ୟ ବେହେରା, ଅଶ୍ୱିନ କୁଲୁ, ଟାମୁ କିଷାନ ଏବଂ ରାମ ନାରାୟଣ ସାହୁଙ୍କ ଉତ୍ସର୍ଗୀକୃତ ପ୍ରୟାସ ଦ୍ୱାରା ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପାଦିତ ହୋଇଥିଲା।

# ବାଇକ୍ ଚୋରି ସନ୍ଦେହରେ ଯୁବକଙ୍କୁ ହତ୍ୟା; ୪ ଗିରଫ



**ରାଉରକେଲା, ୯।୨(ସମିସ):** ହେମଗିରି ଥାନା ସୁମୁରା ଗାଁରେ ବାଇକ ଚୋରି ସନ୍ଦେହରେ ଜଣେ ଯୁବକଙ୍କୁ ପିଟିପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଯୁବକ ଜଣକ ହେଉଛନ୍ତି ସତ୍ୟକାମ କୁଆ(୪୯)। ଏହି ହତ୍ୟାକାଣ୍ଡ ଅଭିଯୋଗରେ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲେଫ୍ରିପଡ଼ା ଥାନା ଅଞ୍ଚଳର ବିବେକ ଲୁହୁରା(୨୦), ହେମଗିର ଥାନା ବରପାଲି ଗାଁର ସୁନୀଲ କାଲୋ(୨୫), ବରପାଲି ଗାଁର ସରୋଜ ରାଉତ(୨୭) ଏବଂ ହେମଗିର ଥାନା ଟିକିଲିପଡ଼ା ଗାଁର ଝଶକେକନ ଲୁହୁରା(୨୦)। ସେମାନଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଗଛ ଡାଳକୁ ଜବତ କରାଯାଇଛି। ସୂଚନା ମୁତାବକ, ଅଭିଯୁକ୍ତ ସୁନୀଲ କାଲୋର ବାଇକ ଚୋରି ହୋଇଥିଲା। ସେ ସୁମୁରା ଗାଁର ସତ୍ୟକାମ କୁଆକୁ ଏନେଇ ସନ୍ଦେହ କରିଥିଲା। ଗତ ୩ ତାରିଖ ଦିନ ସୁନୀଲ କାଲୋ ଏବଂ ଉପରୋକ୍ତ ୩ ଜଣ ସହଯୋଗୀ ସତ୍ୟକାମ କୁଆକୁ ହେମଗିର ବଜାରରେ ଭେଟି ବାଇକ ଚୋରି କରିଥିବା ନେଇ ପଚାରିଥିଲେ। ସେ ଏ ବିଷୟରେ କିଛି ଜାଣିନଥିବା କହିବାରୁ ସେମାନେ ତାକୁ ବାଇକ୍‌ରେ ବସାଇ ଏକ ନିର୍ଜନ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ତାକୁ ଏକ ଗଛ ଡାଳରେ ପିଟି ପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରି ଫେରାର ହୋଇଯାଇଥିଲେ। ମୃତ ସତ୍ୟକାମ କୁଆର ବଡ ଭାଇ ଦୁର୍ଜନ କୁଆଙ୍କ ଏତଲା କ୍ରମେ ହେମଗିର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲେ। ଆଜି ଉପରୋକ୍ତ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକୋତ୍ସବ




**ରାଉରକେଲା, ୯।୨(ସମିସ):** ସ୍ଥାନୀୟ ଆଇଡିଏଲ୍ ସ୍ଥିତ ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମର ୩୭ତମ ବାର୍ଷିକ ଉତ୍ସବ ଗୁରୁଲତା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶ୍ରା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟଭାମା ବେହେରା, ମୁଖ୍ୟବକ୍ତା ଆଇଡିଏଲ୍ ଶିଳ୍ପ ସମ୍ପର୍କ ବିଭାଗର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ମହାନ୍ତି, ସମ୍ମାନିତ ଅତିଥି ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ ଜିଏମ ଅଜିତ ମୋହନ ପୂଜାରୀ, ଅବସରପ୍ରାପ୍ତ ପ୍ରଫେସର ଡ. ମିନତୀ ପଣ୍ଡା ଓ ସୋନା ପର୍ବତ କ୍ଲଷ୍ଟରର ସିଆରସିସି ସତ୍ୟାନନ୍ଦ ପରିଡ଼ା ଯୋଗ ଦେଇଥିଲେ। ଶିଶୁ ବାଟିକା ଛାତ୍ରୀ ସୌମ୍ୟଶ୍ରୀ, ଇଂରାଜୀରେ ତୃତୀୟ ଶ୍ରେଣୀ ଛାତ୍ରୀ ଅନୁଷ୍କା, ହିନ୍ଦୀରେ ଦ୍ୱିତୀୟ ଶ୍ରେଣୀ ଛାତ୍ର ବେଦ ପ୍ରକାଶ ସ୍ୱାଗତ ସଙ୍ଗୀତ ଓ ଭାଷଣ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା କୁମାର ଭାଇ ଓ ପ୍ରଥମ ସମ୍ପାଦକ ନିରଞ୍ଜନ ଭାଇଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅନେକ ଚେତନଦାୟୀ କାର୍ଯ୍ୟକ୍ରମ, ଯୋଗାସନ ଓ ପିରାମିଡ ପିଲାମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଡ. କଳ୍ପଲତା ଦେବୀ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଦର୍ଶ ଛାତ୍ର ଭାବେ ଆୟୁଷ୍ମାନ ଓ ଛାତ୍ରୀ ଯଶୋଦାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ କାନ୍ତିଲତା ଦେବୀ, ଜୟନ୍ତୀ, ସରସ୍ୱତୀ, ଦମୟନ୍ତୀ, କବିତା, ବନିତା, ରଶ୍ମିତା, ବୈଜୟନ୍ତି ଓ ସତ୍ୟଶ୍ରୀ ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଦେଇଥିଲେ।

# କାତେପୁର ନାଳରେ ବୁଡ଼ି ବୃଦ୍ଧା ମୃତ

**ରାଉରକେଲା, ୯।୨(ସମିସ):** ନୂଆଗାଁ ବ୍ଲକ ବିଶ୍ରା ଥାନା ସୋରଡ଼ା ପଞ୍ଚାୟତ କାତେପୁର ଝରିଆଟୋଲୀ ନିକଟ ନାଳରେ ବୁଡ଼ି ମିନି ମୁଣ୍ଡା(୬୫) ନାମକ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ବିଶ୍ରା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ଓ ସବ୍ ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ସୋରଡ଼ା ସରପଞ୍ଚ ଅନୁଗ୍ରହ ଯୋଜ ଓ ଗାଁ ଲୋକଙ୍କ ସହାୟତାରେ ଶବକୁ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ସୂଚନା ମୁତାବକ, ସାନଯୋଜଦା ଗ୍ରାମର ମିନିମୁଣ୍ଡା ବାପା ଘର ଝାଡଖଣ୍ଡର କହିପାଟ ଅଞ୍ଚଳକୁ ଆସିଥିଲେ। ରବିବାର ଭଣଜାମାନଙ୍କ ସହ ସେ ନିଜ ଗାଁକୁ ଯିବାକୁ ବାହାରି କାତେପୁର ଛକରେ ପହଞ୍ଚିଥିଲେ। ସେଠାରୁ ମିନି ବାଟବଣା ହୋଇ ଝରିଆଟୋଲୀ ନାଳ ରାସ୍ତାରେ ଚାଲି ଯାଉଥିବା ସମୟରେ ଅସାବଧାନତାବଶତଃ ନାଳରେ ପଡ଼ିଯାଇ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି।

# ଦୀପିକା ମହିଳା ସଂଘତିର ବାର୍ଷିକ ଉତ୍ସବ



**ରାଉରକେଲା, ୯।୨(ସମିସ):** ଇସ୍ପାତ ସହରର ଅଗ୍ରଣୀ ଜନହିତୈଷୀ ସଂଗଠନ ଦୀପିକା ମହିଳା ସଂଘତିର ୬୬ତମ ବାର୍ଷିକ ଉତ୍ସବ ଫେବୃଆରୀ ୯ ତାରିଖରେ ସିଭିକ୍ ସେଣ୍ଟରଠାରେ ପାଳିତ ହୋଇଯାଇଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଅବହେଳିତ ବର୍ଗର ଲୋକଙ୍କ ଉତ୍ଥାନ ଦିଗରେ ଦୀପିକା ମହିଳା ସଂଘତିର ପ୍ରତ୍ୟେକ ପ୍ରୟାସ ବହୁମୂଲ୍ୟ ଏବଂ ଏହାର ପ୍ରଭାବ ଦୀର୍ଘସ୍ଥାୟୀ। ଏକ ପ୍ରଗତିଶୀଳ ଓ ସମାନ ଅଧିକାର ପୂର୍ଣ୍ଣ ସମାଜ ଗଠନ ଦିଗରେ ମହିଳାଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ବୋଲି ମୁଖ୍ୟ ଅତିଥି ଡିଆଇସି ଶ୍ରୀ ବର୍ମା କହିଥିଲେ। ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା ସଂଘତିର ବିଗତ କିଛିବର୍ଷର କାର୍ଯ୍ୟଧାରା ଏବଂ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାରିକା କୁମାର ପୂର୍ବବର୍ଷର ସଂଗଠନର ବିଭିନ୍ନ ପ୍ରୟାସ ଉପରେ ଏକ ଅଡିଓ ଭିଜୁଆଲ୍ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଡ. ମେଘନା ଚାଟାର୍ଜୀ ସଭାକୁ ସଂଯୋଜନା କରିଥିଲେ। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ଉନ୍ନୟନ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ଓଜିଓଏମ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତା, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନଚାର୍ଜ ଡା. ଜୟନ୍ତ କୁମାର ଆଚାର୍ଯ୍ୟ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ସ୍ମିତା ଗିରି, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ, ନବନୀତା ପାଲଚୌଧୁରୀ, ସଂଘତିର ସମ୍ପାଦିକା ସାରିକା କୁମାର, ଆରଏସପିର ବହୁ ଅନ୍ୟ ବରିଷ୍ଠ ଅଧିକାରୀ, ଦୀପିକା ମହିଳା ସଂଘତିର ସଦସ୍ୟାମାନେ ସପରିବାର ଉପସ୍ଥିତ ଥିଲେ। ସାଉଲିନା ଓ ରୂପାଳୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଗଠନର ଯୁଗ୍ମ ସଚିବ ପୁନମ ରାଣା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁରୁଣ୍ଡିଆରେ ଅଭିଯୋଗ ଶୁଣାଣି

**ବଣାଇ, ୯।୨(ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୭୨ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୨୯ ଗୋଟି ଅଭିଯୋଗ ଆସିଥିବା ବେଳେ ଦଳଗତ ଭାବେ ମୋଟ ୪୩ ଗୋଟି ଅଭିଯୋଗ ଆସିଥିଲା। ରାସ୍ତା, ପାନୀୟ ଜଳ, ସ୍କୁଲ ଘର, ଏବଂ ନେଟୱାର୍କ ସମସ୍ୟାକୁ ନେଇ ଅଭିଯୋଗ ମାନ ଆସିଥିଲା। ଏହି କାର୍ଯ୍ୟକ୍ରମରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରମାକାନ୍ତ ସାହୁ, ବଣାଇଁ ସହକାରୀ ବନ ସଂରକ୍ଷକ ରବିକାନ୍ତ ମୀନା, ଗୁରୁଣ୍ଡିଆ ବିଡିଓ ହାବିଲ୍ ଖାଖାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ଦୋଳ ମେଳଣ ସମିତିର ସାଧାରଣ ବୈଠକ

**ରାଉରକେଲା, ୯।୨(ସମିସ):** କେନ୍ଦ୍ରୀୟ ଦୋଳ ମେଳଣ ସମିତି ରାଉରକେଲାର ବାର୍ଷିକ ସାଧାରଣ ବୈଠକ ସେକ୍ଟର-୧୫ ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସମିତିର ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ସଭ୍ୟ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରତିଷ୍ଠାତା ସଦସ୍ୟ ବିଷ୍ଣୁ ଚରଣ ବିଶ୍ୱାଳ, ଈଶ୍ୱର ଭଞ୍ଜ, ପର୍ଶୁରାମ ପୋଥାଳ ଓ ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗତ ବର୍ଷର ସଭାପତି ଚୌଧୁରୀ ବିଜୟ ପଟ୍ଟନାୟକ ମେଳଣ ସମ୍ବନ୍ଧୀୟ ବିବରଣୀ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ଦିଲୀପ କୁମାର ସାହୁ ଗତବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। କିଛି ସଦସ୍ୟ ଦେୟରସିଦ ବହି ଫେରାଇ ନଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହ ଆଗାମୀ ଦିନରେ ଏନେଇ କଡା ଆଭିମୁଖ୍ୟ ଗ୍ରହଣ କରିବା ନେଇ ନିଷ୍ପତ୍ତି ହୋଇଥିଲା। ସାଧାରଣ ସମ୍ପାଦକ ପ୍ରଶାନ୍ତ ସାମଲ ଦୋଳ ମେଳଣ ସମିତି ପଶ୍ଚିମ ଓଡ଼ିଶାରେ ନିଜର ସଂସ୍କୃତି ଓ ପରମ୍ପରା ବଜାୟ ରଖି ବେଶ ପ୍ରତିଷ୍ଠା ଲାଭ କରିଛି। ଦୀର୍ଘ ୧୨ ବର୍ଷ ଧରି ଏହି କାର୍ଯ୍ୟକ୍ରମ ସୂଚାରୁରୂପେ ଆୟୋଜିତ ହୋଇଆସୁଛି। ଚଳିତ ବର୍ଷ ଦୋଳ ମେଳଣ ପାଇଁ ସମୟ ଅବଧି କମ୍ ରହିଯିବା ବେଳେ କମିଟି ଗଠନ ନେଇ ସହମତି ନ ହେବାରୁ ପ୍ରତିଷ୍ଠାତା ସଦସ୍ୟ ଓ ଅଧ୍ୟକ୍ଷଙ୍କ ଦ୍ୱାରା ଚଳିତବର୍ଷ ଦୋଳ ମେଳଣ ସମ୍ପନ୍ନ ହେବା ନେଇ ସ୍ଥିରିକୃତ ହୋଇଥିଲା। ପ୍ରତିଷ୍ଠାତା ସଦସ୍ୟ ଈଶ୍ୱର ଭଞ୍ଜ ଧନ୍ୟବାଦ ଦେଇଥିଲେ।

# ଟ୍ରେନ୍ ଧକ୍କାରେ ଷଣ୍ଢ ଗୁରୁତର

**ରାଉରକେଲା, ୯।୨(ସମିସ):** ମାଲଗୋଦାମ ରେଳ ଫାଟକ ନିକଟରେ ଟ୍ରେନ୍ ଧକ୍କାରେ ଏକ ଷଣ୍ଢ ଗୁରୁତର ହୋଇଛି। ଘଟଣା ବିଷୟରେ ଜାଣିବା ପରେ ବଜରଙ୍ଗ ଦଳ ସହିତ ଜଡିତ ଗୋ ରକ୍ଷକମାନେ ସେଠାରେ ଷଣ୍ଢକୁ ଉଦ୍ଧାର କରି ଜୀବନ ବଞ୍ଚାଇଥିଲେ। ଷଣ୍ଢଟି ରେଳ ଲାଇନ ନିକଟରେ ଆହତ ଅବସ୍ଥାରେ ପଡ଼ିଥିବା ବେଳେ ଘଟଣା ସ୍ଥଳରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ସେକ୍ଟର-୧୮ ସ୍ଥିତ ଗୋଶାଳା ପଠାଇ ଦିଆଯାଇଥିବା ଜଣାପଡ଼ିଛି। ସେହିପରି ଛେଣ୍ଡ କଲୋନୀର ଫେଜ୍-୧ ଏଲସିଆର/୨୫୧ ଘର ନିକଟରେ ଆହତ ଷଣ୍ଢର ଚିକିତ୍ସା କରାଯାଇଛି। ସ୍ଥାନୀୟ ନାଗରିକ ଏବଂ ପଶୁ ପ୍ରେମୀମାନେ

**ଉଦ୍ଧାର କଲା ବଜରଙ୍ଗ ଦଳ**

ବଜରଙ୍ଗ ଦଳର ତୁରନ୍ତ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି। ଏଭଳି ଘଟଣା ଯେପରି ପୁଣି ରେଳ ଲାଇନ ନିକଟରେ ନହୁଏ ଓ ବୁଲା ପଶୁମାନଙ୍କ ସୁରକ୍ଷା ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହୋଇଛି।

# ଏନ୍‌ଆଇଟିରେ ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ନିତ୍ରୁତ୍ସୋବ' ଉଦ୍‌ଘାଟିତ

ରାଉରକେଲା, ୯।୨(ସମିସ)




ଏନ୍‌ଆଇଟି ରାଉରକେଲାର ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର (ଏସଏସି) ପକ୍ଷରୁ ଏନଆଇଟି ରାଉରକେଲାର ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ନିତ୍ରୁତ୍ସୋବ - ୨୦୨୬' ଉଦ୍‌ଘାଟିତ ହୋଇଯାଇଛି। ଏହି ତିନି ଦିନିଆ ଉତ୍ସବରେ ଏହି ବର୍ଷର ମହୋତ୍ସବ ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର ଅଧୀନରେ ୪୨ଟି କ୍ଲବର ସଦସ୍ୟ ଯୋଗ ଦେଇଥିଲେ। ପଡ଼ୋଶୀ ରାଜ୍ୟର କଲେଜରୁ ପ୍ରାୟ ୨୫୦ ଜଣ ଛାତ୍ରଙ୍କ ସମେତ ୨୦୦୦ରୁ ଅଧିକ ଅଂଶଗ୍ରହଣକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ମହୋତ୍ସବରେ ୫୦ଟି କାର୍ଯ୍ୟକ୍ରମ, କଳା ଏବଂ ସଂସ୍କୃତିର ବିଭିନ୍ନ କ୍ଷେତ୍ରରୁ ୩୫ ଜଣ ନିମନ୍ତ୍ରିତ କଳାକାର ଓ ଅତିଥିମାନେ ଅଂଶଗ୍ରହଣ କରିଥିଲେ। ରାଉରକେଲା ଏନ୍‌ଆଇଟିର ନିର୍ଦ୍ଦେଶକ କେ. ଉମା ମହେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏନଆଇଟି କୁଳସଚିବ ପ୍ରଫେସର ରୋହନ ଧିମାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହା ବିଭିନ୍ନ ଶିକ୍ଷାଗତ ପୃଷ୍ଠଭୂମି ଏବଂ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେତୃତ୍ୱ ଦକ୍ଷତା ବିକାଶ କରିବା, ସହଯୋଗପୂର୍ଣ୍ଣ ଭାବରେ କାମ କରିବା, ସୃଜନଶୀଳତା ପ୍ରକାଶ କରିବା ଏବଂ ସଂସ୍କୃତି ସହିତ ଜଡିତ ହେବାର ସୁଯୋଗ ପ୍ରଦାନ କରିବାରେ ସହାୟକ ହେବ ବୋଲି କହିଥିଲେ। ଏସଏସି ସଭାପତି ପ୍ରଫେସର ରାଜୀବ କୁମାର ପଣ୍ଡା, ଏଲସିଏସର ଉପାଧ୍ୟକ୍ଷ ପ୍ରଫେସର ପ୍ରତୀକ ଖତ୍ରୀ ଏବଂ ପ୍ରଫେସର ଆଦ୍ୟାଶା ସ୍ୱୟଂସିଦ୍ଧ ଅମାନ୍ତ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଦିବସରେ ଫୁଟଲୁଜ୍ ପ୍ରମୁଖ ନୃତ୍ୟ ପ୍ରତିଯୋଗିତା ଏବଂ ବ୍ରେକବିଟ୍ସ, ଏକ ଷ୍ଟ୍ରିଟ୍-ଶୈଳୀ ନୃତ୍ୟ ଯୁଦ୍ଧ, ବିଶ୍ୱ ନୃତ୍ୟ ରୂପ ପ୍ରଦର୍ଶନ କରି ଉଚ୍ଚ ଉର୍ଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ବୁଦ୍ଧି ଏବଂ ସୃଜନଶୀଳତାକୁ ମିଶ୍ରଣ କରି ପ୍ରତିଷ୍ଠାନର ପ୍ରମୁଖ ମଡେଲ ୟୁନାଇଟେଡ ନେସନ୍ସ ସମ୍ମିଳନୀ ନିଟ୍ରିମୁନ, ଥିଏଟର ଏବଂ ମୋନୋ-ଆକ୍ଟ ପ୍ରଦର୍ଶନ, କୁଇଜ୍, ଫଟୋଗ୍ରାଫି ପ୍ରଦର୍ଶନୀ, ଐତିହ୍ୟ-ଭିତ୍ତିକ ରତ୍ନ ଖୋଜା ଆଦି କାର୍ଯ୍ୟକ୍ରମ ହୋଇଥିଲା। କାହାଣୀ କହିବା ଏବଂ ପାରମ୍ପରିକ ଓଡ଼ିଆ କଳାକୁ ପାଳନ କରୁଥିବା ଭିଜୁଆଲ୍ ଆର୍ଟ ପ୍ରଦର୍ଶନୀଗୁଡ଼ିକ ଆକର୍ଷଣୀୟ ଥିଲା। ତୃତୀୟ ଦିନ ସାହିତ୍ୟିକ ପ୍ରଦର୍ଶନୀ, କାର୍ଭାନ୍ ୫.୦ ଭଳି କବିତା ପ୍ରଦର୍ଶନ, ଖୋଲା-ମାଇକ୍ ସେସନ୍, ଫ୍ୟାଶନିଷ୍ଟା ଏବଂ ଷ୍ଟ୍ରିଟ୍ ଭୋଗ ସମେତ ଫ୍ୟାଶନ୍ ଇଭେଣ୍ଟ, ରାପ୍ ଯୁଦ୍ଧ, ସଙ୍ଗୀତ ପ୍ରଦର୍ଶନୀ ଏବଂ ଇଣ୍ଟରାକ୍ଟିଭ୍ ମଜାଦାର କାର୍ଯ୍ୟକଳାପ ଅନୁଷ୍ଠିତ ହୋଇଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 2273**
**(ବ୍ୟାକଲଗ୍ ଖାଲି ପଦବୀ ସହିତ)**


ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CBO/2025-26/18** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ **https://sbi.bank.in/web/careers/current-openings.**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.01.2026
**ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)**

# ସମ୍ପାଦକୀୟ



ଆମ ଅନ୍ତରାତ୍ମାରେ ପ୍ରଜ୍ଞାର ପ୍ରଦୀପକୁ ଯିଏ ପ୍ରଜ୍ୱଳିତ କରନ୍ତି ସେ ହିଁ ପ୍ରକୃତ ଗୁରୁ।
-ସ୍ୱାମୀ ବିବେକାନନ୍ଦ

ସକାଳ
THE SAKALA

## ମଧ୍ୟପ୍ରାଚ୍ୟରେ ବିଷମ ସ୍ଥିତି

ଆମେରିକାର ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ସମଗ୍ର ମଧ୍ୟପ୍ରାଚ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଇରାନ ମଧ୍ୟ ପାଲଟା ଜବାବ ଦେବା ସକାଶେ ପ୍ରସ୍ତୁତି ଜାରି ରଖିଛି। କେବଳ ଟ୍ରମ୍ପଙ୍କ ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା। ଏହି ଆକ୍ରମଣ ଓ ମୁକାବିଲାର ଆହ୍ୱାନ ମଧ୍ୟରେ ଆରବ ରାଷ୍ଟ୍ର ସମୂହ ଏପରିକି ଇସ୍ରାଏଲ ମଧ୍ୟ କ୍ଷତିଗ୍ରସ୍ତ ହେବା ଆଶଙ୍କାରେ ଚାପ ପ୍ରୟୋଗ କରୁଥିବାରୁ ସମୟ ଗଡ଼ାଇ ଚାଲିଛନ୍ତି ଟ୍ରମ୍ପ । ତେଣୁ ଶାନ୍ତି ଆଲୋଚନାର ଦ୍ୱାର ଉନ୍ମୁକ୍ତ ହୋଇଛି। ନାଟୋ ସଦସ୍ୟ ତୁର୍କୀ ଓ ସାଉଦୀ ଆରବର ମଧ୍ୟସ୍ଥତାରେ ଆରମ୍ଭ ହୋଇଥିବା ଆଲୋଚନାରେ ଯୁଦ୍ଧ ଏଡ଼ାଇଯିବା ସମ୍ଭାବନା ଊଣା କହିଲେ ଚଳେ। ଓମାନରେ ଦୁଇଟି ପର୍ଯ୍ୟାୟ କଥାବାର୍ତ୍ତା ଏଥିମଧ୍ୟରେ ଶେଷ ହୋଇଛି। ତୃତୀୟ ଓ ଶେଷ ପର୍ଯ୍ୟାୟ ଆଲୋଚନା କେବେ ହେବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଯେତେଦୂର ମନେ ହୁଏ କିଛି କଠୋର କାର୍ଯ୍ୟାନୁଷ୍ଠାନ ପୂର୍ବରୁ କଥାବାର୍ତ୍ତା ମାଧ୍ୟମରେ ଟ୍ରମ୍ପ ଦିନ ଗଡ଼ାଇବାକୁ ଚାହାନ୍ତି। ଏକଥା ବି ହୋଇପାରେ ଯୁଦ୍ଧ ନିଷ୍ପତ୍ତିରୁ ଓହରିଯିବା ସକାଶେ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ପ୍ରତିବନ୍ଧକ ଲଗାଇ ନିଜର ପତିଆରା ଜାହିର କରିବାକୁ ଚାହୁଁଛି ଆମେରିକା। ଏଠାରେ ଏତିକି କୁହାଯାଇପାରେ କି ଆପୋସ ଆଲୋଚନା କେବଳ ଏକତରଫା ନିଷ୍ପତ୍ତିରେ ସମ୍ଭବ ନୁହେଁ। ବିନିମୟରେ ଇରାନ ଉପରେ ଅର୍ଥନୈତିକ ପ୍ରତିବନ୍ଧକ ମଧ୍ୟ ପ୍ରତ୍ୟାହାର କରିବାକୁ ପଡ଼ିବ। ଏଭଳି ଏକ ମୁଲଚାଲକୁ ଟ୍ରମ୍ପ କେତେଦୂର ବରଦାସ୍ତ କରିବେ ତାହା ମଧ୍ୟ ବିଚାର୍ଯ୍ୟ।

ମଧ୍ୟପ୍ରାଚ୍ୟର ଦୃଶ୍ୟପଟ୍ଟ ଆମେରିକା ପାଇଁ ସହାୟକ ନୁହେଁ। ସାଉଦୀ ଆରବ, ଆରବ ଏମିରଟ, କାତାର ଓ ଓମାନରେ ଆମେରିକାର ନିଜସ୍ୱ ସାମରିକ ଘାଟି ଥିଲେ ମଧ୍ୟ ଇରାନ ଆକ୍ରମଣର ରଣଭୂମି ହେବାକୁ ସଂପୃକ୍ତ ରାଷ୍ଟ୍ରପକ୍ଷରୁ ରୋକଠୋକ୍ ମନା କରି ଦିଆଯାଇଛି। କାରଣ ଏହା ଆଞ୍ଚଳିକ ଯୁଦ୍ଧ ଘନାଘଟା ପାଇଁ ପଥ ପରିଷ୍କାର କରିବ। ଆରବ ରାଷ୍ଟ୍ରଙ୍କ ତୈଳ ଅର୍ଥନୀତିକୁ ବିପର୍ଯ୍ୟୟରୁ ଏଡ଼ାଇ ଯିବା ସକାଶେ ସେମାନେ ସହଯୋଗର ହାତ ବଢ଼ାଇବାକୁ ନାରାଜ। ଅନ୍ୟପକ୍ଷରେ ଗତବର୍ଷ ଜୁନରେ ଇରାନ ଉପରେ ହୋଇଥିବା ଆକ୍ରମଣରେ ଇସ୍ରାଏଲ ଯେଉଁ କ୍ଷତିର ସମ୍ମୁଖୀନ ହୋଇଥିଲା ସେହି ଭୟ ଓ ଆତଙ୍କ ଏବେ ମଧ୍ୟ ମନରୁ ତୁଟିନାହିଁ। ସେତେବେଳେ ଓମାନରେ ଶାନ୍ତି ଆଲୋଚନା ଚାଲିଥିବା ବେଳେ ଇସ୍ରାଏଲ ଓ ଆମେରିକା ପକ୍ଷରୁ ଏହି ଅତର୍କିତ ଆକ୍ରମଣ କରାଯାଇଥିଲା। ଆମେରିକା ନିଜର ଶକ୍ତିଶାଳୀ ଯୁଦ୍ଧ ବିମାନ ବି-୨ ପ୍ରୟୋଗ କରି ଇରାନରେ ଆଣବିକ କେନ୍ଦ୍ର ଧ୍ୱଂସ କରିଦେଇଥିବା ଘୋଷଣା ମାଧ୍ୟମରେ ସମଗ୍ର ବିଶ୍ୱକୁ ଚମକାଇ ଦେଇଥିଲା। ଏସବୁ ସତ୍ତ୍ୱେ ପୁଣି କାହିଁକି ଇରାନ ଆଣବିକ କାର୍ଯ୍ୟକ୍ରମ ଉପରେ କଟକଣା ପ୍ରୟୋଗର ଆବଶ୍ୟକତା ଉପୁଜିଲା? ତେଣୁ ତ ଆମେ କହୁଛୁ କେବଳ ସମୟ ଅତିବାହିତ କରିବା ସକାଶେ ପୁଣି ଥରେ ଶାନ୍ତି ଆଲୋଚନା ଚାଲିଛି। ଏଠାରେ ଉଲ୍ଲେଖ କରାଯାଇ ପାରେ କି ଗତବର୍ଷ ଜୁନ ପରଠାରୁ ଇରାନ ଏଥିମଧ୍ୟରେ ନିଜର ସାମରିକ ସାମର୍ଥ୍ୟ ବଢ଼ାଇବା ପାଇଁ ଅତି ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରସ୍ତୁତିରେ ଲାଗିପଡ଼ିଛି। ଏପରିକି ଶାନ୍ତି କଥାବାର୍ତ୍ତା ଚାଲିଥିବା ବେଳେ ମଧ୍ୟ ଚମକ ସୃଷ୍ଟି କଲା ଭଳି ଅତି କ୍ଷମତାସଂପନ୍ନ କ୍ଷେପଣାସ୍ତ୍ର ପରୀକ୍ଷା ଜାରି ରଖିଛି ଇରାନ। ଏଥିରୁ ସ୍ପଷ୍ଟ ଯେ ବିନା ଭୟ ଓ ଆତଙ୍କରେ ପରିସ୍ଥିତିର ମୁକାବିଲା କରିବାକୁ ସେ ନିଜକୁ ପ୍ରସ୍ତୁତ କରୁଛି। ବେଗ, ଲକ୍ଷ୍ୟ ଓ କ୍ଷମତା ଦୃଷ୍ଟିରୁ ବିଚାର କଲେ ଇରାନ କ୍ଷେପଣାସ୍ତ୍ର ସବୁଠାରୁ ଆଗରେ। ଏପରିକି ଏହା ପୂର୍ବ ଆମେରିକାରେ ମଧ୍ୟ ବିପର୍ଯ୍ୟୟ ସୃଷ୍ଟି କରିପାରେ। ଅବଶ୍ୟ ଆମେରିକାର ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିରୁ ଇରାନ ଯେ ସମକକ୍ଷ ଏକଥା ନୁହେଁ। ତେବେ ସାମରିକ ମୁକାବିଲା ବେଳେ କେତେବେଳେ କ'ଣ ଘଟିବ ତାହାକୁ ଆକଳନ କରିବା ଏତେ ସହଜ ନୁହେଁ। ସର୍ବୋପରି ଆମେରିକାର ଦାବି ସତ୍ତ୍ୱେ ଇରାନର ଆଣବିକ କାର୍ଯ୍ୟକ୍ରମ ଯେ ନିଶ୍ଚିହ୍ନ ହୋଇଯାଇଛି ଏକଥା ନୁହେଁ। ସେମାନେ ଯେଭଳି ଅତି ଗୋପନୀୟ ଭାବେ ନିଜର ଆଣବିକ କାର୍ଯ୍ୟକ୍ରମକୁ ସଜାଡ଼ି ଓ ସୁଧାରି ପାରିଛନ୍ତି ସେଥିରେ ବୋମା ପ୍ରସ୍ତୁତ ଯେ ହୋଇନଥିବ ଏକଥା କିଏ କହିବ?

ଏବେ ଆସିବା ଓମାନରେ ଚାଲିଥିବା ଶାନ୍ତି କଥାବାର୍ତ୍ତାର ବିଷୟବସ୍ତୁ ଉପରକୁ। ଆମେରିକା ପକ୍ଷରୁ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ୱିଟକଫ ଓ ଜାମାତା ନେତୃତ୍ୱ ନେଇଥିବା ବେଳେ ଇରାନର ସର୍ବୋଚ୍ଚ ନେତା ଖେମିନିଙ୍କ ବିଶ୍ୱସ୍ତ ବୈଦେଶିକ ମନ୍ତ୍ରୀ ଆବାସ ଆର୍ଗାନି ଅଂଶଗ୍ରହଣ କରିଛନ୍ତି। ତେବେ ଆମେରିକା ଓ ଇରାନ ମଧ୍ୟରେ ପ୍ରରୋକ୍ଷ କଥାବାର୍ତ୍ତା ବଦଳରେ ଓମାନ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟସ୍ଥତା ଓ ବାର୍ତ୍ତାବିନିମୟ ହିଁ ଥିଲା ମାଧ୍ୟମ। ଇସ୍ରାଏଲ ସ୍ୱାର୍ଥ ସମ୍ବଳିତ ଦୁଇଟି ପ୍ରସଙ୍ଗକୁ ୱିଟ୍‌କଫ୍ ଦେଇଥିଲେ ସର୍ବାଧିକ ଗୁରୁତ୍ୱ। ଇରାନ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ସୀମିତ କରିବା ସହ ଲକ୍ଷ୍ୟଭେଦ କ୍ଷମତା ହ୍ରାସ ପାଇଁ ଆଗତ ପ୍ରସ୍ତାବକୁ ଆର୍ଗାନି ରୋକ୍‌ଠୋକ୍ ପ୍ରତ୍ୟାଖ୍ୟାନ କରିଥିଲେ। ନିଜର ସ୍ୱାୟତ୍ତତା ଓ ସୁରକ୍ଷା ପ୍ରସଙ୍ଗରେ ଇରାନ ସାଲିସ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟ ପ୍ରସଙ୍ଗଟି ହେଲା, ହମାସ, ହାଉଥି ଓ ହେଜବୁଲ୍ଲାକୁ ସହାୟତା ପ୍ରଦାନରୁ ନିବୃତ୍ତ ରହିବା। ପାଲେଷ୍ଟାଇନ ପ୍ରତିଷ୍ଠାକୁ ଇରାନ ନୀତିଗତ ଭାବେ ସମର୍ଥନ ଦେଇଆସିଛି। ଏକ୍ଷେତ୍ରରେ ତିନି ଅଗ୍ରଣୀ ସଂଗଠନ ସହ ସହାୟତା ଓ ସମର୍ଥନ ଅତୁଟ ରହିବ ବୋଲି ଆର୍ଗାନି ସ୍ପଷ୍ଟ କରିଥିଲେ। ଏସବୁ ସତ୍ତ୍ୱେ ଶାନ୍ତି କଥାବାର୍ତ୍ତା ବିଫଳ ହୋଇଛି। ତୃତୀୟ ପର୍ଯ୍ୟାୟରେ ଇରାନର ଆଣବିକ କାର୍ଯ୍ୟକ୍ରମ ରହିବ ମୁଖ୍ୟ ବିଷୟବସ୍ତୁ। ଟ୍ରମ୍ପଙ୍କ ଅହଂକାରରେ 'ନା' ର ପ୍ରଶ୍ନ ନାହିଁ। ତେଣୁ ଇରାନର ଏହି ଅନମନୀୟ ଆଚରଣ ଘଟଣା ପ୍ରବାହକୁ ଯୁଦ୍ଧ ଆଡ଼କୁ ଟାଣି ନେଉଥିବା ଭଳି ମନେ ହୁଏ।

ମଧ୍ୟ-ପ୍ରାଚ୍ୟରେ ଆମେରିକାର ରଣନୀତିକ ସମରସଜ୍ଜା ଯେ ଭିତ୍ତିପ୍ରଦ ଏଥିରେ କାହାର ଦ୍ୱିମତ ହେବାର ନାହିଁ। ବିଶ୍ୱର ସର୍ବଶକ୍ତିମାନ ୟୁଏସଏସ ଆବ୍ରାହମ ଲିଙ୍କନ ବିମାନବାହୀ ଯୁଦ୍ଧ ପୋତ ଇରାନ ଉପକୂଳରେ ନିର୍ଦ୍ଦେଶକୁ ଅପେକ୍ଷା କରି ଅଟକି ରହିଛି। ଏଥିସହ ଆଉ ଦୁଇଟି ଯୁଦ୍ଧ ଜାହାଜ ସହାୟତା କରିବାକୁ ସେଠାରେ ପ୍ରସ୍ତୁତ ଅଛନ୍ତି। ଅନ୍ୟପକ୍ଷରେ ଜୋର୍ଡାନ ଓ ସାଇପ୍ରସରେ ଆକ୍ରମଣ କରିବାକୁ ପ୍ରସ୍ତୁତ ଅଛନ୍ତି ଶହଶହ ସଂଖ୍ୟାରେ ଲଢୁଆ ବିମାନ। ମଧ୍ୟପ୍ରାଚ୍ୟ ଆକାଶରେ ଯୁଦ୍ଧର କଳାବାଦଲ ଏକପ୍ରକାର ଘୋଟି ରହିଛି କହିଲେ ଭୁଲ ହେବ ନାହିଁ। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ରାଇାନକୁ ଶାନ୍ତି ଆଲୋଚନା ପାଇଁ ଆହ୍ୱାନ ଦେବା ଅର୍ଥ ବନ୍ଧୁକ ମୁନରେ ଆତ୍ମସମର୍ପଣ କଲା ଭଳି ପରିସ୍ଥିତି। ତଥାପି ତେହେରାନ ନିଜ ସ୍ୱାୟତ୍ତତା. ଓ ସ୍ୱାଭିମାନ ଅତୁଟ ରଖିଛି। ଟ୍ରମ୍ପ ଶାସନର ଏହି ନୂଆ ଦିଗ ବିଶ୍ୱବାସୀଙ୍କୁ ନିଶ୍ଚୟ ବିସ୍ମିତ କରୁଥିବ। ପରିଣତି ଓ ପରିଣାମକୁ ବେଖାତିର କରି ମୁକାବିଲା କରିବାର ମାନସିକତା ଇରାନଠାରୁ ଶିଖିବାର ଅଛି। ଚୀନ ଓ ରୁଷ ସହ ଭୂ-ରାଜନୈତିକ ସଂଘର୍ଷ ଆଧାରରେ ଇରାନ ଯଦି ସଫଳତା ହାସଲ କରେ ତେବେ ବିଶ୍ୱରେ ସମାନ୍ତରାଳ ଶକ୍ତି କେନ୍ଦ୍ରର ଅଭ୍ୟୁଦୟ ଘଟିବା ଏକପ୍ରକାର ନିଶ୍ଚିତ।

# ଏପ୍‌ଷ୍ଟାଇନ୍ ଫାଇଲ୍: କ୍ଷମତା ଓ ବ୍ୟଭିଚାରର ଦସ୍ତାବେଜ୍

**ସୌମ୍ୟ ରଞ୍ଜନ ଦାଶ**

କେତେକ ରହସ୍ୟ ସମାଜର ମୂଳଦୁଆକୁ ଏପରି ଭାବେ ଦୋହଲାଇ ଦିଏ, ଯାହା ପରେ ମାନବ ସଭ୍ୟତାର ନୈତିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ। ବର୍ତ୍ତମାନ ସମଗ୍ର ବିଶ୍ୱରେ ଚହଳ ପକାଇ ଦେଇଥିବା 'ଏପଷ୍ଟାଇନ୍ ଫାଇଲ୍ସ' ଠିକ୍ ସେହିପରି ଏକ ବିସ୍ଫୋରକ ଅଧ୍ୟାୟ ଇତିହାସରେ ଲେଖିଦେଇଛି। ଏହା କେବଳ କିଛି ଗୁପ୍ତ ଦଲିଲର ସମାହାର ନୁହେଁ, ବରଂ ଏହା ହେଉଛି କ୍ଷମତା, ଅର୍ଥ ଓ ପାଶବିକ ପ୍ରବୃତ୍ତିର ଏକ କୁହେଳି, ଯାହାକୁ ଭେଦ କରି ସତ୍ୟ ବାହାରକୁ ଆସିବା ପାଇଁ ଦଶନ୍ଧି ଦଶନ୍ଧି ଧରି ସଂଗ୍ରାମ କରିବାକୁ ପଡ଼ିଛି। ଜେଫ୍ରି ଏପଷ୍ଟାଇନ୍ ଥିଲେ ଜଣେ ରହସ୍ୟମୟ ପୁଞ୍ଜିନିବେଶକ, ଯିଏ ନିଜର ଦାମୀ ଘରୋଇ ଦ୍ୱୀପରେ ଏକ ଯୌନ ଶୋଷଣର ସାମ୍ରାଜ୍ୟ ଗଢ଼ିଥିଲେ। ତାଙ୍କ ସହ ଜଡ଼ିତ ସମସ୍ତ ଗୁପ୍ତ ତଥ୍ୟ ବର୍ତ୍ତମାନ ସାର୍ବଜନୀନ ହେବାରେ ଲାଗିଛି। ଏହି ତଥ୍ୟଗୁଡ଼ିକ କେବଳ ଆମେରିକାର ରାଜନୀତି ନୁହେଁ, ବରଂ ସମଗ୍ର ବିଶ୍ୱର ପ୍ରଭାବଶାଳୀ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକ ଅଜଣା ଆତଙ୍କ ସୃଷ୍ଟି କରିଛି।

ଏହି ମାମଲାର ଆଇନଗତ ଇତିହାସ ଅତି ଜଟିଳ ଓ ବିଚିତ୍ର। ଘଟଣାଟି ପ୍ରଥମେ ୨୦୦୫ ମାର୍ଚ୍ଚ ମାସରେ ସାମ୍ନାକୁ ଆସିଥିଲା, ଯେତେବେଳେ ଜଣେ ଅସହାୟ ମା' ନିଜର ୧୪ ବର୍ଷୀୟା ନାବାଳିକା କନ୍ୟା ସହ ହୋଇଥିବା ପାଶବିକ ଅତ୍ୟାଚାର ବିଷୟରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ସେତେବେଳେ ପାମ୍ବ ବିଚ୍ ପୁଲିସ ତଦନ୍ତ କରି ଏପଷ୍ଟାଇନ୍‌ଙ୍କ ବିରୋଧରେ ଅନେକ ସାଂଘାତିକ ପ୍ରମାଣ ପାଇଥିଲେ। ତାଙ୍କ ବିରୋଧରେ ମାମଲା ଚାଲିଲା ଏବଂ ସେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଗଲେ। କିନ୍ତୁ ଏପ୍‌ଷ୍ଟାଇନ୍ ରାଜନୈତିକ ପ୍ରଭାବ ଓ ଅର୍ଥ ବଳରେ ଗୁପ୍ତ ବୁଝାମଣା କରି ମାତ୍ର କିଛିମାସର ଜେଲ୍‌ଦଣ୍ଡ ଭୋଗ କରି ମୁକ୍ତ ହୋଇଯାଇଥିଲେ। ପାପର ଘଡ଼ା ଦିନେ ନା ଦିନେ ପୂର୍ଣ୍ଣ ହୁଏ। ୨୦୧୯ ଜୁଲାଇ ୬ ତାରିଖରେ ନ୍ୟୁୟର୍କରେ ମାନବ ଚାଲାଣ ଓ ନାବାଳିକା ଶୋଷଣ ଅଭିଯୋଗରେ ତାଙ୍କୁ ପୁଣି ଥରେ ଗିରଫ କରାଗଲା। ଏହି ଗିରଫଦାରୀ ପରେ ବିଶ୍ୱର ଅନେକ ବଡ଼ ବଡ଼ ବ୍ୟକ୍ତିଙ୍କ ମୁଖା ଖୋଲିଯିବାର ଆଶଙ୍କା ଦେଖାଦେଲା।

ଏହି ସମଗ୍ର ନାଟକରେ ସବୁଠାରୁ ବଡ଼ ରହସ୍ୟ ଥିଲା ଏପଷ୍ଟାଇନ୍‌ଙ୍କ ମୃତ୍ୟୁ। ୨୦୧୯ ଅଗଷ୍ଟ ୧୦ ତାରିଖ ସକାଳେ ନ୍ୟୁୟର୍କର ଏକ ଅତି ସୁରକ୍ଷିତ ମେଟ୍ରୋପଲିଟାନ୍ ଜେଲ୍ କୋଠରି ଭିତରେ ତାଙ୍କର ମୃତଦେହ ଝୁଲୁଥିବା ଅବସ୍ଥାରେ ମିଳିଥିଲା। ପ୍ରଶାସନ ପକ୍ଷରୁ ଏହାକୁ 'ଆତ୍ମହତ୍ୟା' ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ମୃତ୍ୟୁପୂର୍ବରୁ ସିସିଟିଭି କ୍ୟାମେରା ଅଚଳ ହୋଇଯିବା ଏବଂ ସେଠାରେ ଥିବା ସୁରକ୍ଷାକର୍ମୀମାନେ ରହସ୍ୟମୟ ଭାବେ ଅନୁପସ୍ଥିତ ରହିବା ଏକ ବଡ଼ ଷଡ଼ଯନ୍ତ୍ର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କଲା। ବିଶ୍ୱବ୍ୟାପୀ ଚର୍ଚ୍ଚା ହେଲା ଯେ ଏପଷ୍ଟାଇନ୍‌ଙ୍କ ପାଖରେ ଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ କଳଙ୍କିତ ଗୁପ୍ତ ତଥ୍ୟକୁ ଚାପି ଦେବା ପାଇଁ ତାଙ୍କୁ ହତ୍ୟା କରାଯାଇଛି। ଦୀର୍ଘବର୍ଷର ନୀରବତା ପରେ ୨୦୨୬ ମସିହା ଜାନୁଆରୀ ଶେଷ ଭାଗରେ ପ୍ରାୟ ୩୫ ଲକ୍ଷରୁ ଅଧିକ ପୃଷ୍ଠାର ସମସ୍ତ ଗୁପ୍ତ ଦଲିଲ ପର୍ଯ୍ୟାୟକ୍ରମେ ପ୍ରକାଶ କରାଗଲା। ଏହା ଜରିଆରେ ବିଶ୍ୱର ବିଭିନ୍ନ କୋଣରୁ ଭୟଙ୍କର ସତ୍ୟ ବାହାରକୁ ଆସିବାରେ ଲାଗିଛି।

ଏହି ଫାଇଲ୍ସରେ ପ୍ରକାଶିତ ନାମଗୁଡ଼ିକର ତାଲିକା ଯେତିକି ବିଶାଳ, ସେତିକି ଚକିତକର। ଏଥିରେ ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନଙ୍କ ସମ୍ପୃକ୍ତି ଦେଖିବାକୁ ମିଳିଛି। ଆମେରିକାର ଦୁଇ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଓ ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ଆରମ୍ଭ କରି ବ୍ରିଟେନର ରାଜପରିବାର ସଦସ୍ୟ ପ୍ରିନ୍ସ ଆଣ୍ଡ୍ରୁଙ୍କ ପର୍ଯ୍ୟନ୍ତ ଏହି ବିବାଦୀୟ ତାଲିକାରେ ଅଛନ୍ତି। କେବଳ ରାଜନେତା ନୁହନ୍ତି, ବରଂ ବିଜ୍ଞାନ ଜଗତର ଶ୍ରେଷ୍ଠ ବୁଦ୍ଧିଜୀବୀ ଷ୍ଟିଫେନ୍ ହକିଂ, ଶିଳ୍ପ ଜଗତର ମହାରଥୀ ବିଲ୍ ଗେଟ୍ସ, ଏଲନ୍ ମସ୍କଙ୍କ ପରି ବ୍ୟକ୍ତିଙ୍କ ସମ୍ପର୍କ ଏପଷ୍ଟାଇନ୍‌ଙ୍କ ସହ ଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଏହି କଳଙ୍କିତ ଜାଲରେ ଅନେକ ଭାରତୀୟ ବ୍ୟକ୍ତିତ୍ୱ ମଧ୍ୟ ଛନ୍ଦି ହୋଇ ରହିଛନ୍ତି। ଭାରତର କେତେକ ଶୀର୍ଷସ୍ତରୀୟ ରାଜନେତା, ପ୍ରଭାବଶାଳୀ ଶିଳ୍ପପତି ଓ ମନୋରଞ୍ଜନ ଜଗତର ଅନେକ ପ୍ରସିଦ୍ଧ ଅଭିନେତା ଓ ନିର୍ଦ୍ଦେଶକମାନଙ୍କ ନାମ ଏହି ଦଲିଲରେ ବାରମ୍ବାର ଦେଖିବାକୁ ମିଳିଛି, ଯାହା ଭାରତୀୟ ପ୍ରଶାସନ ଓ ସମାଜ ପାଇଁ ମଧ୍ୟ ଏକ ଗଭୀର ଚିନ୍ତାର ବିଷୟ ପାଲଟିଛି।

ବର୍ତ୍ତମାନର ବୁଦ୍ଧିଜୀବୀ ଓ ବିଶ୍ଳେଷକମାନେ ମତ ଦେଉଛନ୍ତି ଯେ ଏହି ଘଟଣା ସମଗ୍ର ବିଶ୍ୱର ରାଜନୀତି ଓ ଅର୍ଥନୀତି ଉପରେ ଏକ ଭୟଙ୍କର ପ୍ରଭାବ ପକାଉଛି। ସେମାନଙ୍କ ମତାନୁସାରେ, ଯେତେବେଳେ ଏହି ଫାଇଲ୍ସର ସତ୍ୟତା ସାମ୍ନାକୁ ଆସିଲା, ଠିକ୍ ସେହି ସମୟରେ ହିଁ ବିଶ୍ୱ ବଜାରରେ ସୁନା ଓ ରୁପା ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦରରେ ଅହେତୁକ ବୃଦ୍ଧି ଓ ହ୍ରାସ ଘଟିବା ଏକ ସୁଚିନ୍ତିତ ଅର୍ଥନୈତିକ ରଣନୀତି ହୋଇପାରେ। ଏହା ମାଧ୍ୟମରେ ଜନସାଧାରଣଙ୍କ ଦୃଷ୍ଟିକୁ ଏପଷ୍ଟାଇନ୍ ମାମଲାରୁ ହଟାଇବା ପାଇଁ ଏକପ୍ରକାର ଆର୍ଥିକ ଭୟର ବାତାବରଣ ସୃଷ୍ଟି କରାଯାଉଛି। ସେହିପରି ଆମେରିକା ପକ୍ଷରୁ ଅନ୍ୟ ରାଷ୍ଟ୍ରମାନଙ୍କ ଉପରେ ହଠାତ୍ ସାମରିକ ଆକ୍ରମଣ କିମ୍ବା ଯୁଦ୍ଧର ଧମକ ଦେବା ମଧ୍ୟ ଏହି ' ଆଟେନ୍‌ସନ୍ ଡାଇଭର୍ସନ' ରଣନୀତିର ଏକ ଅଂଶ ବୋଲି ଅନେକ ମତ ଦିଅନ୍ତି। ଜନମାନସରେ ଦେଶପ୍ରେମ କିମ୍ବା ଆନ୍ତର୍ଜାତୀୟ ସଙ୍କଟର ଭୟ ସୃଷ୍ଟି କରି ଶକ୍ତିଶାଳୀ ବ୍ୟକ୍ତିମାନେ ନିଜର ଦୋଷ ଲୁଚାଇବାକୁ ଚେଷ୍ଟା କରୁଛନ୍ତି, ଯାହା ବିଶ୍ୱ ରାଜନୀତିକୁ ଏକ ଅଶାନ୍ତ ମୋଡ଼ରେ ଠିଆ କରିଛି।

ସାମ୍ପ୍ରତିକ ସ୍ଥିତିରେ ସାମାଜିକ ଗଣମାଧ୍ୟମରେ ଅନେକ ବୀଭତ୍ସ ଗୁଜବ ମଧ୍ୟ ବ୍ୟାପିବାରେ ଲାଗିଛି। କୁହାଯାଉଛି ଯେ ସେହି ଗୁପ୍ତ ଦ୍ୱୀପରେ କୁଆଡ଼େ ଶିଶୁମାନଙ୍କୁ ନେଇ ତାନ୍ତ୍ରିକ ବିଧି କିମ୍ବା ଅତି ଭୟଙ୍କର ରୀତିନୀତି ପାଳନ କରାଯାଉଥିଲା। ଦୁଇ-ତିନି ବର୍ଷର ଶିଶୁଙ୍କ ଫଟୋ ସାର୍ବଜନୀନ ହେବା ପରେ ଅନେକ ଲୋକ 'ନରଭକ୍ଷଣ' ଭଳି ଦିଗ ପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ଯଦିଓ ଏଭଳି ଅତିରଞ୍ଜିତ କାହାଣୀର କୌଣସି ବଳିଷ୍ଠ ସରକାରୀ ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ, କିନ୍ତୁ ଏହି ସବୁ ଖବର ଲୋକଙ୍କ ମଧ୍ୟରେ ଘୃଣା ଓ ଆଶଙ୍କାକୁ ଦ୍ୱିଗୁଣିତ କରିଦେଇଛି। ବୁଦ୍ଧିଜୀବୀଙ୍କ ମତରେ, ଏହି ସବୁ ଶକ୍ତିଶାଳୀ ଲୋକଙ୍କ କଦର୍ଯ୍ୟ ରୁଚି ଓ ବେଆଇନ କାର୍ଯ୍ୟକଳାପକୁ ଦେଖିଲେ ଉପରୋକ୍ତ ଆଶଙ୍କା ଓ ଧାରଣାକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦେବା କଷ୍ଟକର।

ଏହି କଳଙ୍କିତ ଦଲିଲ ପ୍ରକାଶ ପାଇବା ପରେ ସଂପୃକ୍ତ ବ୍ୟକ୍ତିମାନଙ୍କର ପ୍ରତିକ୍ରିୟା ଅତି ବିଚିତ୍ର ରହିଛି। ପ୍ରାୟ ସମସ୍ତେ ଏକ ସ୍ୱରରେ ଏପଷ୍ଟାଇନ୍‌ଙ୍କ ସହ କୌଣସି ଅନୈତିକ ସମ୍ପର୍କ ଥିବା କଥାକୁ ପ୍ରତ୍ୟାଖ୍ୟାନ କରି ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରୁଛନ୍ତି। କେହି ଏହାକୁ କେବଳ ବ୍ୟବସାୟିକ ସାକ୍ଷାତକାର କହୁଛନ୍ତି ତ ପୁଣି କେହି ଏହାକୁ ଏକ ପୂର୍ବରୁ ହୋଇଥିବା ପରୋପକାରୀ ସମ୍ପର୍କର ନାମ ଦେଉଛନ୍ତି। କିନ୍ତୁ ପୀଡ଼ିତାମାନଙ୍କ ବୟାନ ଓ ପ୍ରକାଶିତ ତଥ୍ୟ କିଛି ଅଲଗା କାହାଣୀ କହୁଛି। ଏହି ଶକ୍ତିଶାଳୀ ବ୍ୟକ୍ତିମାନେ ଯେଉଁ ସୁରକ୍ଷା ଓ ବିଳାସର ଆଢୁଆଳରେ ରହୁଥିଲେ, ତାହା ପଛରେ ଯେ ଶହ ଶହ ଶିଶୁଙ୍କ ଜୀବନ ବଳି ପଡୁଥିଲା, ତାହା ଏବେ ବିଶ୍ୱ ବିବେକକୁ ଆନ୍ଦୋଳିତ କରୁଛି। ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ସାରା ବିଶ୍ୱରେ ମାନ୍ଦାବସ୍ଥାର ଭୟ ଦେଖାଇ ଯେଉଁଭଳି ଭାବେ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବିତ କରିବାକୁ ଚେଷ୍ଟା କରାଯାଉଛି, ତାହା ପ୍ରଭାବଶାଳୀ ଶ୍ରେଣୀର ଷଡ଼ଯନ୍ତ୍ରକୁ ସ୍ପଷ୍ଟ କରୁଛି।

ସଂକ୍ଷେପରେ କହିବାକୁ ଗଲେ, 'ଏପଷ୍ଟାଇନ୍ ଫାଇଲ୍ସ' ହେଉଛି ଆମ ସଭ୍ୟ ସମାଜର ମୁହଁରେ ଏକ ଶକ୍ତ ଚାପୁଡ଼ା। ଏହା ପ୍ରମାଣ କରୁଛି ଯେ ଯେତେବେଳେ ଅର୍ଥ ଓ କ୍ଷମତା ଅସୀମିତ ହୋଇଯାଏ, ସେତେବେଳେ ମଣିଷ ନିଜର ମାନବିକତା ହରାଇ ଏକ ପଶୁରେ ପରିଣତ ହୁଏ। ଯଦିଓ ଶକ୍ତିଶାଳୀ ବ୍ୟକ୍ତିମାନେ ଯୁଦ୍ଧ, ଅର୍ଥନୈତିକ ସଙ୍କଟ କିମ୍ବା ରହସ୍ୟମୟ ଗୁଜବ ଆଢୁଆଳରେ ନିଜର ଦୋଷ ଲୁଚାଇବାକୁ ଚେଷ୍ଟା କରୁଛନ୍ତି, ତଥାପି ପୀଡ଼ିତାମାନଙ୍କ ନ୍ୟାୟ ପାଇଁ ଆଜି ସାରା ବିଶ୍ୱରେ ସ୍ୱର ଉତ୍ତୋଳନ ହେଉଛି। ଆଗାମୀ ଦିନରେ ଏହି ଫାଇଲ୍ସ ଆହୁରି କେତେ ଭୟଙ୍କର ସତ୍ୟ ବାହାରକୁ ଆଣିବ, ତାହା ଦେଖିବାକୁ ବାକି ରହିଲା। ସୂର୍ଯ୍ୟଙ୍କ କିରଣରେ ଯେପରି ଅନ୍ଧକାର ନିଶ୍ଚିହ୍ନ ହୁଏ, ସେହିପରି ଦିନେ ଏହି ସମସ୍ତ ଅପରାଧୀ କାଠଗଡ଼ାରେ ଠିଆ ହେବେ ଏବଂ ସତ୍ୟର ବିଜୟ ହେବ ବୋଲି ସମାଜ ଆଶା କରୁଛି। ଏହି ଘଟଣା ବିଶ୍ୱର ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ସବୁଦିନ ପାଇଁ ଦୋହଲାଇ ଦେଇଛି। ଯେପର୍ଯ୍ୟନ୍ତ ଶେଷ ଅପରାଧୀ ଦଣ୍ଡ ନ ପାଇଛି, ସେ ପର୍ଯ୍ୟନ୍ତ ଏହି କଳଙ୍କିତ ରହସ୍ୟର ପୃଷ୍ଠାଗୁଡ଼ିକ ବିଶ୍ୱର ପ୍ରତ୍ୟେକ ନାଗରିକର ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବ।

(ଅଧ୍ୟାପକ, ବିରଜା ଆଇନ ମହାବିଦ୍ୟାଳୟ)
ଯାଜପୁର, ମୋ: ୮୮୯୫୯୫୨୩୧୫

# ଭାରତୀୟ ସଂସଦ: ସହଯୋଗର ସଭାଗୃହ ନା ସଂଘର୍ଷର ମଞ୍ଚ?

**ବିଭୂତି ଭୂଷଣ କର**

ଭାରତୀୟ ସଂସଦ କେବଳ ଏକ ସୁଦୃଶ୍ୟ ନିର୍ମାଣ ଢାଞ୍ଚା ନୁହେଁ, ଏହା ଗଣତନ୍ତ୍ରର ଜୀବନ୍ତ ପ୍ରାଣକେନ୍ଦ୍ର। ଏଠାରେ ନିର୍ବାଚିତ ପ୍ରତିନିଧିମାନେ ଜନତାର ଆକାଂକ୍ଷା ଓ ଆଶାର ପ୍ରତିଫଳନ କରାନ୍ତି। ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ଏକ ଜଟିଳ ଚିତ୍ର ଦୃଷ୍ଟିଗୋଚର ହୁଏ। ଏକପକ୍ଷରେ ସହଯୋଗ, ବିଚାର-ବିମର୍ଶ ଓ ସଂବିଧାନିକ ମର୍ଯ୍ୟାଦାର ଉଜ୍ଜ୍ୱଳ ପରମ୍ପରା, ଅପରପକ୍ଷରେ ତୀବ୍ର ବାଦାନୁବାଦ, ରାଜନୈତିକ କାଦୁଅ ଫିଙ୍ଗା ଓ କାର୍ଯ୍ୟ ସମ୍ପାଦନରେ ବାଧାର ଦୀର୍ଘ ଇତିହାସ। ବିରୋଧୀ ଦଳ ଓ ସରକାରୀ ଦଳ ମଧ୍ୟରେ ସମୟାନୁକ୍ରମେ ଦେଖାଦେଇଥିବା ଏହି ସଂଘର୍ଷମୟ ସମ୍ପର୍କ ଗଣତନ୍ତ୍ରର ପରିପକ୍ୱତା ଓ ଆବଶ୍ୟକତାକୁ ଗଭୀର ଭାବେ ସଂକ୍ରମିତ କରେ।

ସ୍ୱାଧୀନତାର ପ୍ରାରମ୍ଭିକ ଦଶକଗୁଡ଼ିକରେ ସଂସଦରେ ଉଲ୍ଲେଖନୀୟ ଏକତା ଦେଖାଯାଉଥିଲା। ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ କଂଗ୍ରେସ ଦଳର ପ୍ରଭାବଶାଳୀ ଉପସ୍ଥିତି ଥିଲେ ମଧ୍ୟ ସଂସଦୀୟ ଆଲୋଚନା ଅତ୍ୟନ୍ତ ସୁସଂସ୍କୃତ, ବିଷୟଭିତ୍ତିକ ଓ ରଚନାତ୍ମକ ଥିଲା। ବିରୋଧୀ ଦଳର ପ୍ରତିନିଧିତ୍ୱ କମ୍ ଥିଲେ ମଧ୍ୟ ଡାକ୍ତର ରାମ ମନୋହର ଲୋହିଆ, ଅଟଳ ବିହାରୀ ବାଜପେୟୀ, ଏଚ୍.ଭି. କାମଥଙ୍କ ଭଳି ନେତାମାନେ ତୀବ୍ର ମତବାଦୀ ଭୂମିକା ନେଇଥିଲେ। ସେମାନଙ୍କର ଭୂମିକା ମୁଖ୍ୟତଃ ଭାରତୀୟ ବିଚାରଧାରା, ରାଷ୍ଟ୍ର ନିର୍ମାଣ ଓ ବିକାଶ ଉପରେ କେନ୍ଦ୍ରିତ ଥିଲା। ସେହି ସମୟରେ ବିରୋଧର ମାନ୍ୟତା ରହିଥିଲା ଏବଂ ସରକାର ବିରୋଧୀ ମତକୁ ଗୁରୁତ୍ୱ ଦେଉଥିଲେ।

୧୯୭୦ ଦଶକ ଆଡ଼କୁ ଏହି ଚିତ୍ର ବଦଳିବା ଆରମ୍ଭ ହେଲା। ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ କାର୍ଯ୍ୟନିର୍ବାହୀର ପ୍ରଭାବ ବୃଦ୍ଧି ପାଇଲା ଏବଂ ସଂସଦକୁ ନିୟନ୍ତ୍ରଣ କରିବାର ପ୍ରବୃତ୍ତି ଦେଖାଦେଲା। ୧୯୭୫ର ଜରୁରୀକାଳୀନ ଅବସ୍ଥା ଏହାର ଚରମ ପରିଚୟ ଥିଲା, ଯାହା ସଂସଦୀୟ ପ୍ରଣାଳୀ ଉପରେ ଏକ ଗଭୀର ଆଘାତ ଥିଲା। ଏହି ଘଟଣା ପରଠାରୁ ବିରୋଧୀ ଦଳମାନେ ଅଧିକ ଆକ୍ରମଣାତ୍ମକ ଏବଂ ରାଜନୈତିକ ସଂଘର୍ଷ ଉପରେ କେନ୍ଦ୍ରିତ ହେବା ଆରମ୍ଭ କଲେ। ଅଟଳ ବିହାରୀ ବାଜପେୟୀ, ଜର୍ଜ ଫର୍ଣ୍ଣାଣ୍ଡେସ୍, ମଧୁ ଲିମୟେ ଆଦି ନେତାମାନେ ସଂସଦରେ ଜନପକ୍ଷର ପ୍ରତିନିଧିତ୍ୱ କରି ତୀବ୍ର ବିରୋଧର ସମ୍ମୁଖୀନ ହେଲେ।

୧୯୯୦ ଦଶକରେ ଉଦାରୀକରଣ ଏବଂ ବହୁଦଳୀୟ ଶାସନ ପଦ୍ଧତୀୟ ଯୁଗର ଆରମ୍ଭ ହେଲା। ଏହି ସମୟରେ ଗଠନମୂଳକ ବିରୋଧୀ ଦଳର ଅଭାବ ପରିଲକ୍ଷିତ ହେଲା। ଏହି ଶୂନ୍ୟତା ପୂରଣ କରିବାକୁ ଦ୍ରୁତଗତିରେ ବଢୁଥିବା 'ଭାରତୀୟ ଜନତା ପାର୍ଟି' ସମେତ ଅନ୍ୟାନ୍ୟ କ୍ଷେତ୍ରୀୟ ଦଳମାନେ ସାମ୍ନାକୁ ଆସିଲେ। ଏହି ଯୁଗରେ ସଂସଦୀୟ ଆଲୋଚନା ଅପେକ୍ଷା ଗଣମାଧ୍ୟମ ପାଇଁ ପ୍ରଦର୍ଶନ ଓ ଧର୍ମଘଟ ଅଧିକ ଗୁରୁତ୍ୱପୂର୍ଣ୍ଣ ହେବା ଆରମ୍ଭ ହେଲା। ବିରୋଧୀ ଦଳମାନେ ସଂସଦକୁ ଜନସମ୍ପର୍କର ରଙ୍ଗମଞ୍ଚ ଭାବରେ ବ୍ୟବହାର କରିବା ଆରମ୍ଭ କଲେ।

ବର୍ତ୍ତମାନର ପରିସ୍ଥିତି ଅଧିକ ଜଟିଳ। ଦଳୀୟ ରାଜନୀତିର ଉଗ୍ରତା, ୨୪ ଘଣ୍ଟା ଖବରଚକ୍ର ଓ ସାମାଜିକ ଗଣମାଧ୍ୟମର ପ୍ରଭାବ ସଂସଦୀୟ ପ୍ରଣାଳୀକୁ ଗଭୀର ଭାବେ ପ୍ରଭାବିତ କରିଛି। ବିରୋଧୀ ଦଳମାନେ ଆଲୋଚନା ବଦଳରେ ଅବରୋଧ, ଧର୍ମଘଟ ଓ ସଂସଦ ବାହାରେ ବିଶାଳ ଆନ୍ଦୋଳନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସରକାରୀ ଦଳ ମଧ୍ୟ ବିରୋଧୀ ମତକୁ ଅବମାନନା କରିବାର ପ୍ରବୃତ୍ତି ରଖୁଛି। ଫଳସ୍ୱରୂପ, ସଂସଦର କାର୍ଯ୍ୟଦିବସଗୁଡ଼ିକ ନିରର୍ଥକ ହେବାରେ ଲାଗିଛି। ବିଲ୍‌ଗୁଡ଼ିକ ଆବଶ୍ୟକୀୟ ଆଲୋଚନା ବିନା ଦ୍ରୁତଗତିରେ ସଂସଦୀୟ ମଞ୍ଜୁରୀ ପାଉଛି ଏବଂ ଉତ୍ତରଦାୟୀ ପ୍ରଣାଳୀ ଦୁର୍ବଳ ହେଉଛି। ଫଳତଃ ମଞ୍ଜୁରୀ ପ୍ରାପ୍ତ ବିଲ୍‌ଗୁଡ଼ିକ ପରବର୍ତ୍ତୀ ସମୟରେ ଦୃଢ଼ ବିରୋଧର ସମ୍ମୁଖୀନ ହେଉଛି। କୃଷି ବିଲ୍‌ଠାରୁ ଆରମ୍ଭ କରି ୱାକଫ୍ ବିଲ୍ ପର୍ଯ୍ୟନ୍ତ ଅନେକ ସୁସ୍ଥ ଆଲୋଚନାର ପୃଷ୍ଠଭୂମିରେ ମଞ୍ଜୁର ହୋଇ ନ ଥିବାରୁ ପରବର୍ତ୍ତୀ ସମୟରେ ବିରୋଧର ସମ୍ମୁଖୀନ ହୋଇ ପ୍ରତ୍ୟାହାର ହୋଇଛି।

ସରକାରୀ ଦଳ ଓ ବିରୋଧୀ ଦଳ ଉଭୟଙ୍କୁ ସଂସଦୀୟ ମର୍ଯ୍ୟାଦା ପୁନରୁଦ୍ଧାର ପାଇଁ ସମ୍ମିଳିତ ଭାବେ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ। ବିରୋଧକୁ ଦେଶଦ୍ରୋହ ନ ଭାବି ଗଣତନ୍ତ୍ରର ଅଙ୍ଗ ଭାବରେ ଗ୍ରହଣ କରିବା ଜରୁରୀ। ସଭାପତି ଓ ଅଧ୍ୟକ୍ଷଙ୍କୁ ସଂସଦୀୟ ନିୟମାବଳୀ କଠୋର ଭାବେ ପ୍ରୟୋଗ କରିବାର ଅଧିକାର ଓ କର୍ତ୍ତବ୍ୟ ନିର୍ଦ୍ଦେଶ ଦିଆଯିବା ଉଚିତ। ଅସଭ୍ୟ ଆଚରଣ, ଅବରୋଧ ଓ ଧ୍ୱନି ବିସ୍ଫୋରକ ବ୍ୟବହାର ଉପରେ କଡ଼ା ନିୟନ୍ତ୍ରଣ ଆବଶ୍ୟକ। ବିରୋଧୀ ଦଳଙ୍କୁ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ କମିଟିରେ ଯଥାର୍ଥ ପ୍ରତିନିଧିତ୍ୱ, ଆଲୋଚନା ପାଇଁ ଯଥେଷ୍ଟ ସମୟ ଏବଂ ନିୟମିତ ରୂପେ ସରକାରୀ ନିଷ୍ପତ୍ତି ଉପରେ ପ୍ରଶ୍ନ କରିବାର ସୁଯୋଗ ଦେବା ଜରୁରୀ। ରାଜନୈତିକ ଦଳମାନେ ନିଜ ସଦସ୍ୟମାନଙ୍କୁ ଶିଷ୍ଟାଚାର, ବିଷୟଭିତ୍ତିକ ଆଲୋଚନା ଓ ସଂସଦୀୟ ପ୍ରଣାଳୀ ଶିକ୍ଷା ଦେବା ଉଚିତ। ଗଣମାଧ୍ୟମ ପ୍ରସାରଣରେ ସଂଘର୍ଷର ଦୃଶ୍ୟ ବଦଳରେ ଗଠନମୂଳକ ଆଲୋଚନାର ଦୃଶ୍ୟ ଓ ବିଷୟକୁ ପ୍ରାଧାନ୍ୟ ମିଳିବା ଉଚିତ। ଜନତା ରାଜନୈତିକ ଦଳ ଓ ନିର୍ବାଚିତ ପ୍ରତିନିଧିଙ୍କଠାରୁ ଉତ୍ତରଦାୟିତ୍ୱ ଦାବି କରିବା ଉଚିତ। ସାଧାରଣ ନାଗରିକ, ଶିକ୍ଷାବିତ୍ ଓ ନାଗରିକ ସମାଜ ସଂସଦୀୟ ସୁଶାସନ ପାଇଁ ଚାପ ସୃଷ୍ଟି କରିବା ବାଞ୍ଛନୀୟ।

ଭାରତୀୟ ସଂସଦ ଏକ 'ସମୃଦ୍ଧ ଓ ପ୍ରଭାବଶାଳୀ ସଭାଗୃହ' ଭାବରେ ପରିଚିତ। ବର୍ତ୍ତମାନର ସଂଘର୍ଷମୟ ପରିବେଶ ଏହି ପରମ୍ପରାକୁ ଅନେକାଂଶରେ ନଷ୍ଟ କରୁଛି। ଗଣତନ୍ତ୍ରର ମୂଳଦୁଆ ହେଉଛି ବିଶ୍ୱାସ ଓ ସମ୍ମାନ। ସରକାରୀ ଦଳ ଓ ବିରୋଧୀ ଦଳ ଉଭୟେ ଯଦି ଏହି ସତ୍ୟକୁ ଗୁରୁତ୍ ଦିଅନ୍ତେ ସଂସଦ ଦେଶର ଜଟିଳ ସମସ୍ୟା ସମାଧାନ ପାଇଁ ଏକ କାର୍ଯ୍ୟକ୍ଷମ ଓ ପ୍ରଭାବଶାଳୀ ପ୍ଲାଟଫର୍ମ ଭାବେ ବିବେଚିତ ହେବ। ଏହି ମାଧ୍ୟମରେ ହିଁ ଭାରତୀୟ ସଂସଦୀୟ ବ୍ୟବସ୍ଥା ସମଗ୍ର ବିଶ୍ୱରେ 'ଗଣତନ୍ତ୍ରର ମନ୍ଦିର' ଏବଂ ଭାରତ 'ଗଣତନ୍ତ୍ରର ଜନନୀ' ଭାବେ ପ୍ରସିଦ୍ଧି ପାଇପାରିବ।

(ରାଜ୍ୟ ସଭାପତି, ଉତ୍କଳ ସାମ୍ବାଦିକ ସଂଘ)
ଭୁବନେଶ୍ୱର, ମୋ. ୯୪୩୭୦୦୬୩୬୩

# କୃତ୍ରିମ ଆଲୋକ ଓ ବିସ୍ମୃତି

## ବିଜ୍ଞାନ ବାର୍ତ୍ତା

**ଶ୍ରୀନନ**

ଦିନକୁ ଦିନ ବଢ଼ିବାରେ ଚାଲିଛି ଆମର କୃତ୍ରିମ ଆଲୋକ ମଧ୍ୟରେ ବିତାଉଥିବା ସମୟ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାର୍ଯ୍ୟରତ କର୍ମଚାରୀ ଏବଂ ପଢୁଥିବା ଛାତ୍ରଛାତ୍ରୀ, ଦୀର୍ଘସମୟ ଧରି ମୋବାଇଲ୍ ଓ କମ୍ପ୍ୟୁଟର ଉପରେ ଦୃଷ୍ଟିନିବଦ୍ଧ ଆଦି ଏହାର ଉଦାହରଣ। ସହରାଞ୍ଚଳ ଏବଂ ଅନେକ ଗ୍ରାମାଞ୍ଚଳରେ ରାତ୍ରିର ଆଲୋକମାଳାକୁ ଅଧିକରୁ ଅଧିକ ଉଜ୍ଜ୍ୱଳ କରାଯାଉଛି। ଏହି ଆଲୋକ ପ୍ରଦୂଷଣ ନିର୍ଦ୍ଦିଷ୍ଟଭାବେ ଆମ ମସ୍ତିଷ୍କ ଓ ସ୍ମରଣଶକ୍ତିକୁ ପ୍ରଭାବିତ କରୁଛି ବୋଲି କହିଛନ୍ତି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜିନୀୟ ବିଜ୍ଞାନୀ ପ୍ରଫେସର ସୁରଜିତ ସରକାର। ତାଙ୍କ ମତରେ ଆମ ପ୍ରାକୃତିକ ଦୈନିକ ଜୈବ-ଘଟିକାର ଛନ୍ଦ (ସିର୍କାଡିଆନ୍ ରିଦମ୍) ପ୍ରଭାବିତ ହେଉଛି, ଯାହାକି ଆମ ସୁନିଦ୍ରାରେ ବ୍ୟାହତ ଆଣୁଛି ଏବଂ ମସ୍ତିଷ୍କର ଅବକ୍ଷୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ପ୍ରଥମଥର ପାଇଁ ପ୍ରଫେସର ସରକାର ଏବଂ ତାଙ୍କ ସହଯୋଗୀମାନେ ପ୍ରମାଣିତ କରିଛନ୍ତି ଯେ ଏପ୍ରକାର 'ଆଲୋକ ପ୍ରଦୂଷଣ' ଏବଂ ଅନ୍ୟାନ୍ୟ ଜୀବନଚର୍ଯ୍ୟା ଯୋଗୁଁ ନିଦ୍ରାହୀନତା, କମ୍ ବୟସରୁ ବାର୍ଦ୍ଧକ୍ୟର ଲକ୍ଷଣମାନ ପ୍ରକଟିତ କରିବା ଏବଂ ଆଲ୍‌ଝିମରସ, ପାର୍କିନସନସ ଆଦି ମସ୍ତିଷ୍କ ରୋଗର କାରଣ ହେଉଛି।

ଗବେଷକମାନେ କିଛି ଫଳମାଛିଙ୍କଠାରେ ଜିନୀୟ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ 'ଆଲ୍‌ଝିମରସ୍' ସହ ସଂପୃକ୍ତି ଏବଂ ମଣିଷଠାରେ ଥିବା ବିଷାକ୍ତ 'ଟାଉପ୍ରୋଟିନ୍' ସୃଷ୍ଟି କରାଇଥିଲେ। ସେମାନେ ଦେଖିଲେ ଯେ ଏଗୁଡ଼ିକ କୃତ୍ରିମ ଆଲୋକର ସମ୍ମୁଖୀନ ହେଲେ ତାଙ୍କ ନିଦ୍ରାରେ ବ୍ୟାଘାତ ଘଟିଲା ଏବଂ ସେମାନଙ୍କ ମସ୍ତିଷ୍କର ଜୀବକୋଷଗୁଡ଼ିକର ଦ୍ରୁତ ଅବକ୍ଷୟ ହେବାକୁ ଲାଗିଲା। ଏହା ସେଗୁଡ଼ିକଠାରେ 'ଟାଉପ୍ରୋଟିନ୍'କୁ ଅଧିକ ଅଠାଳିଆ କରିଦେଲା। ଫଳରେ ତାହା ମୁଣ୍ଡା ବାନ୍ଧି ସ୍ନାୟୁକୋଷଗୁଡ଼ିକୁ ଅବରୋଧ କରିବାକୁ ଲାଗିଲା। ସମ୍ଭବତଃ କୃତ୍ରିମ ଆଲୋକକୁ ଦୀର୍ଘସମୟ ଧରି ଉନ୍ମୁକ୍ତ ରହିବା ଏହିଭଳି ପ୍ରକ୍ରିୟାରେ ଆମଠାରେ 'ବିସ୍ମୃତି' ବା 'ଡିମେନସିଆ'ର କାରଣ ହୋଇଥାଏ।

ପ୍ରଫେସର ସରକାର ଏବଂ ତାଙ୍କ ସହଯୋଗୀଙ୍କ ଏହି ଅଧ୍ୟୟନର ଫଳାଫଳ ପ୍ରକାଶ ପାଇଛି ଆର୍ନ୍ତଜାତିକ ସ୍ନାୟୁବିଜ୍ଞାନ ପତ୍ରିକା 'ନ୍ୟୁରୋକେମେଷ୍ଟ୍ରି ଇଣ୍ଟରନ୍ୟାସନାଲ୍' (ଅକ୍ଟୋବର ୨୦୨୫) ରେ। ସେଥିରେ ସେମାନେ ଦର୍ଶାଇଛନ୍ତି ଯେ ଯଥେଷ୍ଟ ମାତ୍ରାରେ ସୁନିଦ୍ରା ଏସବୁ ପ୍ରକାର ସ୍ନାୟୁଦୁର୍ବଳକାରୀ ରୋଗକୁ ବିଳମ୍ବିତ କିମ୍ବା ତା'ର ଆଶଙ୍କାକୁ ହ୍ରାସ କରେ। ତେବେ ରାତ୍ରିର କୃତ୍ରିମ ଆଲୋକ ଏଥିରେ ବ୍ୟାଘାତ ଆଣୁଛି। କାରଣ ଆମ ନିଦ୍ରାକୁ ନିୟନ୍ତ୍ରିତ କରୁଥିବା ହରମୋନ ମେଲାଟୋନିନ୍ ଅନ୍ଧକାରରେ ହିଁ ଯଥେଷ୍ଟ ମାତ୍ରାରେ କ୍ଷରିତ ହୋଇଥାଏ।

ବର୍ତ୍ତମାନ ବିସ୍ମୃତି ବା ଡିମେନ୍‌ସିଆ ଏବଂ ଅନ୍ୟାନ୍ୟ ବୟସ ସହିତ ସଂପୃକ୍ତ ମସ୍ତିଷ୍କ ବିଶୃଙ୍ଖଳା ଆହ୍ୱାନ ରୂପେ ମୁଣ୍ଡ ଟେକିଛି। ବୟସ୍କ ଲୋକଙ୍କ ମଧ୍ୟରେ ପ୍ରାୟ ଦୁଇ-ତୃତୀୟାଂଶ ଅନ୍ତେବହୁତ ଆଲ୍‌ଝିମରସ୍‌ର ଶିକାର। ପୂର୍ବାନୁମାନ ଅନୁସାରେ ୨୦୫୦ ମସିହା ବେଳକୁ ଆମ ଦେଶର ପ୍ରାୟ ୧୪.୩ ନିୟୁତ ଲୋକ ବିସ୍ମୃତ ପଣ ଅନୁଭବ କରିବେ। ଏହାର ଲକ୍ଷଣଗୁଡ଼ିକ ହେଲା, ସ୍ମୃତିହୀନତା, ବାଉଳା ହେବା, ସାମାଜିକ ଜୀବନ ପ୍ରତି ବିତୃଷ୍ଣା ଭାବ ଏବଂ ଦୈନନ୍ଦିନ କାର୍ଯ୍ୟନିର୍ବାହରେ ଅକ୍ଷମତା।

ଅନ୍ୟ ଏକ ଅଧ୍ୟୟନ ଅନୁଯାୟୀ କୃତ୍ରିମ ଆଲୋକକୁ ଉନ୍ମୁକ୍ତ ହେବା ବା 'ଆଲୋକ ପ୍ରଦୂଷଣ' ହେତୁ ବାରମ୍ବାର ନିଦ୍ରାଭଙ୍ଗ ସହିତ ସଂପୃକ୍ତ ଉପରୋକ୍ତ ଲକ୍ଷଣମାନ କମ୍ ବୟସରୁ ଦେଖାଯିବା ଏବଂ ତାହା ଅଧିକ ଜଟିଳ ହେବାର କରଣ। ଆଲୋକ ଆମ ମସ୍ତିଷ୍କର ଆଭ୍ୟନ୍ତରୀଣ ଛନ୍ଦ ରକ୍ଷା କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରେ। କିନ୍ତୁ ଆଜିର ଦୁନିଆରେ ଆଲୋକ ଅଧିକରୁ ଅଧିକ ପ୍ରଖର ହେବାରେ ଲାଗିଛି। ଲୋକେ ଆହୁରି ମଧ୍ୟ ଟେଲିଭିଜନ୍, କମ୍ପ୍ୟୁଟର, ଲାପ୍‌ଟପ୍ ଓ ମୋବାଇଲ ଦେଖିବା।ରେ ଅଧିକ ସମୟ କଟାଉଛନ୍ତି। ପ୍ରଫେସର ସରକାରଙ୍କ ମତରେ ଏ ପ୍ରକ୍ରିୟାରେ କ୍ରିୟାବିଧି ସଂପୂର୍ଣ୍ଣ ହୃଦୟଙ୍ଗମ କରିବାକୁ ଲୋଡ଼ା ଅଧିକ ଅଧ୍ୟୟନ। ତେବେ ମସ୍ତିଷ୍କକୁ ସୁସ୍ଥ ରଖିବା ପାଇଁ ଏବଂ ସ୍ମୃତି ଶକ୍ତି ସହ ସଂପୃକ୍ତ ସ୍ନାୟବିକରୋଗ ବ୍ୟାଧିରୁ ମୁକ୍ତ ରହିବା ପାଇଁ ତଥା ଦୈନିକ ଜୈବଘଟିକାର ଛନ୍ଦକୁ ପ୍ରାକୃତିକ ରଖିବା ପାଇଁ ଯଥାସମ୍ଭବ କୃତ୍ରିମ ଆଲୋକ, ଅର୍ଥାତ୍ ଆଲୋକ ପ୍ରଦୂଷଣଠାରୁ ଦୂରେଇ ରହିବା ଉଚିତ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଧାନ ସଂଗ୍ରହରେ ବିଜେପି ଚାଷୀଙ୍କୁ ପ୍ରତାରଣା ଦେଇଛି: ବିଜେଡି

ଭୁବନେଶ୍ୱର, ୯।୨(ସମିସ): ରାଜ୍ୟରେ ଧାନକିଣାକୁ ନେଇ ସୃଷ୍ଟି ହୋଇଥିବା ଅଭାବନୀୟ ପରିସ୍ଥିତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛି ବିଜେଡି। ଚାଷୀଙ୍କ ସମସ୍ୟା ସମାଧାନ ଦିଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିଠି ଲେଖି ଯେଉଁ ପରାମର୍ଶ ଦେଇଛନ୍ତି, ତାହାକୁ ଗ୍ରହଣ କରି ସମସ୍ୟା ସମାଧାନ ପାଇଁ ଦଳ ଦାବି କରିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର



ଦାସବର୍ମା, ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ରୋହିତ ପୂଜାରୀ, ମୁଖପାତ୍ର ତଥା ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ରାଜ୍ୟ ବିଜେପି ସରକାର ଚାଷୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣରେ ବିଫଳ ହେବା ସହିତ ରାଜ୍ୟର ସମଗ୍ର ଚାଷୀକୁଳକୁ ହତାଶ କରିଛନ୍ତି ବୋଲି କହିଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଚିଠିରେ ମୁଖ୍ୟତଃ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛନ୍ତି। ଗତ ନିର୍ବାଚନ ସମୟରେ ଏମଏସପି ସହିତ ୩୧୦୦ ଟଙ୍କା ଧାନ କ୍ରୟ ମୂଲ୍ୟ ହେବ, ବିନା କଟନୀ ଛଟନୀରେ ସମସ୍ତ ଧାନ କିଣାଯିବା ଓ ୪୮ ଘଣ୍ଟାରେ ଡିବିଟି ମାଧ୍ୟମରେ ଧାନର ମୂଲ୍ୟ କୃଷକମାନଙ୍କୁ ପ୍ରଦାନ କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଏହି ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି । ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଧାନ ସଂଗ୍ରହ କାର୍ଯ୍ୟ ଅଧାପନ୍ତରିଆ। ୭୩ ଲକ୍ଷ ମେଟ୍ରିକ ଟନ ଖରିଫ୍ ଧାନକିଣା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ୪୧.୯୬ ଲକ୍ଷ ମେଟ୍ରିକ ଟନ ଅର୍ଥାତ ମାତ୍ର ୫୭ ପ୍ରତିଶତ ଧାନ ସଂଗ୍ରହ ହୋଇପାରିଛି। ରାଜ୍ୟର ସମୁଦାୟ ୧୯,୬୬,୮୧ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ, ଏବେ ସୁଦ୍ଧା ୯,୬୫,୫୪୬

- ୪୯% ପଞ୍ଜିକୃତ ଚାଷୀଙ୍କଠାରୁ ସଂଗ୍ରହ ହୋଇଛି ଧାର୍ଯ୍ୟ ଲକ୍ଷ୍ୟର ୫୭% ଧାନ
- ରାଜ୍ୟରେ ଧାନ ଚାଷକୁ ନିରୁତ୍ସାହିତ କରିବା ପାଇଁ ସରକାର ଚକ୍ରାନ୍ତ କରୁଛନ୍ତି
- ନବୀନଙ୍କ ପ୍ରସ୍ତାବ ଗ୍ରହଣ କରି ତୁରନ୍ତ ଚାଷୀଙ୍କ ସମସ୍ୟାର ସମାଧାନ କର

ଜଣ ଚାଷୀ ଅର୍ଥାତ ମାତ୍ର ୪୯ ପ୍ରତିଶତ ଚାଷୀ ଧାନ ବିକ୍ରି କରିବାକୁ ସକ୍ଷମ ହୋଇଛନ୍ତି । ପଡୋଶୀ ଛତିଶଗଡ଼ରେ ୮୦ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୧୪୦ ଲକ୍ଷ ମେଟ୍ରିକ ଟନ ଧାନ କିଣା ସରିଲାଣି। ରାଜ୍ୟର ଚାଷୀମାନେ ଆଜି ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇଛନ୍ତି । କିନ୍ତୁ ରାଜ୍ୟର ମନ୍ତ୍ରୀମାନେ ବିଭିନ୍ନ ମନ୍ତବ୍ୟ ଦେଇ ରାଜ୍ୟର ଚାଷୀକୁଳକୁ ଅପମାନ କରୁଛନ୍ତି। ରୋହିତ ପୂଜାରୀ କହିଥିଲେ ଯେ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ବିଜେପିର ପୁରୁଣା ଅଭ୍ୟାସ । ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ସ୍ୱାମୀନାଥନ କମିଟି ଲାଗୁ କରିବା ପାଇଁ ଓ ଚାଷୀଙ୍କ ଆୟକୁ ଦ୍ୱିଗୁଣ କରିବା ପାଇଁ, କିନ୍ତୁ ତାହା ହେଲା ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ତାଙ୍କ ଚିଠିରେ ଧାନ ସଂଗ୍ରହକୁ ନେଇ ସୃଷ୍ଟି ହୋଇଥିବା ଅଭାବନୀୟ ପରିସ୍ଥିତି ପାଇଁ ଉଦବେଗ ପ୍ରକାଶ କରିବା ସହିତ ଏହି ସମସ୍ୟାର ସମାଧାନ ପାଇଁ କେତେକ ପ୍ରସ୍ତାବ ମଧ୍ୟ ଦେଇଛନ୍ତି । ତେଣୁ ନବୀନଙ୍କ ପ୍ରସ୍ତାବ ତଥା ଦାବି ଗୁଡିକ ତୁରନ୍ତ କାର୍ଯ୍ୟକାରୀ କରାଯାଉ। ଏହି ସମସ୍ୟା ତୁରନ୍ତ ସମାଧାନ ନହେଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ।

ଭୃଗୁ ବକ୍ସିପାତ୍ର କହିଥିଲେ ଯେ ବିରୋଧୀ ଦଳରେ ଥିଲାବେଳେ ବିଜେପି ନେତା ମାନେ ବିଭିନ୍ନ ମଣ୍ଡିରେ ପହଞ୍ଚି ବିଭିନ୍ନ କଥା କହୁଥିଲେ ଓ ଚାଷୀମାନଙ୍କୁ ସରକାରଙ୍କ ବିରୋଧରେ ଉସକାଉଥିଲେ। କିନ୍ତୁ ଏବେ ମନ୍ତ୍ରୀ ଓ ନେତାମାନେ ଚାଷୀକୁଳ ପ୍ରତି ବିଭିନ୍ନ କଟୁକ୍ତି କରିବା ସହିତ ପରିହାସ କରୁଛନ୍ତି। ବାସ୍ତବରେ ବିଜେପି ସରକାର ଧାନ ଚାଷକୁ ନିରୁତ୍ସାହିତ କରିବା ଉଦ୍ଦେଶ୍ୟରେ ଏପରି କରୁଛନ୍ତି । କେନ୍ଦ୍ର ଅର୍ଥ ବିଭାଗର ସଚିବ କେରଳ ସରକାରଙ୍କୁ ନିକଟରେ ଦେଇଥିବା ଏକ ଚିଠିକୁ ଦେଖାଇଥିଲେ, ଯେଉଁଥିରେ ଧାନ ଓ ଗହମ ସଂଗ୍ରହ ବେଳେ ଯେଉଁ ରାଜ୍ୟମାନେ ବୋନସ ବା ଇନପୁଟ ସବସିଡି ଦେବାକୁ ବାରଣ କରିଛନ୍ତି। ଏହି ଚିଠିରୁ ସ୍ପଷ୍ଟ ହେଉଛି ଯେ କେନ୍ଦ୍ର ସରକାର ଧାନ ଚାଷକୁ ପ୍ରୋତ୍ସାହନ ଦେବାକୁ ଚାହୁଁ ନାହାନ୍ତି । ସମ୍ଭବତଃ ସେହି କାରଣ ପାଇଁ ରାଜ୍ୟ ସରକାର ଓଡ଼ିଶାର ଚାଷୀକୁଳକୁ ଏପରି ହତାଶ କରୁଛନ୍ତ ବୋଲି ଶ୍ରୀ ବକ୍ସିପାତ୍ର କହିଥିଲେ।

## ଏକସଙ୍ଗେ ୪ ସନ୍ତାନ ପ୍ରସବ କରି ଚର୍ଚ୍ଚାରେ ମହିଳା

କୋମନା, ୯।୨(ସମିସ): ଏକସଙ୍ଗେ ୪ ସନ୍ତାନ ପ୍ରସବ କରି ଚର୍ଚ୍ଚାରେ ମହିଳା। ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଅଧୀନ କୁରୁମପୁରୀ ସେକ୍ଟର୍‌ର ଚୌକାପଡ଼ା ଗ୍ରାମରେ ଏପରି ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ପୁଷ୍ପା ଧରୁଆ ନାମ୍ନୀ ଜଣେ



ମହିଳା ଏକାସାଙ୍ଗେ ୪ଟି ସନ୍ତାନକୁ ଜନ୍ମ ଦେଇଛନ୍ତି। ଭୋଜରାଜ ମାଝୀଙ୍କ ପତ୍ନୀ ପୁଷ୍ପାଙ୍କ ଏହା ପ୍ରଥମ ଗର୍ଭଧାରଣ ଥିଲା। ଗତ ୭ ତାରିଖରେ ପଡ଼ୋଶୀ ଛତିଶଗଡ଼ ମହାସମୁନ୍ଦ ହସ୍ପିଟାଲରେ ତାଙ୍କର ପ୍ରସବ କରାଯାଇଥିଲା। ସେଠାରେ ସେ ଚାରୋଟି ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ହସ୍ପିଟାଲ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ପ୍ରସବ ପ୍ରକ୍ରିୟା ସଫଳ ହୋଇଥିବା ବେଳେ ବର୍ତ୍ତମାନ ମା' ଏବଂ ଚାରୋଟି ଯାକ ଶିଶୁ ସୁସ୍ଥ ଅଛନ୍ତି।

## ମହିଳାଙ୍କୁ ହତ୍ୟା କରି ପୋତିଦେଲେ!

ଭବାନୀପାଟଣା, ୯ ।୨ (ସମିସ): ଭବାନୀପାଟଣା ସଦର ଥାନା ଅଧୀନ ଶ୍ରୀପୁରସ୍ଥିତ ଏକ ଫାର୍ମହାଉସ୍ ଅଞ୍ଚଳରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳାଙ୍କ ପରିଚୟ ମିଳି ପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ କେହି ଦୁର୍ବୃତ୍ତ ମହିଳାଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ମହିଳାଙ୍କୁ ଏଠାରେ ପୋତି ଦେଇଥିବା ସନ୍ଦେହ କରାଯାଉଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ମୃତ ମହିଳାଙ୍କ ପରିଚୟ ଖୋଜିବାକୁ ଚେଷ୍ଟା ଚଳାଇଛି। ସୂଚନାନୁଯାୟୀ, ଆଜି କିଛି ସଫେଇ କର୍ମଚାରୀ ଝାଡୁ ମାରୁଥିବା ବେଳେ ପୋତା ଯାଇଥିବା ଶବର ଆଙ୍ଗୁଠି ଦେଖିବାକୁ ପାଇବା ପରେ ଘଟଣା ପଦାକୁ ଆସିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା।


## AFFIDAVIT

By virtue of an affidavit sworn before the Executive Magistrate, Bhubaneswar on 27.01.2026, I, NIKITA PADHAN, D/o Kartika Padhan, R/o Gaikanpali, Dist. Sundargarh, Odisha-770024, have changed my name from **NITU PADHAN to NIKITA PADHAN.** Henceforth, I shall be known as **NIKITA PADHAN** for all purposes.

**Sd/- NIKITA PADHAN**

## AFFIDAVIT

By virtue of an affidavit **no. 246** sworn before the **Additional Tahasildar-cum-Executive Magistrate**, **Kandhamal**, dated 09.02.2026, I, Paul Kanhar, resident of At- Guaneju, P.O.-Pabingja, P.S.-Phiringia, Dist-Kandhamal, Odisha-762011 hereby declare that I have changed my minor daughters name from **Diptimayee Kanhar to Kuntima Kanhar.** Henceforth, she will be known as **Kuntima Kanhar** for all purposes.

**Sd/- Paul Kanhar**

## AFFIDAVIT

I, Sumitra Soren, wife of Army No 4263429M Hav Anpa Soren (Retd) residing at Vill-Boring, PO-Padiabeda, PS-Thakurmunda, Dist-Mayurbhanj, Odisha , have changed my name and DOB from Sumitra Soren, DOB-12.12.1971 to Sumitra Hembram, DOB-01.03.1967 vide affidavit dated 29.01.2026 before The Court of Executive Magistarate, Panchpir, Karanjia (Odisha). Hence both name Sumitra Soren, DOB-12.12.1971 and Sumitra Hembram, DOB-01.03.1967 are same and one person. Henceforth, I will be known as **Sumitra Hembram,** DOB 01/03/1967 for all purpose.

## AFFIDAVIT

I, Sheikh Amir Ali, S/o: Sk. Ajgar Ali, resident of At: Kokilapur, PO: Piteipur, Kaduapada, Jagatsinghapur, Odisha, PIN-754106, declare by this Affidavit No.: 57/2026, dated: 09.02.2026, that now onwards I shall be known as **Sk. Amir Ali** for all future purposes.

## AFFIDAVIT

By virtue of an affidavit sworn before the **Executive Magistrate, Jaleswar,** I Balaram Mohanty, At- Adinaga, Po. Kamarsalia , Ps- Jaleswar, Dist-Balasore, Odisha, declare that I have changed my daughter's name from **Sunayana Mohanty to Aparna Suneyna Mohanty.** Henceforth, she shall be known as **Aparna Suneyna Mohanty** for all purposes.

**Balaram Mohanty**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାରାଦିନ ଲୋକସଭା...

ଅଢ଼ିବସିବାରୁ ଶ୍ରୀମତୀ ରାୟ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ସୂଚନାଯୋଗ୍ୟ ଯେ ଗତ ତିନି ତାରିଖରେ ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ନରବାଣେଙ୍କ ଅପ୍ରକାଶିତ ପୁସ୍ତକର କିଛି ଅଂଶ ପଢ଼ିବାରୁ ରାହୁଲ ଉଦ୍ୟମ କରିଥିବା ବେଳେ ବାଚସ୍ପତି ତାଙ୍କୁ ଏଥିପାଇଁ ଅନୁମତି ଦେଇନଥିଲେ। ଏହି ପୁସ୍ତକରେ ଭାରତ-ଚୀନ ଲଦାଖ ସଂଘର୍ଷ ବିଷୟରେ ଉଲ୍ଲେଖ ରହିଛି। ସେହିଦିନ ଠାରୁ ଗୃହ ଅଚଳ ରହିଛି। ହଟ୍ଟଗୋଳ ଯୋଗୁ ୪ ତାରିଖରେ ପ୍ରଧାନମନ୍ତ୍ରୀ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇପାରିନଥିଲେ। ତାଙ୍କ ପ୍ରତି ବିରୋଧୀ ସାଂସଦଙ୍କ ପକ୍ଷରୁ ଅଦୃଶ୍ୟ ବିପଦ ଥିବା ଦର୍ଶାଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଗୃହକୁ ନ ଆସିବା ଲାଗି ବାଚସ୍ପତି ପରାମର୍ଶ ଦେଇଥିଲେ। ତେବେ ବିରୋଧୀ ଦଳ ବାଚସ୍ପତିଙ୍କ ଏପରି ଟିପ୍ପଣୀର ସମାଲୋଚନା କରିଛନ୍ତି। ବିରୋଧୀଙ୍କ ପକ୍ଷରୁ ଏଭଳି କୌଣସି ବିପଦ ନଥିଲା ବୋଲି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି। ଆଜି ରାହୁଲ ଏସଂପର୍କରେ ସ୍ପଷ୍ଟୀକରଣ ଦେବାକୁ ମଧ୍ୟ ଚାହିଁଥିଲେ। ଇତିମଧ୍ୟରେ ଖବର ମିଳିଛି ଯେ ବାଚସ୍ପତି ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ବିରୋଧୀ ଦଳ ଯୋଜନା କରିଛନ୍ତି। ସେମାନେ ଆଜି ଲୋକସଭା ମହାସଚିବଙ୍କୁ ଭେଟି ନୋଟିସ ଦେଇଥିବା ଜଣାପଡ଼ିଛି। ଅନାସ୍ଥା ପାଇଁ ୧୪ ଦିନର ନୋଟିସ ଦରକାର ଥିବାରୁ ଲୋକସଭା ବଜେଟ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଏହା ଉପରେ ଆଲୋଚନା ହୋଇପାରେ। ଜାନୁଆରୀ ୨୮ରେ ଆରମ୍ଭ ହୋଇଥିବା ଲୋକସଭା ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ ରେ ଶେଷ ହୋଇଯିବ। ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ରେ ଆରମ୍ଭ ହୋଇ ଏପ୍ରିଲ ୨ ତାରିଖ ଯାଏଁ ଚାଲିବ।

### ମଣ୍ଡି ପାଲଟିଛି...

ନବୀନ। ରାଜ୍ୟର ସବୁ ଚାଷୀ ଭାଇ ଭଉଣୀଙ୍କୁ କ୍ୱିଣ୍ଟାଲ ପିଛା ଇନପୁଟ୍ ସବ୍‌ସିଡି ୮୦୦ ଟଙ୍କା ଲେଖାଏଁ ଦେବା ପାଇଁ ବିଜେପି ସରକାର ଘୋଷଣା କରିଥିଲେ; କିନ୍ତୁ ନିକଟରେ ଆପଣଙ୍କ ସରକାର ଏହି ସବ୍‌ସିଡି ପାଇଁ ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ଧାର୍ଯ୍ୟ କରିବା ପ୍ରତିଶ୍ରୁତି ଭଙ୍ଗର ନିଛକ ଉଦାହରଣ। ଏହି ସିଲିଙ୍ଗ୍ ଅଧିକ ଉତ୍ପାଦନ କରୁଥିବା ଚାଷୀମାନଙ୍କ ପାଇଁ ଦଣ୍ଡ ସ୍ୱରୂପ ଏବଂ ଏହା ବିଜେପି ସଂକଳ୍ପ ପତ୍ରର ବିରୁଦ୍ଧାଚରଣ କରୁଛି। ଚାଷୀଙ୍କୁ ସେମାନଙ୍କର ସମଗ୍ର ଉତ୍ପାଦନ ଉପରେ ୩୧୦୦ ଟଙ୍କା ଇନପୁଟ୍ ସବ୍‌ସିଡି ଦେବା ପାଇଁ ଘୋଷଣାରୁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ? ନିକଟରେ ଭାରତ ସରକାର ଧାନର ସଂଗ୍ରହ ମୂଲ୍ୟରେ ୬୯ ଟଙ୍କା ବୃଦ୍ଧି କରିଛନ୍ତି । ଓଡିଶାର ଚାଷୀଙ୍କୁ ଏହି ବର୍ଦ୍ଧିତ ୬୯ ଟଙ୍କା ନ ଦେବା ଏକ ପ୍ରତାରଣା ନୁହେଁ କି ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ନବୀନ କହିଛନ୍ତି ଯେ ଦୁଃଖର ସହ ଜାଣାଇବାକୁ ଚାହେଁ ଯେ ମଣ୍ଡିଗୁଡ଼ିକରେ ଧାନ ସଂଗ୍ରହ ପ୍ରକ୍ରିୟା ଆଶ୍ଚର୍ଯ୍ୟଜନକ ଭାବରେ ମନ୍ଥର ଗତିରେ ଚାଲିଛି । ତେଣୁ ଧାନକୁ କାକର ଓ ଚୋରୀରୁ ରକ୍ଷା କରିବା ପାଇଁ ଚାଷୀମାନଙ୍କୁ ରାତିସାରା ଜଗି ରହିବାକୁ ପଡୁଛି। ମଣ୍ଡି ଗୁଡିକରେ ସର୍ବନିମ୍ନ ସୁବିଧାର ଅଭାବ, ଟୋକନ ବ୍ୟବସ୍ଥାରେ ବିଫଳତା ଏବଂ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଆଦି ସମସ୍ୟା ଚାଷୀ ମାନଙ୍କୁ ଆନ୍ଦୋଳନାତ୍ମକ ମାର୍ଗ ବାଛିବାକୁ ବାଧ୍ୟ କରୁଛି। ବିଜେପି ନିର୍ବାଚନୀ ଇସ୍ତାହାରର ଦୁଇ ନମ୍ବର ପଏଣ୍ଟରେ ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ପ୍ରାପ୍ୟ ଦେବା ପାଇଁ କୁହା ଯାଇଥିଲା, କିନ୍ତୁ ଅଧିକାଂଶ କ୍ଷେତ୍ରରେ ଚାଷୀ ମାନଙ୍କୁ ସେମାନଙ୍କର ହକ୍ ପାଇବାକୁ ଏକ ସପ୍ତାହରୁ ଅଧିକ ସମୟ ଲାଗୁଛି। ସେହିପରି ଅଭାବୀ ବିକ୍ରି ପ୍ରସଙ୍ଗ ଉତ୍ଥାପନ କରି ନବୀନ କହିଛନ୍ତି ଯେ କଟନୀ-ଛଟନୀ, ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ଏବଂ ଧାନ ସଂଗ୍ରହ ଓ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି, ଯାହା ଦ୍ୱାରାକି ଚାଷୀମାନେ ଅସାଧୁ ବ୍ୟବସାୟୀ ଓ ମିଲର ମାନଙ୍କ ଶୋଷଣର ଶୀକାର ହେଉଛନ୍ତି । ଚାଷୀକୁ ତାର ଋଣ ପରିଶୋଧ କରିବା ପାଇଁ ବାଧ ହୋଇ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ବହୁତ କମ୍ ଦରରେ ଧାନ ବିକିବାକୁ ପଡୁଛି। ଅତଏବ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ସରକାର ତୁରନ୍ତ ୪ଟି ପଦକ୍ଷେପ ଗ୍ରହଣ କରିବାକୁ ନବୀନ ଦାବି କରିଛନ୍ତି।

କଟନୀ-ଛଟନୀ ବନ୍ଦ କରିବା ପାଇଁ ତୁରନ୍ତ ମଣ୍ଡି ଗୁଡିକରେ ସ୍ପେଶାଲ ସ୍କ୍ୱାର୍ଡ ନିୟୋଜିତ କରାଯିବା ସହ ଦୋଷୀ ମିଲ୍ ମାଲିକ ଓ ସରକାରୀ ଅଫିସରଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନବୀନ ଅନୁରୋଧ କରିଛନ୍ତି। ଇନପୁଟ୍ ସବ୍‌ସିଡି ପ୍ରଦାନ ପାଇଁ ରଖାଯାଇଥିବା ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ସର୍ତ୍ତ ତୁରନ୍ତ ପ୍ରତ୍ୟାହାର କରାଯାଉ ଏବଂ ରେଜେଷ୍ଟ୍ରିଭୁକ୍ତ ସବୁ ଚାଷୀଙ୍କଠାରୁ ସବୁ ଧାନ କିଣାଯାଉ। ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ସବୁ ଚାଷୀଙ୍କୁ ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉ। ସେହିପରି ୭୨ ଘଣ୍ଟା ମଧ୍ୟରେ ମଣ୍ଡି ଗୁଡିକରେ ଖୋଲାରେ ପଡିଥିବା ସବୁ ଧାନ ଗୁଡିକୁ ଶତ ପ୍ରତିଶତ ଉଠାଯାଉ ବୋଲି ନବୀନ ଅନୁରୋଧ ଦେଇଛନ୍ତି।

### ୧୨ରେ ଦେଶବ୍ୟାପୀ...

ରାସାୟନିକ ପଦାର୍ଥ ଏବଂ କିଛି ଯନ୍ତ୍ରପାତି ଉପରେ ୧୮ ପ୍ରତିଶତ ପାରସ୍ପରିକ ଶୁଳ୍କ ହାର ଲାଗୁ କରିବ। ବାଣିଜ୍ୟ ଚୁକ୍ତି ଘୋଷଣା ପରେ ଏହି ସର୍ତ୍ତାବଳୀ ଜାରି କରାଯାଇଥିଲା, ଯେଉଁଥିରେ ଭାରତ ରୁଷରୁ ତୈଳ କ୍ରୟ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିବା କହିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତାମାନେ କହିଛନ୍ତି ଯେ ଦେଶର ବିଭିନ୍ନ ଗାଁରେ ପ୍ରତିବାଦ କରାଯିବ ଏବଂ ସେମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରିବେ। ଅଖିଳ ଭାରତ କିଷାନ ସଭାର ନେତା କୃଷ୍ଣ ପ୍ରସାଦ କହିଛନ୍ତି ଯେ ବାଣିଜ୍ୟ ଚୁକ୍ତି କୃଷି କ୍ଷେତ୍ର ଉପରେ ଗଭୀର ପ୍ରଭାବ ପକାଇବ କାରଣ ଏହା ଶୁଖିଲା ଶସ୍ୟ, ପଶୁ ଖାଦ୍ୟ ଏବଂ ସୋୟାବିନ୍ ତେଲ ଭଳି ସାମଗ୍ରୀ ପାଇଁ ବଜାର ଖୋଲିବ। ସେ ଏହା ମଧ୍ୟ ଦାବି କରିଛନ୍ତି ଯେ ଏହା ଦୁଗ୍ଧ କ୍ଷେତ୍ରକୁ ପ୍ରଭାବିତ କରିବ। ସେ କହିଛନ୍ତି ଯେ ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ସହ କରାଯାଉଥିବା ଚୁକ୍ତିନାମା ସେମାନଙ୍କର "ସ୍ଥିର" ଅର୍ଥନୀତିକୁ ଲାଭ ଦେବା ପାଇଁ କରାଯାଉଛି ଏବଂ ଏହା ଭାରତର ସ୍ୱାର୍ଥରେ ନୁହେଁ। ଏହି ସମୟରେ, ହିମାଚଳ ପ୍ରଦେଶର ସେଓ ଚାଷୀମାନେ ଫେବୃଆରୀ ୧୨ରେ ଦେଶବ୍ୟାପୀ କୃଷକ ଧର୍ମଘଟରେ ଯୋଗଦେବା ପାଇଁ ପ୍ରସ୍ତୁତି ଜୋରଦାର କରିଛନ୍ତି ଏବଂ ଦିଲ୍ଲୀ ଅଭିମୁଖେ ଏକ ପଦଯାତ୍ରା ଘୋଷଣା କରିଛନ୍ତି। ସେମାନେ ଚେତାବନୀ ଦେଇଛନ୍ତି ଯେ ଭାରତ-ଆମେରିକା ଏବଂ ଅନ୍ୟାନ୍ୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଅନୁଯାୟୀ ସମ୍ପ୍ରତି ଆମଦାନୀ ଶୁଳ୍କ ହ୍ରାସ ପାହାଡିଆ ରାଜ୍ୟର ସେଓ-ଆଧାରିତ ଅର୍ଥନୀତିକୁ ନଷ୍ଟ କରିପାରେ। ଅପରପକ୍ଷେ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ବାରମ୍ବାର ପ୍ରତିଶ୍ରୁତି ଦେଇଛନ୍ତି ଯେ ଭାରତୀୟ ସେଓ ଚାଷୀମାନଙ୍କ ସ୍ୱାର୍ଥ ସୁରକ୍ଷିତ ରହିବ।

### ଅଭିଯୋଗ ଶୁଣାଣି...

ବ୍ୟବସ୍ଥା ସାରା ରାଜ୍ୟରେ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ୩୨ ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ଜଟିଳ ରୋଗରେ ପୀଡ଼ିତ ଭଦ୍ରକ ଜିଲ୍ଲାର ବ୍ରଜକିଶୋର ବନ୍ଧାଙ୍କୁ ୧ ଲକ୍ଷ ଟଙ୍କା ଓ ଯାଜପୁର ଜିଲ୍ଲାର କାର୍ତ୍ତିକ ସି ଙ୍କୁ ୧.୫୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିଲେ। ଅନୁରୂପ ଭାବରେ ପାଟଣାଗଡ଼ର ଉଭୟ କିଡନୀ ଓ ସ୍ନାୟୁଗତ ରୋଗରେ ପୀଡ଼ିତା ତିଳୋତ୍ତମା ପାଣ୍ଡେ ଓ ଅନ୍ୟମାନଙ୍କ ଚିକିତ୍ସା ଓ ଯାତାୟତ ଖର୍ଚ୍ଚ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୧୬ଟି ପାଳିସୁଦ୍ଧା ଗ୍ରହଣ କରାଯାଇଥିବା ୧୪,୦୫୪ଟି ଅଭିଯୋଗ ମଧ୍ୟରୁ ୧୩,୧୬୯ଟି ଅଭିଯୋଗର ସମାଧାନ କରାଯାଇଛି। ଯାହା ଶତକଡା ୯୪ ପ୍ରତିଶତ। ମୁଖ୍ୟମନ୍ତ୍ରୀଙ୍କ ସହ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସହ ଗୃହବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର ରାଜସ୍ୱ ବିଭାଗ ଏସିଏସ୍ ଅରବିନ୍ଦ ପାଢ଼ୀ, ଜିଏ ବିଭାଗ ଏସିଏସ୍ ସୁରେନ୍ଦ୍ର କୁମାର ପ୍ରମୁଖ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### 'ପ୍ରପୋଜ୍ ଡେ'ରେ...

ମିଳିଥିବା ସୂଚନା ମୁତାବକ, ଲିଜା କାଣ୍ଡି (୨୧) ନାମକ ଯୁବତୀ ରାଜଧାନୀରେ ଏକ ବ୍ୟୁଟିପାର୍ଲର ଖୋଲିଛନ୍ତି। ସେ ଦିନବନ୍ଧୁ ନାୟକ ଓରଫ ଦିନେଶ ନାମକ ଯୁବକଙ୍କୁ ପ୍ରେମ କରୁଥିଲେ। ଲିଜା ଓ ଦିନେଶ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନିଳାଦ୍ରୀ ବିହାର ମଙ୍ଗଳା ମନ୍ଦିର ନିକଟରେ ଏକ ଘର ଭଡା ନେଇଥିଲେ। ଘର ମାଲିକଙ୍କୁ ସେମାନେ ସ୍ୱାମୀ ସ୍ତ୍ରୀର ପରିଚୟ ଦେଇଥିଲେ। କିଛିଦିନ ଏଭଳି ଚାଲିବା ପରେ ସତ୍ୟବ୍ରତ ନାମକ ଯୁବକଙ୍କ ସହ ଲିଜାଙ୍କ ଦ୍ୱିତୀୟ ପ୍ରେମ ହୋଇଥିଲା। ସତ୍ୟବ୍ରତଙ୍କ ଘର ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ହୋଇଥିଲା ବେଳେ ସେ ରାଜଧାନୀରେ ଟ୍ୟାକ୍ସି ଡ୍ରାଇଭର ଭାବେ କାମ କରୁଥିଲେ। ଦ୍ୱିତୀୟ ପ୍ରେମକୁ ନେଇ ଦିନେଶ ସବୁ ସମୟରେ ଖପ୍ପା ହୋଇଯାଉଥିଲେ। ଯାହା ପରବର୍ତ୍ତୀ ସମୟରେ ହତ୍ୟାର ରୂପ ନେଇଥିଲା।

ସତ୍ୟବ୍ରତ ଓ ଲିଜା ଉଭୟ ସମୟ ବିତାଇବାକୁ ଲାଗିଲେ। ପ୍ରେମରୁ ଲୁଚକାଳୀ ଖେଳ ଧିରେ ଧିରେ ସମସ୍ତଙ୍କୁ ଦେଖାଗଲା। ଏପରିକି ଗତ ୮ ତାରିଖ ପ୍ରପୋଜ୍ ଡେ'ରେ ସତ୍ୟବ୍ରତ ଲିଜାଙ୍କୁ ପ୍ରପୋଜ୍ କରିଥିଲେ। ଏହାକୁ ଲିଜା ଇନ୍‌ଷ୍ଟାଗ୍ରାମରେ ଅପଲୋଡ୍ କରିଥିଲେ। ଏଠାରୁ ହିଁ ସତ୍ୟବ୍ରତ ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ଆରମ୍ଭ ହୋଇଥିଲା। ସେହିଦିନ ବିଳମ୍ବିତ ରାତି ପ୍ରାୟ ୧ଟା ବେଳେ ଲିଜା ଏବଂ ଦିନେଶ ଭଡା ଘରେ ଥିଲେ। ଏଠାକୁ ସତ୍ୟବ୍ରତ ଆସିଥିଲେ। ଘରେ ମଦ୍ୟପାନ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ୩ଜଣ ଏକାଠୀ ହେବା ପରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ତ୍ରିକୋଣୀୟ ପ୍ରେମର ଫଳାଫଳ ଉଗ୍ର ରୂପ ନେଇଥିଲା। ପ୍ରତିଶୋଧ ପରାୟଣ ହୋଇ ସତ୍ୟବ୍ରତଙ୍କ ଗଳାକୁ ଛୁରୀରେ କାଟିଦିଆଗଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ବାହାରକୁ ଆସି ତଳେ ପଡ଼ିଯାଇଥିଲେ। ଲିଜା ପାଖରେ ଥିଲା ବେଳେ ଦିନେଶ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ପୁଲିସ ଏବଂ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପରେ ସତ୍ୟବ୍ରତଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି।

ସତ୍ୟବ୍ରତଙ୍କ ଗଳା କାଟିବା ପରେ ଲିଜା ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୁରୁଣା ପ୍ରେମିକ ଦିନେଶ ଗଳା କାଟି ଫେରାର୍ ହୋଇଯାଇଥିବା କଥା ମଧ୍ୟ କହିଥିଲେ। ହେଲେ ମୃତକଙ୍କ ପରିବାର ଲୋକେ ହତ୍ୟାକାଣ୍ଡରେ ଲିଜାଙ୍କ ସମ୍ପୃକ୍ତ ଥିବା ଅଭିଯୋଗ କରିଛନ୍ତି। ଲିଜା ଏବଂ ଦିନେଶ ମିଶି ଷଡ଼ଯନ୍ତ୍ର କରି ଗଳା କାଟିଥିବା ଅଭିଯୋଗ ହୋଇଛି। ଏନେଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ଲିଜା ଏବଂ ଅନ୍ୟ ଜଣେ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏହି ମାମଲାରେ ପୁଲିସ ୩ଟି ଟିମ୍ ଗଠନ କରିଛି। ଫେରାର୍ ଅଭିଯୁକ୍ତ ଦିନେଶଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ରେଡ୍ କରାଯାଉଛି ବୋଲି ସ୍ଥାନୀୟ ଏସିପି ସୋନାଲି ପରମାର କହିଛନ୍ତି। ଲିଜା ସତ୍ୟବ୍ରତଙ୍କୁ ଡକାଇଥିଲେ ନାଆଁ ସତ୍ୟବ୍ରତ ସେଠାକୁ ମନକୁ ଯାଇଥିଲେ। ତାହା ଏବେ ବି ଅସ୍ପଷ୍ଟ। ଅଧିକ ତଦନ୍ତ ହେଲେ ହତ୍ୟାକାଣ୍ଡରେ କାହାର ସବୁ ସମ୍ପୃକ୍ତି ରହିଛି ତାହା ସ୍ପଷ୍ଟ ହେବ ବୋଲି ଶ୍ରୀମତୀ ପରମାର କହିଛନ୍ତି।

### ପଶ୍ଚିମୀ ରାଷ୍ଟ୍ରରେ...

ଆରମ୍ଭ କରିଛି। ନରୱେର ପୂର୍ବତନ ପ୍ରଧାନମନ୍ତ୍ରୀ ଥୋରବଜର୍ଣ୍ଣଙ୍କ ବିରୋଧରେ ଦୁର୍ନୀତି ତଦନ୍ତ ଆରମ୍ଭ ହୋଇଛି। ସେହପରି ପୋଲାଣ୍ଡ, ଫ୍ରାନ୍ସ, ତୁର୍କୀ ଭଳି ଦେଶ ମାନବ ଚାଲାଣ ସହ ସରକାରୀ ସଲସୁତରାର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। କିଛି ବଡ଼ ନାମ, ସାମ୍ନାକୁ ଆସିବା ପରେ ସେମାନଙ୍କୁ ସର୍ବସାଧାରଣରେ କ୍ଷମା ମାଗିବାକୁ ପଡ଼ିଛି। ଏମାନଙ୍କ ମଧ୍ୟରେ ମାଇକ୍ରୋସଫ୍ଟ ସହ- ପ୍ରତିଷ୍ଠାତା ବିଲ ଗେଟ୍ସ କ୍ଷମା ମାଗିଛନ୍ତି। ସେହିପରି ପୂର୍ବତନ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏହୁଦ ବାରାକଙ୍କ ନାମ ମଧ୍ୟ ଏହି ଫାଇଲରେ ରହିଛି।

ଏପଷ୍ଟିନ କମ୍ପନରୁ ବ୍ରିଟେନ ମଧ୍ୟ ବାଦ୍ ପଡ଼ିପାରି ନାହିଁ। ଏହାକୁ ନେଇ ପ୍ରଧାନମନ୍ତ୍ରୀ କେର ଷ୍ଟାରମରଙ୍କ ପଦ ଏବେ ସଙ୍କଟରେ ପଡ଼ିଛି। ପୂର୍ବତନ ବ୍ରିଟିଶ ରାଷ୍ଟ୍ରଦୂତ ପିଟର ମେଣ୍ଡେଲସନ ଓ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନଙ୍କ ମଧ୍ୟରେ ଥିବା ସମ୍ପର୍କ ସାମ୍ନାକୁ ଆସିବା ପରେ ଷ୍ଟାରମରଙ୍କ ଇସ୍ତଫା ପାଇଁ ଦାବି ଜୋର ଧରିଛି। ବ୍ରିଟେନରେ ଏବେ ଜଣେ ମୁସଲିମ ମହିଳା ପ୍ରଧାନମନ୍ତ୍ରୀ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ସେ ହେଉଛନ୍ତି ଶବାନା ମେହମୁଦ। ସେ ଜଣେ ପାକିସ୍ତାନୀ ବଂଶୋଦ୍ଭବ। ସେ ବର୍ମିହାମରେ ପାକିସ୍ତାନୀ ମୂଳର ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ପେସାଦାର ବାରିଷ୍ଟର ଓ ଅକ୍ସଫୋର୍ଡ ବିଦ୍ୟାଳୟରୁ ଆଇନ୍ ଶିକ୍ଷା ଲାଭ କରିଛନ୍ତି। ବର୍ତ୍ତମାନର ସ୍ୱରାଷ୍ଟ୍ର ମନ୍ତ୍ରୀ (ହୋମ ସେକ୍ରେଟାରୀ) ଶବାନା ପ୍ରଧାନମନ୍ତ୍ରୀ ପଦ ପାଇଁ ଜଣେ ଶକ୍ତିଶାଳୀ ଦାବିଦାର ଭାବେ ଉଭା ହୋଇଛନ୍ତି। ଷ୍ଟାରମର ପିଟରଙ୍କୁ ଆମେରିକାରେ ବ୍ରିଟେନର ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରିଥିଲେ। କିନ୍ତୁ ଏପଷ୍ଟିନ ସହ ତାଙ୍କର ସମ୍ପର୍କ ଷ୍ଟାରମରଙ୍କ ପଦକୁ ବିପଦରେ ପକାଇଛି। ନିଜ ଲେବର ପାର୍ଟିରେ ମଧ୍ୟ ତାଙ୍କୁ ବିରୋଧ କରାଯାଉଛି। ତେଣୁ ଏହି ସ୍ଥିତି ଶବାନାଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଶାବନା ବ୍ରିଟେନର ପ୍ରଥମ ମୁସଲିମ ମହିଳା ସାଂସଦମାନଙ୍କ ମଧ୍ୟରୁ ଜଣେ। ଜେଲ ସଂସ୍କାର, ଶରଣାର୍ଥୀ ନୀତି ଉପରେ ତାଙ୍କର କଠୋର ଆଭିମୁଖ୍ୟ ପାଇଁ ସେ ବେଶ ଜଣାଶୁଣା।


**ରାଜ୍ୟ ଉପଭୋକ୍ତା ବିବାଦ ଫଏସଲା ଆୟୋଗ, କଟକଙ୍କ ଇଜଲାସ**

**ଏଫ୍.ଏ. ନଂ.: ୨୦ / ୨୦୨୫**

**ଶାଖା ପ୍ରବନ୍ଧକ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଢ଼େଙ୍କାନାଳ ଶାଖା** ...ଆବେଦକ

ବନାମ

**ଶିତୀ କାନ୍ତ ପଟ୍ଟନାୟକ** ...ପ୍ରତିପକ୍ଷ

**ପ୍ରାପ୍ତେଷୁ,**

୧. **ଶିତୀ କାନ୍ତ ପଟ୍ଟନାୟକ,** ପିତା: ୰ ନୃସିଂହ ପଟ୍ଟନାୟକ, ସା.: ମହାବୀର ବଜାର, ପୋ/ ଥାନା/ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା-୭୫୯୦୦୧

**ଖବରକାଗଜ ପ୍ରକାଶନ ଦ୍ୱାରା ସମନ / ନୋଟିସ୍**

ଏତଦ୍‌ଦ୍ୱାରା ଆପଣଙ୍କୁ ଅବଗତ କରାଇ ଦିଆଯାଉଛି କି, ମାନ୍ୟବର ଜିଲ୍ଲା ଉପଭୋକ୍ତା ବିବାଦ ଫଏସଲା ଆୟୋଗ, ଢ଼େଙ୍କାନାଳଙ୍କ ଦ୍ୱାରା ଉପଭୋକ୍ତା ଅଭିଯୋଗ କେସ୍ ନଂ.: ୭୮/୨୦୨୨ର ଜାରି ତା୦୫.୧୨.୨୦୨୪ରିଖ ନିଷ୍ପତ୍ତିକୁ ଚାଲେଞ୍ଜ କରି ଆବେଦକ ଏଫ୍.ଏ ୨୦/୨୦୨୫ ଆବେଦନ ଦାୟର କରିଛନ୍ତି । ଏହି କମିଶନଙ୍କ ଦ୍ୱାରା ପ୍ରତିପକ୍ଷଙ୍କୁ ନୋଟିସ୍ ପ୍ରେରଣ କରାଯାଇଥିଲା । କିନ୍ତୁ ସେହି ନୋଟିସ୍ ଆପଣଙ୍କୁ ପ୍ରଦାନ କରାଯାଇ ନପାରି ଏହି ଆୟୋଗଙ୍କ ନିକଟକୁ ଫେରସ୍ତ ଆସିଛି । ତେଣୁ, ଏତଦଦ୍ୱାରା ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି, ଆପଣ ଅୟୋଗଙ୍କ ଇଜିଲାସରେ ବ୍ୟକ୍ତିଗତ ଭାବେ କିମ୍ବା ଆଡଭୋକେଟଙ୍କ ମାଧ୍ୟମରେ ତା୨୩.୦୨.୨୦୨୬ରିଖରେ, ହାଜିର ହୁଅନ୍ତୁ । ଅନ୍ୟଥା ଉପରୋକ୍ତ ଅପିଲ ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁସାରେ ଶୁଣାଣୀ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ।

କମିଶନଙ୍କ ଦସ୍ତଖତ ଏବଂ ସହି ମୋହର ସହ ମୋ ଦ୍ୱାରା **ତା.୦୨.୦୨.୨୦୨୬ରିଖରେ** ଆଦିଷ୍ଟ ।

ସେକ୍ରେଟାରୀ

**OFFICE OF THE DIVISIONAL FOREST OFFICER**
**NAYAGARH DIVISION**
**Email:- dfo.nayagarh@odisha.gov.in**

8001/32/2526

**Tender Notice for sale of confiscated vehicles**

| | | | |
|---|---|---|---|
| 1. | Name of the work | : | Disposal of confiscated vehicles |
| 2. | Total no of vehicles | : | 13 Nos. |
| 3. | Period of Completion | : | On dt.16.02.2026 at 5.30 P.M |
| 4. | Type of tender | : | Sealed Cover Tender |
| 5. | Date and time of availability of Bid documents | : | 10.00 A.M. of dated 02.02.2026 to 5.30 P.M. of dated 16.02.2026 |
| 6. | Submission of documents PAN card, Aadhar card, EMD (original) | : | During office hours from 10.00 A.M. on dt. 02.02.2026 to 5.30 PM on dt.16.02.2026 in the office of the undersigned. |
| 7. | Date of opening of Bid | : | Dt. 17.02.2026 at 3.00 P.M in the office of the undersigned. |
| 8. | Name & address of the O.I.T (Officer Inviting tender) | : | Divisional Forest Officer. Nayagarh Division, Nayagarh. |

-Sd-
**Divisional Forest Officer**
**Nayagarh Division**

OIPR-8001/8026/1/25-26/0003

**NATIONAL COMPETITIVE BIDDING THROUGH e-Procurement**
**Tel. No.06752222092, e-mail id-eerwpuri@gmail.com**

25001/52/2526 **TCN NO. TENDER ONLINE - 18 OF 2025-26**

**No. 1609/ Dt. 04.02.2026**

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 4 Nos. of work for the year 2025-26 in the District of Puri.

1.Total no. of works: **4 nos.**

2 .Tender cost of packages: Amount varies from **Rs.5.42 lakh to 17.90 lakh.**

3.Class of contractor: **As per DTCN.**

4.Period of completion: **15 (fifteen) days & 25 (Twenty five) days**

5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Puri. | Online- 18 | 11.02.2026 at 11.00 A.M. | 18.02.2026 up to 5.00 P.M. | 17.02.2026 up to 01.30 P.M. | 19.02.2026 11.30 A.M. Office of the S.E.,R.W. Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

Superintending Engineer,
R.W. Division. Puri.

OIPR-25001/25065/1/25-26/0001

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**Office of the Executive Engineer, Lift Irrigation Division, Cuttack**
**Phone: (0671) 2955600 (O) / eeolic_ctc@yahoo.in**

32001/49/2526

**Quotation Call Notice for Hiring of Vehicle – 09/2026-27 Dt. 09.02.2026**

Sealed quotations/tenders are invited from interested reputed Travel Agencies / Tour Operators / Individuals for private diesel driven vehicles with registration not more than 3 years old from the date of initial registration having minimum 7 seating capacity including driver, which shall conform to the terms and conditions for official use in Office of the Assistant Executive Engineer, L.I. Sub-Division, Tirtol & Balikuda on monthly rent basis.

The application form of quotation containing General Bid Information & Terms and Conditions for Hiring of Vehicles etc. will be available with Office of the Executive Engineer, L.I. Division, Pratap Nagar, Cuttack – 754001 on payment of Rs.200/- (+18% GST) or can be downloaded from Odisha Govt. website: www.odisha.gov.in from 10.02.26 to 17.02.26.

The quotation complete in all respect should be uploaded online or reach the Office of the Executive Engineer, L.I. Division, Pratap Nagar, Cuttack-754001 on or before 17.02.2026 by 2.00 PM and shall be opened on the same day at 3.00 PM.

The authority reserves the right to accept or reject any or all the quotations and may increase or decrease quantity of items without assigning any reason thereof.

**Executive Engineer**
**L.I. Division, Cuttack**

OIPR-32001/32304/1/25-26/0001

## AFFIDAVIT

I, Dilip Kumar Mulia, aged about 42 years, S/o-Debendra Kumar Mulia, resident of Plot No- 1390, Sai Vihar, Canal Road, Bomikhal, Ps- Laxmisagar, Bhubaneswar, Dist-Khurda, Pin- 751025, do hereby declare by this affidavit No. 771, dtd-07/02/2026, that now onwards I shall be known as **DILLIP KUMAR MULIA** for all future purposes.

## AFFIDAVIT

By virtue of an affidavit sworn before Executive Magistrate Bhadrak on dated- 22nd July, 2025, I, **Chandini Ghadai,** Address: At- Bhaskarganj-B, Railway Colony, PO- Sahadevkhunta, PS-Sahadevkhunta, Dist.-Balasore, Pin-756001, Odisha, declare that I have changed the name of my Son from **SK Ayan** to **Ayan Kumar Ghadai.** Henceforth, he shall be known as **Ayan Kumar Ghadai** for all purposes.

**Chandini Ghadai**

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar dated 9.02.26, I Jitanjali Sahoo, permanent resident of Jaipur, PS – Tirtol, Dist - Jagatsinghpur, Odisha – 754162, currently residing at Flat No.-101, Plot No.-561, Vivekananda Marg, Laxmi Bhawan, Old Town, Bhubaneswar – 751002, Khordha, Odisha, declare that I have changed my daughter's name from **Debanshi to Debanshi Sahoo.** Henceforth, she shall be known as **Debanshi Sahoo** for all future purposes.

**Jitanjali Sahoo**

# ଗର୍ଜିଲା ଦେବଗଡ଼ ଜିଲ୍ଲା ମହିଳା ଓ ଯୁବ ଏକତା ମଞ୍ଚ

## ସ୍ୱାସ୍ଥ୍ୟ, ପରିମଳ, ନିର୍ମାଣ ଓ ପର୍ଯ୍ୟଟନ ସମସ୍ୟା ନେଇ ସାମ୍ବାଦିକ ସମ୍ମିଳନୀ



ଦେବଗଡ଼, ୯।୨(ସମିସ): ସରକାରଙ୍କ ଚରମ ଅବହେଳା ଓ ଉଦାସୀନତା ଯୋଗୁଁ ଦେବଗଡ଼ ଜିଲ୍ଲାରେ ସମ୍ପ୍ରତି ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ ବିନା ଟେଣ୍ଡରରେ ନିମ୍ନ ମାନର ନିର୍ମାଣ କାର୍ଯ୍ୟ ହେଉଥିବା ଏବଂ ପ୍ରଧାନପାଟ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକ ମାନଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଉ ନଥିବା ସୋମବାର ଦେବଗଡ଼ ଜିଲ୍ଲା ମହିଳା ଓ ଯୁବ ଏକତା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ସଂଧାରେ ସ୍ଥାନୀୟ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯୋଗ ଉପସ୍ଥାପନ କରାହୋଇଛି। ନୂଆଁ ବାଲିରୋଇକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ ହେବାପରେ ଦେବଗଡ଼ ଜିଲ୍ଲା ମହିଳା ଓ ଯୁବ ଏକତା ମଞ୍ଚ ପକ୍ଷରୁ ନିରବଚ୍ଛିନ୍ନ ଆନ୍ଦୋଳନ ଓ ସଂଘର୍ଷ ପରେ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରତିଶ୍ରୁତି ଅନୁଯାୟୀ ସ୍ୱାସ୍ଥ୍ୟସେବା ଉପଲବ୍ଧ ହୋଇନାହିଁ। ରୋଗୀ ମାନେ ପୁରୁଣା କୋଠାକୁ ଗଲେ ସେମାନଙ୍କୁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଉଛି। ସେଠାକୁ ଗଲେ ସାଧାରଣ ରୋଗ ହୋଇଥିଲେ ମଧ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ ହେବାର ୬ ମାସ ବିତିଛି। ହେଲେ ଖାଲି ଥିବା ଡାକ୍ତର, ଟେକନିସିଆନ ଓ କର୍ମଚାରୀ ପଦବୀ ପୂରଣ ହୋଇପାରିନାହିଁ। ସେହିପରି ପୌର ନିର୍ବାଚନ ପରଠାରୁ ଦେବଗଡ଼ ସହରରେ ଡ୍ରେନ ନିର୍ମାଣ ଓ ମରାମତି ଆଦି କୌଣସି ଆଖିଦୃଶିଆ ଉନ୍ନତିମୂଳକ କାର୍ଯ୍ୟ ହୋଇ ନାହିଁ। ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡିରହି ଦୁର୍ଗନ୍ଧ ସୃଷ୍ଟି ହେଉଛି। ସହରରେ ବ୍ଲିଚିଂ ପାଉଡର, ମଶା ତେଲ ଓ ଫିନାଇଲ ଆଦି ସିଞ୍ଚନ କରାଯାଉ ନାହିଁ। ପାଇଖାନା ଟାଙ୍କିରୁ ମଳ ସଫା କରିବା ନିମନ୍ତେ ପୂର୍ବରୁ ରହିଥିବା ବଡ ଗାଡି (ସେସପୁଲ) ବଦଳରେ ଛୋଟ ଗାଡିର ବ୍ୟବସ୍ଥା କରାଯାଇ ସମାନ ଅର୍ଥ ଆଦାୟ କରାଯାଉଛି। ଶିକ୍ଷକ ମାନେ ସଠିକ ଭାବେ ଶିକ୍ଷାଦାନ ନକରି ଏହାକୁ ବ୍ୟବସାୟରେ ପରିଣତ କରିବା ସହ ନେତାଗିରି କରୁଛନ୍ତି। ଦେବଗଡ଼ ଜିଲ୍ଲାର ମୁଖ୍ୟ ପର୍ଯ୍ୟଟନ ସ୍ଥଳୀ ପ୍ରଧାନପାଟର କୌଣସି ପ୍ରକାର ଉନ୍ନତିକରଣ କାର୍ଯ୍ୟ କରାଯାଉନାହିଁ। ପୂର୍ବରୁ ପର୍ଯ୍ୟଟକ ମାନେ ନିଃଶୁଳ୍କରେ ପ୍ରଧାନପାଟ ଜଳପ୍ରପାତର ସୌନ୍ଦର୍ଯ୍ୟ ଉପଭୋଗ କରୁଥିବା ବେଳେ ଏଥିନିମନ୍ତେ ଇତିମଧ୍ୟରେ ଜଙ୍ଗଲ ବିଭାଗ ପକ୍ଷରୁ ପର୍ଯ୍ୟଟକ ମାନଙ୍କ ଠାରୁ ଶୁଳ୍କ ଆଦାୟ କରାଯାଉଛି। ଏଣୁ ପର୍ଯ୍ୟଟନ ସ୍ଥଳୀକୁ ଅଧିକ ଆକର୍ଷଣୀୟ କରିବାସହ ପର୍ଯ୍ୟଟକ ମାନଙ୍କ ମନୋରଞ୍ଜନ ନିମନ୍ତେ ବୋଟିଂ ବ୍ୟବସ୍ଥା, ରୋପ ୱେ, ଚିଡିଆଖାନା, ବଟାନିକାଲ ପାର୍କ ଓ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ସାମ୍ବାଦିକ ସମ୍ମିଳନୀରେ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ପୁଣି ପୂର୍ତ୍ତ ବିଭାଗର ଠିକାଦାର ପ୍ରୀତି ଓ ବିନା ଟେଣ୍ଡରରେ ନିର୍ମାଣ କାର୍ଯ୍ୟ ହେଉଥିବା ଏବଂ ଯନ୍ତ୍ରୀ ମାନେ କାର୍ଯ୍ୟସ୍ଥଳୀକୁ ନଯାଇ ଫଟୋ ଦେଖି ବିଲ ପ୍ରସ୍ତୁତ କରୁଥିବାରୁ ନିର୍ମାଣ କାର୍ଯ୍ୟ ନିମ୍ନ ମାନର ହେଉଥିବା ମଞ୍ଚ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ସମସ୍ତ ନିର୍ମାଣ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ କରିବାକୁ ମଞ୍ଚ ଦାବି କରିଛି।

ଦେବଗଡ଼ ଜିଲ୍ଲା ଯୁବ ଏକତା ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦେବଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଗୌରହରୀ ଷଡଙ୍ଗୀ, ବାମଣ୍ଡା ବ୍ରାହ୍ମଣ ସମାଜର ସଭାପତି ଅଶୋକ ମିଶ୍ର, ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚର ସଭାପତି ଚୌଧୁରୀ ବେହେରା, କ୍ଷମାନିଧି ପାତ୍ର, ଜିଲ୍ଲା ମହିଳା ଏକତା ମଞ୍ଚର ରାଜଶ୍ରୀ ପାତ୍ର, ରଞ୍ଜିତା ସାହୁ, ସୁଜାତା ପ୍ରଧାନ, ଲିନା ଲିପ୍ସା ନାୟକ ଓ ପ୍ରେମଶୀଳା ଝାଙ୍କରଙ୍କ ସମେତ ଜିଲ୍ଲା ମହିଳା ଓ ଯୁବ ଏକତା ମଞ୍ଚର ବହୁ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ମଞ୍ଚାସୀନ ଥିଲେ।

## ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠରୀ ଶିଳାନ୍ୟାସ



ବରଗଡ଼, ୯।୨(ସମିସ): ପୌର ପରିଷଦ ଅଧୀନ ଅମ୍ବାପାଲି ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ଡିଇଓ ଜ୍ୟୋତିକାନ୍ତ ସାହୁ, କାଉନସିଲର ଦିପାଞ୍ଜଳୀ ବାଗ, ପଞ୍ଚସଖା ଶିକ୍ଷା ସେତୁ ଅଧ୍ୟକ୍ଷ ସୁରେଶ ମହାପାତ୍ର, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଈଶ୍ୱର ବାଗ, ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥ, ଦୟା ପ୍ରଧାନ ମଣ୍ଟୁ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଜେଜେବାପା ଜେଜେମାଆ ସମ୍ମିଳନୀ




ବରଗଡ଼, ୯।୨(ସମିସ): ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ ବରଗଡ଼ରେ ଜେଜେବାପା ଜେଜେ ମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ, ଏକାଡେମିକ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ରୀତା ନାୟକ, ବବିତା ସାୱଡିଆ, ମମତା ଅଗ୍ରୱାଲଙ୍କ ସମେତ ପୂଜ୍ୟ ଜେଜେବାପା ଜେଜେ ମାଆ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଅଭିଭାବିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରାକ୍ ପ୍ରାଥମିକ ବିଭାଗର ଶିକ୍ଷୟିତ୍ରୀ ଶୁଭସ୍ମିତା ଓ ମକାରମୟୀ, ପ୍ରିତୀ, ଶ୍ରେୟା ସୁନୀତା ପ୍ରମୁଖ ଗୋଲାପ ଫୁଲ, ଚନ୍ଦନ ତିଳକଦେଇ ଜେଜେବାପ, ଜେଜେ ମାଆ ମାନଙ୍କୁ ସ୍ୱାଗତ କରିଥିଲେ। ଜେଜେବାପା ଜେଜେ ମାଆ ମାନେ ଘରର ମୁଖ୍ୟ ଅଟନ୍ତି। ନାତିନାତୁଣୀ ମାନଙ୍କର ଚାରିତ୍ରିକ ଗଠନ, ସାମାଜିକ ଆଧାଜିକ ବିକାଶର ମୂଳ ପିଣ୍ଡ ସେମାନେ। ଶିଶୁମାନେ ସେମାନଙ୍କ ସହ ଅଧିକ ସମୟ ବିତାଇବା ଉଚିତ୍ ବୋଲି ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ ମତପୋଷଣ କରିଥିଲେ। ପ୍ରିନ୍ସିପାଲ କରନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜେଜେ ବାପା ଜେଜେ ମାଆଙ୍କ ମନୋରଞ୍ଜନ ପାଇ ପାଇଁ ବିଭିନ୍ନ ପ୍ରକାର ନାଚ, ଗୀତ, ଖେଳକୁଦ ଓ କୁଇଜ୍ ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ଶିଷୟିତ୍ରୀ ମଧୁମିତ, ସବିତା ଓ ପ୍ରିୟା, ବିନୋଦିନୀ ଓ ପ୍ରିୟା, ଶୁଭସ୍ମିତା, ଅହଲ୍ୟା, ଶୁଭସ୍ମିତା ପ୍ରମୁଖ ପରିଚାଳନା କରିଥିଲେ। ଜେଜେ ବାପା ଓ ଜେଜେ ମାଆମାନେ ତାଙ୍କ ନାତି ଓ ନାତୁଣୀଙ୍କ ସହ ରାମ୍ପ ୱାକ୍ କରିଥିଲେ। ଶେଷରେ ସମସ୍ତଙ୍କୁ ବିଦ୍ୟାଳୟ ତରଫରୁ ଗୋଟିଏ ଲେଖାଏଁ ଡାଏରୀ ପ୍ରଦାନ କରାଯାଇଥିଲା।

## ଉତ୍ତର ଭାରତ ତୀର୍ଥ ଭ୍ରମଣ କାର୍ଯ୍ୟକ୍ରମ



ରିଆମାଲ, ୯।୨(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ଆଠପଡା (କ) ୱାର୍ଡ ପକ୍ଷରୁ ଉତ୍ତର ଭାରତ ତୀର୍ଥ ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିଲୋଚନ ବେହେରା ଓ ସମ୍ପାଦକ ହରେକୃଷ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରୟାଗରାଜ, ଚିତ୍ରକୁଟ, ଆଗ୍ରା, ବୃନ୍ଦାବନ, ମଥୁରା, ବର୍ସାନା, ଗୋପ ଆଦି ସ୍ଥାନ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଯୁଗୋଳ କିଶୋର ବେହେରା ପରିଚାଳନା କରିଥିବା ବେଳେ ସମ୍ପୂର୍ଣ୍ଣ ପରିଭ୍ରମଣ କାର୍ଯ୍ୟକ୍ରମକୁ ୧୦ ଦିନ ସମୟ ଲାଗିଥିଲା। ରିଆମାଳ, ବଡବାହଲଳ, ରାମପାଲି, ବୁଡିଦୋ, ତାରଙ୍ଗ, କୁମାଳ, ସାଲେଇଭଟା ଓ ବୁଢ଼ାକଟା ଆଦି ଗାଁର କୁରାଳ ସମାଜର ୧୨୦ ଜଣ ସଦସ୍ୟ ସାମିଲ୍ ହୋଇଥିଲେ। କବି ବେହେରା, ସୁଦାମ ବେହେରା, ମିତ୍ରଭାନୁ ବେହେରା, ଶେଷଦେବ ବେହେରା, ରୁଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼, ୯।୨(ସମିସ): ତିଲେଇବଣି ବ୍ଲକ୍ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ୧୨ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୬ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗ ରହିଥିଲା। ସେଥିମଧ୍ୟରେ ଧାନ ଟୋକନ ସମସ୍ୟା, ନୂତନ ପଞ୍ଚାୟତ ଗଠନ, ଜମିର ହାଇଟେକ୍ ପଟ୍ଟା ସଂଶୋଧନ ଓ ବିଦ୍ୟୁତ୍ ସମସ୍ୟା ସମାଧାନ ନିମନ୍ତେ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲାପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଏସିଏଫ୍ ଅରୁଣ ବେହେରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ଓ ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

**ଝାରସୁଗୁଡ଼ା:** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସୋମବାର ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ବ୍ଲକ୍‌ସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବ୍ଲକ୍‌ର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡିକୁ ଶୁଣିବା ସହ ସେଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ସମୁଦାୟ ୩୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଜଣେ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି। ବିଶେଷ କରି ଲଖନପୁର ଡାକ୍ତରଖାନାରେ ଡାକ୍ତର ଅଭାବ ଓ ମେଡିସିନ ସ୍ପେସିଆଲିଷ୍ଟଙ୍କ ନିଯୁକ୍ତି, ରେଙ୍ଗାଲି ଓ ଲଖନପୁରରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଗୋବିନ୍ଦପୁର ଟୋଲ ପ୍ଲାଜା ଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ ବ୍ୟବସ୍ଥା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଲଖନପୁରରେ ଦୋକାନ ଗୃହ ବଣ୍ଟନ, କଣ୍ଡେଇକେଲାରେ ସୋଲାରପମ୍ପ ଜରିଆରେ ଚାଷ କରାଯାଉଥିବା ଧାନର ପଞ୍ଜୀକରଣ ଏବଂ ଟିଙ୍ଗିସମାଲ ଅଞ୍ଚଳରେ ମାଇନିଂ ଆବାସ ଗୃହ ଯୋଗାଇଦେବା ଭଳି ପ୍ରସଙ୍ଗ ଗୁଡିକର ଶୁଣାଣି କରାଯାଇଥିଲା। ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଗୁଦେରପାଲି କଲେଜରେ ସତ୍ୟନାରାୟଣ ପୂଜା

ବରଗଡ଼, ୯।୨(ସମିସ): ଗାଇସିଲେଟ ବ୍ଲକ୍ ଅଧୀନ ଗୁଦେରପାଲି ଯୁକ୍ତ ଦୁଇ କଳା ମହାବିଦ୍ୟାଳୟରେ ଆଗକୁ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ବୋର୍ଡ ପରୀକ୍ଷା ହେବାକୁ ଯାଉଛି। ଏଥିରେ ଉନ୍ନତ ପ୍ରଦର୍ଶନ ତଥା ଭଲ ଫଳାଫଳ ପାଇଁ ଛାତ୍ରଛାତ୍ରୀ ମାନସିକ ରଖିଛନ୍ତି। ଏହି ଉପଲକ୍ଷେ ସୋମବାର କଲେଜ ପରିସରରେ ଛାତ୍ରଛାତ୍ରୀ ସତ୍ୟନାରାୟଣ ପୂଜା କରିଛନ୍ତି। ପଣ୍ଡିତ ରିଙ୍କୁ ଦେବତା ପୂଜା କାର୍ଯ୍ୟ ଏବଂ ଅଧ୍ୟକ୍ଷ ପ୍ରୀତିଶ ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରଭୁ ସତ୍ୟପିରଙ୍କ ପାଖରେ ସିର୍ଣି, ମହନଭୋଗ, ମିଠା ସହିତ ବିଭିନ୍ନ ପ୍ରକାରର ଫଳ ଭୋଗ ଲାଗିଥିଲା। ଏହି ଉତ୍ସବରେ କଲେଜ ପରିଚାଳନା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା, ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ।

## ପୌର ପରିଷଦରେ ଯୋଗଦେଲେ ନୂତନ ନିର୍ବାହୀ ଅଧିକାରୀ



ଦେବଗଡ଼, ୯।୨(ସମିସ): ପୌର ପରିଷଦର ନୂତନ ନିର୍ବାହୀ ଅଧିକାରୀ ଭାବେ ସୋମବାର ରତିକାନ୍ତ ଶୁକ୍ଲା କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବାହ୍ନରେ ପୂର୍ବ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ଠାରୁ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଶ୍ରୀ ଶୁକ୍ଲା ଭୁବନେଶ୍ୱର ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ସେହିପରି ଦେବଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଏନଏସିକୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବଦଳି ହୋଇଛନ୍ତି।

## ଜିଲ୍ଲା ଶୁଣ୍ଡି ସମାଜର ବୈଠକ

ଝାରସୁଗୁଡ଼ା, ୯।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଶୁଣ୍ଡୀ ସମାଜର ବୈଠକ ଜିଲ୍ଲା ସଭାପତିଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ମାର୍ଚ୍ଚ ୮ରେ ସମାଜର ଜିଲ୍ଲା ବାର୍ଷିକ ସମ୍ମିଳନୀ କରାଯିବା ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ବାର୍ଷିକ ସମ୍ମିଳନୀ ପାଳନ ପାଇଁ କମିଟି ଗଠନ କରାଯାଇଥିଲା। ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଜିଲ୍ଲାର ସବୁ ବ୍ଲକ୍ ଓ ପୌରାଞ୍ଚଳରୁ ସବୁ ପରିବାରଙ୍କ ସହ ମହିଳା ଓ ପୁରୁଷ ଯୋଗଦେବେ ସେଥିପ୍ରତି କମିଟିର କର୍ମକର୍ତ୍ତା ସଚେତନ ହେବାକୁ ସ୍ଥିର ହୋଇଥିଲା। ଜିଲ୍ଲା ସଭାପତି ନବୀନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜୟ ବେହେରା, ଉମେଶ ବେହେରା, ଅଶୋକ ବେହେରା, ଅମିତ ବାଗ, ଉଦିଆଁ ବେହେରା, ମୁକେଶ ସାହୁ, ସୁବାଷ ବେହେରା, ଖିତି ବିଳାସ ବେହେରା, ତୁଲାରାମ ସେନପତି, ଜନ୍ମଜୟ ନାଏକ, ବିଦେଶୀ ବେହେରା, ଡିଲେଶ୍ୱର ସାହୁ, ଗଣ୍ଡାରାମ ବେହେରା, ହେମସାଗର ନାଏକ, ତୁଲାରାମ ସା, କୌସିକ ନାଏକ, ସୁକାନ୍ତ ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ନାବାଳିକାକୁ ଦୁଷ୍କର୍ମ: ୬୦ ବର୍ଷିୟ ଅଭିଯୁକ୍ତକୁ ଜେଲ୍

ଦେବଗଡ଼, ୯।୨(ସମିସ): ଦେବଗଡ଼ ଥାନା ଅଧୀନ ଖୁଣ୍ଟିଆପାଲି ଗାଁରେ ଜଣେ ୧୪ ବର୍ଷୀୟ ନାବାଳିକାକୁ ୬୦ ବର୍ଷୀୟ ବୃଦ୍ଧ ଦୁଷ୍କର୍ମ କରିବା ଲିଖିତ ଅଭିଯୋଗ ଦେବଗଡ଼ ଥାନାରେ ହୋଇଛି। ଅଭିଯୁକ୍ତ ଜଣକ ସେହି ଗାଁର ଗୌର ବିଶ୍ୱାଳ ବୋଲି ଜଣା ପଡ଼ିଛି। ଗତ ଜାନୁଆରୀ ୩୦ରେ ନାବାଳିକା ଜଣକ ଖେଳପଡିଆରୁ ଘରକୁ ଫେରିବା ବେଳେ ଅଭିଯୁକ୍ତ ବଳପୂର୍ବକ ଦୁଷ୍କର୍ମ କରିଥିଲା। ପରେ ଏକୁଟିଆ ରହୁଥିବା ପୀଡିତା ନାବାଳିକା ଓ ତା ମା'ଙ୍କୁ ହତ୍ୟା ଧମକ ଦେଇ ଭୟଭୀତ କରି ରଖିଥିଲା। ପୀଡିତାର ବାପା କାମ ପାଇଁ ବାହାରକୁ ଯାଇଥିଲେ। ଆଜି ଘରକୁ ଫେରିବା ପରେ ଦେବଗଡ଼ ଥାନାରେ ବାପା ମାଙ୍କ ସହ ପୀଡ଼ିତା ଥାନାକୁ ଆସି ଅଭିଯୋଗ କରିଛି। ଦୁଷ୍କର୍ମ ଓ ପକ୍ସୋ ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତକୁ ପୁଲିସ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ଅଭିଯୁକ୍ତକୁ ପଠାଇ ଥିବା ଜଣାପଡିଛି।

## ପଞ୍ଚାୟତ କଲେଜରେ ଅଭିଭାବକ-ଶିକ୍ଷକ ବୈଠକ

ବରଗଡ଼, ୯।୨(ସମିସ): ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକଙ୍କ ବୈଠକ ହୋଇଯାଇଛି। ଏଥିରେ ଅଭିଭାବକମାନେ ଛାତ୍ରଛାତ୍ରୀଙ୍କ ଅନ୍ତଃ ପରୀକ୍ଷାର ଖାତା ଓ ନମ୍ବର୍ ଦେଖିଥିଲେ। ପରେ ଛାତ୍ରଛାତ୍ରୀଙ୍କ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଡ.ନକୁଳ ସେଠ୍ ଉପସ୍ଥିତ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ।

ବୈଠକରେ ଛାତ୍ରଛାତ୍ରୀଙ୍କ ଶ୍ରେଣୀ ଉପସ୍ଥାନ, ଅନ୍ତଃ ପରୀକ୍ଷାର ମୂଲ୍ୟାଙ୍କିତ ନମ୍ବର ସମେତ ସର୍ବୋଚ୍ଚ ନମ୍ବର୍ ରଖିଥିବା ରେଣୁକା ପୋଢ଼ (କଳା), ହର୍ଷିତା ବିଶ୍ୱାଳ (ବିଜ୍ଞାନ) ଓ ରାନୀ ଚୌଧୁରୀ (ବାଣିଜ୍ୟ)ଙ୍କୁ ଅଧ୍ୟକ୍ଷ ଡ.ସେଠ୍ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ଶଶୀଭୂଷଣ ସେଠ୍, ଅଧ୍ୟାପକ ତୁଷାରକାନ୍ତ ସାହୁ ଓ ଅଧ୍ୟାପିକା ରୀତ ପାଣ୍ଡେ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଅଧ୍ୟାପକ ଶାନ୍ତନୁ ସୁନା ଧନ୍ୟବାଦ ପ୍ରଦାନ କରିଥିଲେ।

## କୃମିନାଶକ ଦିବସ ପାଇଁ ସଚେତନତା ବୈଠକ

ଝାରବନ୍ଧ, ୯।୨(ସମିସ): ଜାତୀୟ କୃମିନାଶକ ଦିବସକୁ ସଫଳ କରିବା ଲକ୍ଷ୍ୟରେ ଝାରବନ୍ଧରେ ସଚେତନତା, ପ୍ରଶିକ୍ଷଣ ଓ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି। ଡ.ଯଶୋବନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ବିଭାଗର କର୍ମୀମାନଙ୍କୁ କୃମିନାଶକ ଦିବସ ସମ୍ବନ୍ଧୀୟ ଦାୟିତ୍ୱ ଓ କାର୍ଯ୍ୟପ୍ରଣାଳୀ ବିଷୟରେ ଅବଗତ କରାଯାଇଥିଲା। ବୈଠକରେ ପିଏଚଇଓ ଅରୁଣ ଭୋଇ କୃମିନାଶକ ଔଷଧ ବଣ୍ଟନ ପ୍ରକ୍ରିୟା, ଲକ୍ଷ୍ୟ, ଶିଶୁ ଓ କିଶୋର ଗୋଷ୍ଠୀ, ସୁରକ୍ଷା ନିୟମ ଏବଂ ସଚେତନତା ସୃଷ୍ଟି ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ। ବୈଠକରେ ଡ.ସୁନୀଲ ନାୟକ, ବିପିଏମ ପ୍ରଶାନ୍ତ ପ୍ରଧାନ ସହ ସମସ୍ତ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ଆଜି କୃମିନାଶକ ଔଷଧ ସୂଚାରୁ ଭାବେ ବଣ୍ଟନ କରିବା ପାଇଁ ଆହ୍ୱାନ ଜଣାଯାଇଥିଲା।

## ବିଶ୍ୱାମିତ୍ର ମିଶ୍ରଙ୍କ ପରଲୋକ



ଅତାବିରା, ୯।୨(ସମିସ): ପୂର୍ବତନ ଚକବନ୍ଦି ଅଫିସର ବିଶ୍ୱାମିତ୍ର ମିଶ୍ର (୮୫)ଙ୍କ ପରଲୋକ ଘଟିଛି। ଶ୍ୱାସଜନିତ ରୋଗରେ ଗତ ୮ ଦିନ ହେଲା ବରଗଡ଼ର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କ ପାର୍ଥିବ ଶବ ଅତାବିରା ହସ୍ପିଟାଲ ଛକ ନିକଟ ବାସଭବକୁ ଆସିଥିଲା। ପରେ ସ୍ଥାନୀୟ ଶ୍ମଶାନଘାଟରେ ଦାହ ସଂସ୍କାର କରାଯାଇଛି। ପୁତ୍ର ବଦ୍ରି ମୁଖାଗ୍ନି ଦେଇଥିଲେ।

## ହୀରାପୁରରେ ଓବିସି ମଞ୍ଚର ବୈଠକ

ପାଇକମାଳ, ୯।୨(ସମିସ): ପାଇକମାଳ ବ୍ଲକ୍ ହୀରାପୁରରେ ଡୋଳାମଣି ମାହରଙ୍କ ସଭାପତିତ୍ୱରେ ଓବିସି ମଞ୍ଚର ବୈଠକ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରା ହୋଇଥିଲା। ଏହାପରେ ସର୍ବସମ୍ମତି କ୍ରମେ ବିଭିନ୍ନ ପ୍ରସ୍ତାବ ଗୁଡିକ ଗ୍ରହଣ କରାଗଲା। ଓବିସି ମାନଙ୍କ ପାଇଁ ସବୁଥିରେ ୨୭% ସଂରକ୍ଷଣ କରାଯାଉ, ଆସନ୍ତା ଜନଗଣନା ସମୟରେ ପଛୁଆ ବର୍ଗ ମାନଙ୍କୁ ଗଣନା କରାଯାଉ, ୟୁଜିସି କାନୁନ୍ ୨୦୨୬ ବିଲକୁ ଲାଗୁ କରାଯାଉ, ଏନେଇ ପ୍ରସ୍ତାବ ଗୃହୀତ ହେଲା। ପ୍ରତି ଗାଁରେ ଆଗାମୀ ଦିନରେ ଓବିସି ଜନଜାଗରଣ ସଭା କରାଯିବା ପାଇଁ ସ୍ଥିର ହେଲା। ଆଲୋଚନାରେ ରାଜିନ୍ଦ୍ର ସାହୁ, ଯୁଧିଷ୍ଠିର ସାହୁ, କ୍ଷମାନିଧି ପଟେଲ, ଗୋପୀନାଥ ସୁନାରି, ଧବଳେଶ୍ୱର ସାହୁ, ବିଷ୍ଣୁ ଚରଣ ସାହୁ, ରାଜୀବ ସାହୁ, ବନ ମାଳି ବାଗ, ଶଙ୍କର ଭୁଏ, ଲବ ପାଣ୍ଡେ, ଶେଷରେ ରାଜକିଶୋର ପାତ୍ର ପ୍ରମୁଖ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



## ଝାରବନ୍ଧରେ ଆଶାକର୍ମୀଙ୍କ ପ୍ରଶିକ୍ଷଣ ଶିବିର

ଝାରବନ୍ଧ, ୯।୨(ସମିସ): ଗ୍ରାମୀଣ ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଝାରବନ୍ଧରେ ଆଶାକର୍ମୀମାନଙ୍କ ପାଇଁ ଆୟୋଜିତ ୬ ଦିନିଆ ପ୍ରଶିକ୍ଷଣ ଶିବିର ଶେଷ ହୋଇଛି। ଝାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସଭାଗୃହରେ ଡାକ୍ତର ଯଶୋବନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବିପିଏମ ପ୍ରଶାନ୍ତ ପ୍ରଧାନ ପରିଚାଳନା କରିଥିଲେ।

ଜଗଦଳପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୨୬ ଜଣ ଆଶାକର୍ମୀଙ୍କୁ ସିଏଚଓ କେଶରୀ ମାଝୀ ଓ ଯାମିନୀ କଲସେ ପ୍ରଶିକ୍ଷଣ ଦେଇଥିଲେ। ଝାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୨୭ ଜଣ ଆଶାକର୍ମୀଙ୍କୁ ଡାକ୍ତର ଗାୟତ୍ରୀ ନନ୍ଦ ଓ ସିଏଚଓ ପ୍ରିୟଙ୍କା ତାଣ୍ଡି ପ୍ରଶିକ୍ଷିତ କରିଥିଲେ। ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨୯ ଜଣ ଆଶାକର୍ମୀଙ୍କୁ ଡାକ୍ତର ଅନିଲ ମେହେର ଓ ଡାକ୍ତର ସୁନୀଲ ନାଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣରେ ଜରୁରୀକାଳୀନ ସେବା, ଆଖିର ଯତ୍ନ, ବୟସ୍କ ବ୍ୟକ୍ତିଙ୍କ ଦେଖଭାଳ, ମୁଖ ଗହ୍ୱର ସ୍ୱାସ୍ଥ୍ୟ, କାନ-ନାକ-ଗଳା ଯତ୍ନ ଓ ମାନସିକ ସ୍ୱାସ୍ଥ୍ୟ ଭଳି ବିଷୟରେ ଗଭୀର ତଥ୍ୟ ଦିଆଯାଇଥିଲା। ଗ୍ରାମସ୍ତରରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହ ଆପତ୍କାଳୀନ ସମୟରେ ଆଶାକର୍ମୀମାନେ କିପରି ପ୍ରାଥମିକ ସେବା ଦେଇପାରିବେ, ସେଥିପାଇଁ ପ୍ରାୟୋଗିକ ଶିକ୍ଷା ମଧ୍ୟ ଦିଆଯାଇଥିବା ଜଣାପଡିଛି।

## ପଦ୍ମିନୀ ମହାପାତ୍ର ମେମୋରିଆଲ କବାଡ଼ି ଟୁର୍ଣ୍ଣାମେଣ୍ଟ

## ଚିନ୍ମୟ ବିଦ୍ୟାଳୟ ଚାମ୍ପିଅନ, ବାଲ୍ ଭାରତୀ ରନର୍ସଅପ୍




ଦେବଗଡ଼, ୯।୨(ସମିସ): ସ୍ଥାନୀୟ ବାଲ ଭାରତୀ ଇଂରାଜୀ ମାଧ୍ୟମିକ ସ୍କୁଲ ପକ୍ଷରୁ ଅଧକ୍ଷ୍ୟା ସୁପ୍ରିୟା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ୨ୟ ଆନ୍ତଃ ବିଦ୍ୟାଳୟ ସ୍ତରୀୟ ପଦ୍ମିନୀ ମହାପାତ୍ର ମେମୋରିଆଲ କପ୍ କବାଡି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ, ଜିଲ୍ଲା କ୍ରୀଡ଼ା ସଂସଦରେ ସମ୍ପାଦକ ଧୀରେନ୍ଦ୍ର ନାୟକ, ବରିଷ୍ଠ କ୍ରୀଡ଼ା ସଂଗଠକ ହେମନ୍ତ ମହାପାତ୍ର, ବରିଷ୍ଠ କ୍ରୀଡ଼ାବିତ ପ୍ରଦୀପ ଅମାନ୍ତ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ରାଜ୍ୟ କବାଡ଼ି ସଂଘର ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ, ସାମାଜିକକର୍ମୀ ଅର୍ଣ୍ଣବ ପଣ୍ଡା ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ୧୨ଟି ବିଦ୍ୟାଳୟରୁ ମୋଟ ୧୨୦ ଜଣ କବାଡ଼ି ଖେଳାଳି ଯୋଗ ଦେଇଥିଲେ। ୨ୟ ପଦ୍ମିନୀ ମହାପାତ୍ର ମେମୋରିଆଲ କବାଡି ଟୁର୍ଣ୍ଣାମେଣ୍ଟରେ ଚିନ୍ମୟ ବିଦ୍ୟାଳୟ ଚାମ୍ପିଅନ ହୋଇଥିବା ବେଳେ ବାଲ ଭାରତୀ ଇଂରାଜୀ ମାଧ୍ୟମିକ ସ୍କୁଲ ରନର୍ସ ଅପ ହୋଇଥିଲା। ସେହିପରି ରେଙ୍ଗାଲବେଡା ବିଦ୍ୟାଳୟକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ନୀଲେଶ ବେହେରା ଶ୍ରେଷ୍ଠ ରାଇଡର, ଲଲାଟେନ୍ଦୁ ଅମାନ୍ତ ଶ୍ରେଷ୍ଠ ଖେଳାଳି ଓ ଦୁଷ୍ମନ୍ତ ନାଗ ଶ୍ରେଷ୍ଠ ଡିଫେଣ୍ଡର ଭାବେ ପୁରସ୍କୃତ ହୋଇଥିଲେ। ଆଲୋକ ଅମାନ୍ତ, କଳ୍ପନା ସାହୁ, ପିୟୁଷ ଛତ୍ରିୟା, ସଞ୍ଜୟ ଦେବ, ଅଭିନାସ ପ୍ରଧାନ, ବଣ୍ଟି ସୋନି, ସଙ୍ଗୀତରାଜ ପଟ୍ଟନାୟକ, ପ୍ରଭାତ ସାହୁ, ପ୍ରତ୍ୟୁଷ ନାୟକ ପ୍ରମୁଖ ମ୍ୟାଚ୍ ଗୁଡିକୁ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସୂରଜ ଦେବ, ସୁମିତ ବରାଇ, ସୁଚିସ୍ମିତା ଦେଓ, ମଧୁସ୍ମିତା ଦେବ, ଚିତ୍ରଲେଖା ପ୍ରଧାନ, ଝୁନୁ ଦେହୁରି, ଭାରତୀ ପାତ୍ର, ଆକାଂକ୍ଷା ଦିବେଦୀ, ରୁନି ସାହୁ ଓ ସୌଭାଗ୍ୟବତୀ ସାମଲ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

### ଆଦର୍ଶ ଗାଁ ରେ ବ୍ୟବସ୍ଥା ଶୂନ୍

# ଶିକ୍ଷକ ନିଯୁକ୍ତି ଓ ବିଦ୍ୟାଳୟ ଉନ୍ନତୀକରଣ ପାଇଁ ଗ୍ରାମବାସୀଙ୍କ ଦାବି

**ଧର୍ମଗଡ଼, ୯ ।୨(ସମିସ):** ଧର୍ମଗଡ଼ ବ୍ଲକ ଗଡ଼ିଆଜୋର ପଞ୍ଚାୟତ ଅଧୀନ ପିପଲାକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ସରକାର ଗ୍ରହଣ କରିଛନ୍ତି। ଆଦର୍ଶ ଗ୍ରାମ ହୋଇଛି ସତ, ହେଲେ ବିକାଶର ମୂଳଦୁଆ ଏପର୍ଯ୍ୟନ୍ତ ପଡ଼ିପାରିନାହିଁ। ବିଶେଷ ଭାବେ ଶିକ୍ଷା କ୍ଷେତ୍ରରେ ସଦାସର୍ବଦା ଅବହେଳିତ ହୋଇପଡ଼ିଛି। ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ପ୍ରଥମରୁ ପଞ୍ଚମ ଯାଏଁ ଥିବାବେଳେ ମୋଟ ୧୧୧ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ହେଲେ ଶିକ୍ଷକ ଅଛନ୍ତି କେବଳ ୨ଜଣ। ଜଣେ ଅସ୍ଥାୟୀ ଶିକ୍ଷକ ଥିବାବେଳେ ଜଣେ ଶିକ୍ଷକ ବିଏଲଓ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। କେବଳ ଜଣେ ଶିକ୍ଷକ ୧୧୧ଜଣଙ୍କୁ ପାଠ ପଢ଼ାଉଛନ୍ତି। ଶିକ୍ଷା ନୀତି ଅନୁଯାୟୀ ୨୦ଜଣ ପିଲାଙ୍କୁ ଜଣେ ଶିକ୍ଷକ ନିଯୁକ୍ତି ଦେବା ବ୍ୟବସ୍ଥା ରହିଥିଲେ ହେଁ ଏହି ବିଦ୍ୟାଳୟ କ୍ଷେତ୍ରରେ ସରକାର ଓ ପ୍ରଶାସନ ଅଣଦେଖା କରିଥିବା ନେଇ ଗ୍ରାମବାସୀଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଛି। ପଞ୍ଚମ ଉର୍ତ୍ତୀର୍ଣ୍ଣ ପିଲା ଷଷ୍ଠଶ୍ରେଣୀ ପଢ଼ିବାକୁ ହେଲେ ଗାଁ ରୁ ୬କି.ମି ଦୂର ଗଡ଼ିଆଜୋର ଅଥବା ନିକଟତମ ଆମଗୁଡା ବିଦ୍ୟାଳୟକୁ ଯିବା କୁ ପଡେ। ଯାହା ବିଜୁ ଏକ୍ସପ୍ରେସ ୱେ ରାସ୍ତା ଦେଇ ପିଲାମାନେ ବିପଦ କୁ ଆମନ୍ତ୍ରଣ କରି ଯାତାୟାତ କରୁଛନ୍ତି। ଏଥିପ୍ରତି ପ୍ରଶାସନ କିମ୍ବା ସରକାର ଦୃଷ୍ଟି ନ ଦେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମ ର ମଧୁସୂଦନ ମାଝୀ, ଗିରିଧାରୀ ସାହୁ, ବିକେ ରାମ ସୁନାନୀ, ନବୀନ କୈବର୍ତ୍ତ, ଜଗତ ରାମ ସେଠୀ, ନିରାକାର ସାହୁ, ମହେଶ୍ୱର ସାହୁ, ଯଦୁମଣି ସାହୁ, ମିଥୁନ ସେଠୀ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁବାସ ସାହୁ, ଶୁଭରାମ ସାହୁ, ପରାସର ସୁନାନୀ ପ୍ରମୁଖ ଚେତାବନୀ ଦେଇଛନ୍ତି। ଗୋଷ୍ଠୀ ଶିକ୍ଷାଧିକାରୀ ଓ ସହ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁଁ କାର୍ଯ୍ୟାଳୟର କିରାଣି ଦାବିପତ୍ର ଗ୍ରହଣ କରିଥିଲେ।



# ଶିକ୍ଷକଙ୍କ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

**କୋମନା, ୯ ।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ବିଭିନ୍ନ ବକେୟା ସମସ୍ୟାର ତୁରନ୍ତ ସମାଧାନ ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମସ୍ୟାଗୁଡ଼ିକର ସମାଧାନ ନହେଲେ ଆଗାମୀ ଦିନରେ ଅଫିସ ସମ୍ମୁଖରେ ଅନଶନ ଓ ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି। ଶିକ୍ଷକ ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ୬ଟି ପ୍ରମୁଖ ସମସ୍ୟା ଉପରେ ଆଲୋକପାତ କରାଯାଇଛି। ପ୍ରତିମାସରେ ଶିକ୍ଷକମାନଙ୍କୁ ଦରମା ମିଳିବାରେ ଅହେତୁକ ବିଳମ୍ବ ହେଉଛି, ଯାହାକୁ ତୁରନ୍ତ ସଂଶୋଧନ କରିବାକୁ ଦାବି ହୋଇଛି। ୨୦୨୩ ଜୁଲାଇରୁ ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ବକେୟା ଥିବା ଡି. ଏ(ମହଙ୍ଗା ଭତ୍ତା) ଏପର୍ଯ୍ୟନ୍ତ ମିଳିନାହିଁ। ୨୦୨୫ ଜାନୁଆରୀରୁ ମିଳିବାକୁ ଥିବା ବାର୍ଷିକ ବେତନ ବୃଦ୍ଧି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏନ୍‌ପିଏସ୍ ଶିକ୍ଷକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଓସିଏସ ଫର୍ମଗୁଡ଼ିକ ଏପର୍ଯ୍ୟନ୍ତ ଟ୍ରେଜେରୀକୁ ପଠାଯାଇ ନାହିଁ। ଶିକ୍ଷକମାନଙ୍କ ସେବା ବହିରେ ବାର୍ଷିକ ବେତନ ବୃଦ୍ଧି, ଇ.ଏଲ ମଞ୍ଜୁରୀ ଓ ଓଟିଇଟି ସମ୍ବନ୍ଧୀୟ ତଥ୍ୟଗୁଡ଼ିକ ନିୟମିତ ଭାବେ ଅପଡେଟ୍ କରାଯାଉନାହିଁ। ଶିକ୍ଷକମାନଙ୍କର ପ୍ରାପ୍ୟ ଇ.ଏଲ ଓ ଏମ.ଏଲ (ଡାକ୍ତରୀ ଛୁଟି) ଗୁଡ଼ିକ ସଠିକ୍ ସମୟରେ ମଞ୍ଜୁର କରାଯାଉ ନଥିବା ଅଭିଯୋଗ ହୋଇଛି। ଶିକ୍ଷକ ସଂଘର ସଭାପତି ଓ କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି ଯେ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଦି ଏହି ସବୁ ଦାବି ତୁରନ୍ତ ପୂରଣ ନହୁଏ, ତେବେ ସଂଘ ବାଧ୍ୟ ହୋଇ ବିଇଓ ଅଫିସ ସମ୍ମୁଖରେ ଧାରଣା ଦେବ ଏବଂ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଶୁବଳଶ୍ୟାମ ପଣ୍ଡା, ପ୍ରସନ୍ନ କୁମାର ପାଣ୍ଡେ, ସରୋଜ କୁମାର ଯୋଶୀ, ଗୌରଚନ୍ଦ୍ର ରଣା, ଲୋକନାଥ ଶବର, ଭୁପେନ୍ଦ୍ର ଖମାରୀ, କୁନ୍ତୀ ଶବର, ବୀରକିଶୋର ପଣ୍ଡା, ବସୁଦେବ ଶବର, ଅନାଦି ନନ୍ଦନ ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷକ ପ୍ରତିନିଧି ଉପସ୍ଥିତ ଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଡଙ୍ଗାଘାଟ୍ ଚାମ୍ପିଅନ

**କୋମନା, ୯ ।୨(ସମିସ):** ନୂଆପଡ଼ା ଜିଲ୍ଲା ବିଜାଖମନସ୍ଥିତ ଅଗ୍ନିଶମ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଥିବା 'କୋମନା ସାର୍ କିଲ୍' କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ରୋମାଞ୍ଚକର ଫାଇନାଲ ମ୍ୟାଚରେ ଡଙ୍ଗାଘାଟ୍ ଦଳ ଚମତ୍କାର ପ୍ରଦର୍ଶନ କରି କୋମନା ଅଗ୍ନିଶମ ଦଳକୁ ୧୮ ରନ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରତିଯୋଗିତାର ଅନ୍ତିମ ଦିବସରେ ବିଜୟୀ ଓ ବିଜେତା ଦଳକୁ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଇଥିଲା। ବିଜୟୀ ଦଳକୁ ୨୦, ୦୦୦ ଟଙ୍କା ସହ ଆକର୍ଷଣୀୟ ଟ୍ରଫି। ଉପ-ବିଜୟୀ ଦଳ କୋମନା ଅଗ୍ନିଶମକୁ ୧୫, ୦୦୦ ଟଙ୍କା ସହ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲ୍ଲା ପରିଷଦ ସଦସ୍ୟ ମୁରଲୀ ଭୋଇ, ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଓ କ୍ଷୀରସିନ୍ଧୁ ଭୋଇ, ସମାଜସେବୀ ମାନସ ରଞ୍ଜନ ପାଢ଼ୀ, ପବିତ୍ର ପ୍ରଧାନ ଏବଂ ମାୟାଧର ପ୍ରଧାନ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ଏକତା ଓ ଶୃଙ୍ଖଳା ବୃଦ୍ଧି ପାଏ ବୋଲି ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ। ଏହି ସମ୍ପୂର୍ଣ୍ଣ ପ୍ରତିଯୋଗିତାକୁ ସଫଳ କରିବାରେ ଅଧ୍ୟାପକ ବଚନ ଭୋଇ ଓ ଦୀପକ ଦାଶ, ଶିକ୍ଷକ ତାପଶ ମିଶ୍ର, ବବଲୁ ଜିଙ୍ଗିରା, ଜୟନ୍ତ ପ୍ରଧାନ, ଅଧ୍ୟାପକ ନାରାୟଣ ମିଶ୍ର ଓ ଅଶ୍ୱିନୀ ଓତା, ନରେଶ, ରବୀନ୍ଦ୍ର, ଲାଲୁ, ପଲ୍ଲବ ଓ ରୋଶନଙ୍କ ସମେତ ଅଞ୍ଚଳର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ■ ଗୋଲାମୁଣ୍ଡା ପଞ୍ଚାୟତ ସମିତି ବୈଠକରେ ବିଶୃଙ୍ଖଳା ଘଟଣା

# ଯୁବ ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଭବାନୀପାଟଣା, ୯ ।୨(ସମିସ)**

ଗତ ୬ ତାରିଖ ଦିନ ଗୋଲାମୁଣ୍ଡା ପଞ୍ଚାୟତ ସମିତି ବୈଠକରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଉପସ୍ଥିତିରେ ହୋଇଥିବା ବିଶୃଙ୍ଖଳାକୁ ନେଇ ଆଜି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କୁ ଯୁବ ବିଜେଡି ସାକ୍ଷାତ କରି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ସମୀକ୍ଷା ବୈଠକରେ ପ୍ରାୟୋଜିତ ଭାବେ ଅସାମାଜିକ ଲୋକଙ୍କ ଦ୍ୱାରା ବିଧାୟକଙ୍କୁ ଅସଦାଚରଣ ଉଦ୍ୟମ ଓ ବୈଠକକୁ ଭଣ୍ଡୁର କରିବା ପାଇଁ ପ୍ରୟାସ ଉଦ୍ୟମର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ରରେ ଯୁବ ବିଜେଡି ଦାବି କରିଛି। ସୂଚନାଯୋଗ୍ୟ ଯେ, ଗୋଲାମୁଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଚିଠି ଅନୁଯାୟୀ ୬ ଫେବୃଆରୀ ପୂର୍ବାହ୍ନ ୧୧ଟା ସମୟରେ ବ୍ଲକ ଅଧୀନ ବିଭିନ୍ନ ସରକାରୀ ବିଭାଗ (ଲାଇନ୍ ଡିପାର୍ଟମେଣ୍ଟ) କୁ ନେଇ ଏକ ସମୀକ୍ଷା ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅୟୋଜନ ହୋଇଥିଲା। ଏହି ବୈଠକରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ସମୀକ୍ଷା ପାଇଁ ଯୋଗ ଦେଇଥିଲେ। ହେଲେ ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ କିଛି ଅସାମାଜିକ ଯୁବକ ସେଠାରେ ରୁଣ୍ଡ ହୋଇ ହୋ-ହାଲ୍ଲା କରିବା ଦେଖିବାକୁ ମିଳିଥିଲା। ଏହା ସମ୍ପୂର୍ଣ୍ଣ ପ୍ରାୟୋଜିତ ଓ ସୁପରିକଳ୍ପିତ ଯୋଜନା ଥିଲା ବୋଲି ଯୁବ ବିଜେଡି ଅଭିଯୋଗ କରିଛି। ଜୁନାଗଡ଼ ବିଧାୟକ ଉପସ୍ଥିତ ହେବା କ୍ଷଣି ସମ୍ମିଳନୀ କକ୍ଷ ଆଡୁ ଶତାଧିକ ନିଶାଶକ୍ତ ଯୁବକ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ତାଙ୍କ ଆଡ଼କୁ ମାଡ଼ିଆସିବା ଓ ଆୟୋଜକଙ୍କ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ ନକରିବା ଘଟଣାରେ ବିଡିଓ ମଧ୍ୟ ଉତ୍ତରଦାୟୀ ବୋଲି ଯୁବ ବିଜେଡି ଉଲ୍ଲେଖ କରିଛି। ଏଭଳି ପରିସ୍ଥିତିକୁ ଏଡାଇବା ପାଇଁ କାହିଁକି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ଥାନୀୟ ପୁଲିସଙ୍କୁ ସୂଚନା ଦେଲେ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ବିଧାୟକଙ୍କ ବାରମ୍ବାର ବ୍ଲକଗସ୍ତ ସମୟରେ ତାଙ୍କୁ ଜାଣିଶୁଣି ବିରୋଧ କରିବା, ସମୀକ୍ଷା ବୈଠକ କରାଇନଦେବା, ଲୋକ ଲଗାଇ ବିଧାୟକଙ୍କୁ ଅସଦାଚରଣ କରିବା ପାଇଁ ଚେଷ୍ଟା କରିବା ଆଦି ପଛରେ ନିଜେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସାମିଲ ଅଛନ୍ତି ବୋଲି ଯୁବ ବିଜେଡି ଅଭିଯୋଗ ଆଣିଛି। ଏହି ଘଟଣାରେ ଜିଲ୍ଲାପାଳ ନିରପେକ୍ଷ ତଦନ୍ତ କରି ସତ୍ୟତା ବାହାର କରନ୍ତୁ ବୋଲି କୁହାଯାଇଛି। ଏପରିକି ସୋସିଆଲ ମିଡିଆରେ ଭାଇରାଲ୍ ତଥା ଉପଲବ୍ଧ ଭିଡ଼ିଓ କ୍ଲିପିଂମାନଙ୍କରୁ ସ୍ପଷ୍ଟ ଜଣାପଡୁଛି ଯେ ପୂର୍ବ ପରିକଳ୍ପିତ ଯୋଜନା। ଏଣୁ ଗୋଲାମୁଣ୍ଡା ବିଡ଼ିଓଙ୍କୁ ହାତବାରିସି କରି ପ୍ରାୟୋଜିତ ଅସାମାଜିକ ଯୁବକମାନଙ୍କୁ ମେଳିକରି ସରକାରୀ ସମୀକ୍ଷା ବୈଠକ ଭଣ୍ଡୁର କରିବା ସହ କର୍ତ୍ତବ୍ୟରତ ଜୁନାଗଡ଼ ବିଧାୟକଙ୍କ ଉପରେ ଆକ୍ରମଣ କରିବା ପାଇଁ ବଡ଼ ଧରଣର ଷଡ଼ଯନ୍ତ୍ର କରିବା ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ ବୋଲି ଯୁବ ବିଜେଡି ଅଭିଯୋଗ ଆଣିଛି। ଜଣେ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ହୋଇଥିବା ଏହି ବିଶୃଙ୍ଖଳା ସମ୍ପର୍କରେ ଏପର୍ଯ୍ୟନ୍ତ ବିଡିଓଙ୍କ ତରଫରୁ କୌଣସି ଏତଲା ନଦେବା ଏହି ଘଟଣାରେ ତାଙ୍କ ସମ୍ପୃକ୍ତିକୁ ପ୍ରମାଣ କରୁଥିବା ନେଇ ଯୁବ ବିଜେଡି ନେତାମାନେ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ଯଦି କୌଣସି ତୁରନ୍ତ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ବିଜୁ ଯୁବ ଜନତା ଦଳ ରାଜରାସ୍ତାରେ ବିକ୍ଷୋଭ କରିବ ଓ ଜିଲ୍ଲା ପ୍ରଶାସନ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ ବୋଲି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ନାଏକ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନୀନ୍ଦ୍ର ମହାନ୍ତି, ଯୁବ ନେତା ଅବିନାଶ ଠାକୁର, କୃଷକ ନେତା ସାମନ୍ତ ଖମାରୀ, ସେନାପତି ନାଏକ, କାଉନସିଲର କ୍ଷିରସିନ୍ଧୁ ନାଏକ, ଶିବା ସାହୁ, ମହେନ୍ଦ୍ର ରାଉତ, ଦିନେଶ ବଗର୍ତ୍ତି, ଅମିତ ଯାଦବ, ମାନସ ସିନ୍ଦୂର, ନିମସ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।



# ଜିଲ୍ଲାସ୍ତରୀୟ ଏୟାର ରାଇଫଲ ପ୍ରତିଯୋଗିତା



**ଭବାନୀପାଟଣା, ୯ ।୨ (ସମିସ):** ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ରବିବାର ଅପରାହ୍ନରେ ଜିଲ୍ଲାସ୍ତରୀୟ ଏଆର ରାଇଫଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ୪ ଟି ବିଭାଗରେ ହୋଇଥିଲା। ସେଗୁଡ଼ିକ ହେଲା ୫୫ ବର୍ଷରୁ ଉର୍ଦ୍ଧ୍ୱ (ବରିଷ୍ଠ), ୨୧ ବର୍ଷରୁ ୫୫ ବର୍ଷ (ପୁରୁଷ), ୧୪ ବର୍ଷରୁ ୨୧ ବର୍ଷ ବାଳକ ବିଭାଗ ଓ ଚତୁର୍ଥ ମହିଳା ବିଭାଗ ମଧ୍ୟରେ ହୋଇଥିଲା। ଏଥିରେ ବରିଷ୍ଠ ବିଭାଗରେ ଭବାନୀପାଟଣାର କୃଷ୍ଣବତାର ଦେଓ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପୁରୁଷ ବିଭାଗରେ ଭବାନୀପାଟଣାର ପ୍ରଶନ୍ନ କୁମାର ସୁନାନୀ ପ୍ରଥମ, ବାଳକ ବିଭାଗରେ ଲଡୁଗାଁର ନିଭଜିତ ଯୋଶୀ ପ୍ରଥମ ଓ ମହିଳା ବିଭାଗରେ ଭବାନୀପାଟଣା ର ପ୍ରତ୍ୟାଶା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଥିଲେ। ସେହିପରି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ଯୋଗଦେଇ ବିଜେତା ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏୟାର ରାଇଫଲ ଆସୋସିଏସନର ସମ୍ପାଦକ ସୁନୀଲ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।

# ଦାଦନ ଶ୍ରମିକ ଉଚ୍ଛେଦ କର୍ମଶାଳା

**ଧର୍ମଗଡ଼, ୯ ।୨(ସମିସ):** କ୍ରୀତଦାସ ପ୍ରଥା ଉଚ୍ଛେଦ ଆଇନ ୧୯୭୬ ର ୫୦ ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଶ୍ରମିକ ଓ ବିଶେଷ କରି ଦାଦନ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଅନବରତ ଭାବେ ସଂଗ୍ରାମ କରି ଆସୁଥିବା ଉତ୍କଳ ସେବକ ସମାଜ ଉପକ୍ରମ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ଭାରତ ସରକାରଙ୍କ ଶ୍ରମ ବିଭାଗ ପୂର୍ବତନ ସଦସ୍ୟ ସମ୍ପାଦକ ଲକ୍ଷ୍ମୀଧର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରଫୁଲ୍ଲ ସାହୁ ଓ ଅରବିନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍କଳ ସମାଜ ସମ୍ପାଦକ ତଥା ସୁରକ୍ଷା କାର୍ଯ୍ୟକ୍ରମର ଆବାହକ ଅମିୟ ଭୂଷଣ ବିଶ୍ୱାଳଙ୍କ ଆବାହନରେ ସମାଜର ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ନେଇ ଅୟୋଜିତ ଏହି ସମ୍ମିଳନୀକୁ ଧର୍ମଗଡ଼ ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟର ପୂର୍ବତନ ସ୍ୱତନ୍ତ୍ର ପ୍ରୋସିକ୍ୟୁଟର ଧୀରେନ୍ଦ୍ର ନାଥ ପାତ୍ରଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ୨୦୧୩ରେ ଦାଦନ ସର୍ଦ୍ଦାର ଦ୍ୱାରା କଳାହାଣ୍ଡି ଜିଲ୍ଲାର ଦାଦନ ଶ୍ରମିକମାନଙ୍କ ହାତ ପାପୁଲି କଟା ମାମଲାର ସଫଳ ପରିଚାଳନା ଯୋଗୁଁ ମାନ୍ୟବର ଅଦାଲତ ଦୋଷୀ ମାନଙ୍କୁ ଯଥୋଚିତ ଦଣ୍ଡ ପ୍ରଦାନ କରିଥିଲେ। ସେତେବେଳେ ଏହାଏକ ଆନ୍ତର୍ଜାତିକ ମାମଲା ଭାବେ ଚର୍ଚ୍ଚା କୁ ଆସିଥିଲା ଓ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଏନେଇ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଶ୍ରୀ ପାତ୍ରଙ୍କ ନିଷ୍ଠା ଓ ସଫଳତା ପାଇଁ ଉକ୍ତ ସମ୍ମିଳନୀରେ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜନଶୁଣାଣି ଶିବିରରେ ଅଭିଯୋଗର ସମାଧାନ ପାଇଁ ପ୍ରତିଶ୍ରୁତି

**କୋମନା, ୯ ।୨(ସମିସ):** ସ୍ଥାନୀୟ ପ୍ରଶାସନକୁ ଲୋକଙ୍କ ନିକଟତର କରିବା ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ପଏଁର ଗ୍ରାମ ପଞ୍ଚାୟତଠାରେ -ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଇଛି। ଏହି ଶିବିରରେ କୋମନା ବ୍ଲକର ପ୍ରମୁଖ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଏଥିରେ ଅନୁସୂୟା କୁମ୍ଭାର (ବ୍ଲକ ଅଧ୍ୟକ୍ଷା), ଜୟଦେବ ପ୍ରଧାନ (ଉପାଧ୍ୟକ୍ଷ), ଭକ୍ତବନ୍ଧୁ ବୁଡ଼େକ (ଏବିଡ଼ିଓ), ପୁଷ୍ପାଞ୍ଜଳି ନାଗ (ସରପଞ୍ଚ) ବେଣୁଧର ମାଝୀ (ପିଇଓ) ସହିତ ପଞ୍ଚାୟତ ଓ ବ୍ଲକସ୍ତରୀୟ ବହୁ

**ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ**

କର୍ମଚାରୀ ସାମିଲ ହୋଇଥିଲେ। ଶିବିରରେ ଗ୍ରାମବାସୀ ସେମାନଙ୍କର ବିଭିନ୍ନମୌଳିକସମସ୍ୟାନେଇଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଗୁଡ଼ିକ ମଧ୍ୟରେ ମୁଖ୍ୟତଃ ହିତାଧିକାରୀଙ୍କୁ ଇନ୍ଦିରା ଆବାସ ବା ପକ୍କାଘର ଯୋଗାଇଦେବା। ବୃଦ୍ଧ, ବିଧବା ଓ ବିକଳାଙ୍ଗ ଭତ୍ତା ସମ୍ପର୍କିତ ସମସ୍ୟା। ନୂତନ ରାସନ କାର୍ଡ ପ୍ରଦାନ ଏବଂ ସଂଶୋଧନ। ଗ୍ରାମ୍ୟ ରାସ୍ତାଘାଟର ମରାମତି ଓ ଉନ୍ନତିକରଣ। ଉପସ୍ଥିତ ଅଧିକାରୀମାନେ ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ତୁରନ୍ତ ଯାଞ୍ଚ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସରକାରୀ ଯୋଜନାର ସୁଫଳ ଯେପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଏହି ଗାଁରେ ପ୍ରଶାସନ ଅଭିଯାନ ଅତ୍ୟନ୍ତ ସହାୟକ ହେଉଛି ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

### ବାଇକ୍ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟଣା

# ତୁରେକେଲାରେ ଶୋକାକୁଳ ପରିବେଶ

**କଣ୍ଟାବାଞ୍ଜି, ୯ ।୨(ସମିସ)**



ବେଶ୍ ହସଖୁସିରେ ଏକ ବାଇକ ଯୋଗେ ଧଅଁରାଖମନ ଗାଁରୁ ନିଜ ଗାଁ ତୁରେକେଲାକୁ ଫେରୁଥିଲେ। ଆଉ କିଛି ମିନିଟ ଭିତରେ ନିଜ ଗାଁରେ ୪ ଜଣ ଯାକ ପହଞ୍ଚିଥାନ୍ତେ; ହେଲେ ରାସ୍ତାରେ ସତେ ଯେମିତି ଜମ ଜଗିଥିଲା। ତୁରେକେଲା ଥାନା ପଣ୍ଡରେନ ଗାଁଠାରେ ପିକ୍‌ଅପ୍‌ଧକ୍କାରେ ୪ ଜଣଙ୍କ ମୃତ୍ୟୁ ଘଟିଲା। ଏହି ଘଟଣାରେ ତୁରେକେଲା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏହି ଘଟଣାରେ ପୂରା ପରିବାର ଲୋକେ ଓ ଗ୍ରାମବାସୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ତୁରେକେଲା ଗାଁର କ୍ଷୀର ପୁଟେଲ, ତାଙ୍କ ସ୍ତ୍ରୀ ଫୁଲମତି ପୁଟେଲ, ନାତି ଦେବାଶିଷ ପୁଟେଲ ବେଲପଡ଼ା ବ୍ଲକ ଧଅରାଖମନ ଗାଁକୁ ତାଙ୍କର ଜଣେ ସମ୍ପର୍କୀୟ ଘରକୁ ଯାଇ ରବିବାର ସନ୍ଧ୍ୟାରେ ବାଇକ୍‌ରେ ଫେରୁଥିଲେ। ଧଅରାଖମନ ଗାଁର ତାଙ୍କ ସମ୍ପର୍କୀୟ ଜ୍ୱାଇଁ ମୋହନ ପୁଟେଲ ମଧ୍ୟ ଆଉ ଏକ ବାଇକ୍‌ରେ ଏମାନଙ୍କୁ ଛାଡିବାକୁ ଆସୁଥିଲେ। ସମସ୍ତେ କିନ୍ତୁ ଆଖି ବୁଜିଛନ୍ତି। ସୋମବାର ସକାଳେ କଣ୍ଟାବାଞ୍ଜି ଡାକ୍ତରଖାନା ପରିସରରେ କ୍ଷତିପୂରଣ ଦାବି କରି ଗାଁ ଲୋକେ ପାଟିତୁଣ୍ଡ କରିଥିଲେ। ଏଣୁ ଉତ୍ତେଜନା ଦେଖା ଦେଇଥିଲା। କଣ୍ଟାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲଖୋ ପୁଲିସ ସହ ଡାକ୍ତରଖାନାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ରେଡକ୍ରସ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିଥିଲେ। ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି।

## କାନ୍ଥରୁ ନାଁ ଲିଭିନି; ମଥାରୁ ସିନ୍ଦୂର ପୋଛିବାକୁ ପଡ଼ିଲା

ଜାନୁଆରୀ ୨୮ ତାରିଖରେ ହିନ୍ଦୁ ରୀତିନୀତି ଅନୁଯାୟୀ ଅଗ୍ନିକୁ ସାକ୍ଷୀ ରଖି ସାତ ଜନ୍ମର ସାଥୀ ହେବାକୁ ବେଲପଡ଼ା ବ୍ଲକ ଧଅରାଖମନ ଗାଁ ମୋହନ ପୁଟେଲ୍ ବଙ୍ଗୋମୁଣ୍ଡା ବ୍ଲକ ତୁରେକେଲା ଗାଁର ରୁକ୍ମିଣୀ ପୁଟେଲ୍‌ଙ୍କ ସହ ଶପଥ ନେଇ ବିବାହ କରିଥିଲେ। ଘର କାନ୍ଥରେ ବରକନ୍ୟାଙ୍କ ନାଁ ଲିଭିନି। ବିବାହର ୮ ଦିନ ପରେ କିନ୍ତୁ ନବବଧୂକୁ ନିଜ ମଥାରୁ ସିନ୍ଦୂର ପୋଛିବାକୁ ପଡ଼ିଛି। ଦୁର୍ଘଟଣାରେ ଜୀବନ ଯାଇଥିବା ମୋହନ ଗତ ୮ ଦିନ ତଳେ ବିବାହ କରିଥିଲେ। ତାଙ୍କ ମୃତ୍ୟୁ ପରେ ନବବଧୂ ଅସହାୟ ହୋଇପଡ଼ିଛି।




ନ । ତି

ବଡ଼ ହେବ। ପାଠ ପଢ଼ିବ। ବାବୁ ହେବ। ସମସ୍ତଙ୍କ ନାଁ ରଖିବ। ଅଜା, ଆଈଙ୍କ ଏହି ସ୍ୱପ୍ନ କିନ୍ତୁ ଭାଙ୍ଗି ଯାଇଛି। ସେହିଭଳି ପୁଅ ବଡ ହେଲେ ବୃଦ୍ଧ ବୟସରେ ସାହା ହେବ ବୋଲି ଯେଉଁ ଆଶା ରହିଥିଲା ବିନୟ

**ଅଜା, ଆଈ ସହ ଏକାଠି ଜଳିଲା ନାତିର ଚିତା**

ପୁଟେଲଙ୍କ ସେ ଭରସା ଭାଙ୍ଗି ଯାଇଛି। ପରିସ୍ଥିତି ଏମିତି ହେଲା ଯେ ପୁଅ ବାପାକୁ ମୁଖାଗ୍ନି ଦେବା ବଦଳରେ ୬ ବର୍ଷର ପୁଅକୁ ବାପା ମୁଖାଗ୍ନି ଦେବାକୁ ପଡ଼ିଛି। ମାଁ, ବାପାଙ୍କ ସହ ପୁଅକୁ ମୁଖାଗ୍ନି ଦେବାବେଳେ ବିନୟଙ୍କ ଧୈର୍ଯ୍ୟ ରହୁ ନ ଥିଲା।

## ଶୋକ ପ୍ରକାଶ କଲେ ବିଜେଡି ନେତା



କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ଯୁବ ନେତା ତଥା ପୂର୍ବତନ ସୈନିକ ଗିରିରାଜ ସିଂ ମାଝି ମୃତକଙ୍କ ପରିବାରକୁ ସାକ୍ଷାତ କରି ଶୋକ ପ୍ରକାଶ କରଛନ୍ତି। ଏହାସହ ପୁଲିସ ସହ ସେ ଆଲୋଚନା କରିଥିଲେ। ଦୁର୍ଘଟଣା ଘଟାଇଥିବା ପିକଅପ୍‌ର ମାଲିକ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସରକାରୀ ସୁବିଧା ସୁଯୋଗ ଦେବାକୁ ଶ୍ରୀ ମାଝୀ ଦାବି କରିଛନ୍ତି।

## ସମବେଦନା ଜଣାଇଲେ ବିଧାୟକ



କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ସୋମବାର କଣ୍ଟାବାଞ୍ଜି ଡାକ୍ତରଖାନାରେ ପହଞ୍ଚିଥିଲେ। ଡାକ୍ତରଖାନାରେ ମୃତକଙ୍କ ପରିବାର ତଥା ସମ୍ପର୍କୀୟଙ୍କ ମଧ୍ୟରେ କାନ୍ଦବୋବାଳି ପଡ଼ିଥାଏ। କାହା ମୁହଁରେ ହସ ନ ଥାଏ। ସବୁଠୁ ଦୁଃଖ ଦାୟକ ଥିଲା ମାତ୍ର ୮ ଦିନ ତଳେ ବିବାହ କରିଥିବା ଧଅରାଖମନ ଗାଁ ମୋହନ ପୁଟେଲଙ୍କ ମୃତ୍ୟୁ। ସେହିଭଳି ଏହି ଦୁର୍ଘଟଣାରେ ଜୀବନ ଯାଇଥିବା ୬ ବର୍ଷର କୁନି ପୁଅ ଦେବାଶିଷର ମୃତ୍ୟୁକୁ ମଧ୍ୟ ସହଜେ କେହି ଗ୍ରହଣ କରି ପାରୁ ନ ଥିଲେ। ମୃତକଙ୍କ ପରିବାରକୁ ବିଧାୟକ ସାକ୍ଷାତ କରି ସମବେଦନା ଜଣାଇଥିଲେ।

# କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନର ନାମ ସଂଶୋଧନ ପାଇଁ ଦାବି

**ଭବାନୀପାଟଣା, ୯ ।୨ (ସମିସ):** ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟର ଐତିହାସିକ ଓଡ଼ିଆ ସ୍ଥାନନାମ ପୁନରୁଦ୍ଧାର ପାଇଁ ଗୃହୀତ ପଦକ୍ଷେପ ଚାଲିଥିବା ପରିପ୍ରେକ୍ଷୀରେ ଗବେଷକ ଡ. ଲୋକେଶ ଦୁର୍ଗା କଳାହାଣ୍ଡି ଜିଲ୍ଲାର କିଛି ସ୍ଥାନନାମକୁ ସଂଶୋଧନ କରିବା ପାଇଁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କୁ ଅନୁରୋଧ କରିଛନ୍ତି। ବ୍ୟବହୃତ 'Junagarh' ପରିବର୍ତ୍ତେ ଜୁନାଗଡ଼କୁ ସରକାରୀ ଭାବେ ଗ୍ରହଣ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି। ନାମର ଐତିହାସିକ ଅର୍ଥ ବ୍ୟାଖ୍ୟା କରି ଡ଼. ଦୁର୍ଗା କହିଛନ୍ତି, ଓଡ଼ିଆରେ 'ଜୁନା'ର ଅର୍ଥ ପୁରୁଣା ଏବଂ 'ଗଡ଼'ର ଅର୍ଥ ଦୁର୍ଗ। ଡ଼. ଦୁର୍ଗାଙ୍କ ମତାନୁସାରେ, ଜୁନାଗଡ଼ର ପୁରାତନତା ପ୍ରାଚୀନ ଐତିହାସିକ ଯୁଗ ପର୍ଯ୍ୟନ୍ତ ଯାଏ ଏବଂ ସୋମବଂଶୀ ଓ ଗଙ୍ଗବଂଶୀ ଶାସନକାଳରେ ଏହାର ଗୁରୁତ୍ୱ ଅବ୍ୟାହତ ରହିଥିଲା। କେନ୍ଦୁଝର, ବାଲେଶ୍ୱର, ଦେବଗଡ଼ ଓ ନୟାଗଡ଼ ଭଳି ସ୍ଥାନନାମ ସଂଶୋଧନକୁ ଉଲ୍ଲେଖ କରି ଡ଼. ଦୁର୍ଗା କହିଛନ୍ତି ଯେ ଜୁନାଗଡ଼ ସଂଶୋଧନ ଓଡ଼ିଶା ସରକାରଙ୍କ ଭାଷାଗତ ସ୍ୱତନ୍ତ୍ରତା ଓ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ନୀତି ସହ ସମ୍ପୂର୍ଣ୍ଣ ସମନ୍ୱୟ ରଖେ। ସେହିପରି 'Dharamgarh'କୁ ଧର୍ମଗଡ଼, 'Lanjigarh'କୁ ଲାଞ୍ଜିଗଡ଼, 'Jaipatna' କୁ ଜୟପାଟଣା, 'Bhawanipatna' କୁ ଭବାନୀପାଟଣା କରାଯାଉ ବୋଲି ଗବେଷକ ଦୁର୍ଗା ଦାବି କରିଛନ୍ତି। ସରକାର ବିଚାରାଧୀନ ଥିବା ସ୍ଥାନ ଗୁଡ଼ିକର ନାମ ସଂଶୋଧନ ତାଲିକାରେ ଏହି ନାମଗୁଡ଼ିକୁ ସାମିଲ କରିବାକୁ ସେ ଅନୁରୋଧ କରିଛନ୍ତି।

# ଜିଲ୍ଲାପାଳଙ୍କ ପ୍ରବାସୀ ଶ୍ରମିକ ସଚେତନତା ସଭା

**ସିନାପାଲି, ୯ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଝାରବନ୍ଧ ପଞ୍ଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସି ଡି ଏମ୍ ଓ ଡ. ଦ୍ୱାରିକାନାଥ ଶତପଥୀ, ବିଡିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନା ଘିବେଲା, ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ଗୁଆଲ, ସ୍ଥାନୀୟ ସରପଞ୍ଚ ବେଣୁଧର ହରିଜନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ। ନିଜ ଅଭିଭାଷଣରେ ଜିଲ୍ଲାପାଳ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଲୋକଙ୍କୁ ବିଭିନ୍ନ ଜନ ମଙ୍ଗଳ ଯୋଜନାରେ ଯୋଡିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲାରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଲୋକଙ୍କ ସହଯୋଗିତା ଓ ସହଭାଗିତା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଥମେ ସମାରୋହରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ନବ ଜାତକ ଶିଶୁ କନ୍ୟାକୁ କୋଳରେ ଧରି ତାହାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ପ୍ରଦାନ କରିଥିଲେ। ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ବାସ, ଖାଦ୍ୟ ଓ ଜଳ ଯୋଗାଇ ଦେଇଥିଲେ। ଶିବିରରେ ନିର୍ମାଣ ଶ୍ରମିକ ହିତାଧୀକାରୀମାନଙ୍କୁ ପରିଚୟ ପତ୍ର, ମୃତ୍ୟୁକାଳୀନ ସହାୟତା ବିବାହ ସହାୟତା, ମାତୃତ୍ୱ ସହାୟତା, ଶିକ୍ଷା ସହାୟତା ଇତ୍ୟାଦି ପ୍ରଦାନ କରାଯାଇଥିଲା। ମନରେଗା ଯୋଜନାରେ ୩୦୦ ଦିନ ଏବଂ ୨୦୦ ଦିନ କାମ କରିଥିବା ଶ୍ରମିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୬୭ • ପାଉଣ୍ଡ ୧୨୨.୩୦
- ୟୁରୋ ୧୦୬.୪୨ • ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୭୦୦ (ନୂଆଦିଲ୍ଲୀ)
- ରୁପା : ୨,୮୫,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୦୬୫.୦୦
- ନିଫ୍ଟି ୨୫,୮୬୫.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ରୁଷରୁ ତେଲ କିଣା ଉପରେ ଆମେରିକାର ଚାପ

# ଭାରତ ପାଇଁ ସହଜ ହେବନି ଆମଦାନୀ ବନ୍ଦ




**ଆମେରିକା ତେଲ ବିଶୋଧନ ପାଇଁ ବ୍ୟାରେଲ ପିଛା ଅଧିକ ୭ ଡଲାର ଖର୍ଚ୍ଚ**

**ଅନ୍ୟ ଦେଶର ତେଲ ତୁଳନାରେ ରୁଷୀୟ ତେଲ ଯଥେଷ୍ଟ ଶସ୍ତା**

**ଭାରତୀୟ କ୍ରେତାମାନଙ୍କ ପାଇଁ ଆମେରିକୀୟ ଅଶୋଧିତ ତୈଳ ମହଙ୍ଗା**

ନୂଆଦିଲ୍ଲୀ, ୯।୨(ଏଜେନ୍ସି): ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ରୁଷୀୟ ତୈଳ ସମେତ ଅନେକ ସର୍ତ୍ତ ଉପରେ ଆଧାରିତ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଭାରତକୁ ରୁଷୀୟ ତୈଳ କିଣିବା ବନ୍ଦ କରିବାକୁ ପଡିବ। ଭାରତକୁ ଆମେରିକା ଏବଂ ଭେନେଜୁଏଲାରୁ ତୈଳ କ୍ରୟ ବୃଦ୍ଧି କରିବାକୁ ପଡିବ। ତଥାପି, ଭାରତ ପକ୍ଷରୁ ଏ ପର୍ଯ୍ୟନ୍ତ ଏ ନେଇ କୌଣସି ସୂଚନା ମିଳିନାହିଁ। ଚୁକ୍ତିରେ ଟ୍ରମ୍ପ୍ ଏହା ମଧ୍ୟ କହିଛନ୍ତି ଯେ, ଯଦି ଭାରତ ରୁଷୀୟ ତେଲ କିଣିବା ଜାରି ରଖେ, ତେବେ ସେ ୨୫% ଶୁଳ୍କ ପୁନଃ ଲାଗୁ କରିବେ। ଏବେ, ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଭାରତ କଣ ଆମେରିକାର ଚାପର ବଶବର୍ତ୍ତୀ ହୋଇ ରୁଷୀୟ ତୈଳ ଆମଦାନି ବନ୍ଦ କରିବ ?

ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଭାରତ ରୁଷୀୟ ତୈଳ ଆମଦାନି ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ଅସମ୍ଭବ। ଏହାର ମୁଖ୍ୟ କାରଣ ହେଉଛି, ଅନ୍ୟ ଦେଶର ତେଲ ତୁଳନାରେ ରୁଷୀୟ ତେଲ ଯଥେଷ୍ଟ ଶସ୍ତା। ଆମେରିକା ତେଲ ବିଶୋଧନ କରିବା ପାଇଁ ଭାରତୀୟ ରିଫାଇନେରୀଗୁଡିକୁ ପାଇଁ ବ୍ୟାରେଲ ପିଛା ଖର୍ଚ୍ଚ ଅଧିକ ୭ ଡଲାର ଖର୍ଚ୍ଚ କରିବାକୁ ପଡିବ। ସେଥପାଇଁ ଭାରତୀୟ କ୍ରେତାମାନଙ୍କ ପାଇଁ ଆମେରିକୀୟ ଅଶୋଧିତ ତୈଳ ମହଙ୍ଗା ହେବ। ଅଏଲ୍ ପ୍ରାଇସ୍‌ଡଟ୍‌କମ୍‌ର ଏକ ରିପୋର୍ଟ ଅନୁଯାୟୀ, ଭାରତ ପାଇଁ ରୁଷୀୟ ତୈଳ କିଣିବା ବନ୍ଦ କରିବା କଷ୍ଟକର ହୋଇପାରେ। ଏହି ସମୟରେ, ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ତୈଳ ବିଶୋଧନାଗାର କମ୍ପାନୀ ଇଣ୍ଡିଆନ୍ ଅଏଲ୍ ଏବଂ ଏଚ୍‌ପିସିଏଲ୍ ଏବେ ଭେନେଜୁଏଲାରୁ ତେଲ ଆମଦାନି କରିବା ଆରମ୍ଭ କରିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ରୁଷରୁ ତୈଳ କ୍ରୟ ବନ୍ଦ କରିଛି ଏବଂ ଭେନେଜୁଏଲାରୁ ଏକ ବଡ଼ ପରିମାଣର ତେଲ କ୍ରୟ କରିଛି।

ଭାରତ ଏହାର ତୈଳ ଆବଶ୍ୟକତାର ୮୫% ବିଦେଶରୁ ଆମଦାନୀ କରୁଛି। ଏହାର ଏକ ତୃତୀୟାଂଶ ରୁଷରୁ ଆସୁଥିଲା। ତଥାପି, ଗତ ବର୍ଷ ନଭେମ୍ବରରେ ଟ୍ରମ୍ପ୍ ରୁଷର ପ୍ରମୁଖ ତୈଳ ରପ୍ତାନିକାରୀମାନଙ୍କୁ ନିଷିଦ୍ଧ କରିଥିଲେ ଏବଂ ଭାରତ ଉପରେ ୫୦୦% ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ। ସେବେଠାରୁ, ଭାରତ ରୁଷର ତୈଳ କ୍ରୟ ଉପରେ କିଛି କଟକଣା ଲଗାଇଛି। ହେଲେ ରୁଷର ଜାତୀୟ ଶକ୍ତି ସୁରକ୍ଷା ପାଣ୍ଠିର ଜଣେ ଶକ୍ତି ବିଶେଷଜ୍ଞ କହିଛନ୍ତି ଯେ ଆମେରିକା ଦ୍ୱାରା ବିକ୍ରି ହେଉଥିବା ସେଲ୍ ତେଲ ହାଲୁକା ଏବଂ ଗ୍ୟାସ୍ କଣ୍ଡେନ୍‌ସେଟ୍ ପରି। ଆମେରିକାରୁ ଆସୁଥିବା ତେଲ ପାଇଁ ଭାରତକୁ ଅନ୍ୟ ଗ୍ରେଡ୍ ସହିତ ଆମେରିକୀୟ ଅଶୋଧିତ ତୈଳ ମିଶ୍ରଣ କରିବାକୁ ପଡିବ, ଯାହା ଅତିରିକ୍ତ ଖର୍ଚ୍ଚ ବୃଦ୍ଧି କରିବ। ତେଣୁ, ଗୋଟିଏ ତେଲକୁ ସିଧାସଳଖ ଅନ୍ୟ ତେଲ ସହିତ ବଦଳାଇବା ସମ୍ଭବ ହେବନାହିଁ। ଏତଦ୍‌ବ୍ୟତୀତ ରୁପେ ଭାରତକୁ ରୁଷୀୟ ତେଲ ଉପରେ ନିରନ୍ତର ରିହାତି ପ୍ରଦାନ କରୁଛି। ପୂର୍ବରୁ, ଏହି ରିଆତି ପ୍ରତି ବ୍ୟାରେଲ ୭-୮ ଡଲାର ଥିଲା। ଏହା ଏବେ ୧୧ ଡଲାରକୁ ବୃଦ୍ଧି ପାଇଛି। ତେଣୁ, ରୁଷୀୟ ତେଲକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରିବା ଭାରତ ପାଇଁ ଆର୍ଥିକ ଭାବରେ କ୍ଷତିକାରକ ହେବ।

## ଟ୍ରମ୍ପଙ୍କୁ ଭାରତର ସ୍ପଷ୍ଟ ବାର୍ତ୍ତା!

# ଭାରତ ପାଖରେ ୭୪ ଦିନ ପାଇଁ ତୈଳ ସୁରକ୍ଷା କବଚ

ନୂଆଦିଲ୍ଲୀ, ୯।୨(ଏଜେନ୍ସି): ଭାରତ ଏହାର ତୈଳ ଆବଶ୍ୟକତାର ୮୦ ରୁ ୮୫% ବିଦେଶରୁ ଆମଦାନୀ କରେ। ଏପରି ପରିସ୍ଥିତିରେ, ଚାପରେ ନିଷ୍ପତ୍ତି ନେବା ଲକ୍ଷ ଲକ୍ଷ ଭାରତୀୟଙ୍କ ରୋଷେଇ ଘର ଏବଂ ପକେଟ ପାଇଁ କ୍ଷତିକାରକ ହୋଇପାରେ। ରାଜ୍ୟସଭାରୁ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଏବଂ ତୈଳ ମନ୍ତ୍ରୀ ହରଦୀପ ସିଂହ ପୁରୀ ଯେଉଁ ବାର୍ତ୍ତା ଦେଇଛନ୍ତି, ତାହା ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ କେବଳ ଭାରତ ପାଖରେ ଭାରତର ଚାବି ଅଛି। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଭାରତ କୌଣସି ଗୋଟିଏ ଦେଶ ଉପରେ ନିର୍ଭରଶୀଳ ନୁହେଁ କିମ୍ବା ଭବିଷ୍ୟତରେ ଏପରି ହେବାକୁ ଚାହୁଁନାହିଁ। ଆମର ପ୍ରଥମ ଏବଂ ଶେଷ ପ୍ରାଥମିକତା ହେଉଛି ଆମର ନାଗରିକମାନଙ୍କୁ ଉଚିତ ମୂଲ୍ୟରେ ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ ଶକ୍ତି ଯୋଗାଇବା।

ମିଶ୍ରୀ ସ୍ପଷ୍ଟ କରିଛନ୍ତି ଯେ ତେଲ ଆମଦାନି କରିବାର ନିଷ୍ପତ୍ତି ରାଜନୈତିକ ବାଧ୍ୟବାଧକତା ନୁହେଁ, ବରଂ ଏହା ସମ୍ପୂର୍ଣ୍ଣ ଭାବରେ ବାଣିଜ୍ୟିକ ଆଧାରରେ ନିଆଯାଇଛି। ତୈଳ କମ୍ପାନୀଗୁଡ଼ିକ ବଜାର ପରିସ୍ଥିତି, ମୂଲ୍ୟ, ବିପଦ ଏବଂ ତୈଳ ଉପଲବ୍ଧତା ଉପରେ ଆଧାର କରି ସେମାନଙ୍କର କ୍ରୟ ସ୍ଥିର କରନ୍ତି। ଏହାର ଅର୍ଥ ହେଉଛି ଯେ ଭାରତ ଯେଉଁଠାରୁ ତେଲ ପାଇବ ସେଠାରୁ କମ୍ ମୂଲ୍ୟରେ ଏବଂ ଭଲ ମୂଲ୍ୟରେ ତେଲ କିଣିବ, ତାହା ରୁଷ ହେଉ କିମ୍ବା ଅନ୍ୟ କୌଣସି ଦେଶ। ଯେତେବେଳେ ବିଶ୍ୱରେ ଯୁଦ୍ଧ କିମ୍ବା ଉତ୍ତେଜନା ବୃଦ୍ଧି ପାଏ, ତେଲ ଯୋଗାଣ ପ୍ରାୟତଃ ପ୍ରଥମେ ପ୍ରଭାବିତ ହୁଏ। କିନ୍ତୁ ଭାରତ ପୂର୍ବରୁ ଏକ ସମାଧାନ ପ୍ରସ୍ତୁତ କରିସାରିଛି। ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ରାଜ୍ୟସଭାରେ କହିଛନ୍ତି ଯେ ଭାରତରେ ବର୍ତ୍ତମାନ ଏକ ରଣନୈତିକ ପେଟ୍ରୋଲିୟମ୍ ରିଜର୍ଭ ଅଛି ଯାହା ବିଶ୍ୱ ଅସ୍ଥିରତା ସମୟରେ ମଧ୍ୟ ବାହ୍ୟ ସହାୟତା ବିନା ୭୪ ଦିନ ପାଇଁ ଏହାର ଆବଶ୍ୟକତା ପୂରଣ କରିପାରିବ। ଏହି ୭୪ ଦିନିଆ ବ୍ୟାକଅପ୍ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଭାବରେ କାର୍ଯ୍ୟ କରୁଛି।

## ଆମେରିକାର ଅଭିଯୋଗ

# ସୁନା ମୂଲ୍ୟରେ ଅସ୍ଥିରତା ପାଇଁ ଚୀନ୍ ଦାୟୀ

ୱାଶିଂଟନ୍, ୯।୨ (ଏଜେନ୍ସି): ସମ୍ପ୍ରତି ସାରା ବିଶ୍ୱରେ ସୁନା ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି। ସୁନା ମୂଲ୍ୟରେ କ୍ରମାଗତ ଭାବେ ଅସ୍ଥିରତା ଜାରି ରହିଛି। ଆମେରିକା ସୁନାରେ ଅସ୍ଥିରତାର ପାଇଁ ଚୀନ୍‌କୁ ଦାୟୀ କରିଛି। ୱାଶିଂଟନ୍‌ର ଅଭିଯୋଗ ଅନୁଯାୟୀ, ସୁନା ବଜାରରେ ଗତ ସପ୍ତାହର ତୀବ୍ର ଅସ୍ଥିରତା ପାଇଁ ଚୀନ୍ ବ୍ୟବସାୟୀମାନେ ଦାୟୀ। ଆମେରିକାର ଟ୍ରେଜେରୀ ସେକ୍ରେଟାରୀ ସ୍କଟ୍ ବେସାଣ୍ଟ କହିଛନ୍ତି ଯେ ଚୀନ୍‌ରେ ମାର୍ଜିନ୍ ଆବଶ୍ୟକତାକୁ କଡ଼ାକଡ଼ି କରିବା ଅଯୌକ୍ତିକ ରାଲିର ଏକ ପ୍ରମୁଖ କାରଣ।

ଚୀନ୍‌ରେ ମାର୍ଜିନ୍ ଆବଶ୍ୟକତାକୁ କଡ଼ାକଡ଼ି କରିବା ଦ୍ୱାରା ସୁନା ଏକ କ୍ଲାସିକଲ୍ ସ୍ପେକ୍‌ଲେଟିଭ୍ ବ୍ଲୋଅଫ୍(ତର୍କହୀନ ବୃଦ୍ଧି) ଅନୁଭବ କରୁଛି। ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ମୂଲ୍ୟବାନ ଧାତୁଗୁଡ଼ିକର ମୂଲ୍ୟରେ ଏକ ରେକର୍ଡ-ଭଙ୍ଗ ରାଲି ଦେଖିବାକୁ ମିଳୁଛି। ବେସାଣ୍ଟ ଆହୁରି ମଧ୍ୟ କହିଛନ୍ତି, ସେମାନଙ୍କୁ ମାର୍ଜିନ୍ ଆବଶ୍ୟକତାକୁ କଡ଼ାକଡ଼ି କରିବାକୁ ପଡୁଛି। ସୁନା ମୂଲ୍ୟରେ ଏପରି ଅସ୍ଥିରତା ଜାନୁଆରୀ ମାସ ଆରମ୍ଭରୁ ଡଲାରକୁ ଏହାର ପ୍ରଥମ ସାପ୍ତାହିକ ଲାଭ ପାଇବାରେ ସାହାଯ୍ୟ କରିଥିଲା। ଡାଓ ଜୋନ୍ସ ଡାଓ ଜୋନ୍ସ ଇଣ୍ଡଷ୍ଟ୍ରିଆଲ ଆଭରେଜ୍ ପ୍ରଥମ ଥର ପାଇଁ ୫୦ ହଜାର ପଏଣ୍ଟ ଅତିକ୍ରମ କରିଥିଲା, ଯାହା ଆମେରିକାର ଅର୍ଥନୀତି ଏବଂ କର୍ପୋରେଟ୍ ରୋଜଗାର ବିଷୟରେ ନିବେଶକଙ୍କ ଆଶାବାଦକୁ ପ୍ରତିଫଳିତ କରୁଛି। ଆମେରିକାର ଅର୍ଥନୀତି ଏକ ଊର୍ଦ୍ଧ୍ୱଗାମୀ ଚକ୍ର ଆଡ଼କୁ ଯାଉଛି ଯାହା ସାଧାରଣ ଆମେରିକୀୟମାନଙ୍କୁ ଲାଭ ଦେବ। ଫେଡେରାଲ୍ ରିଜର୍ଭ ନୀତି ସମ୍ପର୍କରେ, ବେସାଣ୍ଟ ଆଶା ପ୍ରକାଶ କରିଥିଲେ ଯେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ବାଲାନ୍ସ ସିଟ୍ ହ୍ରାସ କରିବା ପାଇଁ ଯେକୌଣସି ପ୍ରୟାସରେ ସତର୍କତା ଅବଲମ୍ବନ କରିବ। ବେସାଣ୍ଟ କହିଛନ୍ତି ଯେ ଫେଡେରାଲ୍ ରିଜର୍ଭର ପରବର୍ତ୍ତୀ ମୁଖ୍ୟ ଭାବରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ମନୋନୀତ କେଭିନ୍ ୱାର୍ଶ ବହୁତ ସ୍ୱାଧୀନ ହେବେ, କିନ୍ତୁ ସେ ଜାଣିଥିବେ ଯେ ଫେଡ୍ ଆମେରିକୀୟ ଲୋକଙ୍କ ପ୍ରତି ଉତ୍ତରଦାୟୀ।

# ପିଏନ୍‌ବି ସୋଲ୍‌ଜରାଥନ୍ ୨୦୨୬




ଭୁବନେଶ୍ୱର, ୯।୨(ସମିସ): ୧୩୨ ତମ ପ୍ରତିଷ୍ଠା ଦିବସ ଅବସରରେ ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ(ପିଏନ୍‌ବି) ଦ୍ୱାରକା ସ୍ଥିତ ଏହାର କେର୍ପୋରେଟ୍ କାର୍ଯ୍ୟାଳୟଠାରେ ପିଏନ୍‌ବି ସୋଲଜରାଥନ୍ ୨୦୨୬ ଆୟୋଜନ କରିଛି। ଏହି ହାଫ୍ ମାରାଥନ୍ ସୋଲଜରାଥନ୍ ଥିମ୍‌ରେ ଅନୁଷ୍ଠିତ ହୋଇଛି। ଫିଟ୍‌ନେସ୍, ଶୃଙ୍ଖଳା ଏବଂ ଜାତୀୟ ଗର୍ବକୁ ପ୍ରୋତ୍ସାହନ ପୂର୍ବକ ବ୍ୟାଙ୍କ ଭାରତୀୟ ସେନାକୁ ସମ୍ମାନ କରିବା ପାଇଁ ପ୍ରତିବଦ୍ଧ। ପିଏନ୍‌ବିର ଏମ୍‌ଡି ତଥା ସିଇଓ ଅଶୋକ ଚନ୍ଦ୍ରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେଜର ଭିଏସ୍‌ଏମ୍ ଲିମ୍‌କା ବୁକ୍ ରେକର୍ଡ ଧାରୀ ଡ. ସୁରେନ୍ଦ୍ର ପୁନିଆ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦାତିକ ବାହୀନିର ପ୍ରତିନିଧି ଏବଂ ଆଥ୍‌ଲେଟ୍‌ମାନେ ଯୋଗଦେଇଥିଲେ।

# ବିଦେଶରେ ବଢୁଛି ଭାରତୀୟ ଚା'ର ଚାହିଦା



ନୂଆଦିଲ୍ଲୀ, ୯।୨(ଏଜେନ୍ସି): ବିଦେଶରେ ବଢୁଛି ଭାରତୀୟ ଚା'ର ଚାହିଦା। ଯାହାର ସ୍ପଷ୍ଟ ଉଦାହରଣ ମିଳିଛି ୨୦୨୫ରେ ଭାରତରୁ ବିଦେଶକୁ ହୋଇଥିବା ଚା' ରପ୍ତାନୀରୁ। କାରଣ ଗତବର୍ଷ ଭାରତରୁ ଚା' ରପ୍ତାନୀ ସର୍ବକାଳୀନ ରେକର୍ଡ କରିଛି। ଏଥିରେ ମୁଖ୍ୟତଃ ଇରାନ ଏବଂ ଇରାକ ଏମିତିକି ଚୀନର ଅଧିକ ଯୋଗଦାନ ରହିଛି। କାରଣ ଏହି ତିନି ଦେଶକୁ ହିଁ ହୋଇଛନ୍ତି ସର୍ବାଧିକ ରପ୍ତାନୀ। ଭାରତୀୟ ଚା' ବୋର୍ଡର ଅସ୍ଥାୟୀ ତଥ୍ୟ ଅନୁଯାୟୀ, ୨୦୨୫ ଜାନୁଆରୀ-ଡିସେମ୍ବରରେ ଭାରତରୁ ୨୮୦.୪୦ ମିଲିୟନ କିଲୋଗ୍ରାମ ଚା' ରପ୍ତାନୀ କରିଥିଲା। ଯାହା ୨୦୨୪ର ସମାନ ସମୟ ଅବଧି ମଧ୍ୟରେ ହୋଇଥିବା ୨୫୬.୧୭ ମିଲିୟନ କିଲୋଗ୍ରାମ ରପ୍ତାନୀ ତୁଳନାରେ ଅଧିକ। ସେହିଭଳି ରପ୍ତାନୀ ଯୋଗୁ ଚା'ରୁ ହୋଇଥିବା ଆୟ ୨୦୨୫ରେ ୮, ୪୮୮.୪୩ କୋଟି ଟଙ୍କା ରହିଛି। ଯାହା ୨୦୨୪ରେ ୭, ୧୬୭. ୪୧ କୋଟି ଟଙ୍କା ଥିଲା। ରିପୋର୍ଟ ଅନୁସାରେ, ୟୁଏଇ, ଇରାକ ଏବଂ ଚୀନରେ ଚା' ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଯେତେବେଳେ କି ରୁଷ ଏବଂ ଯୁକ୍ତରାଷ୍ଟ୍ରରେ ହ୍ରାସ ପରିଲକ୍ଷିତ ହୋଇଛି। ଚା' ବୋର୍ଡ ଉପାଧ୍ୟକ୍ଷ ସି ମୁରୁଗାନଙ୍କ କହିବା ଅନୁସାରେ, ୨୦୨୫ରେ ଭାରତରୁ ହୋଇଥିବା ଚା' ରପ୍ତାନୀ ସର୍ବୋଚ୍ଚ। ଏଥିପାଇଁ ରପ୍ତାନିକାରୀମାନେ ପ୍ରଶଂସା ପାଇବାର ଯୋଗ୍ୟ। ଏସିଆନ୍ ଟି କମ୍ପାନିର ନିର୍ଦ୍ଦେଶକ ମୋହିତ ଅଗ୍ରୱାଲ କହିଛନ୍ତି ଯେ, ଭାରତର ଚା' ରପ୍ତାନୀ ୨୮୦ ମିଲିୟନ କିଲୋଗ୍ରାମର ସର୍ବକାଳୀନ ସର୍ବାଧିକ ସ୍ତରରେ ପହଞ୍ଚିଛି।

# ବିମାନ ଇନ୍ଧନରେ ବ୍ୟବହାର ଯୋଗୁଁ ବଢୁଛି ଖାଇବା ତେଲ ଦର

ନୂଆଦିଲ୍ଲୀ, ୯।୨(ଏଜେନ୍ସି) : ବିଶ୍ୱ ଖାଇବା ତେଲ ବଜାରରେ ଅସ୍ଥିରତା ଦେଖାଦେଇଛି। ଖାଇବା ତେଲ ଏବେ କେବଳ ଖାଦ୍ୟ ପାଇଁ ନୁହେଁ ବରଂ ଜୈବ ଇନ୍ଧନ ଭାବରେ ମଧ୍ୟ ବ୍ୟବହୃତ ହେଉଛି । ଅଟୋମୋବାଇଲ ଠାରୁ ଆରମ୍ଭ କରି ବିମାନର ଇନ୍ଧନରେ ବ୍ୟବହାର କରାଯାଉଛି ଖାଇବା ତେଲ । ଏହି କାରଣରୁ ଏହାର ମୂଲ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟୁଛି। ଭାରତରେ ଖାଇବା ତେଲ ଉତ୍ପାଦନକାରୀ କମ୍ପାନୀଗୁଡ଼ିକର ଏକ ସଂଘ, ଇଣ୍ଡିଆନ୍ ଭେଜିଟେବଲ୍ ଅଏଲ୍ ପ୍ରଡ୍ୟୁସର୍ସ ଆସୋସିଏସନ୍‌ର ସଭାପତି କହିଛନ୍ତି ଯେ, ଖାଇବା ତେଲ ମୂଲ୍ୟରେ ଅସ୍ଥିରତା ଜାରି ରହିବ। କୁଆଲାଲମ୍ପୁରରେ ୟୁଓବି କେ ହିଆନ୍ ସମ୍ମିଳନୀରେ ସମ୍ବୋଧିତ କରି ସେ କହିଛନ୍ତି ଯେ, ବାଣିଜ୍ୟରେ ପରିବର୍ତ୍ତନ, ଜୈବ ଇନ୍ଧନର ଚାହିଦା ବୃଦ୍ଧି ଏବଂ ଯୋଗାଣରେ ଅଭାବ ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି।

ବିଶ୍ୱରେ ଭୂରାଜନୈତିକ ପରିବର୍ତ୍ତନ ବାଣିଜ୍ୟ ଢାଞ୍ଚାକୁ ପରିବର୍ତ୍ତନ କରିଛି। ଏହା ସୁଯୋଗକୁ ହ୍ରାସ କରିଛି। ବର୍ତ୍ତମାନ ଶୁଳ୍କ ନିୟମ କିମ୍ବା ବାଣିଜ୍ୟ ଅଭ୍ୟାସରେ ଛୋଟ ପରିବର୍ତ୍ତନ ମଧ୍ୟ ସମଗ୍ର ଯୋଗାଣ ଶୃଙ୍ଖଳରେ ମୂଲ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସୃଷ୍ଟି କରୁଛି। ସେ କହିଛନ୍ତି ଯେ, ୨୦୨୫-୨୬ ସୁଦ୍ଧା ଚାରୋଟି ମୁଖ୍ୟ ଖାଇବା ତେଲର ଉତ୍ପାଦନ ୨୦୮.୪ ମିଲିୟନ ଟନ୍ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏହା ଗତ ବର୍ଷ ତୁଳନାରେ ଏକ ସାମାନ୍ୟ ବୃଦ୍ଧି । ପାମ୍ ଅଏଲ ଏବଂ ରେପସିଡ୍ ତେଲ ଉତ୍ପାଦନ ବୃଦ୍ଧି ପାଉଛି। କିନ୍ତୁ ସୂର୍ଯ୍ୟମୁଖୀ ତେଲ ଉତ୍ପାଦନ ସୀମିତ ରହିଛି।

ସେ ଆହୁରି ମଧ୍ୟ କହିଛନ୍ତି, 'ଖାଇବା ତେଲ ଉତ୍ପାଦନରେ ଏହି ଧୀର ଅଭିବୃଦ୍ଧି



ପାଗ ଏବଂ ସରକାରୀ ନୀତିରେ କୌଣସି ବ୍ୟାଘାତ ଯୋଗୁଁ ହୋଇଛି । ଏହା ବିଶ୍ୱ ଯୋଗାଣକୁ ଦୁର୍ବଳ କରିପାରେ। ଫଳରେ ତୈଳ ମୂଲ୍ୟ ଅସ୍ଥିର ରହିବ।' ଉଲ୍ଲେଖନୀୟ ଯେ, ଏହି ସମୟରେ ସୂର୍ଯ୍ୟମୁଖୀ ତେଲ ମୂଲ୍ୟ ଅଧିକ ରହିଛି। ବର୍ତ୍ତମାନ ଜୈବ ଇନ୍ଧନର ବର୍ଦ୍ଧିତ ଚାହିଦା ଯୋଗୁଁ ଖାଇବା ତୈଳ ମୂଲ୍ୟ ପ୍ରଭାବିତ ହେଉଛି। କେବଳ ଇଣ୍ଡୋନେସିଆ ଏହାର ଜୈବ ଡିଜେଲ କାର୍ଯ୍ୟକ୍ରମରେ ପ୍ରାୟ ୧୪ ନିୟୁତ ଟନ୍ ପାମ୍ ଅଏଲ ବ୍ୟବହାର କରେ। ଆମେରିକାର ଜୈବ ଇନ୍ଧନ ନୀତି ସୋୟାବିନ୍ ତେଲ ମୂଲ୍ୟକୁ ପ୍ରଭାବିତ କରୁଛି। ଖାଇବା ତେଲ ଆଉ କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ବରଂ ଶକ୍ତିର ଅତ୍ୟାବଶ୍ୟକୀୟ ପଦାର୍ଥ ପାଲଟିଛି । ଭାରତରେ ୨୦୨୫-୨୬ ତୈଳ ବର୍ଷ (ଅକ୍ଟୋବର-ସେପ୍ଟେମ୍ବର) ରେ ଘରୋଇ ଖାଇବା ତେଲ ଉତ୍ପାଦନ ୯.୬ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଛି। ଏହା ଏହାର ମୋଟ ଘରୋଇ ଆବଶ୍ୟକତାର ମାତ୍ର ୪୦%। ତେଣୁ, ଭାରତକୁ ଏହି ବର୍ଷ ପ୍ରାୟ ୧୬.୭ ନିୟୁତ ଟନ୍ ଖାଇବା ତେଲ ଆମଦାନି କରିବାକୁ ପଡିବ। ଏଥିରେ ୮-୮.୫ ନିୟୁତ ଟନ୍ ପାମ୍ ତେଲ, ୫-୫.୫ ନିୟୁତ ଟନ୍ ସୋୟାବିନ୍ ତେଲ, ୨.୮-୩ ନିୟୁତ ଟନ୍ ସୂର୍ଯ୍ୟମୁଖୀ ତେଲ ଏବଂ ପ୍ରାୟ ୨୦୦,୦୦୦ ଟନ୍ ଅନ୍ୟାନ୍ୟ ତେଲ ଅନ୍ତର୍ଭୁକ୍ତ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ କର୍କଟ ସଚେତନତା ଅଭିଯାନ




ଭୁବନେଶ୍ୱର, ୯।୨(ସମିସ): ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଲାଞ୍ଜିଗଡ଼ ଆଲୁମିନା ବିଶୋଧନ କେନ୍ଦ୍ର ନିକଟସ୍ଥ ଅଞ୍ଚଳରେ ଏକ ବିସ୍ତୃତ ଦୁଇ ଦିନିଆ କର୍କଟ ସଚେତନତା ଅଭିଯାନ ଆୟୋଜନ କରାଯାଇଛି। ଏହି ପଦକ୍ଷେପ ଗ୍ରାମୀଣ ଓଡ଼ିଶା ଏବଂ ଛତିଶଗଡ଼ରେ ରୋଗୀ ଅନୁକୂଳ କର୍କଟ ସେବା ପ୍ରତି କମ୍ପାନୀ ନିଜର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ଉଦ୍ୟମରେ ୫୦୦ରୁ ଅଧିକ ଲୋକ ଯେଉଁମାନଙ୍କ ମଧ୍ୟରେ ପ୍ରଥମ ଧାଡ଼ିର ଆରୋଗ୍ୟ କର୍ମୀ ଓ ଛାତ୍ରଛାତ୍ରୀ ରହିଥିଲେ ସେମାନେ କର୍କଟ ପ୍ରତିରୋଧ, ପ୍ରାରମ୍ଭିକ ସନ୍ଧାନ ଏବଂ ସୁଲଭ ଚିକିତ୍ସା ପଦ୍ଧତି ବିଷୟରେ ଜ୍ଞାନ ହାସଲ କରିଛନ୍ତି। ଏହି ଅଭିଯାନର ଅଂଶ ଭାବେ କାଙ୍କେରୀ ଗାଆଁରେ ଏକ ସମ୍ପ୍ରଦାୟ କେନ୍ଦ୍ରିତ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଠି ଅଧିବାସୀମାନେ ଚିକିତ୍ସକଙ୍କ ସହିତ ସିଧାସଳଖ ଆଲୋଚନା କରି କର୍କଟ ସନ୍ଧାନ, ଚିକିତ୍ସା ଏବଂ ଆରୋଗ୍ୟ ଲାଭ ବିଷୟରେ ଅଧିକ ଜାଣିବାର ସୁଯୋଗ ପାଇଥିଲେ। ଚିକିତ୍ସା ବିଶେଷଜ୍ଞତାକୁ ଜନସାଧାରଣ ସହିତ ଯୋଡ଼ି ଏହି କାର୍ଯ୍ୟକ୍ରମ ଅଞ୍ଚଳର କେତେକ ଦୁର୍ଗମ ଅଞ୍ଚଳକୁ ଜୀବନରକ୍ଷାକାରୀ ସଚେତନତା ପହଞ୍ଚାଇଛି। ଏହି ଉଦ୍ୟମରେ ଚିକିତ୍ସା ବିଶେଷଜ୍ଞଙ୍କ ନେତୃତ୍ୱରେ ଆଗଧାଡିର ସ୍ୱାସ୍ଥ୍ୟକର୍ମୀ, ଛାତ୍ରଛାତ୍ରୀ ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ପାଇଁ ନିର୍ଦ୍ଦିଷ୍ଟ ଅଧିବେଶନ ମଧ୍ୟ ଅନ୍ତର୍ଭୁକ୍ତ ଥିଲା।

## ନୂତନ ଆୟକର ଆଇନରେ ନଗଦ କାରବାର, କ୍ରିପ୍ଟୋ, କାର କିଣାଠାରୁ ସମ୍ପତ୍ତି କାରବାର

# କେଉଁଠି କେଉଁଠି ପାନ୍ କାର୍ଡ ଆବଶ୍ୟକ

ନୂଆଦିଲ୍ଲୀ, ୯।୨(ଏଜେନ୍ସି): ବ୍ୟାଙ୍କରେ ନଗଦ ଟଙ୍କା ଜମା କରିବା, କାର କିଣୁଥିଲେ କିମ୍ବା ଏକ ବଡ଼ ହୋଟେଲ ବିଲ୍ ପୈଠ କରିବା ସମୟରେ ପାନ୍ କାର୍ଡ ଆବଶ୍ୟକ ହୋଇଥାଏ। ନୂତନ ଚିଠା ଆୟକର ନିୟମ ଅନୁଯାୟୀ, ଅନେକ କାରବାର ପାଇଁ ପାନ୍ ଉପଯୋଗ ସୀମା ବୃଦ୍ଧି କରିବାର ପ୍ରସ୍ତାବ ରଖାଯାଇଛି। ଅର୍ଥ ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ, କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଚିଠା ନିୟମ ୨୦୨୬ ପରାମର୍ଶ ପରେ ନିୟମଗୁଡ଼ିକୁ ଚୂଡ଼ାନ୍ତ କରିବ ଏବଂ ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ସେଗୁଡ଼ିକୁ ସୂଚିତ କରିପାରେ। ଏହି ପରିବର୍ତ୍ତନଗୁଡ଼ିକ ଏପ୍ରିଲ ପହିଲାରୁ ନୂତନ ଆୟକର ଆଇନ ୨୦୨୫ ସହ କାର୍ଯ୍ୟକାରୀ ହେବ।

### ବ୍ୟାଙ୍କ ନଗଦ ଜମା

ଜଣେ ବ୍ୟକ୍ତିଙ୍କ ଗୋଟିଏ କିମ୍ବା ଅଧିକ ଆକାଉଣ୍ଟରୁ ଏକ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ନଗଦ ଟଙ୍କା ଜମା କିମ୍ବା ଉଠାଣ ପାଇଁ ପାନ୍ ଆବଶ୍ୟକ ହେବ। ବର୍ତ୍ତମାନ, ନିୟମ ହେଉଛି ଯେ ଗୋଟିଏ ଦିନରେ ୫୦ ହଜାର ଟଙ୍କାରୁ ଅଧିକ ନଗଦ ଜମା ପାଇଁ ପାନ୍ ଆବଶ୍ୟକ।

### ଯାନବାହାନ କ୍ରୟ

ଯଦି ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ ମୋଟରସାଇକେଲ ସମେତ ଯେକୌଣସି ଯାନ ପାଇଁ ପାନ୍ ଆବଶ୍ୟକ ହେବ। ବର୍ତ୍ତମାନର ନିୟମ ଅନୁଯାୟୀ, ଦୁଇ ଚକିଆ ଯାନ ପାଇଁ ପାନ୍ ବାଧ୍ୟତାମୂଳକ ନ ଥିଲା, ଯେତେବେଳେ ମୂଲ୍ୟ ନିର୍ବିଶେଷରେ ମୋଟର ଯାନ ପାଇଁ ପାନ୍ ଆବଶ୍ୟକ ଥିଲା।




### ହୋଟେଲ, ରେସ୍ତୋରାଁ ପେମେଣ୍ଟ

ଯଦି ହୋଟେଲ-ରେସ୍ତୋରାଁ ବିଲ୍, ସମ୍ମିଳନୀ କେନ୍ଦ୍ର, ବଙ୍କ୍ୱେଟ୍ ହଲ୍ କିମ୍ବା ଇଭେଣ୍ଟ ପରିଚାଳନା ସେବା ପାଇଁ ଦେୟ ୧ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ ପାନ୍ ଆବଶ୍ୟକ ହେବ। ବର୍ତ୍ତମାନ, ଏହି ସୀମା ୫୦ ହଜାର ଟଙ୍କା ରଖାଯାଇଛି।

### ସମ୍ପତ୍ତି କାରବାର

୨୦ ଲକ୍ଷ ଟଙ୍କାରୁ ଅଧିକ ଯେକୌଣସି ସ୍ଥାବର ସମ୍ପତ୍ତି କିଣାବିକା ଏବଂ ଉପହାର ପାଇଁ ଏକ ପାନ୍ କାର୍ଡ ଆବଶ୍ୟକ ହେବ। ବର୍ତ୍ତମାନ, ଏହି ସୀମା ୧୦ ଲକ୍ଷ ଟଙ୍କା ରଖାଯାଇଛି।

### ବୀମା କାରବାର

ଏକ ବୀମା କମ୍ପାନୀ ସହିତ 'ଆକାଉଣ୍ଟ-ଆଧାରିତ ସମ୍ପର୍କ' ଆରମ୍ଭ କରିବା ପାଇଁ ପାନ୍ ଆବଶ୍ୟକ ହେବ। ବର୍ତ୍ତମାନ, ଜୀବନ ବୀମା ପ୍ରିମିୟମ୍ ୫୦ ହଜାର ଟଙ୍କା ଅତିକ୍ରମ କଲେ ପାନ୍ ଆବଶ୍ୟକ।

### ଡିଜିଟାଲ୍ ପେମେଣ୍ଟ

ଚିଠାରେ କ୍ରିପ୍ଟୋ ସମ୍ପତ୍ତି ସେବା ପ୍ରଦାନକାରୀଙ୍କ ପାଇଁ କଠୋର ରିପୋର୍ଟିଂ ଏବଂ ଡ୍ୟୁ ଡିଲିଜିନ୍ସ ପ୍ରସ୍ତାବ ଦିଆଯାଇଛି। ଏହା ବ୍ୟତୀତ, ସେଣ୍ଟ୍ରାଲ୍ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା (ସିବିଡିସି)କୁ ଏକ ବୈଧ ଇଲେକ୍ଟ୍ରୋନିକ୍ ପେମେଣ୍ଟ ମୋଡ୍ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆପଣଙ୍କ ପାଇଁ ସମୟ ବହୁତ ଭଲ। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଧନ ପ୍ରାପ୍ତି ହେବ।

**ବୃଷ:** ନୂତନ ବ୍ୟବସାୟରେ ନିବେଶ କରନ୍ତୁ, ସମୟ ଅନୁକୂଳ ରହିଛି। କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କଠାରୁ ପ୍ରଶଂସିତ ହେବେ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଆର୍ଥିକ ମାମଲାରେ ସାବଧାନ ରହିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଦାନ ଧର୍ମରେ ସମୟ ଅତିବାହିତ ହେବ। ଉଧାର ଟଙ୍କା ଫେରିପାଇବେ।

**ସିଂହ:** ଆୟ ଅନୁସାରେ ବ୍ୟୟ ହେବ। ଅକସ୍ମାତ୍ ଧନ ଲାଭ ଯୋଗ ରହିଛି। ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ।ଜୀବନସାଥୀଙ୍କ ଠାରୁ ମୂଲ୍ୟବାନ ଉପହାର ପାଇପାରନ୍ତି।

**କର୍କଟ:** ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଭଲ ସମୟ। ସାହିତ୍ୟ ସମାବେଶରେ ପ୍ରଶଂସିତ ହେବେ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରିବେ। ଚକ୍ଷୁଜନିତ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଉତ୍ତମ ବୁଦ୍ଧିରେ କାର୍ଯ୍ୟ ପୂରା କରିବେ। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି। ଧୈର୍ଯ୍ୟ ରଖି ଆଗକୁ ବଢ଼ନ୍ତୁ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ। ଆୟ ଅନୁସାରେ ବ୍ୟୟ ଅଧିକ ହେବ। ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ। ଆଜି ଭାଗ୍ୟ ଆପଣଙ୍କ ସାଥ୍ ଦେବ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି।

**ମକର:** ଆପଣଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବ। ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଅନ୍ୟକୁ ଉଧାର ଦେଇ ଠକିପାରନ୍ତି। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ପାରିବାରିକ ମତଭେଦ ଦେଖା ଦେବ। ଅନ୍ୟକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

## ଆଜିର ଦିନରେ

- ୧୯୨୧- ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠର ଉଦ୍‌ଘାଟନ କଲେ।
- ୧୯୩୧- ଦିଲ୍ଲୀ ଭାରତର ରାଜଧାନୀ ହେଲା।
- ୧୯୪୭-ନେଦରଲ୍ୟାଣ୍ଡରେ ରେଡିଓ ୟୁନିଅନର ସ୍ଥାପନା।
- ୧୯୭୯- ଇଟାନଗର ଅରୁଣାଚଳ ପ୍ରଦେଶର ରାଜଧାନୀ ହେଲା।
- ୧୯୯୨- ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଖୋଲି ଦିଆଗଲା।
- ୨୦୦୯-ପଣ୍ଡିତ ଭୀମସେନ ଯୋଶୀଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଗଲା।



‘ଭାଗମ୍ ଭାଗ୍ ୨’

# ଗୋବିନ୍ଦାଙ୍କ ସ୍ଥାନ ନେଲେ ମନୋଜ



କମେଡି- ଥ୍ରୀଲର୍ ଫିଲ୍ମ ‘ଭାଗମ୍ ଭାଗ୍’ ୨୦୦୬ ମସିହାରେ ଆସିଥିଲା। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ଲିଡ୍ ରୋଲରେ ଅକ୍ଷୟ କୁମାର, ଗୋବିନ୍ଦା, ରାଜପାଲ ଯାଦ, ଲାରା ଦତ୍ତା, ଅରବାଜ୍ ଖାନ୍, ଜ୍ୟାକି ସ୍ରଫ୍, ଶକ୍ତି କପୁର ପ୍ରମୁଖ ନଜର ଆସିଥିଲେ। କଳାକାରମାନଙ୍କ ଜବରଦସ୍ତ କମେଡି ଦର୍ଶକଙ୍କ ହୃଦୟ ଜିଣିଥିଲା। ଏବେ ଏହାର ସିକ୍ୱେଲ ଆସିବ ବୋଲି ଖବର ଆସିଛି। ହେଲେ ‘ଭାଗମ୍ ଭାଗ୍ ୨’ରୁ ଗୋବିନ୍ଦାଙ୍କୁ ବାଦ୍ ଦିଆଯାଇଛି। ଗୋବିନ୍ଦାଙ୍କ ବଦଳରେ ଏବେ ଏଥିରେ ମନୋଜ ବାଜପେୟୀ ଦେଖାଯିବେ। ହେଲେ ଏନେଇ ଫିଲ୍ମ ନିର୍ମାତା କିଛି ସୂଚନା ଦେଇ ନାହାନ୍ତି। କେବଳ ଏହାର ସିକ୍ୱେଲରେ ମୂଳ ଫିଲ୍ମଠାରୁ ଆହୁରି ଅଧିକ କମେଡି ରହିବ ବୋଲି କହିଛନ୍ତି। ସେହିଭଳି ‘ଭାଗମ୍ ଭାଗ୍ ୨’ରେ ଅକ୍ଷୟଙ୍କ ସହ ମୀନାକ୍ଷୀ ଚୌଧୁରୀ ନଜର ଆସିବେ। ଏବେ ମନୋଜଙ୍କ ପାଇଁ ନାୟିକା ଖୋଜା ଚାଲିଛି। ଫିଲ୍ମର ସୁଟିଂ ଆସନ୍ତା ମାସରୁ ମୁମ୍ବାଇରେ ଆରମ୍ଭ ହେବ।

ଏଠାରେ ପ୍ରକାଶ ଥାଉ କି, ୨୦୦୬ ମସିହାରେ ‘ଭାଗମ୍‌ଭାଗ୍’ର ନିର୍ଦ୍ଦେଶନା ପ୍ରିୟଦର୍ଶନ ଦେଇଥିଲେ। ୩୨ କୋଟିରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୬୭ କୋଟି ଆୟ କରିଥିଲା। ‘ଭାଗମ୍ ଭାଗ୍ ୨’ର ନିର୍ଦ୍ଦେଶନା ଦାୟିତ୍ୱରେ ରାଜ୍ ସାଣ୍ଡିଲ୍ୟ ଅଛନ୍ତି। ପ୍ରିୟଦର୍ଶନ୍ ଏବେ ଅକ୍ଷୟଙ୍କ ସହିତ ‘ଭୂତ୍ ବଙ୍ଗଲା’ର ସୁଟିଂରେ ବ୍ୟସ୍ତ ଥିବାରୁ ରାଜ୍ ଏହାର ନିର୍ଦ୍ଦେଶନା ଦାୟିତ୍ୱ ହାତକୁ ନେଇଛନ୍ତି।

# ତିନିଥର ମରଣ ମୁହଁରୁ ଫେରିଥିଲେ ମହିଳା!

ଏତେ ଶକ୍ତି ଆସିଯାଇଛି ଯେ, ପାଖକୁ ଆସିବା ମାତ୍ରେ ବିଜୁଳି ବଲବ୍ ବି ଫାଟି ଯାଏ।

ମୃତ୍ୟୁ ପରର ଦୁନିଆ କିଭଳି ହୋଇଥାଏ, ଏଭଳି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରେ। ତେବେ ଆମେରିକାର ମ୍ୟାରିଲ୍ୟାଣ୍ଡର ନୋର୍ମା ଏଡଓ୍ୱାର୍ଡସ ତିନି ତିନି ଥର ମୃତ୍ୟୁକୋଳରୁ ଫେରି ଆସିଥିବା ଘଟଣା ଏବେ ସଭିଙ୍କୁ ଚକିତ କରିଛି। ୮୦ ବର୍ଷୀୟା ନୋର୍ମା ତାଙ୍କ ସହ ଚମତ୍କାର ଘଟିଥିବା କହିଛନ୍ତି। ନୋର୍ମାଙ୍କ କହିବା କଥା, ୨୦ ବର୍ଷ ବୟସରେ ପ୍ରଥମ ଥର ପାଇଁ ମୃତ୍ୟୁ ସହିତ ତାଙ୍କର ସାମ୍ନା ହୋଇଥିଲା। ଏହା ପରେ ସେ ଦୁଇ ଥର ମରି ପୁଣି ଜୀବିତ ହୋଇଥିବା ଦାବି କରିଛନ୍ତି। ୨୦ ବର୍ଷ ବୟସରେ ସେ ପ୍ରଥମେ ମୃତ୍ୟୁକୁ ସାମ୍ନା କରିଥିଲେ। ଚିକିତ୍ସା ଚାଲିଥିବା ସମୟରେ ହଠାତ୍ ତାଙ୍କର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଇଥିଲା। ସେତେବେଳେ ସେ ନିଜକୁ ଅପରେସନ୍ ଟେବୁଲ ତଳେ ପାଇଥିଲେ। ସେ ଏକ ଅନ୍ଧାରୁଆ ସୁଡ଼ଙ୍ଗ ଭିତରେ ଦୌଡ଼ୁଥିବାର ଅନୁଭବ କଲେ। ସୁଡ଼ଙ୍ଗ ଶେଷରେ ସେ ଏକ ଅଲୌକିକ ଆଲୋକ ସହ ମୁହାଁମୁହିଁ ହେଲେ। ସେଠାରେ ତାଙ୍କୁ ଏକ ବଡ଼ ସ୍କ୍ରିନ ନଜର ଆସିଲା ଏବଂ ତାଙ୍କର ପୂରା ଜୀବନ କୌଣସି ଫିଲ୍ମ ଭଳି ଚାଲୁଥିବା ଦେଖିଲେ। ତା'ପରେ ସେ ସେଠାରେ ତାଙ୍କ ଦିବଂଗତ ମାଉସୀଙ୍କୁ ପାଇଥିଲେ। ହେଲେ ଏବେ ତାଙ୍କ ସମୟ ଆସି ନ ଥିବା କହି ମାଉସୀ ତାଙ୍କୁ ଛୁଇଁବାକୁ ମନା କରି ଦେଲେ। ଏହାସହ ତାଙ୍କ ଜୀବନର ଲକ୍ଷ୍ୟ ଏବେ ଅଧୁରା ଅଛି ବୋଲି କହିଥିଲେ। ନୋର୍ମାଙ୍କର ଯେତେବେଳେ ଚେତା ଆସିଲା, ତାଙ୍କ ଶରୀର ଖୁବ୍ ଛୋଟ ଏବଂ ଆତ୍ମା ବିଶାଳକାୟ ବୋଲି ସେ ଅନୁଭବ କରିଥିଲେ। କେବଳ ସେତିକି ନୁହେଁ, ନୋର୍ମା ଏକଥା ବି ଦାବି କରିଛନ୍ତି ଯେ, ‘ପରଲୋକ’ରୁ ଫେରିବା ପରେ ସେ ଆଉ ସାଧାରଣ ମଣିଷ ହୋଇ ରହି ନାହାନ୍ତି। ତାଙ୍କ ଇନ୍ଦ୍ରିୟଗୁଡ଼ିକ ଏତେ ଶକ୍ତିଶାଳୀ ହୋଇଯାଇଛି ଯେ, ଯେକୌଣସି ଲୋକଙ୍କ ଶରୀର ଭିତରୁ ରୋଗକୁ ଦେଖିପାରୁଛନ୍ତି। ଏପରିକି ତାଙ୍କ ଶରୀରରେ ଏତେ ଶକ୍ତି ଆସିଯାଇଛି ଯେ, ପାଖକୁ ଆସିବା ମାତ୍ରେ ବିଜୁଳି ବଲବ୍ ବି ଫାଟି ଯାଏ। ସେହିପରି ୨୦୨୪ ମସିହାରେ ତାଙ୍କୁ ଦୁଇଥର ହୃଦ୍‌ଘାତ ହୋଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥର ମଧ୍ୟ ସେ ମୃତ୍ୟୁପରର ଦୁନିଆ ଦେଖିଥିବା କୁହନ୍ତି। ସେ ଏହିସମୟରେ ଜଣେ ମହିଳା ଦେବଦୂତଙ୍କୁ ଭେଟିଥିଲେ ଯିଏ କି ତାଙ୍କୁ ଜୀବନର ମହତ୍ତ୍ୱ ସମ୍ପର୍କରେ ବୁଝାଇ ସେଠାରୁ ଫେରାଇ ଦେଇଥିବା ନୋର୍ମା କୁହନ୍ତି। ଏବେ ସାମାଜିକ ଗଣମାଧ୍ୟମରେ ନୋର୍ମାଙ୍କ କାହାଣୀ ବେଶ୍ ଭାଇରାଲ ହେଉଛି।



# କର୍କଟ ରୋଗୀଙ୍କ ଭାବପୂର୍ଣ୍ଣ ବାର୍ତ୍ତା



କର୍କଟ ଏମିତି ଏକ ରୋଗ, ଯାହା ନାଁ ଶୁଣିଲେ ମନରେ ଛନକା ପଶିଯାଏ। ଜୀବନ ବୋଝ ଭଳି ଲାଗେ। ଏହା କେବଳ ଶରୀରକୁ ନୁହେଁ, ବରଂ ମଣିଷର ସ୍ୱପ୍ନ, ସମ୍ପର୍କ ଏବଂ ଆଶାକୁ ବି ଜୀଇଁ ଥାଉ ଥାଉ ମାରି ଦିଏ। ଅନେକ କର୍କଟ ପୀଡ଼ିତ ନିଜ ଦୃଢ଼ ମନୋବଳ ଓ ଚିକିତ୍ସା ବଳରେ ଏହି ରୋଗକୁ ପରାସ୍ତ କରିଥିବା ବେଳେ ଆଉ କିଛି ଜଣ ଜୀବନ ସହ ସଂଘର୍ଷ କରି ଶେଷରେ ଜୀବନ ଯୁଦ୍ଧରେ ହାରି ଯାଆନ୍ତି। ଏହି କ୍ରମରେ ଏବେ ଜଣେ କର୍କଟ ରୋଗୀଙ୍କ କାହାଣୀ ଲୋକଙ୍କୁ ମର୍ମାହତ କରିଛି। ତେବେ କର୍କଟ ସହ ସଂଘର୍ଷ କରୁଥିବା ଜସ୍ ନାମକ ଜଣେ ବ୍ୟକ୍ତି ଦୁନିଆରୁ ବିଦାୟ ନେବା ପୂର୍ବରୁ ସେ ତାଙ୍କର ଶେଷ ବାର୍ତ୍ତା ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। କ୍ୟାନ୍ସର ଯୁଦ୍ଧରେ ହାରି ଯାଇଥିବା ଜସ୍ ନିଜର ଶେଷ ବାର୍ତ୍ତାରେ ଅତି ବିନମ୍ର ଭାବେ ଦୁନିଆକୁ ଅଲବିଦା କହିଛନ୍ତି। ଜସ୍ ତାଙ୍କର ଶେଷ ବାର୍ତ୍ତା ‘ହାଏ’ରୁ ଆରମ୍ଭ କରିଛନ୍ତି। ସେ ଲେଖିଛନ୍ତି, ‘ଯଦି କେହି ଏହି ବାର୍ତ୍ତା ପଢୁଥାନ୍ତି, ଏହାର ଅର୍ଥ ହେଉଛି, ନିକଟରେ କର୍କଟ ଯୋଗୁଁ ମୋର ମୃତ୍ୟୁ ହୋଇଛି। ଜସ୍‌ଙ୍କୁ ଦୀର୍ଘ ବର୍ଷ ଧରି ମିଳି ଆସୁଥିବା ସମର୍ଥନ ଓ କୃତଜ୍ଞତା ଲାଗି ବି ସେ କୃତଜ୍ଞତା ଜ୍ଞାପନ ମଧ୍ୟ କରିଛନ୍ତି। ନିଜ ଦୋକାନକୁ ଏବେ ଏଭଳି ଏକ ସ୍ଥାନରେ ଦେଖି ସେ ଖୁସି ଅନୁଭବ କରୁଥିବା ବି କହିଛନ୍ତି। ତେବେ ସେ ଗତ ବର୍ଷକ ମଧ୍ୟରେ କୌଣସି ଚିତ୍ର ଆଙ୍କି ପାରି ନ ଥିବା କହିଛନ୍ତି। ଯାହାକୁ ନେଇ ସେ ଦୁଃଖ ପ୍ରକାଶ କରିଥିବା କହିଛନ୍ତି। ଏହାସହ ଜସ୍ ଏକଥା କହିଛନ୍ତି, ଏବେ ସେ ଏମିତି ଏକ ସ୍ଥାନକୁ ଯାଉଛନ୍ତି, ଯେଉଁଠି ସେ ପ୍ରତ୍ୟେକ ଦିନ ଚିତ୍ର ଆଙ୍କି ପାରିବେ। ଶେଷରେ ସେ ‘ଧନ୍ୟବାଦ, ମୁଁ ଜସ୍ ଥିଲି’ ବୋଲି ଲେଖିଛନ୍ତି। ଅନ୍ୟପଟେ ଜସ୍‌ଙ୍କର ଏହି ପୋଷ୍ଟକୁ ଦ ଲିଭର ଡକ୍ଟର ନାମକ ଏକ ଆକାଉଣ୍ଟରୁ ସେୟାର୍ କରାଯାଇଛି। ଏହି ଡାକ୍ତର ଜଣକ କହିଛନ୍ତି, ‘ଡାକ୍ତର ଭାବେ ରୋଗୀଙ୍କ ପରିବାର ସହିତ ସେମାନଙ୍କର ମୃତ୍ୟୁ ବିଷୟରେ କଥା ହେବା ତାଙ୍କ ନିତିଦିନ ଜୀବନର ଅଂଶ। ତେବେ ମୃତ୍ୟୁ କୋଳକୁ ଯାଉଥିବା ଲୋକଟି କୌଣସି ଏକ ଭଲ ସ୍ଥାନକୁ ଯାଉଛି ଆମେ ନିଜକୁ ସାନ୍ତ୍ୱନା ଦେଇଥାନ୍ତି। ଯଦିଓ ଏହା ଆଶ୍ୱସ୍ତି ପ୍ରଦାନ କରେ, ତଥାପି ବାସ୍ତବ ସତ ହେଉଛି ମୃତ୍ୟୁ ପରେ ମଣିଷର ଅସ୍ତିତ୍ୱ ଶେଷ ହୋଇଯାଏ। ଜନ୍ମ ପୂର୍ବରୁ ଏବଂ ମରିବା ପରର ସ୍ଥିତି ପାଖାପାଖି ସମାନ ଥାଏ। ଫରକ କେବଳ ଏତିକି ଯେ, ମୃତ୍ୟୁ ପରେ ସ୍ମୃତି ସବୁଦିନ ପାଇଁ ରହିଯାଏ। ଯାହାକି ଦୀର୍ଘଦିନ ଧରି ଆପଣାର ଲୋକଙ୍କ ମଧ୍ୟରେ ଜୀବିତ ରହିଥାଏ। ଜସ୍ ତଥା ଏହି ଡାକ୍ତରଙ୍କ ପୋଷ୍ଟରେ ଲୋକେ ଭାବପ୍ରବଣ ହୋଇଛନ୍ତି। ତା'ସହ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ଛେଳିଙ୍କ ଚର୍ମରୋଗ ଓ ନିରାକରଣ



**ଗୃହପାଳିତ ପ୍ରାଣୀଙ୍କଠାରେ ନାନା ଚର୍ମ ସମସ୍ୟା ଦେଖା ଦେଇଥାଏ। ତେବେ ଫେବୃୟାରୀ ମାସରେ ଛେଳି ଦେହରେ ଟିଙ୍କ, ଉକୁଣି, ପରଜୀବୀ ଆଦି ଚର୍ମରୋଗ ଦେଖାଯାଏ। ଏହା ମୁଖ୍ୟତଃ କବକ ଜନିତ ରୋଗ ହୋଇଥିବାରୁ ସଠିକ୍ ସମୟରେ ଚିକିତ୍ସା କରିବା ଜରୁରି।**

ସଫା ଓ ଶୁଖିଲା ଗୁହାଳରେ ଛେଳିଙ୍କୁ ନ ରଖିଲେ ଚର୍ମରୋଗ ସମସ୍ୟା ବଢ଼ିଯାଏ। ଶରୀର କୁଣ୍ଡାଇ ହେବା ଯୋଗୁଁ ଛେଳି ଖାଇବାରେ ଆଗ୍ରହ ପ୍ରକାଶ କରନ୍ତିନି। ଲୋମ ଉପୁଡ଼ି ଯାଏ। ଶରୀର ଦୁର୍ବଳ ହୋଇଯାଏ। ସେଥିପାଇଁ ଛେଳି ରହୁଥିବା ସ୍ଥାନକୁ ତୁରନ୍ତ ସଫା ରଖିବାର ବନ୍ଦୋବସ୍ତ କରନ୍ତୁ। ଛେଳିଙ୍କ ଯତ୍ନ ନେଉଥିବା ବ୍ୟକ୍ତି ଗ୍ଲୋଭ୍‌ସ ପିନ୍ଧି କାମ କରିବା ଜରୁରି। ଛେଳିଙ୍କ ଚର୍ମରାଗ ଦୂର ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପରମେଥରୀନ, ମାଲାଥିଅନ, ଡାଇକ୍ଲୋରୋଭସ୍ ବା ପାରାଥିୟନ୍ ବ୍ୟବହାର କରିପାରିବ। ନିମ୍ବତେଲ ସହ ଗନ୍ଧ କର୍ପୂର ବ୍ୟବହାର କରାଯାଇପାରିବ।

# ସାଇଜ୍ ଗ୍ରେଡର ମେସିନ୍

ଚାଷ କାର୍ଯ୍ୟକୁ ସହଜ କରିବା ପାଇଁ ବଜାରରେ ବିଭିନ୍ନ କୃଷି ଯନ୍ତ୍ରପାତି ଉପଲବ୍ଧ ରହିଛି। ଏହି ମେସିନ୍‌ଗୁଡିକ ମୁଖ୍ୟତଃ କମ୍ ସମୟ ମଧ୍ୟରେ ଅନେକ କାମ ସହଜରେ କରି ପାରିଥାଏ। ଏହି କ୍ରମରେ ଫସଲ ଅମଳ ପରେ ପରିବା ଓ ଫଳ ମଧ୍ୟରୁ ଭଲ ଫଳକୁ ଅଲଗା କରିବା ପାଇଁ ଏକ ଉନ୍ନତ ମେସିନ୍ ଉପଲବ୍ଧ ରହିଛି। ଏହାର ନାଁ ସାଇଜ୍ ଗ୍ରେଡର ମେସିନ୍। ଏହି ଯନ୍ତ୍ର ସାହାଯ୍ୟରେ ସ୍ୱଳ୍ପ ସମୟରେ ଭଲ ବା ଏ'ଗ୍ରେଡର ଫଳକୁ ଅଲଗା କରାଯାଏ। ଛୋଟ, ମଧ୍ୟମ ଏବଂ ବଡ଼ ଆକାରର ଫଳ ଓ ପରିବାକୁ ଅଲଗା କରିବା ଦ୍ୱାରା ଚାଷୀଙ୍କୁ ବଜାରରେ ଭଲ ଦରଦାମ ମିଳିଥାଏ। ଫସଲ ନଷ୍ଟ ହୋଇ ନ ଥାଏ। ସାଧାରଣତଃ ଏହି ମେସିନ୍ ଟମାଟୋ, ଆଳୁ, ପିଆଜ, ରସୁଣ, କମଳା, ପିଜୁଳି,ଲେମ୍ବୁ ପରି ଗୋଲାକାର ପରିବା ପାଇଁ ବିଷେଶ ଫଳପ୍ରଦ ହୋଇଥାଏ।






# ଟମାଟୋ ଫସଲରେ ଘାସ ନିୟନ୍ତ୍ରଣ



ଅଧିକାଂଶ ଚାଷୀ ଟମାଟୋ ଚାଷ କରି ଜୀବିକା ନିର୍ବାହ କରନ୍ତି। ଫେବୃୟାରୀ ମାସରେ ଟମାଟୋ ଫସଲରେ ଅନାବନା ଘାସ ବୃଦ୍ଧି ପାଏ। ଏଥିପାଇଁ ଟମାଟୋ ଗଛର ଚାରିପାଖେ ନଡ଼ା, ଶୁଖିଲା ଘାସ କିମ୍ବା କଳା ପଲିଥିନ୍ ପରସ୍ତ ଦେଇ ମଲ୍‌ଚିଂ କରିପାରିବେ। ଏହାଦ୍ୱାରା ମାଟିର ଆର୍ଦ୍ରତା ବଜାୟ ରହିବା ସହ ଘାସ ବଢ଼ାଇବାକୁ ଦିଏ ନାହିଁ। ସେହିପରି ମାଟି ଶୁଖିଲା ଥିଲେ ହାତରେ ଘାସ ଉପାଡ଼ି ପାରିବେ। ଉପଯୁକ୍ତ ସମୟରେ ରାସାୟନିକ କୀଟନାଶକ ଔଷଧ ପ୍ରୟୋଗ କରି ଘାସ ନିୟନ୍ତ୍ରଣ କରିପାରିବେ। ଏକର ପ୍ରତି ୮୦୦ ଗ୍ରାମ ଆଟ୍ରାଜିନ୍ କିମ୍ବା ୪୦୦-୫୦୦ ଗ୍ରାମ୍ ମେଟ୍ରିବୁଜିନ୍ ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ଜୈବିକ ପ୍ରଣାଳୀରେ ମଧ୍ୟ ଘାସ ନିୟନ୍ତ୍ରଣ କରିପାରିବେ। ଚାରା ରୋପଣ ସମୟରେ ଗଛ ଗଛ ମଧ୍ୟରେ ସଠିକ ଦୂରତ୍ୱ ରଖିଲେ କୋଡ଼ାଖୋସା ଓ ଘାସ ନିୟନ୍ତ୍ରଣ ସହଜ ହୁଏ। ଫସଲରେ ବୁନ୍ଦାଜଳସେଚନ କରିବା ଦ୍ୱାରା ଅନାବନା ଘାସ ନିୟନ୍ତ୍ରଣ ହୋଇଥାଏ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଯେଉଁ ଜମିରେ ଜିଙ୍କର ଅଭାବ ଦେଖା ଦେଉଛି, ଜିଙ୍କ ସଲ୍‌ଫେଟ୍ (୨୧%) କୁ ୧୦ କିଗ୍ରା/ ଏକର ହିସାବରେ ମୃତ୍ତିକାରେ ପ୍ରୟୋଗ କରନ୍ତୁ।
- ପନିପରିବା ଫସଲରେ ଅଙ୍ଗୀୟ ବୃଦ୍ଧି ଅବସ୍ଥା ସମୟରେ ଧଳାମାଛି, ଜଉପୋକ ଓ ପତ୍ର ଡିଆଁ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ଓ ଉକୁଣିଆ ପୋକ ପାଇଁ ନୀଳ ରଙ୍ଗର ଯନ୍ତା ବ୍ୟବହାର କରନ୍ତୁ।
- ମାଟିର ଆର୍ଦ୍ରତାକୁ ଧ୍ୟାନରେ ରଖି ରବି ଫସଲକୁ ୭ରୁ ୮ ଦିନ ବ୍ୟବଧାନରେ ୧୦ରୁ ୧୫ଟି ଜଳସେଚନ କରନ୍ତୁ।
- ଆଳୁ ଫସଲରେ ପତ୍ର କଟାପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍ ଏବଂ ସାଇପରମେଥ୍ରିନ୍‌ର ମିଳିତ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- କୁକୁଡ଼ା ଚିଆଁଙ୍କୁ ଘୁମା ରୋଗ ନ ହେବା ପାଇଁ ୭ଦିନିଆ ଚିଆଁଙ୍କୁ ଲାସୋଟା ଟିକା ଓ ୧୩ରୁ ୧୫ ଦିନିଆ ଚିଆଁଙ୍କୁ ଆଇବିଡ଼ି ଟିକାକରଣ କରନ୍ତୁ।

# ଏ ମାସର ଚାଷ


**ପନିପରିବା ଚାଷ ପାଇଁ ଫେବୃୟାରୀ ମାସଟି ସବୁଠୁ ଭଲ। ଏହି ସମୟରେ କଲରା, ଲାଉ, ଭେଣ୍ଡି, ବାଇଗଣ ଆଦି ଚାଷ କରାଯାଏ। ମାଟିର ପରୀକ୍ଷା କରି ଆବଶ୍ୟକତା ଅନୁସାରେ ଜଳସିଞ୍ଚନ ଓ ଯବକ୍ଷାରଜାନ, ଫସ୍‌ଫରସ, ପୋଟାସ ଆଦି ପୋଷକତତ୍ତ୍ୱ ପ୍ରୟୋଗ କରିପାରିବେ।**

- ଡାଲୁଅ ଧାନ ରୋଇବାର ୧୫ରୁ ୨୦ ଦିନ ମଧ୍ୟରେ ପିଲସାର ପ୍ରୟୋଗ କରନ୍ତୁ।
- ମକା ଫସଲରେ ବତରକୁ ଦେଖି ଜଳସେଚନ କରନ୍ତୁ।
- ମାଣ୍ଡିଆ ତଳି ୩ ସପ୍ତାହର ହୋଇଥିଲେ ଧାଡ଼ିକୁ ଧାଡ଼ି ୨୦ ସେମି ଓ ଗଛକୁ ଗଛ ୧୦ ସେମି ବ୍ୟବଧାନରେ ରୁଅନ୍ତୁ।
- କଖାରୁଜାତୀୟ ପନିପରିବା ଲଗାଯାଇ ପାରିବ।
- ରବି ଡାଲିଜାତୀୟ ଫସଲରେ ୯୦% ଭାଗ ଛୁଇଁ ପାକଳ ହୋଇଗଲେ ଅମଳ କରନ୍ତୁ।
- ଖରାଟିଆ ଚିନାବାଦାମ ଫସଲକୁ ୩୦ ଦିନରେ ହୋଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ।



## କୃଷି ବ୍ୟବସାୟ

# ଫିସ୍ ଚକୋଲେଟ୍



ମତ୍ସ୍ୟଚାଷରେ ଅଧିକ ଲାଭ ଉଦ୍ଦେଶ୍ୟରେ ଆସାମ, ନଗାଁଓ ଜିଲ୍ଲାର ଗାର୍ଗି ଗିତମ ବୋରାହ ଫିସ୍ ଚକୋଲେଟ ତିଆରି କରିଛନ୍ତି। ମାଛ ଖାଇବାକୁ ପସନ୍ଦ କରୁନଥିବା ତଥା ମାଛ କଣ୍ଟା ପାଇଁ ଭୟ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ବିଶେଷ ଫଳପ୍ରଦ ହେବ। ଏଥିପାଇଁ ପ୍ରଥମେ ଛୋଟ ମାଛକୁ ସଫା କରି, ଶୁଖାଇ କିମ୍ବା ଭାଜି ଏକ ଚିକ୍କଣ ପେଷ୍ଟ କରାଯାଏ। ଏହି ମିଶ୍ରଣକୁ ଉଚ୍ଚ ଗୁଣବତ୍ତାଯୁକ୍ତ ତରଳ ଚକୋଲେଟ୍ ସହିତ ମିଶାଯାଏ। ଆକର୍ଷକ ଛାଞ୍ଚରେ ଢ଼ାଳି କଠିନ କରାଯାଇ ରଙ୍ଗୀନ କାଗଜରେ ଗୁଡ଼ାଯାଏ। ଏଥିରୁ ଚକୋଲେଟ୍ ଏବଂ ମିଠା ସ୍ୱାଦ ସାଙ୍ଗକୁ ମାଛ ପ୍ରୋଟିନ ମିଳିଥାଏ। ଏହା ପୋଷକତତ୍ତ୍ୱରେ ଭରପୁର। କୁ-ପୋଷଣ ପରି ସମସ୍ୟାକୁ ଦୂର କରିବାରେ ଏହା ପ୍ରଭାବୀ ହେବ। ଚାଷୀଙ୍କ ରୋଜଗାରର ନୂତନ ମାଧ୍ୟମ ପାଲଟିବ। ତେବେ ଏହାର ବୈଜ୍ଞାନିକ ପରୀକ୍ଷଣ ଏବଂ ପୋଷକତତ୍ତ୍ୱ ସଠିକ ବିଶ୍ଳେଷଣ କରିବା ଜରୁରି।

# ସ୍କଟ୍‌ଲାଣ୍ଡର ବୃହତ୍ ବିଜୟ

କୋଲକାତା, ୯।୨(ଏଜେନ୍ସି): ଭାଗ୍ୟ ବଳରେ ଟି-୨୦ ବିଶ୍ୱକପ-୨୦୨୬ ଖେଳିବାକୁ ସୁଯୋଗ ପାଇଥିବା ସ୍କଟଲାଣ୍ଡ ଦ୍ୱିତୀୟ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ନବାଗତ ଇଟାଲୀକୁ ୭୩ ରନ୍‌ରେ ହରାଇ ବୃହତ ବିଜୟ ହାସଲ କରିଛି। ବିଜୟୀ ଦଳର ଅଲରାଉଣ୍ଡର ମାଇକେଲ ଲିସ୍କ ମାତ୍ର ୫ଟି ବଲ୍ ଖେଳି ୨୨ରନ୍ କରିବା ସହ ୪ ଓଭରରେ ୧୭ ରନ୍ ଦେଇ ୪ଟି ୱିକେଟ ଅକ୍ତିଆର କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସ୍କଟ୍‌ଲାଣ୍ଡ ୪ ୱିକେଟରେ ୨୦୭ ରନ୍ କରିଥିଲା। ଦଳପକ୍ଷରୁ ଜର୍ଜ ମୁନ୍‌ସୀ ସର୍ବାଧିକ ୮୪, ବ୍ରାଣ୍ଡନ ମ୍ୟାକ୍‌ମୁଲେନ ଅପରାଜିତ ୪୧, ମାଇକେଲ ଜୋନ୍ସ ୩୭ରନ୍‌ର ଯୋଗଦାନ ଦେଇଥିଲେ। ଜବାବରେ ପ୍ରଥମଥର ବିଶ୍ୱକପ୍ ଖେଳୁଥିବା ଇଟାଲୀ ୧୬.୪ ଓଭରରେ ୧୩୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଲିସ୍କଙ୍କ ସଫଳ ବୋଲିଂ ବ୍ୟତୀତ ମାର୍କ ୱାଟ ୨ଟି ୱିକେଟ ପାଇଥିଲେ।

### ଇଟାଲୀ ଅଧିନାୟକ ଆହତ

ଏହି ମ୍ୟାଚ୍‌ରେ ଇଟାଲୀକୁ ଶକ୍ତ ଧକ୍କା ଲାଗିଛି। ଇଟାଲୀ ଦଳ ଫିଲ୍ଡିଂ କରୁଥିବାବେଳେ ଅଧିନାୟକ ୱାଏମ ମ୍ୟାଡ୍‌ସେନ ବଲ୍ ଅଟକାଇବାକୁ ବାମପଟକୁ ଡାଇଭିଂ କରୁଥିଲାବେଳେ ତଳେ ଅସ୍ୱାଭାବିକ ପଡ଼ିଯାଇଥିଲେ। ପଡ଼ିଯିବା ପରେ ସେ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପ୍ରାଥମିକ ପର୍ଯ୍ୟାୟ ଚିକିତ୍ସାରେ ତାଙ୍କ କାନ୍ଧର ଖଞ୍ଜା ଅଲଗା ହୋଇଯାଇଥିବା ଜଣାପଡ଼ିଥିଲା। ସ୍କାନ ପରେ ପ୍ରକୃତରେ କି ପ୍ରକାର ଆଘାତ ଲାଗିଛି ତାହା ଜଣାପଡ଼ିବ। ଏହି ମ୍ୟାଚ୍‌ରେ ଆଘାତ ପାଇବା ପରେ ସେ ଆଉ ପଡ଼ିଆକୁ ଆସି ନ ଥିଲେ କିମ୍ବା ବ୍ୟାଟିଂ କରି ନ ଥିଲେ।

# ସହଜରେ ଜିତିଲା ଜିମ୍ବାୱେ




କଲମ୍ବୋ, ୯।୨(ଏଜେନ୍ସି): ପ୍ଲେୟର ଅଫ୍ ଦି ମ୍ୟାଚ୍ ବ୍ଲେସିଂ ମୁଜରବାନି, ରିଚାର୍ଡ ଏନ୍‌ଗାରଭା ଓ ବ୍ରାଡ ଇଭାନ୍ସଙ୍କ ଘାତକ ବୋଲିଂ ବଳରେ ଏଠାରେ ଖେଳାଯାଇଥିବା ଗ୍ରୁପ୍-ବି'ର ଏକ ଲିଗ୍ ମ୍ୟାଚ୍‌ରେ ଜିମ୍ବାୱେ ୮ ୱିକେଟରେ ଓମାନକୁ ପରାସ୍ତ କରିଛି। ଏହା ଫଳରେ ଜିମ୍ବାୱେ ଦଳ ପୁଣିଥରେ ମେନ୍‌ଷ୍ଟ୍ରିମ୍ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛି। ଏହି ମ୍ୟାଚ୍‌ରେ ମୁଜରବାନି, ଏନ୍‌ଗାରଭା ଓ ଇଭାନ୍ସ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓମାନ ୧୯.୫ ଓଭରରେ ମାତ୍ର ୧୦୩ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୱିକେଟରକ୍ଷକ ବିନାୟକ ଶୁକ୍ଲା ସର୍ବାଧିକ ୨୮, ସୁଫିୟାନ ମେହମୁଦ୍ ୨୫ ଓ ନଦୀମ ଖାନ୍ ୨୦ ରନ୍ କରି ଦୁଇଅଙ୍କରେ ପହଞ୍ଚିଥିଲେ। ଅଧିନାୟକ ଜତିନ୍ଦର ସିଂହ (୫) ଅନ୍ୟ ୭ଜଣଙ୍କ ସହ ଡବଲ ଫିଗର ସ୍ପର୍ଶ କରିପାରି ନ ଥିଲେ। ଜବାବରେ ଜିମ୍ବାୱେ ୧୩.୩ ଓଭରରେ ୨ୱିକେଟ ହରାଇ ସହଜରେ ବିଜୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଯୁବ ଓପନର ବ୍ରିଆନ ବେନ୍ନେଟ ଅପରାଜିତ ରହିବା ସହ ସର୍ବାଧିକ ୪୮, ବରିଷ୍ଠ ଖେଳାଳି ବ୍ରେଣ୍ଡାନ ଟେଲର ୩୧ (ରିଟାୟର୍ଡ ହର୍ଟ) ହୋଇଥିଲେ।

# ଏ+'ରୁ ଗ୍ରେଡ୍ ବି'କୁ ଖସିଲେ ରୋହିତ-କୋହଲି

ନୂଆଦିଲ୍ଲୀ, ୯ ।୨ (ଏଜେନ୍ସି): ଟେଷ୍ଟ ଓ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଦୁଇ କିଂବଦନ୍ତୀ କ୍ରିକେଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ବିସିସିଆଇ ବାର୍ଷିକ ଚୁକ୍ତି ତାଲିକାରେ ଗ୍ରେଡ୍-ବି'କୁ ଖସାଇଦେଇଛି। ଉଭୟ ଏବେ କେବଳ ଦିନିକିଆ ଫର୍ମାଟରେ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଛନ୍ତି। ୨୦୨୫ ଅକ୍ଟୋବର ୧ରୁ ୨୦୨୬ ସେପ୍ଟେମ୍ବର ଯାଏ ଏହା ଲାଗୁ ହେବ ଓ ଚୁକ୍ତି ଅନୁଯାୟୀ ସେମାନଙ୍କୁ ବାର୍ଷିକ ୩ କୋଟି ଟଙ୍କା ମିଳିବ। ୨ଟି ଫର୍ମାଟରେ ଅବସର ନେବା ପୂର୍ବରୁ ଏମାନେ ଏ+ କାଟାଗୋରୀରେ ଥିଲେ ଓ ବାର୍ଷିକ ୭ କୋଟି ଟଙ୍କା ପାଉଥିଲେ। ପୁରୁଷ କ୍ରିକେଟ୍‌ରେ ୩୦ଜଣ ଖେଳାଳିଙ୍କୁ ଚୁକ୍ତିରେ ସ୍ଥାନ ମିଳିଛି। ବିସିସିଆଇ ଗ୍ରେଡ୍ ସିଷ୍ଟମରେ ପରିବର୍ତ୍ତନ କରି 'ଏ+'କୁ ଉଚ୍ଛେଦ କରିଛି। କେବଳ ୩ଟି ଗ୍ରେଡ୍ ଏ, ବି ଓ ସି ରଖିଛି। ଟପ୍ ଗ୍ରେଡ୍ 'ଏ'ରେ ରହିଥିବା ଖେଳାଳିଙ୍କୁ ବାର୍ଷିକ ୫ କୋଟି, 'ବି'ରେ ସ୍ଥାନ ପାଇଥିବା ଖେଳାଳି ୩ କୋଟି ଟଙ୍କା ପ୍ରଦାନ କରାଯିବ। ଶେଷ ତଥା ଗ୍ରେଡ୍-ସି'ରେ ରହିଥିବା ଖେଳାଳି ୧ କୋଟି ଟଙ୍କା ପାଇବେ। ମହିଳା ବିଭାଗରେ ୨୧ଜଣ ଖେଳାଳିଙ୍କୁ ଗ୍ରେଡ୍‌ରେ ସ୍ଥାନ ମିଳିଛି।

## ମାରକ୍ରମଙ୍କ ଅର୍ଦ୍ଧଶତକ, ନିଗିଡିଙ୍କ ଘାତକ ବୋଲିଂ

# କାନାଡା ବିପକ୍ଷରେ ଦକ୍ଷିଣ ଆଫ୍ରିକାର ବଡ଼ ବିଜୟ

ଅହମ୍ମଦାବାଦ୍, ୯।୨(ଏଜେନ୍ସି)




ଅଧିନାୟକ ଆଇଡେନ୍ ମାର୍କରାମ (୫୯)ଙ୍କ ଅର୍ଦ୍ଧଶତକ ଓ ଫାଷ୍ଟ ବୋଲର ଲୁଙ୍ଗି ନିଗିଡି (୪/୩୧)ଙ୍କ ଘାତକ ବୋଲିଂ ବଳରେ ଗତଥରର ରନର୍ସ ଅପ୍ କାନାଡାକୁ ୫୭ ରନ୍‌ରେ ପରାସ୍ତ କରି ଟି-୨୦ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି। ଏଠାରେ ସୋମବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୦୭ ରନ୍ କରିଥିଲା। ଜବାବରେ ନବନିତ ଧାଲିୱାଲ (୪୮ ବଲ୍‌ରେ ୬୪ରନ୍)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ କାନାଡା ସମାନ ସଂଖ୍ୟକ ଓଭର ଖେଳି ୮ ୱିକେଟରେ ୧୫୬ ରନ୍ କରିଥିଲା। ଏହି ମ୍ୟାଚ୍‌ରେ ବିଜୟୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ୪ ଓଭର ବୋଲିଂ କରି ୩୧ ରନ୍‌ରେ ୪ଟି ୱିକେଟ ନେଇଥିବା ନିଗିଡିଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପ୍ରଦତ୍ତ ୨୦୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଖେଳିଥିବା କାନାଡା ପ୍ରତିପକ୍ଷ ଲୁଙ୍ଗି ନିଗିଡିଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୨୬ ରନ୍‌ରେ ୩ଟି ୱିକେଟ ହରାଇଥିଲା। ୪୫ ରନ୍‌ରେ ଚତୁର୍ଥ ୱିକେଟ ପଡ଼ିବା ପରେ ଧାଲିୱାଲ ଓ ହର୍ଷ ଠାକର (୨୯ବଲ୍‌ରେ ୩୩ରନ୍) ୫ମ ୱିକେଟରେ ୫୨ ବଲ୍‌ରୁ ୬୯ ରନ୍ ଉଠାଇ ଦଳକୁ କିଛିଟା ଆଶ୍ୱସ୍ତ କରିଥିଲେ। ନିଗିଡି ତାଙ୍କ ଦ୍ୱିତୀୟ ସ୍ପେଲ୍‌ରେ ହର୍ଷଙ୍କୁ ଆଉଟ କରିବା ପରେ କାନାଡାର ଅବଶିଷ୍ଟ ବ୍ୟାଟର ବିନା ପ୍ରତିରୋଧରେ ପାଭିଲିୟନ ଫେରିଥିଲେ। ତେବେ ଧାଲିୱାଲ ୪୯ବଲ୍ ଖେଳି ୭ ଚୌକା ଓ ୧ ଛକା ସହ ୬୩ ରନ୍‌ର ସାହସିକ ଇନିଂସ ଖେଳିଥିଲେ। ନିଗିଡିଙ୍କ ୪ ୱିକେଟ ବ୍ୟତୀତ ମାର୍କୋ ଜାନ୍‌ସେନଙ୍କୁ ୨ଟି ୱିକେଟ ମିଳିଥିଲା।

ପୂର୍ବରୁ ଦକ୍ଷିଣ ଆଫ୍ରିକା ଅଧିନାୟକ ମାରକ୍ରମ ପ୍ରଥମ ୱିକେଟରେ ଡି କକ୍ (୨୫)ଙ୍କ ସହ ୪୧ବଲ୍‌ରୁ ୭୦ ଓ ଦ୍ୱିତୀୟ ୱିକେଟରେ ରିକେଲଟନ (୩୩)ଙ୍କ ସହ ୫୬ ରନ୍ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ। ଏହି ସମୟରେ ଅଂଶ ପଟେଲ ୩ଟି ୱିକେଟ ନେବା ଫଳରେ ଦଳର ସ୍କୋର ୪ ୱିକେଟରେ ୧୩୮ ରନ୍ ହୋଇଥିଲା। ଏହି ସମୟରେ ମିଲର ଓ ଷ୍ଟବ୍ସ ଅବିଭକ୍ତ ୫ମ ୱିକେଟରୁ ୩୭ ବଲ୍‌ରେ ୬୯ ରନ୍ ଉଠାଇ ଦଳୀୟ ସ୍କୋରକୁ ୨ଶହ ପାର କରିଥିଲେ। ମିଲର ୨୩ ବଲ୍‌ରୁ ୩୯ ଓ ଷ୍ଟବ୍ସ ୧୯ ବଲ୍‌ରୁ ୩୪ ରନ କରି ଅପରାଜିତ ରହିଥିଲେ। କାନାଡାର ଗୁଜରାଟୀ ସ୍ପିନର ଅଂଶ ପଟେଲଙ୍କୁ ୩ଟି ୱିକେଟ ମିଳିଥିଲା।

**ଆଜିର ବିଶ୍ୱକପ୍ ମ୍ୟାଚ୍**

| ମ୍ୟାଚ୍ | ସମୟ | ସ୍ଥାନ |
| --- | --- | --- |
| ନେଦରଲାଣ୍ଡସ-ନାମିବ୍ୟା | ପୂର୍ବାହ୍ନ ୧୧ଟା | ଦିଲ୍ଲୀ |
| ନ୍ୟୁଜିଲାଣ୍ଡ-ୟୁଏଇ | ଅପରାହ୍ଣ ୩ଟା | ଚେନ୍ନଇ |
| ପାକିସ୍ତାନ-ଆମେରିକା | ରାତି ୭ଟା | କଲମ୍ବୋ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ଭାରତ-ପାକ୍ ଲଢ଼େଇ : ଶରିଫ୍‌ଙ୍କ ନିଷ୍ପତ୍ତିକୁ ଅପେକ୍ଷା

ଲାହୋର, ୯।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ଦଳ ଭାରତ ସହ ଖେଳିବ କି ନାହିଁ ତାହା ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ନିଷ୍ପତ୍ତି ନେବେ। ବାଂଲାଦେଶକୁ ସମର୍ଥନ କରି ଭାରତ ସହ ମୁକାବିଲାକୁ ବୟକଟ କରିଥିବା ପାକିସ୍ତାନକୁ ମନାଇବାକୁ ଏଠାରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ସହ ଖେଳିବା ନେଇ ଏକ ବୁଝାମଣା ହୋଇଛି। କିନ୍ତୁ ଏହି ବୁଝାମଣାକୁ ପ୍ରଧାନମନ୍ତ୍ରୀ ଶରିଫ୍‌ଙ୍କୁ କ୍ରିକେଟ ବୋର୍ଡ ସଭାପତି ତଥା ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋହସିନ ନକ୍‌ଭି ଅବଗତ କରାଇବେ। ତାହା ପରେ ଏହି ଘଟଣାର କିଛି ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି। ବୈଠକରେ ଆଇସିସି ପକ୍ଷରୁ ଉପାଧ୍ୟକ୍ଷ ଇମ୍ରାନ ଖ୍ୱାଜା, ୟୁଏଇର ମୁବାସିର ଇବ୍ରାହିମ୍ (ଅନ୍‌ଲାଇନ୍‌ରେ), ପାକିସ୍ତାନ ବୋର୍ଡ ସଭାପତି ନକ୍‌ଭୀ ଓ ବାଂଲାଦେଶ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ (ପାକିସ୍ତାନର ନିମନ୍ତ୍ରଣକ୍ରମେ) ଉପସ୍ଥିତ ଥିଲେ। ବୈଠକରେ କି ଆଲୋଚନା ହୋଇଛି, ପାକିସ୍ତାନ ଖେଳିବା ଲାଗି କି କି ସର୍ତ୍ତ ରଖିଛି ସେ ସମ୍ପର୍କରେ କେହି କିଛି ସୂଚନା ଦେଇ ନାହାନ୍ତି। କିନ୍ତୁ ଏ ସମ୍ପର୍କରେ ଆଜି କିମ୍ବା କାଲି ଘୋଷଣା ହୋଇପାରେ। ଏଣୁ ଯାହା କିଛି ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି।

ଏହି ବିଶ୍ୱସ୍ତ ସୂତ୍ର ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସହ ଖେଳିବା ଲାଗି ୩ଟି ଦାବି ଆଇସିସି ନିକଟରେ ଉପସ୍ଥାପନ କରିଛି। ଏହା ମଧ୍ୟରୁ ପ୍ରଥମଟି ହେଲେ ଆଇସିସି ପକ୍ଷରୁ ଦିଆଯାଉଥିବା ଆର୍ଥିକ ଅନୁଦାନ ବୃଦ୍ଧି କରିବା, ଦ୍ୱିତୀୟଟି ହେଲା ପାକିସ୍ତାନ ଓ ବାଂଲାଦେଶ ସହ ତ୍ରିରାଷ୍ଟ୍ରୀୟ ସିରିଜ୍ ଓ ପାକିସ୍ତାନ ସହ ଦ୍ୱିପାକ୍ଷିକ ସିରିଜ୍ ଖେଳିବା ଏବଂ ତୃତୀୟଟି ହେଲା ମ୍ୟାଚ୍‌ରେ ଭାରତୀୟ ଖେଳାଳି ହ୍ୟାଣ୍ଡସେକ୍ ବା କରମର୍ଦ୍ଦନ କରିବା। ଏହି ଦାବିଗୁଡିକ ପୂରଣ ହୋଇଛି କି ନାହିଁ ତାହା ଜଣାପଡ଼ିନାହିଁ। କିନ୍ତୁ ତ୍ରିରାଷ୍ଟ୍ରୀୟ ଓ ଦ୍ୱିପାକ୍ଷିକ ସିରିଜ୍ ଆୟୋଜିତ ହେବ କି ନାହିଁ ତାହା ଉଭୟ ଦେଶର ସରକାର ନିଷ୍ପତ୍ତି ନେବେ। ଏଥିରେ ଆଇସିସିର କିଛି ଭୂମିକା ନାହିଁ। ଅନ୍ୟ ଯେଉଁସବୁ ଦାବିକୁ ବିଚାର କରାଯିବ ବୋଲି ଆଇସିସି ପ୍ରତିନିଧି ପ୍ରତିଶ୍ରୁତି ଦେଇଛନ୍ତି।

## ନଗେଶ ଟ୍ରଫି ସୁପର-୮ ମୁକାବିଲା

# ଓଡ଼ିଶାଠୁ ହାରିଲା ଉତ୍ତରାଖଣ୍ଡ




ଭୁବନେଶ୍ୱର, ୯।୨(ସମିସ): ସୁଖରାମ ମାଝୀଙ୍କ ବିସ୍ଫୋରକ ଅପରାଜିତ ଶତକ (୬୨ବଲ୍‌ରେ ୧୧୩ରନ୍) ବଳରେ ଦିଲ୍ଲୀରେ ଆଜିଠାରୁ ଆରମ୍ଭ ହୋଇଥିବା ନଗେଶ ଟ୍ରଫି ଦୃଷ୍ଟିବାଧିତ ଜାତୀୟ କ୍ରିକେଟ ପ୍ରତିଯୋଗିତାର ସୁପର-୮ ମୁକାବିଲାରେ ଓଡ଼ିଶା ୧୪୬ ରନ୍‌ରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ପ୍ଲେୟର ଅଫ୍ ଦି ମ୍ୟାଚ୍ ସୁଖରାମଙ୍କ ଅପରାଜିତ ଶତକ ସହ ଦେବରାଜ ବେହେରାଙ୍କ ୩୬ବଲ୍‌ରେ ୪୪ ଓ ଅଞ୍ଜନ ସିଂହଙ୍କ ୧୯ ବଲ୍‌ରେ ୩୫ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ ହରାଇ ୨୪୭ ରନ୍ କରିଥିଲା। ଜବାବରେ ଓଡ଼ିଶା ବୋଲିଂର ଉଚିତ ମୁକାବିଲା କରି ନ ପାରି ଉତ୍ତରାଖଣ୍ଡ ସମାନ ସଂଖ୍ୟକ ଓଭର ଖେଳି ୮ ୱିକେଟରେ ୧୦୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଆସନ୍ତାକାଲି ଓଡ଼ିଶାର ଦ୍ୱିତୀୟ ସୁପର-୮ ଲିଗ୍ ମ୍ୟାଚ୍ କେରଳ ସହ ଅନୁଷ୍ଠିତ ହେବ।

# ତମାଣ୍ଡୋ ପ୍ରିମିୟର ଲିଗ୍ | ବ୍ରହ୍ମପୁରକୁ ହରାଇଲା ତମାଣ୍ଡୋ




ଭୁବନେଶ୍ୱର, ୯।୨(ସମିସ): ତମାଣ୍ଡୋ କ୍ରିକେଟ କ୍ଲବ୍ (ଟିସିସି) ୧୪୮ ରନ୍‌ରେ ଆର୍‌ସି ବ୍ରହ୍ମପୁରକୁ ପରାସ୍ତ କରି ତମାଣ୍ଡୋ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିନରେ ବିଜୟୀ ହୋଇଛି। ଏହି ବିଜୟ ସହ ଟିସିସିର ସେମିଫାଇନାଲ ଖେଳିବା ଆଶା ଉଜ୍ଜ୍ୱଳ ହୋଇଛି। ଆଜି ଖେଳାଯାଇଥିବା ଏହି ଲିଗ୍ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଟିସିସି ନିର୍ଦ୍ଧାରିତ ୨୦ ଓଭରରେ ୪ୱିକେଟ ହରାଇ ୨୬୨ ରନ୍ କରିଥିଲା। ଦଳପକ୍ଷରୁ ଅତୁଲ ସରୱାର ୩୬ବଲ୍‌ରେ ୮୨, ସିଦ୍ଧାର୍ଥ ଜେନା ୨୪ବଲ୍‌ରେ ୪୯ ଓ ରାମଚନ୍ଦ୍ର ବେହେରା ୩୧ବଲ୍‌ରେ ୪୦ ରନ୍ କରିଥିଲେ। ଜବାବରେ ବ୍ରହ୍ମପୁର ୧୬.୨ ଓଭରରେ ୧୧୪ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳପକ୍ଷରୁ ଟିମ୍ ଡେଭିଡ୍ ୧୩ବଲ୍‌ରୁ ୩୮ ରନ୍ କରିଥିଲେ। ବିଜୟୀ ଦଳର ରାମଚନ୍ଦ୍ର ବେହେରା, ନିରଞ୍ଜନ ବେହେରା ଓ ସୁଶିଲ ବାରିକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅଲରାଉଣ୍ଡ ସଫଳତା ଲାଗି ଟିସିସିର ରାମଚନ୍ଦ୍ର ବେହେରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆଜିର ମ୍ୟାଚ୍‌କୁ ଅମ୍ପାୟାର ଦିଲୀପ କୁମାର ସାମଲ ଓ ବିଭୁପ୍ରସାଦ ଚୌଧୁରୀ ଖେଳ ପରିଚାଳନା କରିଥିଲାବେଳେ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଆସନ୍ତାକାଲି ଭୁବନେଶ୍ୱରର ବିଜେତା ୱାରିୟର୍ସ ସହ ପାତ୍ରପଡ଼ାର ୟୁବି ରକ୍‌ଷ୍ଟାରର ମୁକାବିଲା ହେବ।

# ପ୍ରଶାନ୍ତ ମେମୋରିଆଲ୍ ଆଇନଜୀବୀ କ୍ରିକେଟ ଆଜିଠୁ

ଭୁବନେଶ୍ୱର, ୯ ।୨ (ସମିସ): ଭୁବନେଶ୍ୱର ବାର୍ ଆସୋସିଏନ ଆନୁକୂଲ୍ୟରେ ପ୍ରଶାନ୍ତ ରାଉତରାୟ ମେମୋରିଆଲ୍ ଆଇନଜୀବୀ କ୍ରିକେଟ୍‌ର ୧୧ତମ ସଂସ୍କରଣ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଟି-୨୦ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟ ବିଜେବି କଲେଜ




ଗ୍ରାଉଣ୍ଡରେ ଖେଳାଯିବ। ଫେବୃଆରୀ ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୮ଟି ବାର୍ ସଂଘ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲା ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ହାଇକୋର୍ଟ ବାର୍ ସଂଘ, ବୋର୍ଡ ଅଫ୍ ରେଭେନ୍ୟୁ ବାର ସଂଘ, ପୁରୀ, ଢେଙ୍କାନାଳ, ବାଲେଶ୍ୱର, ସମ୍ବଲପୁର ଓ ଆୟୋଜକ ଭୁବନେଶ୍ୱର ବାର୍ ସଂଘ। ସେହିଭଳି ୧୩ ତାରିଖରେ ପୋଲିସ କମିଶନରେଟ ଏକାଦଶ-ପ୍ରଶାସକ ଏକାଦଶ ଏବଂ ମିଡିଆ ଏକାଦଶ-ଓଡ଼ିଆ ସିନେଷ୍ଟାର୍ ଏକାଦଶ ମଧ୍ୟରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ସଂଘ ପକ୍ଷରୁ ସୋମବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହ ଅବସରରେ ୮ଟି ଦଳର ଜର୍ସି ଉନ୍ମୋଚିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ବାର୍ ସଂଘର ସଭାପତି ଅଶୋକ କୁମାର ପାତ୍ର, ସମ୍ପାଦକ ସତ୍ୟରଞ୍ଜନ ସେନାପତି, କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

## ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

# ଖୋର୍ଦ୍ଧା ଚାମ୍ପିଅନ, ପ୍ରତିଷ୍ଠା ଓ ସୋମେନ ଶ୍ରେଷ୍ଠ




ଭୁବନେଶ୍ୱର, ୯।୨(ସମିସ): ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାର ୩୨ତମ ସଂସ୍କରଣ ଆଜି ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗତ ୩ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୯ ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୮ଟି କାଂସ୍ୟ ପଦକ ସହ ଖୋର୍ଦ୍ଧା ଜିଲ୍ଲା ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସେହିପରି ୮ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ କାଂସ୍ୟ ପଦକ ସହ କଟକ ପ୍ରଥମ ରନର୍ସଅପ୍ ଓ ୭ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତିଥିବା ସୁନ୍ଦରଗଡ ଦ୍ୱିତୀୟ ରନର୍ସଅପ୍ ହୋଇଛି। ସୁନ୍ଦରଗଡ଼ର ପ୍ରତିଷ୍ଠା ସିଂ ୪୨୨.୫ କେଜି ଓ ଖୋର୍ଦ୍ଧାର ସୋମେନ ସେନାପତି ୬୨୨.୫ କେଜି ଓଜନ ଉଠାଇ ଶ୍ରେଷ୍ଠ ପ୍ରତିଯୋଗୀ ବା ଷ୍ଟ୍ରଙ୍ଗ୍ ଓମ୍ୟାନ ଓ ମ୍ୟାନ୍ ବିବେଚିତ ହୋଇଛନ୍ତି। ଖେଳଶେଷରେ ରାଜନେତା ଜଗନ୍ନାଥ ପ୍ରଧାନ ଓ ବିଜୟ କୁମାର ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ୨୧ଟି ଜିଲ୍ଲାରୁ ୨୦୦ ପୁରୁଷ ଓ ୬୦ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କର୍ଣ୍ଣାଟକର ମାଙ୍ଗାଲୋରଠାରେ ମାର୍ଚ୍ଚ ୨୪ରୁ ୨୮ ତାରିଖଯାଏ ଆୟୋଜିତ ହେବାକୁ ଥିବା ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଲାଗି ଖେଳାଳି ଚୟନ କରାଯାଇଛି।

# ରଣଜୀ ଟ୍ରଫି | ନବିଙ୍କୁ ୧୨ ୱିକେଟ; ପ୍ରଥମଥର ସେମିରେ ଜମ୍ମୁ

ଇନ୍ଦୋର, ୯ ।୨ (ଏଜେନ୍ସି)



ଦ୍ରୁତ ବୋଲର ଆକ୍ୱିବ ନବିଙ୍କ ମାରାତ୍ମକ ବୋଲିଂକୁ ସାମ୍ନା କରି ନ ପାରି ଏଠାରେ ଜମ୍ମୁ କାଶ୍ମୀର ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ୨ୟ କ୍ୱାର୍ଟର ଫାଇନାଲରେ ଘରୋଇ ମଧ୍ୟପ୍ରଦେଶ ୫୬ ରନରେ ପରାସ୍ତ ହୋଇଛି। ପାଞ୍ଚଥରର ପୂର୍ବ ବିଜେତା ମଧ୍ୟପ୍ରଦେଶ ଆଗରେ ୨୯୧ ରନର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଜମ୍ମୁ କାଶ୍ମୀର। ରଜତ ପଟିଦାରଙ୍କ ନେତୃତ୍ୱାଧୀନ ମଧ୍ୟପ୍ରଦେଶ ଏହାକୁ ପିଛା କରି ସୋମବାର ୪ର୍ଥ ଦିବସରେ ୨୩୪ ରନ କରି ଦ୍ୱିତୀୟ ଇନିଂସରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସାରାଂଶ ଜୈନ ୬୪ ରନର ଲଢ଼ୁଆ ଇନିଂସ ଖେଳିଥିଲେ। କିନ୍ତୁ ଅଧିନାୟକ ରଜତ (୮ ରନ), ଭେଙ୍କଟେଶ ଆୟାର (୧୭), ଯଶ ଦୁବେ (୨୦), କୁମାର କାର୍ତ୍ତିକେୟ (୦) ବ୍ୟାଟିଂରେ ବିଫଳ ହେବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ପ୍ରଥମ ଇନିଂସରେ ୭ଟି ୱିକେଟ ନେଇଥିବା ନବି ୨ୟ ଇନିଂରେ ମଧ୍ୟ ୫ ୱିକେଟ୍ ସଫଳତା ପାଇଥିଲେ। ଫଳରେ ମ୍ୟାଚରେ ସେ ମୋଟ୍ ୧୨ଟି ୱିକେଟ୍ ନେଇ ଜମ୍ମୁକୁ ଏହି ଐତିହାସିକ ବିଜୟ ଭେଟି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଜୟ ସହ ଜମ୍ମୁ କାଶ୍ମୀର ଇତିହାସରେ ପ୍ରଥମଥର ଲାଗି ସେମିଫାଇନାଲକୁ ଉନ୍ନିତ ହୋଇଛି। ଏଥିପୂର୍ବରୁ ଗତକାଲି ଉତ୍ତରାଖଣ୍ଡ ମଧ୍ୟ ଏକ ଇନିଂସ ଓ ୬ ରନରେ ଝାଡ଼ଖଣ୍ଡକୁ ହରାଇ ପ୍ରଥମଥର ଲାଗି ସେମିଫାଇନାଲରେ ପହଞ୍ଚିଥିଲା।

## ମୁମ୍ବାଇକୁ ମହଙ୍ଗା ପଡ଼ିଲା ରାହୁଲଙ୍କ ଡ୍ରପ୍ କ୍ୟାଚ୍



ଶରଦ ପାୱାର କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ୪ ୱିକେଟ୍‌ରେ ୪୨ଥରର ଚାମ୍ପିଅନ ମୁମ୍ବାଇକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ୩୨୫ ରନର ଟାର୍ଗେଟ୍‌କୁ ପିଛା କରିଥିବା କର୍ଣ୍ଣାଟକ ୪ର୍ଥ ଦିବସରେ ସୋମବାର ଦ୍ୱିତୀୟ ଇନିଂସରେ ୬ ୱିକେଟ୍ ହରାଇ ହାସଲ କରିନେଇଥିଲା। ତାରକା ଖଚିତ କର୍ଣ୍ଣାଟକ ପକ୍ଷରୁ ଲୋକେଶ ରାହୁଲ ୧୩୦ ରନର ମ୍ୟାଚ୍ ବିଜୟୀ ଶତକୀୟ ଇନିଂସ ଖେଳି ଦଳକୁ ଜିତାଇଥିଲେ। ସେହିଭଳି ସ୍ମରଣ ରବିଚନ୍ଦ୍ରନ ୮୩ ରନ କରି ଅପରାଜିତ ରହିଥିଲେ। ତେବେ ୭୫ ରନ କରିଥିବାବେଳେ ରାହୁଲଙ୍କ କ୍ୟାଚ ଡ୍ରପ୍ କରିବା ମୁମ୍ବାଇ ପାଇଁ ମହଙ୍ଗା ପଡ଼ିଥିଲା। ସେମିଫାଇନାଲରେ ଉତ୍ତରାଖଣ୍ଡକୁ ଭେଟିବ କର୍ଣ୍ଣାଟକ। ଅପରପକ୍ଷରେ ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଚାଲିଥିବା ମ୍ୟାଚରେ ବେଙ୍ଗଲ ଦୃଢ଼ସ୍ଥିତିରେ ରହିଛି। ଆନ୍ଧ୍ରର ୨୯୫ ରନ ଜବାବରେ ବେଙ୍ଗଲ ପ୍ରଥମ ଇନିଂସରେ ୬୨୯ ରନର ବିଶାଳ ସ୍କୋର କରି ଅଲ୍‌ଆଉଟ୍ ହୋଇଛି। ଦଳ ପକ୍ଷରୁ ସୁଦୀପ ଘରାମୀ (୨୯୯ ରନ, ୫୯୬ ରନ) ମାତ୍ର ୧ ରନ ପାଇଁ ତ୍ରିଶତକରୁ ବଞ୍ଚିତ ହୋଇଥିଲେ। ଜବାବରେ ୩୩୪ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଆନ୍ଧ୍ର ସୋମବାର ଷ୍ଟମ୍ପ ସୁଦ୍ଧା ୩ ୱିକେଟରେ ୬୪ ରନ କରି ପରାଜୟ ଦ୍ୱାରରେ ପହଞ୍ଚିଛି। ମଙ୍ଗଳବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାରୁ ଫଳାଫଳ ବାହାରିବା ସ୍ପଷ୍ଟ ହୋଇଛି।

## ଆଜିଠୁ ରାଉରକେଲାରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ବେଲ୍‌ଜିୟମ, ଆର୍ଜେଣ୍ଟିନା ସହ ଖେଳିବ ଭାରତ




ରାଉରକେଲା, ୯ ।୨ (ସମିସ): ବିଶ୍ୱ ହକିର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୭ମ ସଂସ୍କରଣର ଭାରତ ଲେଗ୍ (ପର୍ଯ୍ୟାୟ) ମଙ୍ଗଳବାରଠାରୁ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆରମ୍ଭ ହେବ। ଏଥିସହ ବର୍ଷକ ପରେ ରାଉରକେଲାକୁ ଅନ୍ତର୍ଜାତୀୟ ହକି ଫେରିଛି। ଏହି ପର୍ଯ୍ୟାୟରେ ଘରୋଇ ଭାରତୀୟ ଦଳ ଏଠାରେ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ବିପକ୍ଷରେ ୨ଟି ଲେଖାଏ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ଫେବୃଆରୀ ୧୧ରେ ୟୁରୋପର ଶକ୍ତିଶାଳୀ ଦଳ ବେଲ୍‌ଜିୟମ ସହ ଖେଳି ଅଭିଯାନ ଆରମ୍ଭ କରିବ। ସେହିଭଳି ଏହାପରଦିନ ଦକ୍ଷିଣ ଆମେରିକୀୟ ପାୱାର ହାଉସ ଆର୍ଜେଣ୍ଟିନାକୁ ଭେଟିବ। ତେବେ ଏଥିପୂର୍ବରୁ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ମଧ୍ୟରେ ମଙ୍ଗଳବାର ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

ରାଉରକେଲା ଲେଗ୍‌ରେ ୬ ଦିନରେ ମୋଟ୍ ୬ଟି ମ୍ୟାଚ୍ ଖେଳାଯିବ। ଭାରତୀୟ ଦଳରେ ଓଡ଼ିଶାର ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ, ଶିଳାନନ୍ଦ ଲାକ୍ରା, ରୋଶନ କୁଜୁର ଓ ଅମନଦୀପ୍ ଲାକ୍ରାଙ୍କ ଭଳି ଖେଳାଳି ସ୍ଥାନ ପାଇଥିବାରୁ ଘରୋଇ କ୍ରୀଡ଼ାପ୍ରେମୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି।

**ବିର୍ସା ମୁଣ୍ଡାରେ ଖେଳାଯିବ**

୧୦ ।୨: ବେଲ୍‌ଜିୟମ-ଆର୍ଜେଣ୍ଟିନା
୧୧ ।୨: ଭାରତ-ବେଲ୍‌ଜିୟମ
୧୨ ।୨: ଭାରତ-ଆର୍ଜେଣ୍ଟିନା
୧୩ ।୨: ଆର୍ଜେଣ୍ଟିନା-ବେଲ୍‌ଜିୟମ
୧୪ ।୨: ଭାରତ-ବେଲ୍‌ଜିୟମ
୧୫ ।୨: ଭାରତ-ଆର୍ଜେଣ୍ଟିନା

ସମସ୍ତ ମ୍ୟାଚ୍ ରାତି ୭ଟା ୩୦ରେ ଆରମ୍ଭ ହେବ।
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ଖେଲ୍/ଜିଓ ହଟଷ୍ଟାର୍।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS